# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୩/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, November 3 / 2019 ★★

୧୫ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ପୂଜା ଜିତିଲେ ରୌପ୍ୟ
ପୂଜା ଗେହଲଟ ବୁଦାପେଷ୍ଟଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି।

୧୫

୦୨

## ଉର୍ବଶୀଙ୍କ ଦାମୀ ଉପହାର
ଅଭିନେତ୍ରୀ ଉର୍ବଶୀ ରୌଟେଲା ଭାଇ ଯଶରାଜ୍‌ଙ୍କୁ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ ବାଇକ୍ ଉପହାର ଦେଇଛନ୍ତି। ଏନେଇ ଉର୍ବଶୀ ଟୁଇଟର ଆକାଉଣ୍ଟରେ ଭିଡିଓ ଶେୟାର କରିଛନ୍ତି।






ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ଭାରତର ନୂଆ ମାନଚିତ୍ର। ଏଥିରେ ଜମ୍ମୁ-କଶ୍ମୀର ଏବଂ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଦର୍ଶାଯାଇଛି।

# ଧୂଆଁ, ଧୂଳି ବଳୟରେ ଉପକୂଳ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

**ପ୍ରଦୂଷଣକୁ ଅଣଦେଖା**
- ସହରାଞ୍ଚଳରେ ମାପିବା ଯନ୍ତ୍ର ନାହିଁ
- ଉପକୂଳରେ ଆଣ୍ଟି ସାଇକ୍ଲୋନିକ୍ ପରିବେଶ
- ଆହୁରି ୪୮ ଘଣ୍ଟା ଘେରିରହିବ ପ୍ରଦୂଷଣ
- ରାଜ୍ୟର ୭ ସହର ଅତି ପ୍ରଦୂଷିତ



ସହରାଞ୍ଚଳ ଓ ଶିଳ୍ପାଞ୍ଚଳ ବାୟୁ ପ୍ରଦୂଷଣ ବେଳକୁବେଳ ଘାତକ ହେବାରେ ଲାଗିଛି। ଯାନବାହନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଧୂଳି, ଧୂଆଁରେ ସହରାଞ୍ଚଳ ବାୟୁମଣ୍ଡଳ ଭରିଯାଉଛି। ଦେଶର ରାଜଧାନୀ ଦିଲ୍ଲୀ ପ୍ରଦୂଷଣ ବଳୟରେ ଅଣନିଃଶ୍ୱାସୀ ହେଉଛି। ଖୋଲା ନିଃଶ୍ୱାସପ୍ରଶ୍ୱାସ ନେବା ଏକପ୍ରକାର ଅସମ୍ଭବ ହେଲାଣି। ଏହି ମନୁଷ୍ୟକୃତ ବିପତ୍ତି ଏବେ ଅନ୍ୟ ସହରଗୁଡ଼ିକୁ ବ୍ୟାପିବା ଆରମ୍ଭ କଲାଣି। ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରଦୂଷଣ ବଳୟ ଭିତରକୁ ଧୀରେ ଧୀରେ ଚାଲିଯାଉଛି। ଶନିବାର ଭୋରରୁ ସହରର ଚତୁର୍ଦ୍ଦିଗକୁ ଧୂଆଁମୟ ପରିବେଶ ଢାଙ୍କି ରହିଥିଲା। ଏହା କୁହୁଡ଼ିର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ବାସ୍ତବରେ ତାହା କୁହୁଡ଼ି ନ ଥିଲା। ଧୂଳି ଧୂଆଁମିଶା ଏକ ଆସ୍ତରଣ ଦିନତମାମ ବାୟୁମଣ୍ଡଳକୁ ଆଚ୍ଛାଦିତ କରି ରଖିଥିଲା। ପାଣିପାଗ ବିଭାଗ ସୂଚନା ମୁତାବକ, ଓଡ଼ିଶା ଉପକୂଳରେ ଆଣ୍ଟି ସାଇକ୍ଲୋନ୍ ପରିବେଶ ରହିଛି। ଅର୍ଥାତ୍ ବାୟୁ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ଉପକୂଳରେ ଉତ୍ତର ଓ ଉତ୍ତର-ପୂର୍ବ ଦିଗକୁ ବାୟୁ ପ୍ରବାହ ଥିଲେ ମଧ୍ୟ ଘଣ୍ଟା ପ୍ରତି ୫ କିଲୋମିଟରରୁ କମ୍ ରହିଛି। ବାୟୁ ଚଳାଚଳ ନ ଥିବାରୁ ସହରର ଧୂଳି, ଧୂଆଁ ଓ ପ୍ରଦୂଷଣ ସୃଷ୍ଟିକାରୀ କଣିକା ଯାଇ ନ ପାରି ଏକ ଆସ୍ତରଣ ଭଳି ଭୂପୃଷ୍ଠରୁ ୧ କିଲୋମିଟର ବ୍ୟାପୀ ରହିଥିଲା। ଏଭଳି ପରିସ୍ଥିତି ଆହୁରି ଦୁଇ ତିନିଦିନ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

୨୦୧୪ ସେପ୍ଟେମ୍ବର ୧୭ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଜାତୀୟ ବାୟୁ ସୂଚକାଙ୍କ(ଏକ୍ୟୁଆଇ) ଅନୁଯାୟୀ, ବାୟୁମଣ୍ଡଳରେ ବିଭିନ୍ନ ଗ୍ୟାସ୍ ଓ ଧୂଳିକଣାର ଅନୁପାତ ୦ରୁ ୫୦ ମଧ୍ୟରେ ରହିଲେ ମଣିଷ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ୫୧ରୁ ୧୦୦ ସନ୍ତୋଷଜନକ, ୧୦୧ରୁ ୨୦୦ ଚଳନୀୟ, ୨୦୧ରୁ ୩୦୦ କ୍ଷତିକାରକ, ୩୦୧ରୁ ୪୦୦ ଅତ୍ୟନ୍ତ କ୍ଷତିକାରକ ଏବଂ ୪୦୧ରୁ ୫୦୦ ରହିଲେ ଭୟଙ୍କର କ୍ଷତିକାରକ। ଅର୍ଥାତ୍ ଏଭଳି ପରିସ୍ଥିତିରେ ମନୁଷ୍ୟ ଅଧିକ ସମୟ ତିଷ୍ଠିପାରିବ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ସହରାଞ୍ଚଳର ପ୍ରଦୂଷଣ ମାପିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଶନିବାର ଭୁବନେଶ୍ୱରରେ ପ୍ରଦୂଷଣ ହାର କେତେ ରହିଥିଲା, ସେନେଇ ତଥ୍ୟ ପାଣିପାଗ ବିଭାଗ କିମ୍ବା ରାଜ୍ୟ ପ୍ରଦୂଷଣ ବୋର୍ଡ ନିକଟରେ ନାହିଁ। କେତେକ ସହରରେ ମାନୁଆଲ ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ



Vencobb FRESH CHICKEN — Taste the difference

02.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 59 | 105 | 115 |

Issued in the Interest of Consumers

*Conditions Apply


# ଦିଲ୍ଲୀରେ ପୋଲିସ-ଓକିଲ ସଂଘର୍ଷ

ନୂଆଦିଲ୍ଲୀ,୨।୧୧

- ଗୁଳିମାଡ଼ରେ ଓକିଲ ଆହତ
- ପୋଲିସ ଗାଡ଼ି ପୋଡ଼ିଦେଲେ
- ସୋମବାର ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆଇନଜୀବୀମାନେ ନିଆଁ ଲଗାଇ ଦେଇଥିବା ପୋଲିସ ଗାଡ଼ି ଜଳୁଛି।

ଦିଲ୍ଲୀର ତିସ୍ ହଜାରୀ ଜେଲ୍ କମ୍ପ୍ଲେକ୍ସ ବାହାରେ ଶନିବାର ଅପରାହ୍ନରେ ପୋଲିସ ଏବଂ ଓକିଲଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପୋଲିସ ଗୁଳିରେ ଜଣେ ଓକିଲ ଗୁରୁତର ଆହତ ହୋଇ ସେଣ୍ଟ ଷ୍ଟିଫେନ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତିବାଦରେ ଉତ୍ତ୍ୟକ୍ତ ଓକିଲମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ିଦେଇଛନ୍ତି। ଗାଡ଼ି ପାର୍କିଂକୁ ନେଇ କେତେଜଣ ଓକିଲ ଓ ପୋଲିସ ମଧ୍ୟରେ ବଚସା ହୋଇ ତାହା ସଂଘର୍ଷର ରୂପ ନେଇଥିଲା। ଧସ୍ତାଧସ୍ତି ବେଳେ ଜଣେ ଖବରଦାତାଙ୍କ ଉପରେ ମାଡ଼ ହୋଇଥିବା ଜଣାପଡ଼ିଛି। ତେବେ ସଂଘର୍ଷର ପ୍ରକୃତ କାରଣ ଜଣାପଡି ନ ଥିବା ଜଣେ ଅଧିକାରୀ କହିଛନ୍ତି। ପୋଲିସ ଅଧିକାରୀଙ୍କ ଗିରଫ ଦାବିରେ ଓକିଲମାନେ ରାସ୍ତାରୋକୋ କରିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଅପରାହ୍ଣ ସାଢ଼େ ୩ଟା ବେଳେ କୋର୍ଟ ବାହାରେ ବିଜୟ ନାମକ ଆଇନଜୀବୀ କାର୍ ପାର୍କିଂ କରୁଥିବାବେଳେ ଏହାକୁ ନେଇ ତାଙ୍କ ସହ ପୋଲିସର ଜୋରଦାର ବଚସା ହୋଇଥିଲା। ପୋଲିସ କର୍ମୀମାନେ ବିଜୟଙ୍କୁ ହାଜତକୁ ନେଇଯିବାରୁ ଅନ୍ୟ ଆଇନଜୀବୀମାନେ ତାଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଓକିଲମାନଙ୍କୁ ଘଉଡାଇବା ପାଇଁ ଦିଲ୍ଲୀ ପୋଲିସର ତୃତୀୟ ବାଟାଲିୟନ୍‌ରେ ପୋଷ୍ଟିଂ ହୋଇଥିବା ଜଣେ କର୍ମଚାରୀ ନିଜ ସର୍ଭିସ୍ ରିଭଲଭରରୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ କୋର୍ଟ ଫାଟକ ସମ୍ମୁଖରେ ଓକିଲମାନେ ଧାରଣାରେ ବସି ରହିବା ସହ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ପୋଲିସ କୋର୍ଟ କମ୍ପ୍ଲେକ୍ସର କେତେକ ଗେଟ୍‌ରେ ତାଲା ପକାଇଦେଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିଲାବେଳେ ଗାଡ଼ି ପୋଡ଼ି ଯୋଗୁ କଳା ଧୂଆଁ ତିସ୍ ହଜାରୀ କୋର୍ଟ ଆକାଶକୁ ଆଚ୍ଛାଦିତ କରିଦେଇଥିଲା। ଆମେ ମଧ୍ୟ ଆଇନର ରକ୍ଷକ, ପୋଲିସର ଦୁର୍ବ୍ୟବହାରକୁ ବରଦାସ୍ତ କରାଯିବନି ବୋଲି ଜଣେ ଆଇନଜୀବୀ କହିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଦିଲ୍ଲୀ ମହାନଗରୀର ସମସ୍ତ ଜିଲା କୋର୍ଟର ଓକିଲମାନେ ସୋମବାର କାର୍ଯ୍ୟବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀରେ ପାର୍କିଂ ସ୍ଥାନକୁ ନେଇ ସମସ୍ୟା ଦେଖାଦେଇଛି। ଜାତୀୟ ରାଜଧାନୀରେ ଏହା ଏକ ଗୁରୁତର ସମସ୍ୟା ବୋଲି ସୁପ୍ରିମକୋର୍ଟ ନିକଟରେ ଏକ ମାମଲାର ରାୟ ପ୍ରଦାନ ବେଳେ କହିଥିଲେ। ଗତ କିଛିବର୍ଷ ମଧ୍ୟରେ କେତେକ ବହୁତଳ ପାର୍କିଂ କେନ୍ଦ୍ର ନିର୍ମାଣ ହୋଇଥିଲେ ମଧ୍ୟ ତାହା ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି।

## ଆଜିର ସମ୍ପାଦକୀୟ
ହ୍ୱାଟ୍‌ସଆପ୍ ହ୍ୟାକିଂ

## ଆଜିର ମନ୍ତବ୍ୟ
"ଡେମୋକ୍ରାଟ୍‌ମାନଙ୍କ ମହାଭିଯୋଗ ଉଦ୍ୟମ ଆମେରିକା ଗଣତନ୍ତ୍ର ଉପରେ ଆକ୍ରମଣ।

-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

## କିଛି ତଥ୍ୟ
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୮ ବିଲିୟନ ଡଲାର ବୃଦ୍ଧି ଘଟି ୪୪୨.୫ ବିଲିୟନ ଡଲାର ଛୁଇଁଛି।

– ରିଜର୍ଭ ବ୍ୟାଙ୍କ






# ୮ବର୍ଷର ଶିଶୁ କନ୍ୟାଙ୍କୁ ଗଳାକାଟି ହତ୍ୟା
**ଅଭିଯୁକ୍ତ ବାପା ଗିରଫ**

ଖଡିଆଳ,୨।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ କୋଟାମାଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବାପା ନିଜ ୮ବର୍ଷର ଝିଅକୁ ଏକ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ଶିଶୁ କନ୍ୟା ହେଲେ ଅଭିଯୁକ୍ତ ମହେନ୍ଦ୍ର କେତକୀଙ୍କ ଝିଅ ସରିତା (୮)। ସେ ସ୍ଥାନୀୟ ପ୍ରାଥମିକ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ସରିତା ଘରକୁ ଆସି ଏକାକି ଥିଲେ। ବାପା ମହେନ୍ଦ୍ର ଅପରାହ୍ନ ପ୍ରାୟ ୫ଟାରେ ଘରକୁ ଆସିଥିଲେ। ହେଲେ କୌଣସି କାରଣକୁ ନେଇ ସେ ଏକ ପନିକିରେ ଝିଅ ସରିତାଙ୍କ ଗଳା କାଟି ହତ୍ୟା କରିଥିଲେ। ପରେ ଘର କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ମହେନ୍ଦ୍ରଙ୍କ ସ୍ତ୍ରୀ ଲଳିତା ଜମିରୁ ଘରକୁ ଆସି ସରିତାଙ୍କ ରକ୍ତଜୁଡୁବୁଡୁ ମୃତଦେହ ପଡିଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ଖଡିଆଳ ଥାନା ପୋଲିସକୁ ଖବର ଦେଇଥିଲେ। ଖଡିଆଳ ☞ପୃଷ୍ଠା-୪



ଗିରଫ ମହେନ୍ଦ୍ର କେତକୀ।

## ଡିସେମ୍ବର ୩୧ରୁ ବରଗଡ଼ ଧନୁଯାତ୍ରା

ବରଗଡ଼ ଅଫିସ,୨।୧୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୩୧ତାରିଖରୁ ଆରମ୍ଭ ହେବ । ୨୦୨୦ ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଧନୁଯାତ୍ରା ଏଥର ୭୧ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରାଯିବ । ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ☞ପୃଷ୍ଠା-୪

# ଥାନା ହାଜତରୁ ମୁଦାଲା ଫେରାର

ନୂଆପଡ଼ା ଅଫିସ,୨।୧୧

- ଏଏସ୍ଆଇ, କନ୍‌ଷ୍ଟେବଲ ନିଲମ୍ବିତ
- ହୋମଗାର୍ଡ ବହିଷ୍କୃତ
- ଥାନା ଅଧିକାରୀ ଜିଲା କାର୍ଯ୍ୟାଳୟକୁ ବଦଳି

ନୂଆପଡ଼ା ଜିଲାରେ ପୋଲିସ ଆଖିରେ ଧୂଳିଦେଇ ମୁଦାଲା ଫେରାର୍ ହେବା ଘଟଣା ନୂଆ ନୁହେଁ । କୋର୍ଟ ପରିସରରୁ ପୋଲିସ ହାତ ଛଡାଇ ମୋଷ୍ଟ ୱାଣ୍ଟେଡ ମାଓବାଦୀ ଚମ୍ପଟ ମାରିବାର ବର୍ଷେ ନ ପୂରୁଣୁ ଜିଲାର ଆଦର୍ଶ ଥାନା କୁହାଯାଉଥିବା ଖରିଆରରୋଡ ଜୋନ୍ଙ୍କ ଥାନାରୁ ମୁଦାଲା ଫେରାର ଘଟଣା ପୋଲିସକୁ ଅଡୁଆରେ ପକାଇଛି । ଏହି ଘଟଣାରେ ମାର ମାର ଭଣ୍ଡାରିଆକୁ ମାର ନୀତିରେ ଜଣେ ଏଏସ୍ଆଇ, ଜଣେ କନଷ୍ଟେବଳଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବାବେଳେ ଜଣେ ହୋମଗାର୍ଡଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଥାନା ଅଧିକାରୀଙ୍କୁ ହେଡକ୍ୱାର୍ଟର ଅଫିସକୁ ବଦଳି କରି ନୂଆ ଥାନା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବେଲଟୁକୁରୀ ଥାନା ବିରୋମାଲ ଗାଁର ଧାମଲାଲ ବରିହା(୨୫)ନାମକ ଜଣେ ଅଭିଯୁକ୍ତ ଏକ ମାମଲା (ନଂ.୧୦୨/୧୫)ରେ ଫେରାର ହୋଇଯାଇଥିଲେ। ଦୁଇଦିନ ତଳେ ତାଙ୍କୁ ଖରିଆରରୋଡ ପୋଲିସ କାବୁ କରି ଥାନା ହାଜତରେ ରଖିଥିଲେ। ଶୁକ୍ରବାର ରାତି ସାଢେ ୪ଟାବେଳେ ହାଜତର ଭେଣ୍ଟିଲେଟର ଭାଙ୍ଗି ସେ ଫେରାର ହୋଇଯିବାରେ ସଫଳ ହୋଇଥିଲେ। ଏହି ଅଭାବନୀୟ ଘଟଣାକୁ ଏସ୍‌ପି ଗୁରୁତର ସହ ନେଇଛନ୍ତି । ତାଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନା ଅଧିକାରୀ ଯୁଗଳ କୁମାର ମଲ୍ଲିକଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ଜାଗାରେ ଅସ୍ଥାୟୀ ଭାବେ ଏଚଆରପିସି ଦାୟିତ୍ୱରେ ଥିବା ଅନିରୁଦ୍ଧ ମଲ୍ଲିକଙ୍କୁ ଅବସ୍ଥାପିତ କରାଯାଇଛି । ଘଟଣାଦିନ କାର୍ଯ୍ୟରତ ଥିବା ଏଏସଆଇ ପ୍ରଭାତ କୁମାର ପଣ୍ଡା ଏବଂ କନଷ୍ଟେବଳ ସୁବ୍ରତ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଡ୍ୟୁଟିରେ ଥିବା ହୋମ୍‌ଗାର୍ଡ ତୋଫାନ କୁମ୍ଭାରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସୂଚନାଯୋଗ୍ୟ, ହାଜତରେ ଥିବା ଶୌଚାଳୟର ଭେଣ୍ଟିଲେଟର ବହୁ ଦିନ ହେବ ଖୁଲି ରହିଥିଲା। ଏଥିପ୍ରତି କାହାରି ନଜର ପଡି ନ ଥିଲା। ତାହାହିଁ ମୁଦାଲାଙ୍କୁ ଫେରାର ହେବା ପାଇଁ ସୁଯୋଗ ଦେଲା ବୋଲି ଏଠାରେ ଆଲୋଚନା ଜୋର ଧରିଛି।






"ମୋ ସଫଳତା ପଛରେ କୌଣସି କୌଶଳ ନ ଥାଏ। ଅଭିଜ୍ଞତାରୁ ମୁଁ ଏ ସବୁ ଶିକ୍ଷିଛି। ନିର୍ଦ୍ଦେଶକଙ୍କ କଥା ମାନି ସେ ସବୁକୁ କାର୍ଯ୍ୟରେ ପରିଣତ କରିଥାଏ।
-ଅକ୍ଷୟ କୁମାର,
ବଲିଉଡ୍ ଅଭିନେତା



# ପୁଅଠାରୁ ଦୀକ୍ଷା ନେବେ ମା'

**ଭିଲାଇ:** ମା'ପୁଅର ସବୁ ଦାୟିତ୍ୱ ନେଇଥାଏ। ମା' ପୁଅକୁ ଶିକ୍ଷା ଓ ଦୀକ୍ଷାର ମନ୍ତ୍ର ଦେଇଥାଏ। କିନ୍ତୁ ଭାରତୀୟ ଗୁରୁପରମ୍ପରାରେ ମା' ପୁଅଠାରୁ ଦୀକ୍ଷା ଗ୍ରହଣ କରିବାରେ ନିଜକୁ ଭାଗ୍ୟବତୀ ମଣିଥାଏ। ଗୁରୁ- ବ୍ରହ୍ମା, ବିଷ୍ଣୁ ,ମହେଶ୍ୱର ଏବଂ ସେ ହିଁ ମାତା ଓ ପିତା। ଜନ୍ମଦାତ୍ରୀ ମା' ବି ପୁଅକୁ ଏହି ରୂପରେ ଗ୍ରହଣ କରିବା ଭଳି ଘଟଣା ଦେଖିବାକୁ ମିଳିଛି ଦିଗମ୍ବର ଜୈନ ସମ୍ପ୍ରଦାୟରେ। ଏହି ସମ୍ପ୍ରଦାୟରେ ବାଲି ଜିନଦୀକ୍ଷା ଗୁରୁତ୍ୱ ବହନ କରେ। ଦୁର୍ଗରେ ବିରାଜମାନ ଭାବଲିଙ୍ଗୀ ସନ୍ତ ଶ୍ରମଣାଚାର୍ଯ୍ୟ ବିମର୍ଶ ସାଗର ମହାରାଜା ତାଙ୍କ ଜନ୍ମଦାତ୍ରୀ ମା'ଭଗବତୀ ଜୈନଙ୍କୁ ଦୀକ୍ଷା ପ୍ରଦାନ କରିବେ। ଭଗବତୀଙ୍କ ବୟସ ୭୧ ।



ଭାବ ଆସିଥିଲା ବୋଲି କହିଛନ୍ତି ଭଗବତୀ । ୨୫ ବର୍ଷ ଧରି ଜିନାଗମ ପନ୍ଥର ୧୧ରୁ ୭ ପ୍ରତିମାର ବ୍ରତ ଧାରଣ କରିସାରିଛନ୍ତି ଓ ଦୀକ୍ଷା ନେବା ପରେ ସେ ସାଧ୍ୱୀ ଜୀବନରେ ପ୍ରବେଶ କରିବେ ବୋଲି କହିଛନ୍ତି। ଜୈନ ବିଧି ମୁତାବକ ବିନୌଲି ଯାତ୍ରା ପରେ ତାଙ୍କର ମୁଣ୍ଡନ ପ୍ରକ୍ରିୟା କରାଯିବ। ଏହାପରେ ସେ ଦୀକ୍ଷା ଗ୍ରହଣ କରିବେ। ଜଣେ ମା' ତା' ପୁଅଠାରୁ ଦୀକ୍ଷା ନେଇ ସାଂସାରିକ ଜୀବନ ତ୍ୟାଗ କରିବା ଦେଶର ଦ୍ୱିତୀୟ ଘଟଣା। ୧୦ବର୍ଷ ପୂର୍ବରୁ ମୁନି

ମଧ୍ୟପ୍ରଦେଶର ଟିକମଗଡ ଜିଲା ଅନ୍ତର୍ଗତ ଏକ ପାହାଡି ଗାଁରେ ରହନ୍ତି ଭଗବତୀ। ତାଙ୍କ ଆଚାର୍ଯ୍ୟ ପୁତ୍ର ୨୫ ବର୍ଷ ପୂର୍ବେ ମୁନି ଜୀବନରେ ପ୍ରବେଶ କରିଥିଲେ। ତା'ପରେ ତାଙ୍କର ବୈରାଗ୍ୟ ବିମର୍ଶ ସାଗରଙ୍କଠାରୁ ତାଙ୍କ ମା' ମଧ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ଏହି ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଦେଖିବା ପାଇଁ ସାରା ଦେଶରୁ ଭକ୍ତମାନେ ବି ଦୁର୍ଗରେ ପହଞ୍ଚିଗଲେଣି।

# ୫୪ ବର୍ଷରେ କିଙ୍ଗ୍ ଖାନ୍

**ମୁମ୍ବାଇ :** କିଙ୍ଗ୍ ଖାନ୍ ଶାହରୁଖ୍ ଶନିବାର ୫୪ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୬୫ ନଭେମ୍ବର ୨ରେ ସେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଗୌରୀଙ୍କୁ ନେଇ ତାଙ୍କର ପ୍ରେମ କାହାଣୀ ବେଶ୍ ଚର୍ଚ୍ଚାରେ ରହିଥିଲା। ଟିଭି ସିରିଏଲ୍ ସର୍କସରେ ଅଭିନୟ କରିବା ପରେ ଶାହରୁଖ ବଲିଉଡ୍‌ରେ ପାଦଥାପିଥିଲେ। ୧୯୮୪ରେ ଦିଲ୍ଲୀର ପଞ୍ଚଶୀଳ କ୍ଲବ୍‌ରେ ୧୯ ବର୍ଷ ବୟସ୍କ ଶାହରୁଖ୍

## ପ୍ରଥମ ଦେଖାରେ ଗୌରୀଙ୍କୁ ଭଲପାଇ ବସିଥିଲେ

୧୪ ବର୍ଷ ବୟସ୍କା ଗୌରୀଙ୍କୁ ପ୍ରଥମ ଥର ପାଇଁ ଭେଟିଥିଲେ। ୧୯୮୪ ଅକ୍ଟୋବର ୨୫ରେ ଦୁହିଁଙ୍କ ମଧ୍ୟରେ ସାକ୍ଷାତ୍ ସମୟରେ ଉଭୟ ପରସ୍ପରର ଫୋନ୍ ନମ୍ବର ନେଇଥିଲେ। ପରେ ଆରମ୍ଭ ହୋଇଥିଲା ପ୍ରେମ। ପ୍ରଥମ ଦେଖାରେ ହିଁ ଶାହରୁଖ ଗୌରୀଙ୍କୁ ଭଲପାଇ ବସିଥିଲେ। ଦୁଇଜଣଙ୍କ ପ୍ରେମ ସମ୍ପର୍କ ଗୌରୀଙ୍କ ପରିବାର ଲୋକେ ଜାଣିଥିଲେ। ତେବେ ଶାହରୁଖଙ୍କୁ ହିନ୍ଦୁ ଧର୍ମ ଗ୍ରହଣ କରିବାକୁ ଗୌରୀଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ମାତ୍ର ଏହାକୁ ଗୌରୀ ମନା କରିଥିଲେ। ଶାହରୁଖଙ୍କୁ ସେ ନିଜ ଧର୍ମ ପରିବର୍ତ୍ତନ କରିବାକୁ ମନା କରିଥିଲେ। ଏହା ଦ୍ୱାରା ତାଙ୍କର ଭଲ ପାଇବାର ମୂଲ୍ୟ ରହିବ ନାହିଁ ବୋଲି ଗୌରୀ ଚିନ୍ତା କରିଥିଲେ। ୧୯୯୧ ଅଗଷ୍ଟ ୨୬ରେ ଦୁହେଁ କୋର୍ଟରେ ବିବାହ କରିଥିଲେ। ପରେ ୧୯୯୧ ଅକ୍ଟୋବର ୨୫ରେ ହିନ୍ଦୁ ରୀତିରେ ମଧ୍ୟ ବିବାହ କରିଥିଲେ। ସେହିବର୍ଷ ଶାହରୁଖ୍‌ଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଆଶାନା' ନିର୍ମିତ ହୋଇଥିଲେ ହେଁ ଏହା ବକ୍ସ ଅଫିସ୍‌ରେ ହିଟ୍ ହୋଇ ନ ଥିଲା। ପରେ ୧୯୯୨ରେ ଶାହାରୁଖ୍‌ଙ୍କ ଫିଲ୍ମ 'ଦିୱାନା' ବଲିଉଡ୍‌ରେ ଚହଳ ପକାଇଥିଲା। ୨୦୧୧ରେ ଶାହରୁଖ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ସମ୍ପର୍କ ନେଇ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ହୋଇଥିଲେ ମଧ୍ୟ ଶାହରୁଖ୍‌ଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଆସି ନ ଥିଲା।



# ଶୀତଦିନେ କର ଉଷୁମ ତେଲ ମାଲିସ୍



**ନୂଆଦିଲ୍ଲୀ:** ଶୀତଦିନେ ଶରୀରରେ ଉଷୁମ ତେଲ ମାଲିସ୍ କଲେ ଅନେକ ଉପକାର ମିଳିଥାଏ । ଏହା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ହେବା ସହିତ ହାର୍ଟ ଆଟାକ୍‌ରୁ ମୁକ୍ତି ମିଳିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ସପ୍ତାହରେ ୨ ଥର ଏପରି କଲେ ଲୋମକୂପ ପରିଷ୍କାର ହେବା ସହିତ ମାଂସପେଶୀ ସତେଜ ହୋଇଥାଏ। ଏହା ଦ୍ୱାରା ଆଣ୍ଟିଏଜିଂ ସମସ୍ୟା ଦୂର ହୋଇଥାଏ। ଶରୀର ସହିତ ମୁଣ୍ଡରେ ଉଷୁମ ତେଲ ମାଲିସ୍ କଲେ ମାନସିକ ଅବସାଦ ଦୂର ହୋଇଥାଏ। ଆଣ୍ଠୁଗଣ୍ଠି ସମସ୍ୟା କ୍ଷେତ୍ରରେ ଉଷୁମ ତେଲ ମାଲିସ୍ ଦ୍ୱାରା ସୁଫଳ ମିଳିଥାଏ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।

# ପଲିଥିନ୍ ବଦଳରେ ପତ୍ରରେ ମାଂସ ବିକ୍ରି

## ଅଭିନବ ପ୍ରୟାସ

**ଲେପା ରାଡା:** ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶକୁ ବିଷାକ୍ତ କରିଛି। ପଲିଥିନ୍ ସମସ୍ତଙ୍କ ପାଇଁ ଏକ ସହଜ ଅଭ୍ୟାସରେ ପରିଣତ ହୋଇଛି। ତେଣୁ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାର ବ୍ୟବହାରକୁ ନିଷେଧ କରାଯାଇଛି। ପଲିଥିନ୍ ବ୍ୟାଗ୍ ବଦଳରେ କପଡ଼ା, କାଗଜ ବ୍ୟାଗ୍ ବ୍ୟବହାର ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି। ହେଲେ ଅରୁଣାଚଳ ପ୍ରଦେଶର ଜଣେ ମାଂସ ଦୋକାନୀ ନିଜ ଦୋକାନରେ ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରି ଏକ ସୁନ୍ଦର ଉପାୟ ଆପଣାଇଛନ୍ତି। ତାହା ଏବେ ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ପଲିଥିନ୍ ବଦଳରେ ବିଭିନ୍ନ ଗଛର ପତ୍ରରେ ମାଂସ ପ୍ୟାକ୍ କରି ଗ୍ରାହକଙ୍କୁ ଦେଉଛନ୍ତି। ଅରୁଣାଚଳ ପ୍ରଦେଶର ଲେପା ରାଡା ଜିଲା ଅଧୀନ ତିର୍‌ବିନ୍‌ଠାରେ ଏହି ମାଂସ ଦୋକାନ ରହିଥିବାବେଳେ ଦୋକାନୀଙ୍କୁ ଅଞ୍ଚଳର ସଚେତନ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମଧ୍ୟ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଦୋକାନୀଙ୍କ ଏଭଳି ଚିନ୍ତାଧାରାକୁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ପଲିଥିନ୍ ବାହାରିବା ପୂର୍ବରୁ ଲୋକେ ଜିନିଷ କିଣିବାକୁ ଯିବା ସମୟରେ ସାଥୀରେ ବ୍ୟାଗ୍‌ଟିଏ ନେଇ ଯାଉଥିଲେ ଏବଂ ଦୋକାନରେ କାଗଜ ଠୁଙ୍ଗା ବ୍ୟବହାର ହେଉଥିଲା। ସେହିପରି ମାଛ, ମାଂସ ମଧ୍ୟ ବିଭିନ୍ନ ପତ୍ରରେ ପ୍ୟାକ୍ କରି ଦିଆଯାଉଥିଲା। ହେଲେ ପ୍ଲାଷ୍ଟିକ୍ ବାହାରିବା ପରେ ଲୋକେ ଏହି ସବୁ ପାରମ୍ପରିକ ଅଭ୍ୟାସକୁ ଭୁଲି ସୁବିଧାଜନକ ଉପାୟକୁ ଅଭ୍ୟାସରେ ପରିଣତ କରିଛନ୍ତି। ତାହା ଏବେ ପରିବେଶକୁ ନଷ୍ଟ କରିବାରେ ଲାଗିଛି। ତେବେ ଏହି ଦୋକାନୀଙ୍କ ଛୋଟିଆ ପ୍ରୟାସ ଅନ୍ୟ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ନିଶ୍ଚୟ ଉତ୍ସାହିତ କରିବ।



# ଭାଇଙ୍କ ପାଇଁ ଉର୍ବଶୀଙ୍କ ଦାମୀ ଉପହାର

**ମୁମ୍ବାଇ:** ବାଇକ୍ ପ୍ରତି ପୁଅମାନଙ୍କ ଦୁର୍ବଳତା କେତେ କିଏ ବା ନ ଜାଣେ ? ତେବେ କାହାକୁ ଏମିତି ସେମିତି ବାଇକ୍ ନୁହେଁ କ୍ରୁଜର୍ ବାଇକ୍ ଯଦି ଉପହାରରେ ମିଳିଯାଏ, ଭାବନ୍ତୁ ତ କିଭଳି ଖୁସି ଅନୁଭବ ହେଉଥିବ। ଏମିତି ଏକ ଉପହାର ଦେଇ ଭାଇଙ୍କୁ ଖୁସି କରିଦେଇଛନ୍ତି ଜଣେ ବି-ଟାଉନ୍ ଅଭିନେତ୍ରୀ। ଉର୍ବଶୀ ରୌଟେଲା ନିଜ ଭାଇଙ୍କୁ ବହୁତ ଭଲ ପାଆନ୍ତି। ଏଥିପାଇଁ ସେ ନିଜ ଭାଇ ଯଶରାଜ୍‌ଙ୍କୁ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ ବାଇକ୍ ଉପହାରରେ ଦେଇଛନ୍ତି, ଯାହାକୁ ପାଇ ଯଶରାଜ୍‌ଙ୍କ ଖୁସି କହିଲେ ନ ସରେ। ପ୍ରକୃତରେ ଗତ ସପ୍ତାହ ଭାଇଦୂଜ୍ ଉତ୍ସବ ଅବସରରେ ଉର୍ବଶୀ ଏହି ଦାମୀ ଉପହାର ଯଶରାଜ୍‌ଙ୍କୁ ଦେଇଛନ୍ତି। ଚଳିତ ବର୍ଷ ଉର୍ବଶୀ ଦୀପାବଳି ଓ ଭାଇଦୂଜ୍ ନିଜ ପରିବାର ସହ ପାଳନ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଭାଇଙ୍କୁ ମନପସନ୍ଦର ଏହି ବାଇକ୍ ଉପହାର ଦେଇଛନ୍ତି। ଯଶରାଜ୍ ପର୍ତ୍ତୁଗାଲରେ ପାଇଲଟ୍ ଭାବେ କାର୍ଯ୍ୟରତ। ଏନେଇ ଉର୍ବଶୀ ନିଜ ଟୁଇଟର ଆକାଉଣ୍ଟରେ ଏକ ଜିଆଇଏଫ୍ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଅନ୍ୟପକ୍ଷରେ ଉର୍ବଶୀ ୨୦୧୩ରେ ଫିଲ୍ମ 'ସିଂହ ସହବ ଦି ଗ୍ରେଟ୍ 'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ରେ ସେ 'ମିସ୍ ଡିଭା ୨୦୧୫' ଟାଇଟେଲ ହାତେଇବା ସହ 'ମିସ୍ ୟୁନିଭର୍ସ' ବ୍ୟୁଟି ପାଜେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ଯଶରାଜ୍ ତାଙ୍କ ମନପସନ୍ଦ ବାଇକ୍ ଉପହାରରେ ପାଇବା ପରେ ଉର୍ବଶୀ ସୋସିଆଲ ମିଡିଆରେ ଲେଖିଛନ୍ତି, ମୋ ଭାଇଙ୍କ ପାଖରେ ଦୁନିଆର ସବୁଠାରୁ ଭଲ ଉଉଣୀ ଅଛି। ଆମେ ଖୁବ୍ କମ୍ ସମୟ ଏକାଠି ବିତାଇବାକୁ ପାଇଥାଉ। ମୁଁ ଭାଇଦୂଜ୍ ଅବସରରେ ମୋ ଭାଇକୁ ବହୁତ ମିସ୍ କଲି। ଏଥିପାଇଁ ମୁଁ ତାଙ୍କୁ କିଛି ଏପରି ଉପହାର ଦେଲି, ଯାହାକୁ ସେ ଭଲ ପାଇବ। ମୁଁ ଜାଣେ ତାହା ହେଉଛି ହାର୍ଲି ଡେଭିଡଶନ୍। ଏହା ପୂର୍ବରୁ ଅଭିନେତା ରାଜକୁମାର ରାଓ ମଧ୍ୟ ଏହି ଦାମୀ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ କ୍ରୁଜର ବାଇକ୍ କିଣିସାରିଛନ୍ତି। ନିଜ ଦମ୍‌ଦାର ଅଭିନୟ ପାଇଁ ଲୋକପ୍ରିୟ ରାଜକୁମାରଙ୍କୁ ଏହି ବାଇକ୍ ଖୁବ୍ ପସନ୍ଦ।



# ୧୫ ବର୍ଷରେ ଲକ୍ଷେ ୩୦ ହଜାର ମାମଲାର ଫଇସଲା



ଜଷ୍ଟିସ ସୁଧୀର ଅଗ୍ରୱାଲ

**ନୂଆଦିଲ୍ଲୀ:** ଦେଶର ବିଭିନ୍ନ କୋର୍ଟରେ ଶହ ଶହ ମାମଲାର ବିଚାର ନ ହୋଇ ପଡ଼ି ରହିଛି। ଏପରିସ୍ଥଳେ ଆଲ୍ଲାହାବାଦ୍ ହାଇକୋର୍ଟର ବିଚାରପତି ସୁଧୀର ଅଗ୍ରୱାଲ ଏକ ନିଆରା ରେକର୍ଡ କରିଛନ୍ତି। ସେ ୧୫ ବର୍ଷ ମଧ୍ୟରେ ଲକ୍ଷେ ୩୦ ହଜାର ୪ ଶହ ୧୮ଟି ମାମଲାର ଫଇସଲା କରିବାର ଗୌରବ ଅର୍ଜନ କରିଛନ୍ତି। ଭାରତର ଏକମାତ୍ର ବିଚାରପତି ଭାବେ ସୁଧୀରଙ୍କ ନାମରେ ଏହି ରେକର୍ଡ ରହିଛି। ୨୦୧୯ ଅକ୍ଟୋବର ୩୧ ସୁଦ୍ଧା ସେ ଏହି ରେକର୍ଡ କରିଛନ୍ତି। ରାମଜନ୍ମଭୂମି- ବାବ୍ରୀ ମସଜିଦ୍ ମାମଲାର ଫଇସଲା ମଧ୍ୟ ସେ କରିଛନ୍ତି। ସେ ମନ୍ତ୍ରୀ ତଥା ସରକାରୀ ଅଫିସରଙ୍କ ସନ୍ତାନଙ୍କୁ ସରକାରୀ ପ୍ରାଥମିକ ସ୍କୁଲରେ ପାଠ ପଢ଼ାଇବା ଲାଗି ନିର୍ଦ୍ଦେଶ ଜାରିକରି ଚର୍ଚ୍ଚିତ ହୋଇଥିଲେ। ସେହିପରି ସରକାରୀ କର୍ମଚାରୀଙ୍କୁ ସରକାରୀ ହସ୍ପିଟାଲରେ ଚିକିତ୍ସା ଲାଗି ନିର୍ଦ୍ଦେଶ, ଧାରଣା-ବିକ୍ଷୋଭ ପ୍ରଦର୍ଶନ ବେଳେ ନଷ୍ଟ ହେଉଥିବା ସରକାରୀ ସମ୍ପତ୍ତିର ଭରଣା, ଶଙ୍କରାଚାର୍ଯ୍ୟ ପଦବୀର ବିବାଦ, ଶଙ୍କରଗଡ଼ ରାଣୀଙ୍କଠାରୁ ୪୫ ଟି ଗାଁ ମୁକ୍ତ କରାଇବା ଆଦି ମାମଲାର ଫଇସଲା କରି ସେ ବିଶେଷ ଖ୍ୟାତି ହାସଲ କରିଥିଲେ। ସୁଚନାଯୋଗ୍ୟ, ସୁଧୀର ଉତ୍ତରପ୍ରଦେଶ ଫିରୋଜାବାଦ୍‌ର ବାସିନ୍ଦା।

# ୪୯୦୦ ବର୍ଗଫୁଟର ପେଣ୍ଟିଂ

**ବିକାନେର:** ପୁରାତନ ରାଜପ୍ରାସାଦ, ଦୁର୍ଗ, ଐତିହାସିକ ସ୍ମାରକୀ ସର୍ବୋପରି ଓଟ ଦୌଡ଼ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ବିକାନେର। ରାଜସ୍ଥାନ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଜାଗା ମାଡ଼ିବସିଥିବା ଏହି ସହର ଏବେ ଏକ ଚିତ୍ରକଳାକୁ ନେଇ ଚର୍ଚ୍ଚାରେ। ଏଠାକାର ନିବାସୀ ମେଘା ହର୍ଷ ପୃଥିବୀର ସର୍ବବୃହତ୍ ପେଣ୍ଟିଂ ପ୍ରସ୍ତୁତ କରିଥିବା ଦାବି କରିଛନ୍ତି, ଯଦି ଏହି ଦାବି ସତ ହୋଇଥାଏ ତେବେ ଏହା ନିଶ୍ଚିତ ଭାବେ ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବ। ବେକାନେର ବୟଜ ସ୍କୁଲ ପରିସରରେ ତିଆରି କରାଯାଇଥିବା ଏହି ବୃହତ୍‌କାୟ ଚିତ୍ରକଳାର ଆକାର ୪୯୦୦ ବର୍ଗଫୁଟ (୭୦ ଫୁଟ ଦୈର୍ଘ୍ୟ ଏବଂ ୭୦ ଫୁଟ ପ୍ରସ୍ଥ)। ଏହାକୁ ସମ୍ପୂର୍ଣ୍ଣ କରିବାକୁ ମେଘାଙ୍କୁ ୧୭ ଦିନ ଲାଗିଛି। ଏଥିପୂର୍ବରୁ ଏହି ରେକର୍ଡ ସାଇପ୍ରସର ଆଲେକ୍ସଙ୍କ ନାମରେ ଥିଲା। ସେ ପ୍ରସ୍ତୁତ କରିଥିବା ଚିତ୍ରକଳା ୩୪୮୧ ବର୍ଗଫୁଟ (୫୯ ଫୁଟ ଦୈର୍ଘ୍ୟ ଏବଂ ୫୯ ଫୁଟ ପ୍ରସ୍ଥ) ବିଶିଷ୍ଟ ଥିଲା। ନିଜର କୃତି ସମ୍ପର୍କରେ ମେଘା କୁହନ୍ତି, ପୂର୍ବ ରେକର୍ଡକୁ ଭାଙ୍ଗିବା ଲକ୍ଷ୍ୟ ନେଇ ସେ ଏହି ଚିତ୍ରକଳା ପ୍ରସ୍ତୁତ କରିଛନ୍ତି। ଜଳବାୟୁ ପରିବର୍ତ୍ତନ, ଏହାର ପ୍ରତିକୂଳ ପ୍ରଭାବ, ଜଳ ସଂରକ୍ଷଣ, ମହିଳାଙ୍କ ସୁରକ୍ଷା ଆଦି ବିଷୟକୁ ଏଥିରେ ସ୍ଥାନିତ କରାଯାଇଛି। ଗତ ଅକ୍ଟୋବର ୧୬ରୁ ସେ ଏହି ଚିତ୍ରକଳା ଆଙ୍କିବା ଆରମ୍ଭ କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ ଦୈନିକ ୬ଘଣ୍ଟା ସମୟ ଦେଉଥିଲେ। ସୂଚନାଯୋଗ୍ୟ, ଜଣେ ପେସାଦାର ଚିତ୍ରଶିଳ୍ପୀ ଭାବେ ମେଘା ଦେଶରେ ଜଣେ ଚର୍ଚ୍ଚିତ ଚେହେରା। ତାଙ୍କର ହାତପ୍ରସ୍ତୁତ ଚିତ୍ରକଳା ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ଏଥିପାଇଁ ତାଙ୍କୁ ଶତାଧିକ ପଦକ ମଧ୍ୟ ମିଳିଛି।



# ସ୍ପ୍ରେରେ ସ୍ନାନ କରିବେ ଗଗନାୟନ ମହାକାଶଚାରୀ

**ନୂଆଦିଲ୍ଲୀ:** ଭାରତର ମାନବଯୁକ୍ତ ମହାକାଶ ମିଶନ'ଗଗନାୟନ'୨୦୨୧ରେ ଇସ୍ରୋ ଓ ଆଇଆଇଟି ଦିଲ୍ଲୀର ମୁଖ୍ୟ ଭୂମିକା ରହିବ। ଏହି ମିଶନରେ ମହକାଶ ଯାତ୍ରୀଙ୍କ ସ୍ନାନ ଲାଗି କିଛି ବିଶେଷ ବ୍ୟବସ୍ଥା କରାଯାଇଛି। ସେମାନେ ମହାକାଶରେ ପାଣି ବଦଳରେ ସ୍ପ୍ରେରେ ଗାଧୋଇବେ। ଏହି ସ୍ପ୍ରେକୁ କ୍ଲେନ୍‌ଷ୍ଟା ଇଣ୍ଟରନ୍ୟାଶ୍‌ନାଲ କମ୍ପାନୀ ଆଇଆଇଟି, ଦିଲ୍ଲୀ ଭାଗୀଦାରିରେ ପ୍ରସ୍ତୁତ କରାଯାଇଛି। ମହାକାଶରେ ମହାକାଶଯାତ୍ରୀମାନେ ସ୍ନାନ କରିବା ପାଇଁ ଏପରି ସ୍ପ୍ରେ ଉପଲବ୍ଧ କରାଇବାରେ ଭାରତ ବିଶ୍ୱରେ ପ୍ରଥମ ଦେଶ ହେବ। ଆମେରିକାର ମହାକାଶ ଏଜେନ୍ସି ନାସା ମଧ୍ୟ ଏହାକୁ ବ୍ୟବହାର କରିବା ପାଇଁ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ) ସହ ଯୋଗାଯୋଗ କରୁଛି। ମହାକାଶଯାନରେ ଜାଗା ଅଭାବରୁ ସେଥିରେ ବେଶି ପାଣି ନେବା ସମ୍ଭବ ନୁହେଁ। ମହାକାଶଚାରୀମାନେ ନ ଗାଧୋଇଲେ ଶରୀରରେ ବିଭିନ୍ନ ଜୀବାଣୁ ମଧ୍ୟ ବୃଦ୍ଧିପାଆନ୍ତି। ଏଣୁ ମହାକାଶରେ ଗାଧୋଇବା ଲାଗି ଭିନ୍ନଭିନ୍ନ ପ୍ରକାରର ପାଣି ବ୍ୟବହାର କରାଯାଏ। ଏମିତିକି ସେମାନେ ପରିସ୍ରା ସଂଗ୍ରହ କରି ତାହାକୁ ରିସାଇକ୍ଲିଂ କରି ପୁନଃ ବ୍ୟବହାର କରିଥାନ୍ତି। ସେଥିପାଇଁ ମହାକାଶଯାନରେ ଗାଧୋଇବା ସମସ୍ୟାକୁ ଲକ୍ଷ୍ୟ କରି ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି। ବିନା ପାଣିରେ ସ୍ପ୍ରେ ଦ୍ୱାରା ସ୍ନାନ କରିବାର ଜ୍ଞାନକୌଶଳ ଉପରେ କାମ କରିଥିବା ଡ.ପୁନିତ ଗୁପ୍ତା କହନ୍ତି କି , ୨୦୧୮ରେ ସେ ଷ୍ଟାର୍ଟଅପ୍ ଆରମ୍ଭ କରି ଆଇଆଇଟି,ଦିଲ୍ଲୀ ସହ ମିଶି ଇସ୍ରୋ ପାଇଁ ଏହି ପ୍ରୋଜେକ୍ଟ ଉପରେ କାମ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ନେଭି ଓ ଆର୍ମି କମାଣ୍ଡୋମାନେ ଏହାକୁ ବ୍ୟବହାର କରୁଛନ୍ତି। ଏହି ସ୍ପ୍ରେକୁ ରାୟପୁର ସମେତ ୨୦୦ରୁ ଅଧିକ ସରକାରୀ ହସ୍ପିଟାଲରେ ବ୍ୟବହାର କରାଯାଉଛି।



# ଗିନିଜ୍ ରେକର୍ଡରେ ଭାରତ ପାନ୍ନୁ

## ୮ ଦିନରେ କଶ୍ମୀରରୁ କନ୍ୟାକୁମାରୀ ଯାତ୍ରା

**ବେଙ୍ଗାଲୁରୁ:** କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ କମ୍ ସମୟରେ ସାଇକେଲ ଯାତ୍ରା କରି ଲ୍ୟୁଟ୍‌ନାଟ୍ କଲୋନେଲ୍ ଭାରତ ପାନ୍ନୁ ଗିନିଜ୍ ରେକର୍ଡ କରିଛନ୍ତି। ସେ ଧାର୍ଯ୍ୟ ୩୬ ହଜାର କି.ମି.କୁ ୮ ଦିନ ୯ ଘଣ୍ଟା ୪୮ ମିନିଟ୍‌ରେ ଅତିକ୍ରମ କରିପାରିଛନ୍ତି। ଭାରତ ଅକ୍ଟୋବର ୨୧ରେ ଶ୍ରୀନଗରରୁ ଯାତ୍ରା ଆରମ୍ଭ କରିଥିଲେ। ଅକ୍ଟୋବର ୨୯ରେ ସେ କନ୍ୟାକୁମାରୀରେ ପହଞ୍ଚିଥିଲେ। ସେ ହରିୟାଣା ରୋହତକ୍‌ର ବାସିନ୍ଦା। ସମ୍ପ୍ରତି ଭାରତୀୟ ବାୟୁସେନାର ବେଙ୍ଗାଲୁରୁ ୟୁନିଟ୍‌ରେ ସେ କାର୍ଯ୍ୟ କରୁଛନ୍ତି। ସେ ଏପରି କରି ଦିଲ୍ଲୀର ସାଇକେଲ ଚାଳକଙ୍କ ୧୦ଦିନ ୩ ଘଣ୍ଟା ୨ ମିନିଟ୍ ରେକର୍ଡ ଭଙ୍ଗ କରିଛନ୍ତି। ଯାତ୍ରା ସମୟରେ ଭାରତ ପ୍ରତିଦିନ ୨୧ ଘଣ୍ଟା ସାଇକେଲ ଚଳାଇ ୪୨୦-୪୪୦ କିମି ଦୂରତା ଅତିକ୍ରମ କରିଥିଲେ।





ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା



## ସଂକ୍ଷେପରେ

ନଗଡ଼ା ଅର୍ଥ ହେରଫେର ଅଭିଯୋଗ

### ୬ ଅଧିକାରୀଙ୍କୁ ଲୋକାୟୁକ୍ତଙ୍କ ନୋଟିସ

ଭୁବନେଶ୍ୱର,୨।୧୧(ବ୍ୟୁରୋ): ଯାଜପୁର ଜିଲାର ବହୁ ଚର୍ଚ୍ଚିତ ନଗଡ଼ାରେ ବିକାଶମୂଳକ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତାକୁ ନେଇ ଲୋକାୟୁକ୍ତ ୬ ଜଣ ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ଯାଜପୁର ଜିଲା ପିଡି ଡିଆରଡିଏ, ସୁକିନ୍ଦା ବିଡିଓ, ଗ୍ରାମ୍ୟ ଉନ୍ନୟନ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଧବଳଗିରି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଏବଂ ଜିଲା ସମାଜମଙ୍ଗଳ ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି। ଆସନ୍ତା ୬ ମାସ ମଧ୍ୟରେ ଏ ନେଇ ରିପୋର୍ଟ ଦେବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ଜୁଲାଇରେ ନଗଡ଼ା ଗ୍ରାମରେ ୧୯ ଜଣ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଥିଲେ। ସେତେବେଳେ ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ପୁଷ୍ଟିହୀନତା ହ୍ରାସ କରିବା ସହ ଉକ୍ତ ଅଞ୍ଚଳ ବିକାଶ କରିବାକୁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨୩ କୋଟି ଟଙ୍କା ମଞ୍ଜୁର କରିଥିଲେ। ନଗଡ଼ା ପାଇଁ ଦିଆଯାଇଥିବା ଅର୍ଥର ବ୍ୟାପକ ବାଟମାରଣା ହୋଇଥିବା ନେଇ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ନିକଟରେ ଜାତୀୟ ମାନବାଧିକାର କମିଶନ ନଗଡାରେ ପୁଷ୍ଟିହୀନତା କମାଇବା ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି।

### ଆତଙ୍କବାଦୀ ଆକ୍ରମଣ: ୫୪ ମୃତ

ବାମାକୋ, ୨।୧୧(ପି.ଟି.): ମାଲିର ଉତ୍ତର-ପୂର୍ବାଞ୍ଚଳରେ ଥିବା ଏକ ସେନା ପୋଷ୍ଟ ଉପରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣ କରାଯିବାରୁ ୫୪ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ୫୩ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁବରଣ କରିଥିବା ସରକାରୀ ସୂତ୍ରରୁ ପ୍ରକାଶ। ସେନା ପୋଷ୍ଟଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବାବେଳେ ୧୦ ସୈନ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ମେନାକା ପ୍ରଦେଶର ଇଣ୍ଡେଲିମାନେସ୍ଥିତ ସେନା ପୋଷ୍ଟରେ ଏଭଳି ଭୟଙ୍କର ଆକ୍ରମଣ ହୋଇଥିବା ଦେଶର ଯୋଗାଯୋଗ ମନ୍ତ୍ରୀ ୟାୟା ସଙ୍ଗରେ ପ୍ରକାଶ କରିଛନ୍ତି। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏହି ଆକ୍ରମଣ ଲାଗି କୌଣସି ଆତଙ୍କବାଦୀ ସଙ୍ଗଠନ ଏ ପର୍ଯ୍ୟନ୍ତ ନିଜକୁ ଦାୟୀ କରି ନ ଥିବା ଜଣାପଡ଼ିଛି। ଗତ ମାସରେ ସୀମାବର୍ତ୍ତୀ ବୁର୍କିନା ଫାସୋଠାରେ ଦୁଇ ଜେହାଦି ୪୦ ସୈନ୍ୟଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ। ଏହି ଆକ୍ରମଣ ପଛରେ ଅଲ୍-କାଏଦା ଆତଙ୍କବାଦୀ ସଙ୍ଗଠନର ହାତ ଥିବା ସନ୍ଦେହ କରାଯାଉଛି।

ବିକ୍ଷୋଭକାରୀଙ୍କୁ ପାକ୍ ସେନାର ଚେତାବନୀ

### ଅସ୍ଥିରତା ଲାଗି ଅନୁମତି ମିଳିବନି

ଇସ୍‌ଲାମାବାଦ, ୨।୧୧(ପି.ଟି.): ଦେଶରେ କାହାରିକୁ ଅସ୍ଥିରତା ଲାଗି ଅନୁମତି ମିଳିବ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ପାକିସ୍ତାନ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ମୁସଲ୍‌ମାନ ଧର୍ମଗୁରୁ ତଥା ରାଜନେତା ମୌଲାନା ଫଜ୍‌ଲୁର ରହମନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଦୁଇଦିନ ମଧ୍ୟରେ ଗାଦି ଛାଡ଼ିବା ଲାଗି କହି ବିଶାଳ ବିକ୍ଷୋଭ ଆରମ୍ଭ କରିଥିଲେ। କୌଣସି ଅନୁଷ୍ଠାନକୁ ଦେଶ ଚଳାଇବାର ଅଧିକାର ଦିଆଯିବନି ବୋଲି ସେ ମତ ରଖିଥିଲେ। ତେବେ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫର କେଉଁ ଅନୁଷ୍ଠାନ କଥା ଫଜ୍‌ଲୁର କହୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସେନା ସବୁବେଳେ ନିରପେକ୍ଷ। ସମ୍ବିଧାନର ନୀତି ଅନୁଯାୟୀ ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ସରକାର ଲାଗି ସେନା କାମ କରୁଛି। କୌଣସି ଅନୁଷ୍ଠାନ ଲାଗି ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ବିରୋଧୀ ବିକ୍ଷୋଭ କରାଯାଇ କୌଣସି ଅସ୍ଥିରତା ସୃଷ୍ଟି କରାଯିବାକୁ ଅନୁମତି ମିଳିବନି ବୋଲି ସେ ଶନିବାର କହିଛନ୍ତି। ଗଣତାନ୍ତ୍ରିକ ଭାବେ ଆଲୋଚନା କରାଯାଇ ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ବୋଲି ସେ ମତ ଦେଇଛନ୍ତି। ସେପଟେ ଫଜ୍‌ଲୁର ନିଜ ଜିଦ୍‌ରେ ଅଟଳ ରହିବା ସହ ବିରୋଧୀ ଦଳର ନେତାମାନଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।




# ବିଷାକ୍ତ ମଦ ପିଇ ଜଣେ ମୃତ, ୨୦ ଅସୁସ୍ଥ

କଲ୍ୟାଣସିଂହପୁର,୨।୧୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମଣିପଙ୍ଗା ପଞ୍ଚାୟତ ଡ଼େପାଗୁଡ଼ା ଗ୍ରାମରେ ବିଷାକ୍ତ ମଦ ପିଇ ଶୁକ୍ରବାର ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଧନଫୁଲ ହୁଇକା । ବ୍ଲକର ବିଭିନ୍ନ ଗ୍ରାମରେ ଆହୁରି ୨୦ ଜଣ ଅସୁସ୍ଥ ହୋଇଛନ୍ତି । ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ଗାଁରେ ଚେରମୂଳି ଖାଇ ଚିକିତ୍ସିତ ହେଉଥିବା ବ୍ଲକ ଉପାଧ୍ୟକ୍ଷ ପ୍ରମିଳା ପ୍ରେପକା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଶନିବାର ଏଡିଏମଓ ମମତା ଚୌଧୁରୀ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି । ସବିଶେଷ ତଥ୍ୟ ପାଇବା ପରେ ଏନେଇ ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ଖାନ ତଲାସି କରିଛି । ଶୁକ୍ରବାର ମଧ୍ୟାହ୍ନରେ ଧନଫୁଲ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ ମଦ ପିଇଥିଲେ । କିଛି ସମୟ ପରେ ତାଙ୍କର ପେଟ ବ୍ୟଥା ଆରମ୍ଭ ହୋଇଥିଲା । ଧୀରେ ଧୀରେ ଯନ୍ତ୍ରଣା ବଢ଼ିବାରୁ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଶନିବାର କୌଣସି ଅସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଆସି ନ ଥିବା ମେଡ଼ିକାଲ ଇନ୍‌ଚାର୍ଜ ଚିନ୍ମୟୀ କୁମାର ଲିମା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, କଲ୍ୟାଣସିଂହପୁର ବ୍ଲକ କୁଲୁମାଇ ଓ ଶିରିପୁର ଗ୍ରାମରେ ଦୁଇ ଦିନ ମଧ୍ୟରେ ଝାଡ଼ାବାନ୍ତିରେ ୬ ଜଣ ଗୁରୁତର ହୋଇଥିଲେ । ସେମାନେ ହଲେ ଓ୍ୱାନ୍ଦଲକା ବିଶ୍ୱନାଥ, ଓ୍ୱାନ୍ଦଲକା ବଳରାମ, ସାମା ଏଣିକା, କାଡ୍ରାକା କୀର୍ତ୍ତି, ଅର୍ଜ୍ଜୁନ କାଡ୍ରାକା, ହୀରା ନିଶିକା । ସେମାନେ ବିଷାକ୍ତ ମହୁଲି ମଦ ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ଏହା କିପରି ହୋଇଛି, ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଏସ୍‌ପି ଶ୍ରବଣ ବିବେକ୍ ଏମ୍ ଓ ସିଡିଏମଓ ଆର୍ତ୍ତବନ୍ଧୁ ନାୟକଙ୍କୁ ଜିଲାପାଳ ପ୍ରମୋଦ କୁମାର ବେହେରା ନିର୍ଦ୍ଦେଶ ଦେଇଥିଲେ ।

# ବିଶାଖା ଏକ୍ସପ୍ରେସ ଦୁଇଭାଗ ହୋଇ ଗଡ଼ିଲା

### ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ

ବାଲୁଗାଁ,୨।୧୧ (ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ-ଚିଲିକା ଷ୍ଟେଶନ ମଧ୍ୟସ୍ଥ ବଡକୁଳ ଲେଭଲ କ୍ରସିଂଠାରେ ଶନିବାର ପୂର୍ବାହ୍ନରେ ବିଶାଖା ଏକ୍ସପ୍ରେସ ଟ୍ରେନ ଚଳନ୍ତା ଅବସ୍ଥାରେ ଇଞ୍ଜିନଠାରୁ ବଗି ଅଲଗା ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ସିକନ୍ଦରାବାଦ ଅଭିମୁଖେ ଯାଉଥିବା ୧୭୦୧୫ ନମ୍ବର ବିଶିଷ୍ଟ ବିଶାଖା ଏକ୍ସପ୍ରେସ ଶନିବାର ପୂର୍ବାହ୍ନ ୧୦.୨୩ ମିନିଟ୍‌ରେ ବାଲୁଗାଁ ରହଣି ପରେ ଛାଡିଥିଲା। ପ୍ରାୟ ୪କି.ମି. ଅତିକ୍ରମ ପରେ ବଡକୁଳ ରେଳବାଇ ଫାଟକ ଅନତି ଦୂରରେ ହଠାତ୍ ଇଞ୍ଜିନ ସହ ସଂଲଗ୍ନ ୮ ଗୋଟି ବଗି ତଥା ଶୀତତାପ ନିୟନ୍ତ୍ରିତ ଏସି ଟୁ ଟାୟାର ଓ ସ୍ଲିପର ଏସ୍-୧୪ଠାରୁ ଅବଶିଷ୍ଟ ବଗି ମଧ୍ୟରେ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଚଳନ୍ତା ଟ୍ରେନ୍‌ଟି ଦୁଇଭାଗ ହୋଇ ଗଡି ଚାଲିଥିବାବେଳେ ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ତେବେ ଡ୍ରାଇଭର ଏ ସମ୍ପର୍କରେ ଜାଣିପାରି ଉପସ୍ଥିତ ବୁଦ୍ଧି ଖଟାଇ ବିଚ୍ଛିନ୍ନ ବଗିଠାରୁ ପ୍ରାୟ ୧୦୦ ମିଟର ଦୂରତାରେ ଇଞ୍ଜିନ ସଂଲଗ୍ନ ବଗିକୁ ଅଟକାଇଥିଲେ। ଟ୍ରେନ୍ ରହିବା କ୍ଷଣି ଭୟରେ କିଛି ଯାତ୍ରୀ ଟ୍ରେନ୍‌ରୁ ଡେଇଁପଡିଥିଲେ। ତେବେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ପରେ ଡ୍ରାଇଭର ଓ ଗାର୍ଡ ପହଞ୍ଚି ତଦାରଖ କରିବାରେ ଇଞ୍ଜିନଠାରୁ ଅଷ୍ଟମ ଓ ନବମ ବଗି ମଧ୍ୟରେ ସଂଯୋଗ କରୁଥିବା କପ୍‌ଲିଙ୍ଗ୍ ଖସିଯାଇଥିବା ଜଣାପଡିଥିଲା। ଖବରପାଇ ସଙ୍ଗେ ସଙ୍ଗେ ବାଲୁଗାଁ ଷ୍ଟେଶନରୁ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସଜାଡିବା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଟ୍ରେନ୍‌ଟି ପୁନର୍ବାର ଗନ୍ତବ୍ୟସ୍ଥଳ ଅଭିମୁଖେ ଛାଡିଥିଲା। ଖୋର୍ଦ୍ଧା ରେଳମଣ୍ଡଳ ଅଧିକାରୀ ଏହି ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।



ଇଞ୍ଜିନ୍‌ଠାରୁ ଅଲଗା ହୋଇଥିବା ବଗି ।

# ପେପର ବିହୀନ ରେଳ କାର୍ଯ୍ୟାଳୟକୁ ଗୁରୁତ୍ୱ

### ପ୍ରଥମ ପର୍ଯ୍ୟାୟରେ ୫୮ଟି ୟୁନିଟ୍ ହେଲା ଇ- ଅଫିସ୍

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସହ ପେପର ବିହୀନ ରେଳ କାର୍ଯ୍ୟାଳୟ (ଇ -ଅଫିସ୍) କାର୍ଯ୍ୟକାରୀ ଉପରେ ଭାରତୀୟ ରେଳପଥ ବେଶ୍ ତତ୍ପରତାର ସହ କାର୍ଯ୍ୟ କରୁଛି। ନ୍ୟାଶନାଲ ଇ-ଗଭର୍ଣ୍ଣାନ୍ସ ଯୋଜନାରେ ରେଳୱେ ପ୍ରଥମ ପର୍ଯ୍ୟାୟରେ ୫୮ଟି ୟୁନିଟ୍‌କୁ ସମ୍ପୂର୍ଣ୍ଣ ଇ-ଅଫିସ୍‌ରେ ପରିଣତ କରିଛି। ଏହି ଯୋଜନା ଅନ୍ତର୍ଗତ ଏନ୍‌ଆଇସି ଇ-ସୁଟ୍ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ୩୦ ଅକ୍ଟୋବରରେ ସମ୍ପୂର୍ଣ୍ଣ ହୋଇଛି। ଗତ ମାର୍ଚ୍ଚରେ ରେଲଟେଲ୍ ଓ ଭାରତୀୟ ରେଳପଥ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ରେଲଟେଲ୍ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରଥମ ପର୍ଯ୍ୟାୟର ଧାର୍ଯ୍ୟ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ରାଜିନାମାରେ ଉଲ୍ଲେଖ ରହିଥିଲା। ତେବେ ଯଥେଷ୍ଟ ସମୟର ୪ ମାସ ପୂର୍ବରୁ କାର୍ଯ୍ୟ ଶେଷ ହୋଇଯାଇଛି। ଏହାଦ୍ୱାରା ରେଲୱେ ୫୦ ହଜାରରୁ ଅଧିକ ବ୍ୟବହାରକାରୀ ସୃଷ୍ଟି କରିପାରିଛି। ଏଥିସହ ଏହି ସମସ୍ତ ୟୁନିଟ୍‌ର ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଅଟେ, ଏଥିପାଇଁ ଏକ ମନିଟରିଂ ୟୁନିଟ୍ ମଧ୍ୟ ଗଠନ କରାଯାଇଛି। ଯାହା କାର୍ଯ୍ୟଶୈଳୀ ଉପରେ ନଜର ରଖିବା ସହ ପରିଚାଳନାର ପ୍ରମୁଖ ଦାୟିତ୍ୱ ବହନ କରିବ। ଏଥିରେ ପରିଚାଳନାଗତ ଖର୍ଚ୍ଚ କମିବା ସହ ପରୋକ୍ଷରେ ପ୍ରଦୂଷଣ ମଧ୍ୟ କମିବ। ଇ-ଅଫିସ୍ ହେଉଛି ନ୍ୟାଶନାଲ ଇ-ଗଭର୍ଣ୍ଣାନ୍ସ ଯୋଜନାର ଏକ ମିଶନ ପ୍ରକଳ୍ପ। କାଗଜବିହୀନ, ଦକ୍ଷ, କ୍ରିୟାଶୀଳ ଓ ସ୍ୱଚ୍ଛ କାର୍ଯ୍ୟଶୈଳୀ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଏନ୍‌ଆଇସି ଇ-ଅଫିସ୍ ନ୍ୟାଶନାଲ ଇନଫରମେଟିକ୍ସ ସେଣ୍ଟର ଦ୍ୱାରା ପ୍ରସ୍ତୁତ ଏକ ସଫ୍ଟୱେର। ଏହା ରେଲଟେଲ୍ ଟାୟାର-୩ ପ୍ରମାଣିତ ଡାଟା ସେଣ୍ଟର ସିକନ୍ଦରାବାଦ ଓ ଗୁରୁଗ୍ରାମ ଦ୍ୱାରା ପରିଚାଳିତ ହେଉଛି।

କଳାପଟାରେ ଅଙ୍କ କଷି ନ ପାରିବାରୁ ଛାତ୍ରୀଙ୍କୁ ଦଣ୍ଡ

# ଶିକ୍ଷକ ନିଲମ୍ବିତ, ଥାନାରେ ମାମଲା

ଔପଦା,୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତର ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ କଳାପଟାରେ ଅଙ୍କ କଷି ନ ପାରିବାରୁ ସହକାରୀ ଶିକ୍ଷକ ତାଙ୍କୁ ଦଣ୍ଡବିଧାନ କରିଥିଲେ। ପରିଣାମ ସ୍ୱରୂପ ଉକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ ହେବାକୁ ପଡିଛି। ଛାତ୍ରୀଙ୍କ ପିତା ଶିକ୍ଷକଙ୍କ ବିରୋଧରେ ଔପଦା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୭୫/୧୯) ରୁଜୁ କରିଛି। ସହକାରୀ ଶିକ୍ଷକ ସୁଦାମ ଚରଣ ସେଠୀ ଗତ ୩୦ ତାରିଖରେ ଶ୍ରେଣୀରେ ସବୁ ପିଲାଙ୍କୁ କଳାପଟା ନିକଟକୁ ଡାକି ଅଙ୍କ କଷିବାକୁ କହିଥିଲେ। ଉକ୍ତ ଛାତ୍ରୀଜଣକ ଅଙ୍କ କଷି ନ ପାରିବାରୁ ଶିକ୍ଷକ ବିରକ୍ତ ହୋଇ ପାଠ କାହିଁକି ପଢୁନୁ ବୋଲି କହି ତାଙ୍କ ଆପ୍ରୋନକୁ ଝିଙ୍କି ଦେଇଥିଲେ। ଏଥିରେ ଛାତ୍ରୀଙ୍କର ତଣ୍ଟି ଚାପି ହୋଇଯାଇଥିବା, ସମ୍ପୃକ୍ତ ଶିକ୍ଷକ ଜୀବନରୁ ମାରିଦେବାକୁ ଉଦ୍ୟମ ଓ ଦୁର୍ବ୍ୟବହାର କରିଥିବା ନେଇ ଛାତ୍ରୀଙ୍କ ପିତା ଔପଦା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଡକାଯାଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧିବଦ୍ଧ ଭାବେ ବ୍ଲକ ଶିକ୍ଷାଧିକାରୀଙ୍କୁ ନିବେଦନ କରାଯାଇଥିଲା। ଔପଦା ବ୍ଲକ ଶିକ୍ଷାଧିକାରୀ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଷଡ଼ଯନ୍ତ୍ର କରି ଫଶାଇ ଦିଆଯାଇଥିବା ଶିକ୍ଷକ ସୁଦାମ ଚରଣ ସେଠୀ ପ୍ରକାଶ କରିଛନ୍ତି।

# ଚାକିରିରୁ ନିଲମ୍ବିତ ହେଲେ ରାୟଗଡା ଡିଏଫ୍‌ଓ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ରାୟଗଡା ବନଖଣ୍ଡର ଡିଏଫ୍‌ଓ ଦେବାର୍ଚ୍ଚନ ବେହେରାଙ୍କୁ ରାଜ୍ୟ ସରକାର ଶନିବାର ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କ ନାମରେ ଦୁର୍ନୀତି ସହ ସଙ୍ଗିନ ଅଭିଯୋଗ ଥିବା ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସରକାରୀ କୋଠା ନିର୍ମାଣ ଓ ରକ୍ଷଣାବେକ୍ଷଣ, ଷ୍ଟୋର ପାଇଁ ଜିନିଷପତ୍ର କିଣାକିଣିରେ ହେରଫେର କରିଥିବା ତାଙ୍କ ନାମରେ ଅଭିଯୋଗ ରହିଛି। ଏଥିସହିତ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଅସଦାଚରଣ କରିବା ଭଳି ଅଭିଯୋଗ ମଧ୍ୟ ରହିଛି। ଏସବୁର ତଦନ୍ତ ଜାରି ରହିଥିବା କୁହାଯାଇଛି।

# ୯ବର୍ଷ ପରେ ଘରକୁ ଫେରିଲା ପୁଅ

### ଶୁଦ୍ଧିକ୍ରିୟା ସାରିଥିଲେ ପରିବାର

ହିଞ୍ଜିଳିକାଟୁ,୨।୧୧(ଡି.ଏନ୍.ଏ.)

୯ବର୍ଷ ତଳେ ନିଖୋଜ ହୋଇଯାଇଥିଲେ ପୁଅ। ମୃତ୍ୟୁ ହୋଇଥିବା ଭାବି ଶୁଦ୍ଧିକ୍ରିୟା ସାରିଦେଇଥିଲେ ପରିବାର ଲୋକେ। ତେବେ ଶୁକ୍ରବାର ରାତିରେ ହଠାତ୍ ପୁଅ ଘରେ ପହଞ୍ଚିବାରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ପରିବାର ଲୋକେ। ପୁଅକୁ ପାଖରେ ଦେଖିଥିଲେ ମଧ୍ୟ ବିଶ୍ୱାସ କରିପାରୁ ନ ଥିଲେ ମା'। ପରେ ପରିବାରର ଖୁସି କହିଲେ ନ ସରେ। ଏପରି ଏକ ଘଟଣା ଘଟିଛି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପୌରାଞ୍ଚଳରେ।

ପ୍ରକାଶ ଯେ, ହିଞ୍ଜିଳିକାଟୁ ପୌରାଞ୍ଚଳ ୱାର୍ଡ ନଂ.୨ର ଭକ୍ତମାର୍ଗରେ ରୁହନ୍ତି ଉର୍ମିଳା ମୁନୀ। ତାଙ୍କର ୩ପୁଅ ଓ ଗୋଟିଏ ଝିଅ। ୨ୟ ସନ୍ତାନ ଅନିଲ ୨୦୧୦ ଅକ୍ଟୋବରରେ ପୁରୀ ଯାଇ ଏକ ହୋଟେଲରେ କାମ କରୁଥିଲେ। ସେଠାରେ କୌଣସି ସମସ୍ୟା ହେବାରୁ ପୁଣି କାମ ଅନ୍ୱେଷଣରେ କଟକ ଯାଇଥିଲେ। ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ କିମ୍ବା ପରିବାର ଲୋକଙ୍କ ସହ ଯୋଗାଯୋଗ ରଖି ନ ଥିଲେ। ୨୦୧୪ରେ ୨ଜଣ ବ୍ୟକ୍ତି ଆସି ଅନିଲଙ୍କ ବଡଭାଇଙ୍କୁ ଗାଁ ମୁଣ୍ଡରେ ଭେଟିଥିଲେ। ସେମାନେ କଟକରୁ ଆସିଛନ୍ତି ଓ ସେଠାରେ ଅନୀଲଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଏହାକୁ ବିଶ୍ୱାସ କରି ପରିବାର ଲୋକେ ଶୁଦ୍ଧିକ୍ରିୟା କରିଥିଲେ। ମାତ୍ର ହଠାତ୍ ଅନିଲ ଘରକୁ ଫେରିବା ପରେ ସମସ୍ତେ ଆଶ୍ଚର୍ଯ୍ୟ। ଏନେଇ ଅନିଲଙ୍କୁ ପଚାରିବାରୁ ସେ କେଉଁଠି ଏତେଦିନ ହେଲା ଥିଲେ କିଛି କହିପାରୁନାହାନ୍ତି। ତେବେ ସେ ଦିଲ୍ଲୀରେ କୌଣସି ସ୍ଥାନରେ କାମ କରୁଥିବା ଓ ସେଠାରୁ ଏବେ ଘରକୁ ଫେରିଥିବା ମା' ଉର୍ମିଳା କହିଛନ୍ତି।



ଘରକୁ ଫେରିଥିବା ଅନିଲ।




ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୩/୨୦୧୯



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ୍ୟ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟାରେ ନାହିଁ ଧନ**
**ପୁଅ ବାହାଘରେ ମନ ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ । ପାଖରେ ଅର୍ଥ ନ ଥାଇ ବଡ଼ ବଡ଼ ଖର୍ଚ୍ଚାନ୍ତ କାମରେ ହାତଦେବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅଳ୍ପରେ ଟଳିପଡ଼େ ଅତି ଯା'ର ବଳ**
**ଅତି ହିଁ କଷିଲେ ସୁନା ପାଲଟେ ପିତ୍ତଳ ।**

ଅତି ବଳବାନ ବ୍ୟକ୍ତି ବେଳ ଅବେଳରେ ଅତି ସହଜରେ ହାର ମାନିଯାଏ । ସୁନାକୁ ଆବଶ୍ୟକତାଠୁ ଅଧିକ କଷିଲେ ତା'ର ଗୁଣ ନଷ୍ଟ ହୋଇଯାଏ । ଅତି ସର୍ବତ୍ର ଗର୍ହିତମ୍ । ଅତିରୁ କୁପରିଣତି ହୁଏ ବୋଲି ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ କରାଯାଇଛି ।ଅତିଲେମ୍ବୁଚିପୁଡ଼ିଲେପିତାହେବାଭଳିଅତିରମାତ୍ରାସବୁବେଳେ ସବୁଠି ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବଡଭାଇ ମୃତଦେହ ଦେଖି ଆଖି ବୁଜିଲେ ସାନ

ପାଲଲହଡ଼ା, ୨।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସିଙ୍ଗିଙ୍ଗ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବଡଭାଇର ମୃତଦେହ ଦେଖି ସାନଭାଇ ଭାଙ୍ଗିପଡି ପ୍ରାଣ ହରାଇବା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ପ୍ରକାଶ ଯେ, ଗ୍ରାମର ଦୀପକ କୁମାର ପାଲ (୬୨) ଅସୁସ୍ଥ ଥିବାରୁ କିଛିଦିନ ତଳେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ଣ ପ୍ରାୟ ୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଧରି ପରିବାର ଲୋକେ ଗ୍ରାମକୁ ଫେରିବା ପରେ ଦୀପକଙ୍କ ସାନ ଭାଇ ତିରୁମଲ ପ୍ରସାଦ ପାଲ(୬୦) ବେହୋସ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପାଲଲହଡ଼ା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଲୋପାମୁଦ୍ରା ମହାନ୍ତି


ସଂଗ୍ରାମ କେଶରୀ ପୃଷ୍ଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଜେଲ ଫେରନ୍ତା ଯୁବକଙ୍କୁ ହତ୍ୟା

ପାଲଲହଡ଼ା, ୨।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପାଲଲହଡ଼ା ଥାନା ବିଦ୍ୟୁତ୍ ଅଫିସ୍ ଛକଠାରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଉପଖଣ୍ଡର ଉଦିତନଗର ସାହିର ନରେନ୍ଦ୍ର ବେହେରା(୨୫)ଙ୍କୁ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ତନାଘନା ଚଳାଇଛି।

ପୋଲିସ ସୂଚନା ମୁତାବକ, ସକାଳେ ନରେନ୍ଦ୍ର ଇଲେକ୍ଟ୍ରିକ୍ ଅଫିସ ଛକ ନିକଟକୁ ଚା' ପିଇବାକୁ ଆସିଥିଲେ। ରାସ୍ତାରେ ବାଇକ୍ ରଖି ସେ ଦୋକାନ ଭିତରକୁ ପଶୁଥିବାବେଳେ ଜଣେ ଯୁବକ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ଆକ୍ରମଣ କରିଥିଲେ। ନରେନ୍ଦ୍ର ଜୀବନ ବିକଳରେ ଦୌଡିଯାଇ ପାଖରେ ଥିବା ଏକ ଘରେ ପଶିଯିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପାଲଲହଡ଼ା ପୋଲିସ

**ଅପହରଣ ମାମଲାରେ ଗିରଫ ହୋଇଥିଲେ**

ଘଟଣାସ୍ଥଳରେ ପହଞ୍ଚି ନରେନ୍ଦ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରକୁ ଜବତ କରିବା ସହ ନଂ. ୧୫୬/୧୯ରେ ଏକ ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ନରେନ୍ଦ୍ରଙ୍କୁ ହତ୍ୟା କରିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାସ କହିଛନ୍ତି। ସୂଚନାଯୋଗ୍ୟ, ନରେନ୍ଦ୍ର ପୂର୍ବରୁ ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। କିଛି ଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଏହାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।

# ଡିସେମ୍ବର ୧୪ରୁ ମେରାଇନ୍ ଡ୍ରାଇଭ ଇକୋ ରିଟ୍ରିଟ୍ ଫେଷ୍ଟିଭାଲ

ଭୁବନେଶ୍ୱର,୨।୧୧(ବ୍ୟୁରୋ)


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ପଦାଧିକାରୀମାନେ।

ବିଶ୍ୱପ୍ରସିଦ୍ଧ କୋଣାର୍କ ସହରଠାରୁ ୮ କି.ମି ଦୂରରେ ମେରାଇନ୍ ଡ୍ରାଇଭ ଇକୋ ରିଟ୍ରିଟ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତା ମଧ୍ୟରେ ଏହି ଫେଷ୍ଟିଭାଲ ଆସନ୍ତା ଡିସେମ୍ବର ୧୪ରୁ ଜାନୁୟାରୀ ୧୪ ମଧ୍ୟରେ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏପରିକି ଏହି ଉତ୍ସବକୁ ସଫଳ କରିବା ପାଇଁ ସଂପୃକ୍ତ ବିଭାଗ ତାଙ୍କ ଶ୍ରେଷ୍ଠ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆୟୋଜନ ପୁରୀ-କୋଣାର୍କ ସହର ବିକାଶ, ଶାମୁକା ପ୍ରକଳ୍ପ ଉନ୍ନୟନ ସହ ପର୍ଯ୍ୟଟନ ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ମାସେ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ବିଳାସପୂର୍ଣ୍ଣ ଟେଣ୍ଟ, ସାଂସ୍କୃତିକ ବିଚିତ୍ରା, ଥ୍ରୀଡି ମ୍ୟାପିଂ, ଫୁଡ୍ ଫେଷ୍ଟିଭାଲ, ରୋମାଞ୍ଚକର କ୍ରୀଡ଼ା, ଜଳକ୍ରୀଡ଼ା ଭଳି ଆନ୍ତର୍ଜାତିକ ମାନର ବ୍ୟବସ୍ଥା ପର୍ଯ୍ୟଟକଙ୍କ ପାଇଁ କରାଯିବ। କେବଳ ପର୍ଯ୍ୟଟକମାନଙ୍କ ରହିବା ପାଇଁ ୫୦ଟି କୋଠରି ବିଶିଷ୍ଟ ବିଳାସପୂର୍ଣ୍ଣ ଟେଣ୍ଟ କଟେଜ ନିର୍ମାଣ କରାଯିବ। ଏହି କୋଠରିରେ ନିରନ୍ତର ଭାବେ ଜଳ, ବିଦ୍ୟୁତ, ପାର୍କିଂର ବ୍ୟବସ୍ଥା କରାଯିବ। ଏହି ଆୟୋଜନକୁ ଦୃଷ୍ଟିରେ ରଖି ମେରାଇନ୍ ଡ୍ରାଇଭ ସଡକର ଆଲୋକୀକରଣ ସହ ସ୍ଥାନୀୟ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସମେତ ଏହି ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫନୀ ସହାୟତାରେ ଅନିୟମିତତା ଅଭିଯୋଗ
# ଏସ୍‌ଆର୍‌ସିଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ରାଜ୍ୟରେ ୧୪ଟି ଜିଲା ବହୁଳ ପ୍ରଭାବିତ ହୋଇଥିଲା। ହେଲେ ଏହି ଜିଲାଗୁଡିକର କ୍ଷତିଗ୍ରସ୍ତ ଲୋକେ ଏଯାବତ୍ ସରକାରୀ କ୍ଷତିପୂରଣ ପାଇ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ସହାୟତା ଆଳରେ ଶାସକ ଦଳ ପକ୍ଷରୁ ଜାଲିଆତି ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ ନିକଟରେ ଫେରାଦ ହୋଇ ଭାଜପା ଅଭିଯୋଗ ଆଣିଛି।

ଭାଜପା ପ୍ରତିନିଧି ଦଳ ଏସ୍‌ଆର୍‌ସି ପ୍ରଦୀପ ଜେନାଙ୍କୁ ଭେଟି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ୧୪ ଜିଲାରେ ପୂର୍ଣ୍ଣ, ଗୁରୁତର ଓ ଆଂଶିକ ୩ ପ୍ରକାରଭେଦ ଭାବେ ତାଲିକା ପ୍ରସ୍ତୁତ ହୋଇଛି। ସରକାରଙ୍କ ପକ୍ଷରୁ ଭଙ୍ଗାଘର ସଂଖ୍ୟା ୩ ଲକ୍ଷ ୮୯ ହଜାର ବୋଲି ଦର୍ଶାଯାଇ ଜାଲିଆତି କରାଯାଇଛି। ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରାଯାଉଛି । ତେଣୁ ରିଲିଫ କମିଶନର ଏଥିରେ ହସ୍ତକ୍ଷେପ କରି ଉପଯୁକ୍ତ ତଦନ୍ତ କରାଇବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରନ୍ତୁ। ଅନୁରୂପ ଭାବେ କେଲେଙ୍କାରୀ କରିଥିବା ଅଧିକାରୀ, ରାଜନେତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ମୋହନ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ, ମୁଖପାତ୍ର ଗୋଲକ ମହାପାତ୍ର, ଶାରଦା ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

## କର୍‌ତାରପୁର କରିଡର ପ୍ରସଙ୍ଗ: ପାକ୍ ଗସ୍ତ ଲାଗି ଅନୁମତି ଲୋଡ଼ିଲେ ସିଧୁ

ଚଣ୍ଡିଗଡ଼, ୨।୧୧(ପି.ଟି.)

ପାକିସ୍ତାନରେ କର୍‌ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଲାଗି ପଞ୍ଜାବର ପୂର୍ବତନ ମନ୍ତ୍ରୀ ନବଜୋତ୍ ସିଂ ସିଧୁ କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟଠାରୁ ଶନିବାର ଅନୁମତି ଲୋଡ଼ିଛନ୍ତି। ନଭେମ୍ବର ୯ରେ କର୍‌ତାରପୁର ସାହିବ୍ କରିଡରର ଉଦ୍‌ଘାଟନୀ ଉତ୍ସବ ଥିବାବେଳେ ପାକିସ୍ତାନ ପକ୍ଷରୁ ତାଙ୍କୁ ଆମନ୍ତ୍ରଣ କରାଯାଇଥିବା ସେ ଦର୍ଶାଇଛନ୍ତି। ଜଣେ ସଚ୍ଚୋଟ ଶିଖ୍ ଭାବେ ଗୁରୁ ନାନକଙ୍କ ଏହି ଐତିହାସିକ ଉତ୍ସବରେ ଯୋଗଦେବାକୁ ଚାହୁଁଥିବା ସିଦ୍ଧୁ ଉଲ୍ଲେଖ କରିଛନ୍ତି। କ୍ରିକେଟରରୁ ରାଜନେତା ସାଜିଥିବା ସିଧୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ମଧ୍ୟ ଏନେଇ ପତ୍ର ଲେଖିଛନ୍ତି। ପ୍ରକାଶଥାଉ କି, ଗତବର୍ଷ ଅଗଷ୍ଟରେ ସିଧୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଧୂଆଁ, ଧୂଳି...

ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ଲଗାଯାଇଛି। ତାହା ପୁଣି ମାସେ କିମ୍ୱା ଦୁଇମାସରେ ଥରେ ଅପ୍‌ଡେଟ୍ କରାଯାଉଛି। ରାଜ୍ୟ ସରକାର ବାୟୁ ପ୍ରଦୂଷଣକୁ ଅତ୍ୟନ୍ତ ହାଲୁକା ଭାବେ ନେଉଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଓଡ଼ିଶାର ଅନେକ ସହର ବାୟୁ ପ୍ରଦୂଷଣର ବିଷ ବଳୟ ଭିତରକୁ ଚାଲିଯିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ମଧ୍ୟ ଏ ନେଇ ସତର୍କ କଲାଣି। ଓଡ଼ିଶାରେ ବାୟୁ ପ୍ରଦୂଷଣ ଯେ ଚିନ୍ତାର କାରଣ ପାଲଟିଲାଣି, ତାହା ଜଳଜଳ ହୋଇ ଦିଶିଲାଣି। ନିକଟରେ ସିପିସିବି ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଦେଶର ୧୦୬ଟି ଅତ୍ୟନ୍ତ ପ୍ରଦୂଷିତ ସହର ମଧ୍ୟରୁ ଓଡିଶାର ୭ଟି ସହରକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହି ସହରଗୁଡିକ ହେଲା ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର। ସହରାଞ୍ଚଳଗୁଡ଼ିକର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ସହରରେ ପ୍ରଦୂଷଣ ମାତ୍ରା ହ୍ରାସ କରିବା ନେଇ କି ପଦକ୍ଷେପ ନିଆଯାଇଛି ସେନେଇ ଏନ୍‌ଜିଟି କୈଫିୟତ ତଲବ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୭ଟି ସହର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର ପାଇଁ ସମନ୍ୱିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଜନସଚେତନତା ସୃଷ୍ଟି କରିବା ସହ ସହର ଓ ଖଣି ଅଞ୍ଚଳଗୁଡ଼ିକରେ ସବୁଜ ବଳୟ ସୃଷ୍ଟି ଲାଗି ବ୍ୟାପକ ବୃକ୍ଷ ରୋପଣ କରିବ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶରେ ବର୍ଷକୁ ପ୍ରାୟ ୧୩ ଲକ୍ଷ ଲୋକଙ୍କର ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁ ଘଟୁଛି। ଏହି ବାୟୁ ପ୍ରଦୂଷଣ ମନୁଷ୍ୟର ହାରାହାରି ବଞ୍ଚିବା ସମୟରୁ ମଧ୍ୟ ୨୦ ମାସ କମ୍ କରିଦେଉଛି। ସରକାର ଓ ଜନସାଧାରଣ ସଚେତନ ନ ହେଲେ ପ୍ରଦୂଷଣଜନିତ ସମସ୍ୟା ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ।

## ୮ବର୍ଷର...

ଥାନା ଆଇଆଇସି କୈଳାସ ଚନ୍ଦ୍ର ସେଠୀ, ଏଏସ୍‌ଆଇ ଜିତୁ ମୋହନ ବେଶ୍ରା, ରେବତୀ ଦୁର୍ଗା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡମ୍ବରୁଧର ପ୍ରଧାନ ଓ ହାବିଲଦାର ଏସ୍.ଏନ୍ ଦାସଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ପନିକି ଜବତ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୩୦୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଫେରାର ହତ୍ୟାକାରୀ ବାପା ମହେନ୍ଦ୍ରଙ୍କୁ ପୋଲିସ କୋଟାମାଳ ଗାଁ ନିକଟସ୍ଥ ଜଙ୍ଗଲରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଡିସେମ୍ବର ୩୧ରୁ...

ଧନୁଯାତ୍ରା ଏଭଳି ଏକ ସ୍ତରକୁ ପହଞ୍ଚିଛି ଯାହାକି ବିଶ୍ୱପ୍ରସିଦ୍ଧ ହେବା ସହିତ ବରଗଡ଼ ଜିଲାକୁ ଭିନ୍ନ ପରିଚୟ ଦେଇପାରିଛି । ବିଗତ ଦିନର ପରିଶ୍ରମ, ନିଷ୍ଠା, ସହଯୋଗ ପାଇଁ ଏହା ସଫଳ ହୋଇପାରିଛି । ଆଗାମୀ ଦିନରେ ଏହି ପ୍ରସିଦ୍ଧି ବଜାୟ ରଖିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଏଥିପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ବୈଠକରେ ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପଦ୍ମିନୀ ସାହୁ ଯୋଗଦେଇ ଧନୁଯାତ୍ରାକୁ ଶୃଙ୍ଖଳିତ, ନିରାପଦ ଓ ସୁରକ୍ଷିତ ଭାବେ ସମାପନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ତଥା ଆବାହକ ସୁରେଶ୍ୱର ଶତପଥୀ ଏହି ମହୋତ୍ସବ ପାଳନ ପାଇଁ ନଭେମ୍ବର ୨୭ରୁ ଡିସେମ୍ବର ୫ତାରିଖ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରି ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଉପଜିଲାପାଳ ପ୍ରଭାସ ଡନସନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ସାଂସ୍କୃତିକ କମିଟିର ଅଶୋକ ବେହେରା, ଗୋପାଳକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।


ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପୂର୍ବରୁ ସ୍ଥିରୀକୃତ କୌଣସି ନୂତନ କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ । ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବାକୁ ଚେଷ୍ଟା କରିବେ। ପରିବହନ, ବ୍ୟବସାୟ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ବିଶେଷ ସୁଫଳ ପ୍ରାପ୍ତି ହୋଇପାରେ ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ଗ୍ରହସ୍ଥିତି ବାଧକ ସାଜିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଭଲ ରହିବା ସହ କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରି ପାରିବେ । ପରିବାର ଭିତରେ ସମସ୍ୟା ଦେଇ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ ।

**ମିଥୁନ** କୌଣସି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ । ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି । ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ସାଧାରଣ କଥାକୁ ନେଇ ରାଗିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ ।

**କର୍କଟ** ଆଜି ଧୀର ମନ୍ଥର ଗତିରେ ପ୍ରତ୍ୟେକ କାମ ସମାହିତ ହେବ ଓ ସାମୟିକ ପାରିବାରିକ ବିଷୟ ନେଇ ଡିପ୍ରେଶନ ସୃଷ୍ଟି ହେବ । ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ । ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି ।

**ସିଂହ** ଆଜିର ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ । ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ । ପାରସ୍ପରିକ ମତଭେଦ କିମ୍ବା ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ ।

**କନ୍ୟା** ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକ ମିଳିଯିବ । ସତ୍‌ସଙ୍ଗ, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ । ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ । ଅଫିସରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷଟି କିଣିବାରେ ସମର୍ଥ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ ହେବ । କିନ୍ତୁ ଶନିଙ୍କ ସଂସର୍ଗତା ଲାଭରୁ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ଅବଶ୍ୟ ମିଳିବ ।

**ବିଛା** ମନ ଅନୁଯାୟୀ କାର୍ଯ୍ୟ ହାସଲ ନ ହେବା କାରଣରୁ ମନରେ ବିଭିନ୍ନ ପ୍ରକାର ଚିନ୍ତାଧାରା ଉଦ୍ରେକ ହୋଇ ଅସ୍ଥିରତା ସୃଷ୍ଟି ହେବ । ଅନୁରାଧା ନକ୍ଷତ୍ର ଅର୍ଥନୈତିକ ଉନ୍ନତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁକ ଅପରାହ୍ଣ ସମୟଟି ଖୁସିରେ କଟିବ । ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନା କରିବାର ସୁଯୋଗ ପାଇପାରନ୍ତି।

**ଧନୁ** ବିଗତ ଦିନର କୌଣସି ଘଟଣାକୁ କେନ୍ଦ୍ରକରି ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ । ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ ।

**ମକର** ଆଜି ଆପଣ ଯେତେପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ । ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହାକି ଆପଣଙ୍କ ସମସ୍ୟାକୁ କମାଇ ଦେବ । କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ଫେରି ନ ପାରନ୍ତି । ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ । ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ । ପାଖପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ । ବାରମ୍ବାର ଚେଷ୍ଟା କରୁଥିବା କାମ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ ।

**ମୀନ** ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ । କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟାକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି । ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ ।

ଆଜି କାର୍ତ୍ତିକ ଶୁକ୍ଳ ସପ୍ତମୀ ରବିବାର, ନଭେମ୍ବର ୩ ତାରିଖ, ମୁକ୍ତିମଣ୍ଡପର ଷୋଳଶାସନ ଅମୃତ ମଣୋହି ଭୋଗ, ଛଟ୍ ବ୍ରତ ଉଦ୍‌ଯାପନ, ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ମକର, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୩୭ମି. ଗତେ ଘ୮ ।୫୨ମି. ମଧ୍ୟେ, ଘ୧୧ ।୫୨ମି. ଗତେ ଘ୨ ।୫୨ମି. ମଧ୍ୟେ ଅମୃତବେଳା । ଦିବା ଘ୮ ।୪୪ମି. ଗତେ ଘ୧୦ ।୧୯ମି. ମଧ୍ୟେ, ଘ୧୧ ।୨୮ମି. ଗତେ ଘ୨ ।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୩ ।୪୩ମି. ଗତେ ଘ୫ ।୦୭ମି. ମଧ୍ୟେ ରାହୁକାଳ ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

## ଆଜି କ'ଣ କେଉଁଠି

**ସମ୍ବଲପୁର**
■ଜିଲା କୃଷକ ସୁରକ୍ଷା ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
■ପରିଚୟ ପ୍ରଦାନ ଉତ୍ସବ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ, ପୂର୍ବାହ୍ନ ସାଢ଼େ ୧୦ଟା ।
■ସମୀକ୍ଷା ବୈଠକ, ସମ୍ବଲପୁର କଳାପରିଷଦ ସଭା କକ୍ଷ, ଅପରାହ୍ନ ସାଢ଼େ ୧୨ଟା ।
■ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ୧ଟା।
■'ଅନ୍ୟା' ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷ, ସମୟ ସନ୍ଧ୍ୟା ୫ଟା ।
■ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

**ଲୋଇସିଂହା**
■ବଣିକ ସଂଘର କାର୍ଯ୍ୟକାରିଣୀ ବୈଠକ, ଷ୍ଟାଡିୟମ ପରିସର, ସନ୍ଧ୍ୟା ୭ଟା।

**ବେଲପାହାଡ**
■ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗାନ୍ଧୀ ସ୍ମୃତିସ୍ତମ୍ଭରୁ ସହୀଦ ସ୍ତମ୍ଭ ଯାଏ ପଦଯାତ୍ରା, ବେଲପାହାଡ ସହର, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
■ଏବିଭିପିର ନଗର ସମ୍ମିଳନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା।

**ଦେବଗଡ଼**
■କାଳିପୂଜା ବିସର୍ଜନ, ବାରକୋଟ, ଅପରାହ୍ନ ୪ଟା।
■ଧନଲକ୍ଷ୍ମୀ ପୂଜା ବିସର୍ଜନ, କାରଗିଲ ଛକ, ଦେବଗଡ଼ ସହର, ସନ୍ଧ୍ୟା ୭ଟା।
■ବାଟେଘାଟେ, ପ୍ରଧାନପାଟ ରୋଡ଼, ସକାଳ ୬ଟା ୩୦।

**କେସିଙ୍ଗା**
■କଳିଙ୍ଗ ମୋଟର ଚାଳକ ସଂଘର ସାଧାରଣ ସଭା, ବୋରିଙ୍ଗପଦର ଦୁର୍ଗାପୂଜା ପଡ଼ିଆ, ମଧ୍ୟାହ୍ନ ୧୨ଟା।
■କେସିଙ୍ଗାର ଜନ ସମସ୍ୟା ଓ ନିରାକରଣ ବୈଠକ, କେସିଙ୍ଗା ମହାବିଦ୍ୟାଳୟ ସଭାଗୃହ, ଅପରାହ୍ନ ୩ଟା।
■ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ଭବାନୀପାଟଣା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର(ହାଟପଦା), ସକାଳ ୯ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ୬ ମାସ ପରେ ଖୋଲିଲା ବାଲୁଖଣ୍ଡ ପ୍ରକୃତି ନିବାସ

**ପୁଣି ପ୍ରକୃତିର ମଜା ନେବେ ପର୍ଯ୍ୟଟକ**

■ **ଫୁଲ, ଚନ୍ଦନ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ**

ପୁରୀ ଅଫିସ, ୨।୧୧

ବାତ୍ୟା ଫନୀ ପରଠାରୁ ବନ୍ଦ ରହିଥିବା ପୁରୀର ବାଲୁଖଣ୍ଡ ପ୍ରକୃତି ନିବାସ ଠିକ୍ ୬ ମାସ ପରେ ଶନିବାର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ଏହା ଏବେ ପର୍ଯ୍ୟଟକଙ୍କ ରହଣି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଛନ୍ତି। ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରକୃତି ନିବାସ ପୂର୍ବପରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିବ। ଜଙ୍ଗଲ ଭିତରେ ପର୍ଯ୍ୟଟକମାନେ ରାତି ବିତାଇବା ସହ ପ୍ରକୃତିର ଭରପୂର ମଜା ନେଇପାରିବେ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଡିଏଫ୍ଓ କହିଛନ୍ତି।

ଗତ ମେ' ୩ ତାରିଖ ଫନୀରେ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ଅଭୟାରଣ୍ୟ ମଧ୍ୟରେ ରହିଥିବା ପ୍ରକୃତି ନିବାସ ମଧ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। କଟେଜ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବାବେଳେ ଏହା ପରିସରରେ ଥିବା ଗଛଗୁଡ଼ିକ ଧରାଶାୟୀ ହୋଇପଡିଥିଲା। ବନ ବିଭାଗ ପକ୍ଷରୁ ଏହାର ମରାମତି ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ସଜାଡ଼ି ଦିଆଯାଇଛି। କଲିକତାର ଡ. ବୈଦ୍ୟନାଥ ବିଶ୍ୱାସ ଓ ତାଙ୍କ ସ୍ତ୍ରୀ ପ୍ରକୃତି ନିବାସର ଚଳିତବର୍ଷର ପ୍ରଥମ ପର୍ଯ୍ୟଟକ ଭାବେ ଏଠାରେ ରହିଛନ୍ତି। ସେମାନଙ୍କ ସହ ଆହୁରି କେତେଜଣ ପର୍ଯ୍ୟଟକ ମଧ୍ୟ ରହିବା ପାଇଁ ବୁକିଂ କରିଛନ୍ତି। ପ୍ରଥମ ଦିନରେ ସମସ୍ତ ପର୍ଯ୍ୟଟକଙ୍କୁ ଫୁଲ ଓ ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଛି। ଏ ସମ୍ପର୍କରେ ଡିଏଫ୍ଓ ଉଦ୍‌ଗାତା କହିଛନ୍ତି, ପର୍ଯ୍ୟଟନ ଋତୁ ପୂର୍ବରୁ ଏହାର ପୁନରୁଦ୍ଧାର ଲକ୍ଷ୍ୟରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଇଥିଲା। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ରହଣି ପାଇଁ ପ୍ରସ୍ତୁତ ହୋଇଯାଇଛି। ପ୍ରାୟ ଅଢ଼େଇ ଏକର ଜମିରେ ଏହି ପ୍ରକୃତି ନିବାସ କରାଯାଇଛି। ଏଠାରେ ୧୦ଟି ଶୀତତାପ ନିୟନ୍ତ୍ରିତ କଟେଜ୍ ରହିଛି। ପର୍ଯ୍ୟଟକମାନେ ବୁକିଂ କରି ଏଠାରେ ରାତ୍ରିଯାପନ କରିପାରିବେ। ଗୋଟିଏ କଟେଜ୍‌ରେ ଡବଲ ବେଡ୍ ସହିତ ଆନୁଷଙ୍ଗିକ ସୁବିଧା ମଧ୍ୟ ରହିଛି। ଯେଉଁମାନେ ଏଠାରେ ରହିବେ, ସେମାନଙ୍କୁ ଅଭୟାରଣ୍ୟରେ ବୁଲାଇବା ସହିତ ବୋଟିଂ ସୁବିଧା ଏବଂ ଖାଦ୍ୟପେୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଅଭୟାରଣ୍ୟ ବୁଲାଇବା ଲାଗି ୩ଟି ଇ-ଅଟୋ ସାଙ୍ଗକୁ ପିଲାଙ୍କ ଖେଳିବା ପାଇଁ ସୁବିଧା ଅଛି। ଏପରି କି ରାତିରେ ହରିଣଙ୍କୁ ମଧ୍ୟ ଖୁବ୍ ନିକଟରୁ ପର୍ଯ୍ୟଟକମାନେ ଦେଖିପାରିବେ। ମୋଟାମୋଟି ପ୍ରକୃତି ଭିତରେ ରାତି କଟାଇବାକୁ ପ୍ରକୃତି ନିବାସ ହିଁ ପର୍ଯ୍ୟଟକଙ୍କ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି ଡିଏଫ୍ଓ କହିଛନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିର ଏବଂ ସ୍ୱର୍ଣ୍ଣାଭ ବେଳାଭୂମି ପ୍ରତି ଆକୃଷ୍ଟ ହୋଇ ପୁରୀ ସହରକୁ ପର୍ଯ୍ୟଟକମାନେ ଛୁଟି ଆସୁଛନ୍ତି। ସହର ଉପକଣ୍ଠରେ ବାଲୁଖଣ୍ଡ ଅଭୟାରଣ୍ୟ, ନୂଆନଈ ଆଦି ପ୍ରାକୃତିକ ବିଭବ ରହିଥିଲେ ହେଁ ତାହାର ମଜା ଉଠାଇପାରୁ ନ ଥିଲେ ପର୍ଯ୍ୟଟକ। ତେଣୁ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜା ଦେବା ପାଇଁ ରାଜ୍ୟ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତି ନିବାସର ପରିକଳ୍ପନା କରାଯାଇଥିଲା। ପୁରୀ-କୋଣାର୍କ ରାସ୍ତାର ସୈକତ ନିବାସ ନିକଟ ନୂଆନଈ କୂଳରେ ୨୦୧୬ରେ ଏହା ତିଆରି କରାଯାଇଥିଲା।





ଭଦ୍ରକର ପ୍ରସିଦ୍ଧ କାଳୀ ପୂଜା
ଦେଖନ୍ତୁ ଭିଡିଓ
YouTube /dharitrilive

■ ଘରଭଙ୍ଗା ସହାୟତାକୁ ନେଇ ଅଭିନବ ଧାରଣା

# ବ୍ଲକ ସମ୍ମୁଖରେ ରୋଷେଇ କରି ଖାଇଲେ କ୍ଷତିଗ୍ରସ୍ତ

ପୁରୀ ଅଫିସ, ୨।୧୧

ବାତ୍ୟା ଫନୀକୁ ରବିବାର ୬ ମାସ ପୂରିଯାଉଛି। ହେଲେ ଏବେ ବି ଅନେକ କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ମିଳିପାରିନାହିଁ। ତଦନ୍ତରେ ବ୍ୟାପକ ଅନିୟମିତତା ନେଇ କ୍ଷତିଗ୍ରସ୍ତମାନେ ଅଭିଯୋଗ କରୁଥିବାବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏହାର ପ୍ରତିବାଦରେ ଶନିବାର ପୁରୀ ସଦର ବ୍ଲକ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଅଭିନବ ଉପାୟରେ ଧାରଣା ଦେଇଥିଲେ। ଜମାରସୁଆଁ ପଞ୍ଚାୟତର ବାଇଲିବାଟି ଓ ପାତ୍ରପଡ଼ାର ୧୨ଟି ପରିବାରର ସଦସ୍ୟମାନେ ବ୍ଲକ ଅଫିସ୍ ସମ୍ମୁଖରେ ରୋଷେଇ କରି ଖାଇଥିଲେ। ତେବେ ବିଡିଓ ଟେଲିଫୋନରେ ଆସନ୍ତା ସୋମବାର ତାଙ୍କୁ ଦେଖା କରିବାକୁ କହିବାରୁ କ୍ଷତିଗ୍ରସ୍ତମାନେ ଧାରଣାରୁ ଓହରି ଯାଇଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଧାରଣାରେ ବସିଛନ୍ତି।

ଫନୀ ପରେ ଅନେକ ପରିବାର ଅସଜଡ଼ା ଘରେ ତ ଆଉ କିଏ ପଲିଥିନ ତଳେ ପିଲାଛୁଆଙ୍କୁ ଧରି ଦିନ କାଟୁଛନ୍ତି। ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୩/୪ ହଜାର ଅଭିଯୋଗ କରାଯାଉଛି। ତଥାପି ଏହାର କୌଣସି ସମାଧାନ ପନ୍ଥା ବାହାରି ପାରୁନାହିଁ। ଶନିବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ପ୍ରତାପ କୁମାର ମହାନ୍ତି କହିଛନ୍ତି, ଫନୀ ବାତ୍ୟାରେ ଆମର ୩ ବଖରା ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଘରଭଙ୍ଗା ସହାୟତା ମିଳିନାହିଁ। ଆଂଶିକ କ୍ଷତିଗ୍ରସ୍ତ ବୋଲି ତାଲିକା କରାଯାଇଛି। କ୍ଷୟକ୍ଷତି ଆକଳନରେ ଅନିୟମିତତା ହୋଇଛି। ସହାୟତା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଛୁ, ହେଲେ କୌଣସି ସୁଫଳ ନ ପାଇ ହତାଶ ହେବା ପରେ ସଦର ବିଡିଓଙ୍କୁ ଦେଖା କରିବାକୁ ଆସିଥିଲୁ। ବିଡିଓଙ୍କ ସହିତ ସାକ୍ଷାତ୍ ନ ହେବାରୁ ଧାରଣାରେ ବସିଥିଲୁ। ଏବେ ବି ସପରିବାର ପଲିଥିନ ତଳେ ଦିନ କାଟୁଛୁ। ତଦନ୍ତ କଲେ ଅଫିସରମାନେ ବାସ୍ତବତା କ'ଣ ତାହା ଦେଖିପାରିବେ। ଆମ ପଞ୍ଚାୟତରେ ୬୦/୭୦ ପରିବାର, ଯେଉଁମାନଙ୍କର ପ୍ରକୃତରେ ଘର ଭାଙ୍ଗିଛି ସେମାନେ ଏଭଳି ପକ୍ଷପାତିତାର ଶିକାର ହୋଇଛନ୍ତି ବୋଲି ପ୍ରତାପ କହିଥିଲେ।

# ପ୍ରତିଭା ଦେଖାଇବେ 'ସୁପର୍ ୨୨'



## ଫିଲ୍ମରେ ଦିବ୍ୟାଙ୍ଗମାନଙ୍କୁ ସୁଯୋଗ ଦେବାକୁ ଅଭିନବ ପ୍ରୟାସ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ସେମାନେ ଦିବ୍ୟାଙ୍ଗ। ହେଲେ ନାଚିବା, ଗାଇବା ଓ ଅଭିନୟ କରିବା ପାଇଁ ତାଙ୍କ ନିକଟରେ ଯଥେଷ୍ଟ ଦକ୍ଷତା ରହିଛି। ସକ୍ଷମଙ୍କ ଭଳି ସବୁକିଛି କରିବାର ମନୋବଳ ବି ଅଛି। ବାସ୍ ପ୍ରତିଭା ଦେଖାଇବା ଲାଗି ଆବଶ୍ୟକ ହେଉଛି ଗୋଟିଏ ମଞ୍ଚ, ଯେଉଁଠି ସେମାନେ ନିଜ ଭିତରେ ଲୁକ୍କାୟିତ କଳାକୁ ବାହାରକୁ ଆଣିପାରିବେ ଓ ଦୁନିଆକୁ ଜଣାଇଦେବେ ଦିବ୍ୟାଙ୍ଗ ହେଲେ ବି ଆମେ ସକ୍ଷମ। ପ୍ରତିଭାବାନ୍ ଦିବ୍ୟାଙ୍ଗମାନଙ୍କୁ ଏଭଳି ଏକ ମଞ୍ଚ ଯୋଗାଇଦେବାକୁ ଅଣ୍ଟା ଭିଡ଼ିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ସବ୍ୟସାଚୀ ଏବଂ ତାଙ୍କ ଦଳ ଦ୍ୱାରା ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଏକ ନିଆରା କାର୍ଯ୍ୟକ୍ରମ 'ସୁପର୍ ୨୨' ଶୋ। ଦିବ୍ୟାଙ୍ଗ କଳାକାରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଆସନ୍ତା ୪ ତାରିଖରେ ନୟାପଲ୍ଲୀସ୍ଥିତ କ୍ରାଉନ୍ ହୋଟେଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସବ୍ୟସାଚୀ କହିଛନ୍ତି, ବିଗତ ଏକ ବର୍ଷ ହେବ 'ସ୍ମାଇଲ୍ ପ୍ଲିଜ୍' ଓଡ଼ିଶାର କୋଣାନୁକୋଣରୁ ପ୍ରତିଭାବାନ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିବାର ଅଭିଯାନ ଚଳାଇଛି। ଏହି ଅଭିଯାନକୁ ଆଉ ପାଦେ ଆଗକୁ ନେଇ ୨୨ ଦକ୍ଷ ଏବଂ ବିଭିନ୍ନ କଳାରେ ନିପୁଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି 'ସୁପର୍ ୨୨ ଶୋ' ଆୟୋଜନ କରିବାକୁ ସ୍ଥିର କରାଯାଇଛି। ମନୋରଞ୍ଜନ ତଥା ଚଳଚ୍ଚିତ୍ର ଜଗତରେ ମୁଖ୍ୟ ଚରିତ୍ରରେ ଦିବ୍ୟାଙ୍ଗମାନଙ୍କୁ ଅଭିନୟ କରିବାର ସୁଯୋଗ ଦେବା ନିମନ୍ତେ 'ସୁପର୍ ୨୨' କାର୍ଯ୍ୟକରିବ। ଏହି ଦକ୍ଷତା ସନ୍ଧାନ କାର୍ଯ୍ୟକ୍ରମ ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇପାରିବ ବୋଲି ସବ୍ୟସାଚୀ କହିଥିଲେ। ଖବରଦାତା ସମ୍ମିଳନୀରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉପସ୍ଥିତ ରହି କହିଥିଲେ, 'ସୁପର୍ ୨୨' ଦଳରେ ଦକ୍ଷତାସମ୍ପନ୍ନ ୮ ଦିବ୍ୟାଙ୍ଗ ମହିଳା ସାମିଲ ହୋଇଛନ୍ତି। ଦୃଢ଼ ଆତ୍ମବିଶ୍ୱାସ ସହ ବିଭିନ୍ନ ସାମାଜିକ ବାଧାବିଘ୍ନକୁ ପ୍ରତିହତ କରି ଆଜି ଏଠାରେ ପହଞ୍ଚିବାରେ ଏମାନେ ସଫଳ ହୋଇଛନ୍ତି। 'ସ୍ମାଇଲ୍ ପ୍ଲିଜ୍' ଟିମ୍‌ର କଠିନ ପରିଶ୍ରମ ଓ ନିରବଚ୍ଛିନ୍ନ ସାମାଜିକ କାର୍ଯ୍ୟକ୍ରମ ଯୋଗୁ ଏହା ସଫଳ ହୋଇପାରିଛି। ଦିବ୍ୟାଙ୍ଗମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ଅଭିଯାନ ଆରମ୍ଭ କରାଯାଇଥିବା ସେ କହିଥିଲେ। 'ସୁପର୍ ୨୨' ଦଳରେ ଆଗାମୀ ଦିନରେ ଅଧିକରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରିଲ୍ୟୁଡ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ମାଇଁ ସିଟି ଲିଙ୍କସ୍ ସମ୍ପାଦକ ସତ୍ୟବ୍ରତ ସାନୁ ରଥ କହିଥିଲେ।

# ଲଶ୍କର ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୨।୧୧(ପି.ଟି.):** ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଜିଲାରୁ ଜଣେ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଡାନିସ୍ ଅହମଦ ଚାନ୍ନା ନାମକ ଏହି ଆତଙ୍କବାଦୀଙ୍କୁ ସୋପୋରରୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରାଯାଇ ତାଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ହ୍ୟାଣ୍ଡ୍ ଗ୍ରେନେଡ୍ ଜବତ କରାଯାଇଛି। ଏନେଇ ପୋଲିସ ତଦନ୍ତ ଜାରି ରହିଛି। ଗତ ଗୁରୁବାର ୨ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀ ଗିରଫ କରିଥିଲେ।



## ଜିଲା ଚିଠି
## କେନ୍ଦୁଝର

### ମୃତ୍ୟୁପଥର ଯାତ୍ରୀ

କେନ୍ଦୁଝର ଜିଲାରେ ମୂଲ୍ୟବାନ ଖଣିଜ ସମ୍ପଦ ଭରି ରହିଛି। ସେଥିପାଇଁ ଏହି ଜିଲାକୁ ଧନଶାଳୀ ଜିଲା ଭାବେ ମାନ୍ୟତା ମିଳିଛି। ଏହା ପରେ ବି ଜିଲାର ବିଭିନ୍ନ ରାସ୍ତାଘାଟ ମୃତ୍ୟୁପଥ ପାଲଟିଛି। ଅର୍ଥର ଅଭାବ ନ ଥିଲେ ହେଁ ଭଙ୍ଗାଦଦରା ଅବସ୍ଥାରେ ଥିବା ଏହି ରାସ୍ତା ଦୁର୍ଘଟଣାର କାରଣ ସାଜିଛି। ପ୍ରତିବର୍ଷ ଦୁର୍ଘଟଣାରେ ପ୍ରାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ବହୁ ଲୋକ ଆହତ ହୋଇ ଭିନ୍ନକ୍ଷମ ଜୀବନ କାଟୁଛନ୍ତି। ଯାହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ପରେ ଦୁର୍ଘଟଣା ରୋକିବା ସହ ଧନଜୀବନର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହ ହେଲ୍‌ମେଟ ଚେକିଂ ଓ ଦ୍ରୁତଗତିରେ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ଦୁର୍ଘଟଣାର ମୁଖ୍ୟ କାରଣ ସାଜିଥିବା ଭଙ୍ଗାଦଦରା ରାସ୍ତାର ମରାମତି ବା ପୁନଃ ନିର୍ମାଣ କରାଯାଉନାହିଁ। ଯାହା ଜିଲାର ପ୍ରଗତିରେ ବାଧକ ସାଜିଥିବା ଅଭିଯୋଗ ହୋଇଛି। ଜିଲାର ପ୍ରମୁଖ ରାସ୍ତା ମଧ୍ୟରୁ ପାଣିକୋଇଲି-ରିମୁଳି ୨୦ ନଂ.ଜାତୀୟ ରାଜପଥ, ରିମୁଳି-କୋଇଡା ୫୨୦ନଂ.ଜାତୀୟ ରାଜପଥ, କଲିକତା-ମୁମ୍ବାଇ ୪୯ନଂ. ଜାତୀୟ ରାଜପଥ ଅନ୍ୟତମ। ଏଥିସହ ପଳାଶପଙ୍ଗା-ବାମେବାରୀ, ଭଦ୍ରାସାହି-ନାଲଦା, ବାମେବାରୀ-ଯୋଡା ଆଦି ରାସ୍ତା ଖଣିଖାଦାନକୁ ସଂଯୋଗ କରିଛି। କେନ୍ଦୁଝରରୁ ପାରାଦୀପକୁ ସଂଯୋଗ କରୁଥିବା ନରଣପୁର-ଦୁବୁରି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ବୋଲି ବିବେଚନା କରାଯାଉଛି। ଏହି ସବୁ ରାସ୍ତାରେ ପ୍ରତିଦିନ ଶତାଧିକ ଖଣିଜପଥର ବୋଝେଇ ଟ୍ରକ, ଟ୍ରଲର ଓ ମାଲବାହୀ ଯାନବାହନ ଚଳାଚଳ କରୁଛି। ତଥାପି ଉପରୋକ୍ତ ରାସ୍ତା ମରାମତି କରାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ୨୦ନଂ. ଜାତୀୟ ରାଜପଥ ମରାମତି କରା ନ ଯାଇ ବିଭିନ୍ନ ସ୍ଥାନରେ ଟୋଲ ଆଦାୟ କରାଯାଉଛି। ସେହିପରି ଦୀର୍ଘବର୍ଷ ହେଲା ଯୋଡା ଓ ବଡବିଲ ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ୫୨୦ନଂ.ଜାତୀୟ ରାଜପଥ କାମ ଶେଷ ହୋଇପାରୁନାହିଁ। ଫଳରେ ଟ୍ରାଫିକ ଅବ୍ୟବସ୍ଥା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବାଇପାସ ନିର୍ମାଣ ହୋଇପାରୁ ନ ଥିବାରୁ ଖଣିଖାଦାନ ବହୁଳ ଭଦ୍ରାସାହି-ବଡବିଲ-ନାଲଦା ରାସ୍ତା ଶୋଚନୀୟ ହୋଇପଡିଛି। ବଡବିଲ-ବଲାଣୀ-କିରିବୁରୁ ରାସ୍ତା ଏବଂ ରଣାଶାଳ ଘାଟି-ଜୁରୁଡି-ବାମେବାରୀ ଏବଂ ବାମେବାରୀ-ପଳାଶପଙ୍ଗା କିଡକୋ ରାସ୍ତା, ଦୁବୁନା-କାଳିମାଟି, ଶୁଆକାଟି-ଫୁଲଝର-ଜଗଦଳା (ଦୁବୁନା) ଆଦି ଖଣି ପ୍ରଭାବିତ ଅଞ୍ଚଳ ରାସ୍ତା ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ରାସ୍ତା ନିର୍ମାଣ ଓ ମରାମତି ବାବଦରେ ବିଭାଗ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛି। ହେଲେ କାମର ମାନ ଠିକ୍ ରହୁ ନ ଥିବାରୁ ସ୍ଥିତି ଯଥା ପୂର୍ବଂ ତଥା ପରହେଉଛି। ଏଣେ କେନ୍ଦୁଝର ଜିଲା ଦେଇ ଯାଇଥିବା କଲିକତା-ମୁମ୍ବାଇ ୪୯ ନଂ.ଜାତୀୟ ରାଜପଥ କାମ ଚାଲିଥିବାରୁ ଯାତାୟାତରେ ନାହିଁ ନ ଥିବା ସମସ୍ୟା ଉପୁଜୁଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

■ ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବି କଲେ ବିରୋଧୀ ଦଳ ନେତା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

■ **ଆସନ୍ତା ବିଧାନସଭା ଅଧିବେଶନ ଅଚଳ କରିବାକୁ ଚେତାବନୀ**

■ **ବିଜେଡି କହିଲା ଶସ୍ତା ରାଜନୀତି**

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ହରିଦାସପୁରର ରଙ୍ଗଶାଳା କେବଳ ସ୍ମିତାରାଣୀଙ୍କ ହତ୍ୟାକାଣ୍ଡ ନୁହେଁ ବରଂ ଅନେକ କେଲେଙ୍କାରୀର ହୃତପିଣ୍ଡ, ଅନେକ କଳା କାରନାମାର ମୂକସାକ୍ଷୀ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଶନିବାର ଅଭିଯୋଗ କରିଛନ୍ତି। ରାଜଧାନୀସ୍ଥିତ ଭାଜପା ରାଜ୍ୟ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀ କରି ବିରୋଧୀ ଦଳ ନେତା ଏବଂ ନେତୃବୃନ୍ଦ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଦୀପ୍ତ କହିଛନ୍ତି ଯେ, ପୋଲିସ ଓ ପ୍ରଶାସନ ସ୍ମିତାରାଣୀଙ୍କ ହତ୍ୟାର ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି। ତେଣୁ ତାଙ୍କ ସ୍ୱାମୀ ଓ କୁନି ଝିଅକୁ ନ୍ୟାୟ ମିଳିବା ଅସମ୍ଭବ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାମଲାଟି ସିବିଆଇକୁ ହସ୍ତାନ୍ତର କରାଯାଉ । ବିନା ତଦନ୍ତରେ ମୃତା ସ୍ମିତାରାଣୀଙ୍କ ଚରିତ୍ରକୁ ଆକ୍ଷେପ କଲେ ତାହା ବଡ଼ ଆଶ୍ଚର୍ଯ୍ୟର କଥା । ମହିଳା କମିଶନ ଘଟଣାସ୍ଥଳକୁ ଯାଇଥିଲେ ବି ମୃତା ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଭେଟିଲେ ନାହିଁ । ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ସମ୍ଭବ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବହିଷ୍କାର କରନ୍ତୁ ବୋଲି ପ୍ରଦୀପ୍ତ କହିଛନ୍ତି। ଯଦି ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରା ନ ଯାଏ, ତେବେ ଭାଜପା ବିଧାୟକ ଦଳ ପକ୍ଷରୁ ବିଧାନସଭା ଅଚଳ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ବିଧାୟକ ଦଳ ପ୍ରତିନିଧି ଦଳ ଦିଲ୍ଲୀ ଯାଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ରାଷ୍ଟ୍ରୀୟ ମହିଳା ଆୟୋଗଙ୍କୁ ଭେଟି ଘଟଣା ବିଷୟରେ ଅବଗତ କରିବ ବୋଲି ପ୍ରଦୀପ୍ତ ସୂଚନା ଦେଇଛନ୍ତି। ସେହିଭଳି ସ୍ଥାନୀୟ ତହସିଲ ଅଫିସର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୭,୨୦୧୮ରେ ଏହି ରଙ୍ଗଶାଳାକୁ ଉଚ୍ଛେଦ କରାଯାଇଛି। ଆର୍‌ଆଇ କ୍ଷୀରାବ୍ଧି ପଣ୍ଡାଙ୍କ ସ୍ୱାକ୍ଷରରେ ଏକ ଉଚ୍ଛେଦ ରିପୋର୍ଟ ମାର୍ଚ୍ଚ ୨୭,୨୦୧୮ ତାରିଖରେ ତହସିଲ ଅଫିସକୁ ଦିଆଯାଇଛି। ତେଣୁ ଏହି ରିପୋର୍ଟ ଉପରେ ଜିଲାପାଳ ସ୍ପଷ୍ଟୀକରଣ ରଖନ୍ତୁ। ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ଅସଲ ଅପରାଧୀଙ୍କୁ ଖସାଇବା ପାଇଁ ଷଡଯନ୍ତ୍ର କରୁଥିବା ପ୍ରଦୀପ୍ତ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ବିଜେଡି ପକ୍ଷରୁ ଗୈରିକ ଦଳର ଏପରି ଅଭିଯୋଗକୁ ଶସ୍ତା ରାଜନୀତି ବୋଲି କୁହାଯାଇଛି। ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ, ଭାଜପା ବାରମ୍ବାର ମିଛକୁ ସତକଥା ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛି। ଭାଜପା ପାଖରେ ଯଦି ଘଟଣା ସମ୍ପର୍କରେ କିଛି ପ୍ରମାଣ ରହିଛି, ତାହା ପୋଲିସ କିମ୍ବା ଅଦାଲତକୁ ଦଳ ପକ୍ଷରୁ ଦିଆଯାଉ। ପୋଲିସ ଜଣଙ୍କୁ ଗିରଫ କରିସାରିବା ପରେ ତଦନ୍ତ ଜାରି ରଖିଛି। ତେଣୁ ଭାଜପା ଏପରି ଭୟଭୀତ ନ ହୋଇ କେବଳ ଖବରଦାତା ସମ୍ମିଳନୀରୁ ବିରତ ରହୁ ବୋଲି ସସ୍ମିତ କହିଛନ୍ତି।


KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ।
–ଶ୍ରୀଅରବିନ୍ଦ

# ହ୍ୱାଟ୍‌ସଆପ୍ ହ୍ୟାକିଂ



ଆକାର ପଟେଲ

ଭାରତରେ ହ୍ୱାଟ୍‌ସଆପ୍ ହ୍ୟାକିଂ କେମିତି ଚାଲିଛି, ସେ ବିଷୟରେ ଆମେ ଜାଣିବା ଓ ବୁଝିବା ଆବଶ୍ୟକ। ପ୍ରଥମତଃ ଯେଉଁ କମ୍ପାନୀ ବିରୋଧରେ ହ୍ୟାକିଂର ଅଭିଯୋଗ ଆସିଛି, ତାକୁ ଆମେରିକାରେ ହ୍ୱାଟ୍‌ସଆପ୍‌ର ମାଲିକ ଫେସ୍‌ବୁକ୍ ଦ୍ୱାରା କୋର୍ଟକୁ ଟଣାଯାଇଛି। ଅଭିଯୁକ୍ତ ଫାର୍ମ, ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଏପରି ପ୍ଲାଟ୍‌ଫର୍ମ ତିଆରି କରି ବିକ୍ରି କରିଛି, ଯାହା ତା'ର ଗ୍ରାହକମାନଙ୍କୁ ସାରା ବିଶ୍ୱରେ ଅତି କମ୍‌ରେ ୧୪୦୦ ବା ସମ୍ଭବତଃ ତଦୂର୍ଦ୍ଧ୍ୱ ମୋବାଇଲ ଫୋନ୍‌କୁ ମିସ୍‌ଡ କଲ୍ ମାଧ୍ୟମରେ ହ୍ୟାକିଂ ପାଇଁ ସାହାଯ୍ୟ କରୁଛି। ଏହା ଚଳିତବର୍ଷ ଏପ୍ରିଲ ୨୯ରୁ ମେ ୧୦ ତାରିଖ ମଧ୍ୟରେ ଘଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏନ୍‌ଏସ୍‌ଓ ଗ୍ରୁପ୍‌ର ସମସ୍ତ ଗ୍ରାହକ ହେଉଛନ୍ତି ବିଭିନ୍ନ ଦେଶର ସରକାର। କମ୍ପାନୀ ଦାବି କରୁଛି ଯେ, ଏହା ସରକାରଗୁଡ଼ିକୁ ଲୋକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି। ଆତଙ୍କବାଦ ଓ ଅପରାଧକୁ ରୋକିବାରେ ଏହା ଟେକ୍ନୋଲୋଜିର ଉପଯୋଗ କରୁଛି ବୋଲି ଦାବି କରିଛି। ଏନ୍‌ଏସ୍‌ଓ ଟେକ୍ନୋଲୋଜି ଦୂରସଂଚାର ଓ ଗୋଇନ୍ଦା ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାହୋଇଛି।

ଦ୍ୱିତୀୟ କଥା ହେଲା ଭାରତରେ ଏହାଦ୍ୱାରା ସେହି ଲୋକମାନଙ୍କୁ ଟାର୍ଗେଟ କରାଯାଇଛି, ଯେଉଁମାନଙ୍କୁ ସରକାର ଦେଶବିରୋଧୀ ବୋଲି ଅଭିହିତ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭୀମ କୋରେଗାଓଁ ମାମଲାରେ ଗିରଫ ହୋଇଥିବା ଲୋକମାନଙ୍କ ଓକିଲ ଏବଂ ସଂଖ୍ୟାଲଘୁ ଓ ଆଦିବାସୀଙ୍କ ପ୍ରସଙ୍ଗ ଉପରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ। ଏମାନଙ୍କ ମଧ୍ୟରୁ ଅନେକେ ପୂର୍ବରୁ ସରକାରଙ୍କ ଦ୍ୱାରା ହଇରାଣ ହରକତର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ମୁଁ ଜାଣିଛି ଓ ସେମାନଙ୍କ ସହ କାର୍ଯ୍ୟ ବି କରିଛି। ତୃତୀୟତଃ ମୋଦି ସରକାର ଏନ୍‌ଏସ୍‌ଓ ପ୍ଲାଟ୍‌ଫର୍ମ କିଣି ନାହାନ୍ତି କିମ୍ବା ନିଜ ନାଗରିକଙ୍କ ମୋବାଇଲ ଫୋନ୍ ହ୍ୟାକ୍ କରି ସେମାନଙ୍କ ବିରୋଧରେ ଗୁପ୍ତଚରଗିରି କରୁନାହାନ୍ତି ବୋଲି କହିନାହାନ୍ତି। ଅପରପକ୍ଷେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ କହିଛନ୍ତି ଯେ, ଭାରତ ହ୍ୱାଟ୍‌ସଆପ୍‌କୁ ପଚାରିଛି କେଉଁ ଧରଣର ନିୟମ ଭଙ୍ଗ କରାଯାଇଛି ଏବଂ ଭାରତୀୟମାନଙ୍କ ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା ଲାଗି ଏହା କ'ଣ କରୁଛି। ମନ୍ତ୍ରୀ ଏପରି ବିବୃତି ନ ଦେଇ ବରଂ ଭାରତ ଏଥିରେ ସମ୍ପୃକ୍ତ ଅଛି କି ନା ତାହା ସ୍ପଷ୍ଟ କରିବା ଉଚିତ ଥିଲା। ତେବେ ସମ୍ଭବତଃ ଯେହେତୁ ମାମଲାଟି ଏବେ ଆମେରିକୀୟ କୋର୍ଟରେ ବିଚାରାଧୀନ ଅଛି, ଯେଉଁଠି ବିଚାରପତିମାନଙ୍କୁ ସହଜରେ ପ୍ରଭାବିତ କରାଯାଇପାରିବ ନାହିଁ, ତେଣୁ ମନ୍ତ୍ରୀ ଭାବିଚିନ୍ତି ବିବୃତି ଦେଇଛନ୍ତି। ଏନ୍‌ଏସ୍‌ଓ କହିଛି ଯେ, କେଉଁମାନେ ତା'ର ଗ୍ରାହକ ଓ କେଉଁମାନେ ନୁହନ୍ତି, ତାହା ସେ ଖୋଲି କହିପାରିବ ନାହିଁ।

ଚତୁର୍ଥରେ ଭାରତ ସରକାର ଆଇଟି ତଦନ୍ତରେ ସାହାଯ୍ୟ କରିବା ପାଇଁ ଘରୋଇ କମ୍ପାନୀମାନଙ୍କୁ ବ୍ୟବହାର କରୁଛି। ଗତବର୍ଷ ଯେତେବେଳେ ମୋ ସଂଗଠନ ଉପରେ 'ଚଢ଼ାଉ' କରାଯାଇଥିଲା (ମୁଁ ଉଦ୍ଧୃତି ଚିହ୍ନ ଭିତରେ ଚଢ଼ାଉ ଶବ୍ଦଟି ଲେଖିବାର କାରଣ ଆମ ବିରୋଧରେ କୌଣସି ଅଭିଯୋଗ ନ ଥିଲା), ସେତେବେଳେ ଆମ ସର୍ଭରକୁ ଗୋଟିଏ ଘରୋଇ କମ୍ପାନୀର ଦୁଇଜଣଙ୍କୁ କ୍ଲୋନିଂ ବା କପି କରିବା ପାଇଁ ଦିଆଯାଇଥିଲା। ଏହି 'ଚଢ଼ାଉ' ସମୟରେ ମୋ ମୋବାଇଲ ଫୋନ୍‌କୁ ମୋଠାରୁ ନିଆଯାଇଥିଲା ଏବଂ ମୋତେ ଫୋନ୍‌କୁ ଅନ୍‌ଲକ୍ କରିବାକୁ ବାଧ୍ୟ କରାଯାଇଥିଲା। ଏହା ଆଇନସଙ୍ଗତ କି ବୋଲି ମୁଁ ପଚାରିବାରୁ ମୋତେ କୌଣସି ଉତ୍ତର ଦିଆଯାଇ ନ ଥିଲା। ମୋ ଫୋନ୍‌କୁ ନେଇ କିଛି ଲୋକ ଦେଖିଲେ ଏବଂ ସେମାନେ ଏଥିରେ କ'ଣ କଲେ ମୋତେ ଫେରାଇବା ପୂର୍ବରୁ କହିଲେ ନାହିଁ। ନିକଟରେ ନେଟ୍‌ୱାର୍କ ୧୮ର ପ୍ରତିଷ୍ଠାତା ରାଘବ ବାହଲଙ୍କ କମ୍ପାନୀ ସମେତ ଯେଉଁମାନଙ୍କ ଉପରେ 'ଚଢ଼ାଉ' କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ବି ସମାନ ପ୍ରକାର ଘଟିଥିଲା। ପଞ୍ଚମରେ ଆମେରିକା ପରି ଭାରତରେ କୌଣସି ବିଚାରବିଭାଗୀୟ ତଦାରଖ ବ୍ୟବସ୍ଥା ନାହିଁ। ଆମେରିକାରେ ଫୋନ୍ ଟ୍ୟାପିଂ ପାଇଁ ଜଣେ ବିଚାରପତିଙ୍କଠାରୁ ଅନୁମତି ନେବା ଦରକାର ପଡ଼େ। ଭାରତରେ ସେପରି ବ୍ୟବସ୍ଥା ନାହିଁ। ଇଣ୍ଡିଆନ୍ ଏକ୍ସପ୍ରେସ୍ ଦ୍ୱାରା ଏକଦା ଆର୍‌ଟିଆଇ ଆକ୍ଟ ଅନୁସାରେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଥିଲା ଯେ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ବର୍ଷକୁ ୧୦,୦୦୦, ଅର୍ଥାତ୍ ଦିନକୁ ୩୦୦ ଫୋନ୍ ଟ୍ୟାପିଂକୁ ଅନୁମତି ଦିଅନ୍ତି। ତା' ମାନେ ଅନୁମତି ଦେବା ପୂର୍ବରୁ ସେ ଟିକିନିଖି ଜିନିଷର ଅନୁଧ୍ୟାନ କରନ୍ତି ନାହିଁ। ଆମେରିକା ପରି ଭାରତରେ ବେଆଇନ ଭାବେ କିଛି ଲିକେଜ୍ ହେଲେ ବା ଗୁପ୍ତ କଥା ପଦାରେ ପଡ଼ିଗଲେ ସେଥିପାଇଁ କେହି ଉତ୍ତରଦାୟୀ ହୁଅନ୍ତି ନାହିଁ। ଏଥିପାଇଁ ଦାୟୀ ଅଫିସର ବା ମନ୍ତ୍ରୀଙ୍କୁ ଦଣ୍ଡିତ କରାଯାଏ ନାହିଁ।

ଷଷ୍ଠରେ ଏହିସବୁ ଉପାୟରେ ଯେଉଁ ତଥ୍ୟଗୁଡ଼ିକ ପ୍ରକାଶ ପାଏ ତାହାଦ୍ୱାରା ପ୍ରାୟ କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି ନାହିଁ। ଭାରତରେ ଆତଙ୍କବାଦ ଅଭିଯୁକ୍ତଙ୍କ ଦୋଷୀ ସାବ୍ୟସ୍ତ ହାର ପ୍ରାୟ ୧ ପ୍ରତିଶତ। ତେଣୁ ୯୯ ପ୍ରତିଶତ ମାମଲାରେ ସରକାର ବିଫଳ ହୁଅନ୍ତି ବା ଭୁଲ୍‌ରେ ଲୋକଙ୍କୁ ଅଭିଯୁକ୍ତ ସଜାଇଥାନ୍ତି। ଏହି ବିଫଳତା ବା କ୍ଷମତାର ଦୁରୁପଯୋଗ ପାଇଁ କୌଣସି ଉତ୍ତରଦାୟିତ୍ୱ ବି ନାହିଁ। ଭାରତରେ ଏଭଳି ଘଟଣାର ଶେଷ ନାହିଁ। କିଛି ବର୍ଷ ତଳେ ମୁଁ ସମ୍ପାଦନା କରୁଥିବା ଏକ ଖବରକାଗଜ ସଲମାନ ଖାନ୍ ଓ ପ୍ରୀତି ଜିଣ୍ଟାଙ୍କ ଟ୍ୟାପ୍ ହୋଇଥିବା ବାର୍ତ୍ତାଳାପ ପ୍ରକାଶ କରିଥିଲା। ଅଭିନେତ୍ରୀ ଜଣକ ମୋ ବିରୋଧରେ କୋର୍ଟରେ ମାନହାନି ମାମଲା କରିଥିଲେ ଏବଂ କୋର୍ଟ ଜାଣିବାକୁ ପାଇଲେ ଯେ ମୁମ୍ବାଇ ପୋଲିସ ବିନା ଅନୁମତିରେ ସଲମାନଙ୍କ ଫୋନ୍‌କୁ ଟ୍ୟାପ୍ କରିଥିଲା। ଏଥିପାଇଁ ମୁମ୍ବାଇ ପୋଲିସକୁ କୌଣସି ଦଣ୍ଡ ଦିଆଗଲା ନାହିଁ ଏବଂ ମାମଲା କୁଆଡ଼େ ମିଳେଇ ଗଲା। କିନ୍ତୁ ଏଥର ଆମେରିକାର ନାଗରିକମାନେ ବି ହ୍ୟାକିଂର ଶିକାର ହୋଇଥିବାରୁ ଏବଂ ସେମାନଙ୍କ ନ୍ୟାୟ ବ୍ୟବସ୍ଥା ଉଚ୍ଚମାନର ହୋଇଥିବାରୁ ନ୍ୟାୟ ମିଳିବା ଓ ସତ୍ୟ ପ୍ରକାଶ ପାଇବା ଆଶା କରାଯାଏ। ଯେତେବେଳେ ହ୍ୟାକିଂ ପଛରେ କିଏ ଅଛି ବୋଲି ଜଣାପଡ଼ିବ, ସେତେବେଳେ ହୁଏତ ଆମେ କହିବୁ ଯେ 'ଦେଶବିରୋଧୀ'ମାନଙ୍କର କୌଣସି ଗୋପନୀୟତା ଅଧିକାର ନାହିଁ ଏବଂ ବେଆଇନ ହେଲେ ବି ସେମାନଙ୍କ ବିରୋଧରେ ଯେକୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇହେବ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୪

- ଲଗାଣ ବର୍ଷା ଓ ବାତ୍ୟା ଯୋଗୁ ଆନ୍ଧ୍ରପ୍ରଦେଶରେ ୭୫ ଜଣ ପ୍ରାଣ ହରାଇଛନ୍ତି।
- ପାକିସ୍ତାନର ଦିର କିଲାରେ ଜମି ଗଣ୍ଡଗୋଳକୁ କେନ୍ଦ୍ରକରି ଗୋଟିଏ ଗ୍ରାମରେ ନିଆଁ ଲଗାଇ ଦିଆଯିବାରୁ ୨୧ ଶିଶୁ ଜୀବନ୍ତ ଦଗ୍ଧ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 0 | 2 | | | | | 8 | A | | | | | |
| | | 7 | | C | | | D | | | | | | | B |
| | | E | 9 | | | | 2 | 1 | | B | 4 | 0 | 7 | 3 |
| B | | | 6 | | | | | 9 | | 3 | | 5 | | |
| | 9 | 3 | E | | | | | | 2 | | | | D | |
| C | 4 | B | | | | | | | D | | A | | | |
| 9 | | | | 1 | 8 | | | 3 | 5 | | 2 | | | E |
| | | | | | | | | 5 | | | | | 4 | |
| | | | | 9 | A | | | | | | E | | B | |
| | | | | | | | | | 6 | | 8 | | | 5 |
| 5 | | | | | | | | | | | 3 | | | |
| | | 1 | | | 2 | | 6 | | E | 7 | C | D | | |
| | | 2 | A | 6 | | C | | | 8 | | D | | | |
| | D | | | | | | B | | | 2 | | | | 9 |
| 8 | 7 | 9 | D | | 5 | 2 | | | | | B | A | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 3 | B | A | 4 | 2 | 9 | E | 6 | C | 5 | 8 | D | 0 |
| 9 | B | 5 | 1 | C | 8 | 0 | D | 6 | A | 7 | 4 | E | 2 | 3 |
| A | 2 | D | 3 | 5 | E | B | 7 | C | 8 | 0 | 9 | 6 | 4 | 1 |
| 0 | 4 | 6 | D | 9 | 7 | 3 | 8 | 5 | 2 | 1 | E | C | B | A |
| E | 8 | C | 6 | 0 | 2 | 1 | A | 4 | 3 | D | B | 7 | 5 | 9 |
| 7 | D | 4 | 0 | 3 | B | 6 | 5 | 8 | E | 9 | A | 2 | 1 | C |
| 2 | C | A | 9 | 1 | 5 | E | 0 | B | 4 | 8 | 7 | D | 3 | 6 |
| 3 | 6 | E | 2 | 8 | D | 7 | C | A | 0 | 5 | 1 | B | 9 | 4 |
| 8 | 9 | B | A | 7 | 6 | D | 4 | 1 | C | 3 | 2 | 5 | 0 | E |
| 5 | 0 | 1 | E | 4 | C | 9 | 3 | 2 | D | B | 6 | A | 8 | 7 |
| D | 1 | 0 | 4 | 6 | 3 | C | B | 7 | 5 | E | 8 | 9 | A | 2 |
| C | 5 | 2 | 8 | E | 0 | A | 6 | 9 | 1 | 4 | D | 3 | 7 | B |
| B | A | 9 | C | D | 1 | 8 | 2 | 3 | 7 | 6 | 0 | 4 | E | 5 |
| 6 | E | 7 | 5 | 2 | 9 | 4 | 1 | D | B | A | 3 | 0 | C | 8 |
| 4 | 3 | 8 | 7 | B | A | 5 | E | 0 | 9 | 2 | C | 1 | 6 | D |

ଗତକାଲି ପ୍ରକାଶିତ ଉତ୍ତର

# ଭଲ ବିଭକ୍ତ ଖରାପ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସମୟ ସନ୍ଧ୍ୟା ସାତଟା। ପ୍ରାୟ ଦେଢ଼ଘଣ୍ଟା ପୂର୍ବରୁ ସୂର୍ଯ୍ୟ ବୁଡ଼ିଗଲେଣି। ରାଜଧାନୀର ଅସ୍ତାଚଳରେ ଉଜ୍ଜ୍ୱଳ ସ୍ୱର୍ଣ୍ଣାଭ ଆଲୋକରେ ଉଦ୍ଭାସିତ ହେଲାଣି ମହାନଗରୀର ପ୍ରଶସ୍ତ ରାଜପଥ। ବ୍ୟସ୍ତବହୁଳ, କୋଳାହଳମୁଖରିତ ସରକାରୀ ଦପ୍ତରଗୁଡ଼ିକରେ ଛାଇଗଲାଣି ନିଶୂନ ନୀରବତା। ମାତ୍ର ଏ ସମସ୍ତ ପ୍ରତି ବିସ୍ମୃତ ମଧ୍ୟବର୍ଗର ଜଣେ ସରକାରୀ କର୍ମଚାରୀ ରାଜଧାନୀର କୌଣସି ଏକ ବଡ଼ କାର୍ଯ୍ୟାଳୟରେ କାର୍ଯ୍ୟ କରି ଚାଲିଥାନ୍ତି। ତାଙ୍କ ଏକନିଷ୍ଠତାରେ ବାଧା ଉପୁଜାଇ ଜଣେ ସହକର୍ମୀ ମନ୍ତବ୍ୟ ଦେଲେ, 'ଏ ଜଗତ ଉପରେ କାହିଁକି ଏତେ ଦାଉ ସାଧୁଟୁ ବନ୍ଧୁ। କାହିଁକି ଏକ ନିଶ୍ଚିତ ପ୍ରଳୟକୁ ରୋକି ଦେଉଛ କିଛି ସମୟ ପାଇଁ? ତୁମ ଭଳି କେଇଜଣ ଏ ଜଗତରେ ଆତଯାତ ହେଉଛନ୍ତି ବୋଲି ପ୍ରଳୟ ଆସିବାରେ ଏତେ ବିଳମ୍ବ ହେଉଛି ସିନା!' ମନେ ମନେ ବିରକ୍ତ ହେଲେ ବି ଉପରକୁ ମୁହଁରେ ହସ ଫୁଟାଇ ପୂର୍ବୋକ୍ତ ଅଧିକାରୀ କହିଲେ, ଦେହ ଅସୁସ୍ଥ ଥିବାରୁ ଗତ ଦୁଇଦିନ ହେଲା ଛୁଟିରେ ଥିଲି ତ। ବକେୟା କାମ ସାରିବା ପାଇଁ ଅଫିସ ଛୁଟି ପରେ ବି ଅଟକି ରହିଛି। ହେଲେ ଏଥିସହିତ ପ୍ରଳୟ ବା ବିଳୟର ସମ୍ପର୍କ କ'ଣ?

ତାଙ୍କ ପ୍ରଶ୍ନର ଉତ୍ତରରେ ନିଜର ସେଇ ସଦାଶ୍ରୟୀ ସହକର୍ମୀଙ୍କୁ ଦ୍ୱିତୀୟ କର୍ମଚାରୀ ଯେମିତି ଯାହା ବୁଝାଇଲେ, ତା' ଭିତରେ ଦୁଇ ସମଧର୍ମୀଙ୍କ ଶ୍ଳେଷାତ୍ମକ ଲଘୁ ପରିହାସ ପ୍ରତିଫଳିତ ହେଉ ନ ଥିଲା। ବରଂ ପ୍ରତିଧ୍ୱନିତ ହେଉଥିଲା ଏକ ନିଷ୍ଠୁର ସତ୍ୟର ଗମ୍ଭୀର ପରିପ୍ରକାଶ। ସାତଘଣ୍ଟାର ଅଫିସ କାମକୁ ଦୁଇଘଣ୍ଟାରେ ସାରି ବାକି ସମୟ ଖୁସି ଗପ, ସିନେମା, ସିରିଏଲ ବା ରାଜନୀତି ଚର୍ଚ୍ଚାରେ ବିତାଇବାକୁ ଯେଉଁଠି ସାମର୍ଥ୍ୟ ଓ ସଫଳତାର ସଙ୍କେତ ଭାବେ ବିଚାର କରାଯାଏ, ସେଠି ସମସ୍ତେ ଚାଲିଯିବା ପରେ ବି ମନଧ୍ୟାନ ଦେଇ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ବିଳୟ ବିଳମ୍ବିତ ହେବାର କାରଣ ନୁହେଁ ତ ଆଉ କ'ଣ? ଆଚାରସଂହିତାର ସମସ୍ତ ଆଲୋକ ନିର୍ବାପିତ କରି ସକଳ ଜଗତକୁ ଅନାଚାରର ଅନ୍ଧକାରରେ ବୁଡ଼ାଇ ରଖିବାକୁ ସଭିଏ ଯେତେବେଳେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରତ, ସେତେବେଳେ ବତିଟିଏ ଜାଳିବାର ଆଗ୍ରହ ରଖୁଥିବା ଲୋକଟିକୁ ବନ୍ଧୁ ଜଣେ ବିଦ୍ରୂପ ନ କରନ୍ତେ ବା କାହିଁକି। ସାମାନ୍ୟ ବତିଟିର ସ୍ୱଳ୍ପ ଆଲୋକ ବିଶାଳ ଭୂଖଣ୍ଡର ବହଳ ଅନ୍ଧକାରକୁ ଦୂରୀଭୂତ ତ କରି ପାରିବ ନାହିଁ, ବରଂ ଦୂରେଇ ଦେଉଥିବ ଆଶାଲୋକର ସମ୍ଭାବନାକୁ।

ଏକା ଏକା ବତିଟିଏ ଜାଳୁଥିବା ଭଳି ଜଳୁଥିବା ବତିଟିକୁ ଲିଭାଇଦେଇ ଏକା ଏକା ଅନ୍ଧାରକୁ ଉପଭୋଗ କରୁଥିବା ଲୋକମାନଙ୍କର କୈଫିୟତ ସେଇ ଏକା ପରି। ଏକ ନୀତିନିଷ୍ଠ ସମ୍ବିଧାନରେ ଯାହା ଦୁର୍ନୀତି ବୋଲି ବିବେଚିତ, ତାହାକୁ ଆପଣେଇ ନେଲେ ସାରା ସମାଜ ନୀତିଭ୍ରଷ୍ଟ ହୋଇଯାଏ ବୋଲି ଏମାନେ ବିଶ୍ୱାସ କରନ୍ତି ନାହିଁ। ପୁଳାଏ ଲାଞ୍ଚ ନେଇ ପକେଟରେ ପୂରାଇଲେ, ଅଫିସରେ ଘଣ୍ଟାଏ କାମ କରି ଅନ୍ୟ କାମରେ ମାତିଲେ, ସରକାରୀ ଅର୍ଥ ବା ପରଧନ ହଡପ କରି ନିଜ ସିନ୍ଦୁକ ଭରିଲେ, ଅସଲି ବଦଳରେ ନକଲି ଉତ୍ପାଦନ କରି ବଜାରକୁ ଛାଡିଲେ ଅବା ନୋଟ ଦେଇ ଭୋଟ କିଣି ମନ୍ତ୍ରୀ ହେଲେ ସାରା ସମାଜଟା ଭୁଶୁଡ଼ି ପଡ଼ିବ କେମିତି। ହୋଇପାରେ, ଏହାଦ୍ୱାରା ବ୍ୟକ୍ତି ଚରିତ୍ରରେ କିଛିଟା କଳଙ୍କ ଲାଗିପାରେ (ତାହା ପୁଣି ଧରାପଡି ପ୍ରମାଣିତ ହେଲା ପରେ), ହେଲେ ସମଗ୍ର ସମାଜ କଳୁଷିତ ହେବ କେମିତି? ଗୋଟିଏ ବତି ଲିଭାଇଦେଲେ ଏତେ ବଡ଼ ଜଗତଟା ଅନ୍ଧାରରେ ବୁଡ଼ି ରସାତଳକୁ ଚାଲିଯିବ ବୋଲି କହିବାରେ କି ଯୁକ୍ତି ଅଛି?

ବଡ଼ ଅଜବ ଏ ଯୁକ୍ତି। ଉଦ୍ଦାମ ଯୁବକଟିଏ ଏକା ଏକା ଡଙ୍ଗାରେ ଚଢ଼ି ଯେତେ ଉଦଣ୍ଡ ନୃତ୍ୟ କଲେ ବି ଡଙ୍ଗାଟି ଟଳମଳ ହେଲା ସିନା, ବୁଡିଗଲା ନାହିଁ। ତା' ଦେଖାଦେଖି ଅନ୍ୟ କେଇଜଣ ସମଧର୍ମୀ ଯୁବକ ଡଙ୍ଗାଟି ଉପରକୁ ଚଢ଼ିଗଲେ ଓ ଆରମ୍ଭ କରିଦେଲେ ମର୍କଟ ସୁଲଭ ଡିଆଁକୁଦା। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ଡଙ୍ଗାଟି ବୁଡିଗଲା। ପ୍ରଥମ ଯୁବକଟି କୌଣସି ମତେ ପହଁରି ପହଁରି କୂଳରେ ଲାଗିଲା ଓ ସଫେଇଦେଲା, ଦେଖ ହୋ। ଏକା ଏକା ମୁଁ ଯେଉଁ ଭଙ୍ଗୀରେ ଯେତେ ନାଚିଲେ ବି ଡଙ୍ଗା କ'ଣ ବୁଡୁଥିଲା। ସଂଖ୍ୟା ବଢ଼ିଗଲା ବୋଲି ସିନା। ସୁତରାଂ ଡଙ୍ଗା ବୁଡିବା ପାଇଁ ମୁଁ କାହିଁକି ଦାୟୀ ହେବି?

ଅସାଧୁ ମାର୍ଗରେ ଯାଇ ନିଜ ନିଜ ଜୀବନକୁ ଶ୍ରୀମଣ୍ଡିତ କରିବା ସହ ସମାଜକୁ ଶ୍ରୀହୀନ କରୁଥିବା ସବୁ ଲୋକଙ୍କ ସଫେଇ ଏଇ ଯୁବକଙ୍କ ପରି। ହଁ ସତକଥା, ମୁଁ ଅନ୍ୟାୟ ଅନୀତି କରୁଛି। ଯାବତୀୟ ଅନାଚାରକୁ ଆପଣେଇ ନେଇ ନିଜ ପାଇଁ ଏକ ସରସ ସୁନ୍ଦର ସଂସାର ଗଢୁଛି। ନ୍ୟାୟ ନୀତି ଭଳି ମିଥ୍ୟା ଆଦର୍ଶବୋଧର ଆଲୋକକୁ ମୁଁ ସହ୍ୟ କରିପାରେନା। ଅନ୍ଧାରରେ ହିଁ ମୋର ଆନନ୍ଦ। ସେଥିପାଇଁ ମୋ ବିବେକବତିକୁ ମୁଁ ଲିଭାଇଦେଇଛି ନିଜ ହାତରେ। ତା' ବୋଲି ଜଗତ ଯାକର ଅନ୍ଧାର ପାଇଁ କ'ଣ ମୁଁ ଦାୟୀ? ସମାଜ ନଷ୍ଟଭ୍ରଷ୍ଟ ହୋଇଯିବା ପାଇଁ ଅନ୍ୟାନ୍ୟ କାରଣ ଥାଇପାରେ। ମୁଁ ନୁହେଁ କି ମୋ ଅନ୍ଧାର ପ୍ରୀତି ନୁହେଁ।

ଏମିତି ସ୍ପର୍ଦ୍ଧିତ ଉଦ୍‌ଘୋଷଣା କରି ନିଜକୁ ଦୋଷମୁକ୍ତ ବିଚାରୁଥିବା ଲୋକଟିର ପରିଚୟ କ'ଣ? ସାମାଜିକ ପ୍ରାଣୀ ତ! ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ସର୍ବନିମ୍ନ ଉପାଦାନ ଯେଉଁ ସମାଜରୁ ସଂଗୃହୀତ, ସେଇ ସମାଜଠୁ ନିଜକୁ ଯେତେ ଦୂରେଇ ରଖିଲେ ବି ସମାଜ କିନ୍ତୁ ମଣିଷର ଅନୁଧାବନ କରୁଥାଏ ଅହରହ। ବତିଟିଏ ଜାଳି ଅନ୍ୟମାନଙ୍କୁ ଆଲୋକିତ କରୁଥିବା ଭଲ ମଣିଷ ଓ ବତିଟି ଲିଭାଇ ଅନ୍ୟମାନଙ୍କୁ ଅନ୍ଧାର ମଧ୍ୟକୁ ଠେଲି ଦେଉଥିବା ଖରାପ ମଣିଷ, ଉଭୟଙ୍କୁ କୋଳେଇ ନେଇ ସମାଜ ଆଗେଇ ଚାଲୁଥାଏ ସମୟର ପ୍ରବହମାନ ସ୍ରୋତରେ। କେବଳ ଫରକ ଏତିକି, ଭଲ ମଣିଷର ଭଲପଣିଆକୁ ନେଇ ସେ ଉଜ୍ଜ୍ୱଳ ଦିଶୁଥିଲା ବେଳେ ଅତ୍ୟନ୍ତ ମଳିନ ଓ ବିବର୍ଣ୍ଣ ଦିଶେ ତା'ର ଚେହେରା ମନ୍ଦ ଲୋକଙ୍କ କଦର୍ଯ୍ୟ ଆଚରଣରେ।

ଅତଏବ, ମଣିଷ ରହିଲେ ସମାଜ ରହିବ। ସମାଜ ଭିତରେ ଭଲ ଥିବ, ଖରାପ ବି ଥିବ। ରାମ ଥିବେ, ରାବଣ ବି ଥିବ। କୃଷ୍ଣ ରହିବେ, କଂସ ମଧ୍ୟ ରହିବ। ସମାନୁପାତିକ ଭାବେ ଉଭୟଙ୍କ ସଂଖ୍ୟା ସମାନ ରହୁଥିଲେ ଆଉ କଥା ନ ଥାନ୍ତା। ସମାଜରେ ନୀତି ଅନୀତି ଓ ଆଚାର ଅନାଚାରର ଭାରସାମ୍ୟ ରକ୍ଷା ସହଜ ହୁଅନ୍ତା। ରାବଣର ଅସୁରପଣ ସହ ଧକ୍କା ଖାଇ ସମାଜ ଆହତ ହେଉଥିଲେ ରାମଙ୍କ ଉଦାର ହାତ ଲମ୍ବି ଆସୁଥାନ୍ତା ସାନ୍ତ୍ୱନା କରିବା ପାଇଁ। ମାତ୍ର ସମୟର ଦୁର୍ଭାଗ୍ୟ, ଏବେ ଏଠି ରାମଙ୍କ ସଂଖ୍ୟା କମି କମି ଯାଉଥିବା ବେଳେ ବଢ଼ି ବଢ଼ି ଚାଲିଛନ୍ତି ରାବଣଗଣ। ଭଲକୁ ପଛକୁ ଠେଲିଦେଇ ଆଗକୁ ମାଡିଚାଲିଛି ଖରାପର ବିଜୟ ଶୋଭାଯାତ୍ରା। ସମାଜର ଏ ପ୍ରକାର ଗତି ଦେଖି କିଛି ଲୋକ ନିଜ ଭଲପଣକୁ ନେଇ ହନ୍ତସନ୍ତ ହେବା ଅପେକ୍ଷା ଟିକେ ଭଲରେ ବଞ୍ଚିବା ପାଇଁ ସେଇ ଶୋଭାଯାତ୍ରାରେ ଯୋଗ ଦେଉଛନ୍ତି ତ ଆଉ କେତେକ ନିର୍ଯାତିତ ହୋଇ ସେମାନଙ୍କ ଉଦ୍ଧାର ପାଇଁ ନୀରବରେ ଅପେକ୍ଷା କରି ରହୁଛନ୍ତି କେଉଁ ଏକ ଦିବ୍ୟଶକ୍ତିର ଆବିର୍ଭାବକୁ।

ଏ ପ୍ରସଙ୍ଗରେ ଜଣେ ବିଶିଷ୍ଟ ବିଦ୍ୱାନଙ୍କ ବକ୍ତବ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। କେଇବର୍ଷ ତଳେ ଏ ଲେଖକ ଯାଇଥିଲା ଏକ ସାରସ୍ୱତ ସମାବେଶକୁ ମୁଖ୍ୟବକ୍ତାର ଭୂମିକା ନେଇ। ବସ୍ତୁବାଦୀ ସଭ୍ୟତା ଓ ଉଗ୍ର ଆଧୁନିକତାର ଆସୁରିକ ଆକ୍ରମଣରେ ଭଲପଣିଆର ଅବକ୍ଷୟ ଘଟୁଥିବାରୁ ସେ ଚିନ୍ତାପ୍ରକଟ କରିଥିଲା ତା' ଭାଷଣ ପ୍ରସଙ୍ଗରେ। ସେଇ ଆସରର ମୁଖ୍ୟଅତିଥି ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ମହୋଦୟ। ତାଙ୍କ ଭାଷଣରେ ସେ ଏ ଲେଖକର ଉଦ୍‌ବେଗ ସହ ଏକମତ ନ ହୋଇ ଏକ ଅଭିନବ ତତ୍ତ୍ୱର ଅବତାରଣା କରିଥିଲେ। କହିଥିଲେ 'ପ୍ରତ୍ୟେକ ଯୁଗରେ ଭଲ ସହିତ ଖରାପ ମିଶି ରହିଛି ଓ ରହିବ। ଖରାପ ତୁଳନାରେ ଭଲ କମ୍ ଲୋକଙ୍କ ଗ୍ରହଣୀୟ ହେବ। ମାତ୍ର ଏଥିପାଇଁ ଭଲପଣିଆ ଉପରୁ ଆସ୍ଥା ହରାଇ ବସିଲେ ଖରାପ ଲୋକଙ୍କ ସଂଖ୍ୟା କମିବ ତ ନାହିଁ, ବରଂ ଭଲ ଲୋକଙ୍କ ଭଲପଣିଆର ଅସମ୍ମାନ ହେବ।'

ବୃତ୍ତିରେ କୁଳପତି ମହୋଦୟ ଜଣେ ବିଶିଷ୍ଟ ଗଣିତଜ୍ଞ ହୋଇଥିବାରୁ ଗାଣିତିକ ସୂତ୍ରର ସାହାଯ୍ୟ ନେଇ ବୁଝାଇ ଦେଇଥିଲେ। ବର୍ତ୍ତମାନ ଉପଭୋକ୍ତାବାଦ ମଧ୍ୟରେ ସାଧାରଣ ଲୋକଙ୍କ ଚେତନାରେ ଆଶୁ ଉପଲବ୍ଧିର ବିଚାର ପ୍ରାଧାନ୍ୟ ବିସ୍ତାର କରିଛି। ଚରମ ସଙ୍କଟ ଦେଇ ଗତି କରୁଛି ମୂଲ୍ୟବୋଧର ମହତ୍ତ୍ୱ। ଭଲ ବିଭକ୍ତ ଖରାପ ପ୍ରକ୍ରିୟାରେ ଲବ କମ୍ ହୋଇ ହର ଅଧିକ ହୋଇପଡିଛି। ମୂଲ୍ୟବୋଧର ମୂଲ୍ୟାଙ୍କ ଏକ ତଳକୁ ଖସିପଡିଛି। ଏମିତି ଏକ ସଙ୍କଟ ସମୟରେ ଯେଉଁ ଅଳ୍ପ କେତେକ ଭଲ ଲୋକ ନିଜ ଭଲପଣିଆ ନେଇ ତଥାପି ତିଷ୍ଠି ରହିଛନ୍ତି, ସେମାନଙ୍କ ବିଶ୍ୱାସକୁ ଅଧିକ ବଳିଷ୍ଠ କରି ଗଢି ତୋଳିବାକୁ ପଡିବ। କେବଳ ନିଜର ବିଶ୍ୱାସ ନୁହେଁ, ଅନ୍ୟର ବିଶ୍ୱାସକୁ ପ୍ରଭାବିତ କରିବା ପାଇଁ ସେମାନଙ୍କୁ ଅଧିକ ଭଲ, ଅଧିକ ଉଦାର ହେବାକୁ ପଡ଼ିବ। ଯେମିତି ଭଲପଣିଆର ଲବ ଅଧିକ ହୋଇ ଖରାପ ଗୁଣଠୁ ନିଜ ପ୍ରାଧାନ୍ୟ ବିସ୍ତାର କରିପାରିବ। ସାମ୍ପ୍ରତିକ ସାମାଜିକ ସ୍ଥିତିରେ ଭଲ ବିଭକ୍ତ ଖରାପର ଏମିତି ଏକ ଭଗ୍ନାଂଶ ହାତଗଣତି ଭଲ ଲୋକଙ୍କ ପାଇଁ ସହଜସାଧ୍ୟ ହୋଇ ନ ପାରେ। ମାତ୍ର ଅସମ୍ଭବ ନୁହେଁ। ବାସ୍, କେବଳ ଏକ ସାର୍ଥକ ଜୀବନ ପାଇଁ ଆକୁଳତା ଓ ଏକ ଶୁଦ୍ଧ ସମାଜ ଗଠନ ପାଇଁ ବ୍ୟାକୁଳତା ହିଁ ଲୋଡ଼ା।

ଉପସଂହାରରେ ଆଉ ଥରେ ସେଇ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କ କଥା, ଯିଏ ଅଫିସ ସରିଲାପରେ ବି କାମ କରି ଚାଲିଛନ୍ତି କେବଳ କମିଯାଇଥିବା ଲବର ଅଙ୍କକୁ ବଢ଼ାଇବା ପାଇଁ। କ୍ରମେ କ୍ରମେ ଲିଭି ଆସୁଥିବା ମୂଲ୍ୟବୋଧର ବତିକୁ ପ୍ରଜ୍ୱଳିତ କରି ଏ ସମାଜକୁ ଆଲୋକିତ କରିବା ପାଇଁ। ବିଦ୍ୱାନ କୁଳପତିଙ୍କ ଗାଣିତିକ ବିଶ୍ଲେଷଣ ଯେ ଅର୍ଥହୀନ ନୁହେଁ, ଏ କଥାର ପ୍ରମାଣ ଦେବା ପାଇଁ।

ପ୍ରଜ୍ଞା ନିଳୟ ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ–୮୮୯୫୬୭୨୪୧୦୫

# ଲଦାଖର ତତ୍ତ୍ୱାବଧାରକ

ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇଆସିଥିବା ସମ୍ବିଧାନର ୩୭୦ ଧାରାକୁ କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଉଚ୍ଛେଦ କରିଥିଲେ। ଏଥିସହିତ ଏହାକୁ ଦିଆଯାଇଥିବା ରାଜ୍ୟର ମାନ୍ୟତାକୁ ହଟେଇ ଦିଆଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ କରାଯିବା ବିଷୟ ଘୋଷଣା ହୋଇଥିଲା। ୩୧ ଅକ୍ଟୋବରରେ ଏହି ଦୁଇଟି ବିଧିବଦ୍ଧ ଭାବେ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ମାନ୍ୟତା ପାଇବା ପରେ ଦୁଇ ଜଣ ଉପରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଡକ୍ଟର ଗିରୀଶ ଚନ୍ଦ୍ର ମୁର୍ମୁ ଜମ୍ମୁ ଓ କଶ୍ମୀର ଉପରାଜ୍ୟପାଳ ହୋଇଥିବା ବେଳେ ରାଧାକ୍ରିଷ୍ଣ ମାଥୁର ଲଦାଖର ଉପରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲଦାଖବାସୀ ସର୍ବଦା ଅବହେଳାର ଶିକାର ହୋଇଆସୁଥିବା ଅଭିଯୋଗ ହୋଇଥାଏ। ଦୀର୍ଘବର୍ଷ ଧରି ଭାରତ, ପାକିସ୍ତାନ ଓ ଚାଇନା ମଧ୍ୟରେ ଲଦାଖ ଏକ ବିବାଦୀୟ ଅଞ୍ଚଳ ରହିଆସିଛି। ଏବେ ଏହାକୁ କେନ୍ଦ୍ର ଶାସିତ ମାନ୍ୟତା ଦିଆଯିବା ପରେ ଅଞ୍ଚଳବାସୀଙ୍କ ଉନ୍ନତି ସମ୍ଭବ ହୋଇପାରିବ ବୋଲି କୁହାଯାଉଛି। ମାଥୁର ଜଣେ ଅଭିଜ୍ଞ ପ୍ରଶାସକ ହୋଇଥିବାରୁ ଲଦାଖର ଉପରାଜ୍ୟପାଳ ଭାବେ ଗୁରୁଦାୟିତ୍ୱ ତୁଲାଇବେ ବୋଲି ଆଶା କରାଯାଉଛି।

ରାଧାକ୍ରିଷ୍ଣ ୨୫ ନଭେମ୍ବର ୧୯୫୩ରେ ଉତ୍ତରପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ଆଇଆଇଟି କାନପୁରରୁ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ କରିବା ପରେ ସେ ଆଇଆଇଟି ଦିଲ୍ଲୀରୁ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟରିଂରେ ଏମ୍‌ଟେକ୍ କରିଥିଲେ। ସ୍ଲୋଭେନିଆରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ମାଥୁର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗଦେଇଥିଲେ। ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡରର ଏହି ଆଇଏଏସ୍ ଅଫିସର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ସେ ତ୍ରିପୁରାର ପ୍ରମୁଖ ସଚିବ (ଅର୍ଥ), ପ୍ରମୁଖ ସଚିବ (କୃଷି). ପ୍ରମୁଖ ସଚିବ (ଗ୍ରାମ୍ୟ ଉନ୍ନୟନ), ରେସିଡେଣ୍ଟ କମିଶନର ଅଫ୍ ତ୍ରିପୁରା, ରାଜସ୍ୱ ସଚିବ, ତ୍ରିପୁରା ଟ୍ରାଇବାଲ ଏରିଆ ଅଟୋନମସ ଡିଷ୍ଟ୍ରିକ୍ଟ କାଉନ୍‌ସିଲର ସିଇଓ ଏବଂ ମୁଖ୍ୟ ସଚିବ ଭଳି ପଦ ମଣ୍ଡନ କରିଥିଲେ। ସେହିଭଳି କେନ୍ଦ୍ର ସରକାରରେ ପ୍ରତିରକ୍ଷା ଉତ୍ପାଦନ ସଚିବ, ପ୍ରତିରକ୍ଷା ସ୍ୱତନ୍ତ୍ର ସଚିବ, ବୟନ ମନ୍ତ୍ରଣାଳୟ ଉନ୍ନୟନ କମିଶନର ଏବଂ ମେ ୨୦୧୩ରେ ଦୁଇବର୍ଷ ସକାଶେ ପ୍ରତିରକ୍ଷା ସଚିବ ରହିଥିଲେ। ୨୪ ମେ ୨୦୧୫ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ୧୮ ଡିସେମ୍ବର ୨୦୧୫ରେ ତାଙ୍କୁ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି (ଏସିସି) ଦ୍ୱାରା ଭାରତୀୟ ସୂଚନା କମିଶନରେ ଅବସ୍ଥାପିତ କରାଯାଇଥିଲା। ୫ ଜାନୁୟାରୀ ୨୦୧୬ରେ ମାଥୁରଙ୍କୁ ମୁଖ୍ୟ ସୂଚନା କମିଶନର ଭାବେ ଦାୟିତ୍ୱ ଦିଆଯାଇଥିଲା। ୨୪ ନଭେମ୍ବର ୨୦୧୮ରେ ସେ ଉକ୍ତ ପଦରୁ ଅବସର ନେଇଥିଲେ।

ଚାକିରି ଜୀବନରେ ମାଥୁର ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ତାହାକୁ ସଫଳତାର ସହ ମୁକାବିଲା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତ୍ରିପୁରାର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କଲା ବେଳେ ସେଠାକାର ପଛୁଆ ଓ ସୀମାନ୍ତ ଅଞ୍ଚଳର ସମସ୍ୟା ସମାଧାନ ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏବେ ଲଦାଖ ଭଳି ସୀମାନ୍ତ କେନ୍ଦ୍ର ଶାସିତ ଅଞ୍ଚଳରେ ତାଙ୍କୁ ଉପରାଜ୍ୟପାଳ ଭାବେ ସାମ୍ବିଧାନିକ ପଦବୀ ମିଳିବା ନିଶ୍ଚିତ ଭାବେ ମାଥୁରଙ୍କ ସକାଶେ ଆହ୍ୱାନ ସୃଷ୍ଟି କରିବ। ୩୧ ଅକ୍ଟୋବରରେ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ବିଧିବଦ୍ଧ ମାନ୍ୟତା ପାଇବା ପରେ ଚାଇନା ପ୍ରତିକ୍ରିୟା ପ୍ରକାଶ କରିଛି। ଚାଇନାର କିଛି ଇଲାକାକୁ ଭାରତ ଲଦାଖ ଭିତରେ ମିଶାଇ ଦେଇ ତା'ର ସାର୍ବଭୌମତ୍ୱ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ବେଜିଂ କହିଛି। ଏଭଳି ସ୍ଥଳେ ଭାରତ ଓ ଚାଇନା ମଧ୍ୟରେ ଲଦାଖ ଆହୁରି ବିବାଦୀୟ ହେଉଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ମାଥୁରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

ବ୍ୟକ୍ତିତ୍ୱ



ରାଧାକ୍ରିଷ୍ଣ ମାଥୁର

## ଏଇ ଭାରତରେ

ଦେଶରେ ମହିଳାବିରୋଧୀ ଅପରାଧ ନିତି ସାମ୍ନାକୁ ଆସୁଛି। କିନ୍ତୁ ଏମିତି କମ୍ ଲୋକ ଅଛନ୍ତି ଯେଉଁମାନେ ପୀଡିତାଙ୍କ ସହ ପ୍ରତି କ୍ଷେତ୍ରରେ ଠିଆହୋଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଗୁଡଗାଓଁ ନିବାସୀ ଅଞ୍ଜୁ ରାଓ୍ୱତ ସମ୍ପୂର୍ଣ୍ଣ ଭିନ୍ନ। ୪୨ ବର୍ଷୀୟା ଅଞ୍ଜୁ ପେସାରେ ଆଇନଜୀବୀ। ବଳାତ୍କାର ଓ ଏସିଡ୍ ଆକ୍ରମଣର ଶିକାର ହେଉଥିବା ଗରିବ ମହିଳା ତଥା ଝିଅଙ୍କ ପାଇଁ ବିନା ଦେୟରେ ସେ ମକଦ୍ଦମା ଲଢୁଛନ୍ତି। ଏଯାବତ୍ ଅଞ୍ଜୁ ୭୦ ଜଣଙ୍କୁ ନ୍ୟାୟ ଦେଇସାରିଲେଣି। ଉତ୍ତରାଖଣ୍ଡର ମୂଳ ବାସିନ୍ଦା ଅଞ୍ଜୁ ୨୦୦୫ରୁ ଗୁଡଗାଓଁରେ ଓକିଲାତି କରୁଛନ୍ତି। ସେ ୨୦୧୧ରେ ଏକ ଏନ୍‌ଜିଓ ଗଠନ କରିଥିଲେ। ପ୍ରଥମେ ଜଣେ ୬ ବର୍ଷୀୟା ଝିଅ ଲାଗି ମାମଲା ଲଢିଥିଲେ। ଜଣେ ରିକ୍ସା ଚାଳକଙ୍କର ଏହି ଝିଅଟି ବଳାତ୍କାରର ଶିକାର ହୋଇଥିଲେ ଓ ଏଥିରେ ସମ୍ପୃକ୍ତ ଦୁଇ ଅପରାଧୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଅଞ୍ଜୁ ବଳାତ୍କାର ଓ ଏସିଡ୍ ପୀଡିତାମାନଙ୍କୁ ଆଇନ ସହାୟତା ଦେବା ସହ ଶିକ୍ଷା ଓ ରୋଜଗାରର ବ୍ୟବସ୍ଥା ମଧ୍ୟ କରିଛନ୍ତି।

### ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ!
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ!
(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଙ୍କଟରେ ସୃଷ୍ଟି

ମହାଶୟ,

ପ୍ରତିଦିନ ଟେଲିଭିଜନ ପରଦାରେ, ଖବରକାଗଜ ପୃଷ୍ଠାରେ ଆଖି ପକାଇଲେ ଝିଅଙ୍କୁ ବଳାତ୍କାର ନେଇ କେତେ ଯେ ଖବର ତା'ର ହିସାବ ନାହିଁ। ଲମ୍ବି ଲମ୍ବି ଚାଲିଛି ଜଣ ବା ଗଣବଳାତ୍କାରର କାହାଣୀ। କେଉଁଠି ଝିଅଟି ତା'ର ସମ୍ପର୍କୀୟ ଭାଇ ତ କେଉଁଠି ବଡବାପା, କକା, ଭିଣୋଇ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଲଜ୍ଜାରେ ଆତ୍ମହତ୍ୟା କରୁଛି ବା ବଳାତ୍କାର ପରେ ତାକୁ ମାରି ଦିଆଯାଉଛି। ଯେଉଁ ଝିଅମାନେ ବଳାତ୍କାରର ଶିକାର ହେଉଛନ୍ତି ସେମାନଙ୍କ ମଧ୍ୟରୁ ସାବାଳିକାଠାରୁ ନାବାଳିକା ସଂଖ୍ୟା ଅଧିକ। ଏପରିକି ଶିଶୁକନ୍ୟା ମଧ୍ୟ ବାଦ୍ ଯାଉନାହାନ୍ତି। ସବୁଠୁ ପରିତାପର ବିଷୟ ନିଜ ବାପା ମଧ୍ୟ ନିଜ ଝିଅକୁ ବଳାତ୍କାର କରିବାକୁ ପଛାଉ ନାହିଁ। ସରକାର ନାରୀମାନଙ୍କର ସୁରକ୍ଷା ପାଇଁ ଯେତେ ବ୍ୟବସ୍ଥା କଲେ ମଧ୍ୟ, ନ୍ୟାୟାଳୟ ଅଭିଯୁକ୍ତଙ୍କ ପ୍ରତି ଯେତେ କଠୋର ଦଣ୍ଡ, ଏପରି କି ମୃତ୍ୟୁଦଣ୍ଡ ଦେଲେ ମଧ୍ୟ ବଳାତ୍କାର କମୁନି ବରଂ ବଢି ବଢି ଚାଲିଛି। ସାରା ଦେଶରେ ଏବେ ଝିଅଙ୍କ ସଂଖ୍ୟା ପୁଅଙ୍କଠାରୁ କମି କମି ଯାଉଛି। ଏହା ଏକ ଉଦ୍‌ବେଗର ବିଷୟ। ଈଶ୍ୱରଙ୍କ ସୃଷ୍ଟିରେ ନାରୀ ହେଉଛି ସୃଷ୍ଟିକର୍ତ୍ତ୍ରୀ। ଯଦି ମଣିଷ ଏଭଳି ଭାବରେ ପଶୁ ପାଲଟିଯିବ, ତା'ହେଲେ କ୍ଷୟ ହୋଇ ଚାଲିବେ ସୃଷ୍ଟିକର୍ତ୍ତ୍ରୀମାନେ। ସୃଷ୍ଟିକର୍ତ୍ତ୍ରୀମାନଙ୍କ ବିନା କେମିତି ନିର୍ମାଣ ହେବ ଏ ସୃଷ୍ଟି।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### କସ୍ତୁରବା ବିଦ୍ୟାଳୟରେ ୯ମ/୧୦ମ ଶ୍ରେଣୀ ରହୁ

କିଛିବର୍ଷ ହେଲା ରାଜ୍ୟର ପ୍ରତି ବ୍ଲକରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ କରି ଅଧାରୁ ପାଠ ଛାଡୁଥିବା ଗ୍ରାମାଞ୍ଚଳର ଝିଅମାନଙ୍କ ଶିକ୍ଷାର ଉନ୍ନତି ହେଉଛି। କିନ୍ତୁ ଉକ୍ତ ବିଦ୍ୟାଳୟରେ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବାରୁ ୮ମ ପାସ୍ ହେବା ପରେ ସେମାନଙ୍କୁ ଅନ୍ୟ ବିଦ୍ୟାଳୟରେ ୯ମ ଶ୍ରେଣୀ ପଢିବା ପାଇଁ କହି ହଷ୍ଟେଲରୁ ବାହାର କରି ଦିଆଯାଉଛି। ସେମାନେ ଅନ୍ୟ ବିଦ୍ୟାଳୟରେ ହଷ୍ଟେଲର ବ୍ୟବସ୍ଥା ନ ଥାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ କେତେଜଣ ପୁଣିପାଠ ଛାଡି ଦେଉଛନ୍ତି। ତେଣୁ ସରକାର ୯ମ ଓ ୧୦ମ ଶ୍ରେଣୀର ବ୍ୟବସ୍ଥା କରି ଗରିବ, ଆଦିବାସୀ ଝିଅଙ୍କୁ ଉପଯୁକ୍ତ ନ୍ୟାୟ ଦେବେ ବୋଲି ଆଶା କରୁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ଶିକ୍ଷକ ସମସ୍ୟା ସମାଧାନ ନ କଲେ, ସ୍କୁଲ୍‌ରେ ପଡ଼ିବ ତାଲା

**ଜମନକିରା, ୨ । ୧୧ (ଡି.ଏନ୍.ଏ.)**- ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ (ଏସ୍ଏସ୍‌ଡ଼ି) ହାଇସ୍କୁଲର ଶିକ୍ଷକ ସମସ୍ୟା ସମାଧାନ କରାଯାଉ। ନ ହେଲେ ଆସନ୍ତା ନଭେମ୍ବର ୬ ତାରିଖ ଦିନ ସ୍କୁଲରେ ତାଲା ପକାଯିବ ସହ ଧାରଣା ଦିଆଯିବ ବୋଲି । ଶନିବାର ଅଭିଭାବକମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଏକ ଦାବିପତ୍ରରେ ଏହା ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ସ୍ଥାନୀୟ ଏବିଡ଼ିଓ ପ୍ରଦୀପ ଛୁରିଆଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିତେନ୍ଦ୍ର ପଧାନ, ପଞ୍ଚାନନ ପଧାନ, ହରି ବାଘ, ବିରେନ୍ଦ୍ର ଦାନୀ, ଅମୂଲ୍ୟରଞ୍ଜନ ସ୍ୱାଇଁ, ଦିବ୍ୟରାଜ ଭୋଇ, ଆରତୀ ସାହୁଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଏହି ହାଇସ୍କୁଲରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ୨ ଶହରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି। ପୂର୍ବ ଶିକ୍ଷା ବର୍ଷରେ ଏଠାରେ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିଲେ। ଚଳିତ ଶିକ୍ଷା ବର୍ଷରେ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ବହୁବାର ଅଭିଯୋଗ କରି ଆସୁଛନ୍ତି। ହେଲେ ଶିକ୍ଷକ ସମାସ୍ୟା ସମାଧାନ କରାଯାଇ ପାରିନାହିଁ। ଏ ନେଇ ଗତ ଅକ୍ଟୋବର ୨୮ ତାରିଖ ଦିନ ସ୍କୁଲ ପରିଚାଳନା କମିଟି ବୈଠକରେ ଶିକ୍ଷକ ସମାଧାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏକ ମାସ ମଧ୍ୟରେ ଶିକ୍ଷକ ପୂରଣ କରା ନ ଗଲେ ଆନ୍ଦୋଳନ କରାଯିବା ନେଇ ବିଭାଗକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲେ। ତେବେ ଏଯାବତ୍ ଶିକ୍ଷକ ପୂରଣ କରାଗଲା ନାହିଁ।

### ବିକାଶରେ ଫ୍ରେସର୍ସ ଡେ

**ବରଗଡ଼ ଅଫିସ୍, ୨।୧୧**- ବରଗଡ଼ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଫ୍ରେଶର୍ସ ଡେ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବରେ ଗତ ଡିପ୍ଲୋମା ୱିଣ୍ଟର ସେମିଷ୍ଟାର ୨୦୧୮ ଏବଂ ସମର ସେମିଷ୍ଟାର ୨୦୧୯ ପରୀକ୍ଷାରେ ରାଜ୍ୟସ୍ତରରେ ଟପ୍ ର୍ୟାଙ୍କରେ ରହିଥିବା ୨୪ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିକାଶ ପଲିଟେକ୍‌ନିକ୍‌ର ଛାତ୍ର ସମୀର ନାୟକଙ୍କୁ ମିଷ୍ଟର ଫ୍ରେସର, ଛାତ୍ରୀ ମନିଷା ସେନାପତିଙ୍କୁ ମିସ୍ ଫ୍ରେସର, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଛାତ୍ର ଜି. ସାଇଭେଙ୍କଟଙ୍କୁ ମିଷ୍ଟର ଫ୍ରେସର, ଛାତ୍ରୀ ବିନିତା ପଟେଲଙ୍କୁ ମିସ୍ ଫ୍ରେସର ଭାବେ ବିବେଚିତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲେ। ଇଞ୍ଜିନିୟରିଂ କଲେଜର ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବି-ଟେକ୍ ଏବଂ ଡିପ୍ଲୋମାର ୨ୟ ବର୍ଷ ଛାତ୍ରୀଛାତ୍ର ପରିଚାଳନା କରିଥିଲେ ।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଛଟ୍ ବ୍ରତଧାରୀଙ୍କ ଅର୍ଘ୍ୟ

**ସମ୍ବଲପୁର, ୨।୧୧ (ବ୍ୟୁରୋ)**

ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା ଶନିବାର ସମ୍ବଲପୁରରେ ପାଳିତ ହୋଇଛି । ମହାନଦୀ ଅଯୋଧ୍ୟା ସରୋବରରେ ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନେ ସ୍ନାନ କରିବା ପରେ ନୂଆଁବସ୍ତ୍ର ପରିଧାନ କରିଥିଲେ। ଏହାପରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସ୍ୱତନ୍ତ୍ର ପୂଜା କରିବା ସହ ଅର୍ଘ୍ୟ ଅର୍ପଣ କରିଥିଲେ । ରଙ୍ଗୀନ ଆତସବାଜିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭକ୍ତି ସଂଗୀତର ମୂର୍ଚ୍ଛନାରେ ଭକ୍ତମାନେ ଅଯୋଧ୍ୟା ସରୋବରସ୍ଥିତ ସୂର୍ଯ୍ୟ ମନ୍ଦିରରେ ପ୍ରଣିପାତ କରି ଆଶୀର୍ବାଦ ଭିକ୍ଷା କରିଥିଲେ। କେତେକ ଭକ୍ତ ମନସ୍କାମନା ପୂରଣ ଲାଗି ରାସ୍ତାରେ ଷାଷ୍ଟାଙ୍ଗ ପ୍ରଣିପାତ କରିଥିବା ଦେଖିବାକୁ ମିଳିଥିଲା । ଅସ୍ତଗାମୀ ସୂର୍ଯ୍ୟଙ୍କ ବିଚ୍ଛୁରିତ ରକ୍ତିମ କିରଣରେ ଅଯୋଧ୍ୟା ସରୋବର ଝଲସି ଉଠିଥିଲା । ଏହା ସାଙ୍ଗକୁ ବାଳିକା, ବାଳକ, ଯୁବତୀ, ଯୁବକଙ୍କ ନୌକା ବିହାର ଦୃଶ୍ୟ ମନୋରମ ଥିଲା। ଝାଡୁଆପଡା, ନନ୍ଦପଡା, ବାଲିବନ୍ଧା, ମିସିନ ଘାଟ, ସମଲେଶ୍ୱରୀ ଘାଟ, ବଡବଜାର ସଡକ ଘାଟ, ମନ୍ଦଲିଆ ମହାଣ, ବରେଇପାଲି ନାଳା, ବରେଇପାଲି ପୋଖରୀ, କାଇଁଶିର ପୋଖରୀ ପ୍ରଭୃତି ଅଞ୍ଚଳରେ ମଧ ଭକ୍ତମାନେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ରାତ୍ରିରେ ବିଭିନ୍ନ ଅଞ୍ଚଳରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରବିବାର ପ୍ରାତଃରେ ମଧ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ରୀତି ରହିଛି। ସେହିଭଳି ବରେଇପାଲି ନାଲେଶ୍ୱର ଧାମରେ ଛଟପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ନାଲେଶ୍ୱର ଧାମ ପୂଜା କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ନଗରପାଳ ଗିରିଶ ପଟେଲ ଯୋଗ ଦେଇଥିଲେ । ବରେଇପାଲି, ପାଞ୍ଚଗୋଛିଆ, ରେମଡ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଛଟ ବ୍ରତଧାରୀ ସାମିଲ ହୋଇ ଅସ୍ତଗାମି ସୂର୍ଯ୍ୟଙ୍କୁ ଅର୍ଘ ଅର୍ପଣ କରିଥିଲେ । ଟାଟାର ନୃତ୍ୟ ଗୃପ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜା କମିଟି ସଭାପତି ସନ୍ତୋଷ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥଲେ।

**ରେଙ୍ଗାଲି,(ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପକ୍ଷରୁ ଭେଡେନ ନଦୀ କୂଳରେ ଛଟ୍ ପୂଜା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିସ୍ଥିତ ରାମସାଗର ପୋଖରୀରେ ମଧ ଛଟ୍ ପୂଜା ଅନୁଷ୍ଠିତ ହୋଇଥିଲା।





ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବରରେ ଭକ୍ତମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି (ବାମ)। ଶନିବାର ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ନୌକା ବିହାର ଦୃଶ୍ୟ ।

## ସିଙ୍ଗାପୁର ଓପନ୍ ସୁଇମିଂ ମିଟ୍‌ରେ ସମ୍ବଲପୁର ସନ୍ତରଣକାରୀଙ୍କ କୃତିତ୍ୱ

**ସମ୍ବଲପୁର, ୨।୧୧ (ବ୍ୟୁରୋ)**

ସିଙ୍ଗାପୁର ଓପନ ସୁଇମିଂ ମିଟ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତରୁ ପ୍ରତିନିଧିତ୍ୱ କରି ସମ୍ବଲପୁରର ପ୍ରେମରଞ୍ଜନ ପ୍ରଧାନ (୬୫ ବର୍ଷ) ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି । ସେ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ ଓ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ହରେକୃଷ୍ଣ ପଣ୍ଡା (୬୫ ବର୍ଷ) ମଧ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ, ନାରାୟଣ ପଣ୍ଡା (୭୦ ବର୍ଷ) ୫୦ ମିଟର ଫ୍ରି ଷ୍ଟାଇଲରେ ଓ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ପଦକ ପାଇଛନ୍ତି । ଏହି ୩ଜଣ ସନ୍ତରଣବିତ ଓଡିଶା ମାଷ୍ଟର ସୁଇମର୍ସ କ୍ଲବର ସଦସ୍ୟ । ତେଣୁ ଶନିବାର ଏକ ପ୍ରେସ ବିବୃତିରେ ସୁନ୍ଦରମଣୀ ବାରିକଙ୍କ ସମେତ ସମ୍ପାଦକ ଜୟନ୍ତ ପାଣ୍ଡେ ଓ ସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।



ସିଙ୍ଗାପୁର ଓପନ ସୁଇମିଂ ମିଟ୍‌ରେ ଭାଗ ନେଇ ସଫଳତା ହାସଲ କରିଥିବା ସମ୍ବଲପୁରର ସନ୍ତରଣକାରୀମାନେ ।

**RAMA DEVI WOMEN'S UNIVERSITY, BHUBANESWAR**

No.4358 **WALK-IN-INTERVIEW** Dt.02.11.19

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) in any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**



ଶନିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫୁଟବଲ ଦଳ ।

## ଜିଏମ୍‌ୟୁ ଫୁଟବଲ୍ ଦଳର କଟକ ଯାତ୍ରା

**ସମ୍ବଲପୁର, ୨।୧୧ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଫୁଟବଲ ଦଳ ଶନିବାର କଟକ ଯାତ୍ରା କରିଛନ୍ତି । କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ହେବ। ପ୍ରଶିକ୍ଷକ ଲିଙ୍ଗରାଜ ବେହେରା ଓ ଟିମ ମ୍ୟାନେଜର ବିକାଶ ମିଶ୍ରଙ୍କ ନେତୃତ୍ୱରେ ୨୦ ଜଣିଆ ଫୁଟବଲ ଦଳ କଟକ ଯାତ୍ରା କରିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, କୁଳସଚୀବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚୀବ ଉମାଚରଣ ପତି ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## କାନ୍ଥ ଭାଙ୍ଗି ଦୋକାନରୁ ଚୋରି

**ଅମ୍ବାଭୋନା, ୨।୧୧ (ଡି.ଏନ.ଏ)**

ଅମ୍ବାଭୋନା ଥାନା ପ୍ରକାଶପୁର ମୁଖ୍ୟ ଆର୍‌ଡି ରାସ୍ତା ନିକଟସ୍ଥ ଆତିତୋଷ ଡିଲାଙ୍କ ପାନ ଓ କିରାନା ଦୋକାନ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚୋରି କରିନେଇଛନ୍ତି । ଏ ନେଇ ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଆଲୋକ ବେହେରା ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଯାଞ୍ଚ କରିଛନ୍ତି ।

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା
ଫୋନ୍: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି (KYC) ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ KYC/PAN/Form60/61 ହୋମ ବ୍ରାଞ୍ଚରେ ତା.୨୦.୧୧.୨୦୧୯ରିଖ ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଚଳ କରାଇ ଦିଆଯିବ।
ଆଞ୍ଚଳିକ ପ୍ରବନ୍ଧକ

**OFFICE OF THE SUB- COLLECTOR, NUAPADA**
**PROCLAMATION**

**R.M.C. No. 290/2018** **U/s: 22 of the O.L.R. Act.**

This hereby informed to the general public that Sri. Kawal Singha Gond, S/o- Panchram Gond, Cast- Gond (S.T.) R/o- Sikaripali, Ps. Pithoda, Dist- Mahasamund (C.G.), have applied for prison permission for selling of the following rayati Lands,

Anybody having any objection to such transform of the Lands may five objection on any persons belonging to Schedule tribe community interested to purchased all then a period at 15 days

From the date of publication of this proclamation no objection petition on disinterest to purchase will be entertained after expiry of the stipulated period. **CONTACT NO: 9770841584**

**LAND SCHEDULE**

| Mouza | Khata No. | Plot No. | Area. | Kissam |
|---|---|---|---|---|
| Bhanpur, Ps. Jonk, Thana. No- 38, Tahasil No. 38, Dist- Nuapada (Odisha) | 550/211 | 1210 | 0.420 | Bema |
| | | 1211 | 0.040 | Bema |
| | | 1218 | 1.070 | Bema |
| | | 1538 | 0.220 | Bahal |
| | | 1529 | 1.260 | Aut |
| | | 1540 | 0.550 | Bahal |
| | | 1543 | 0.440 | Aut |
| | | 1544 | 0.870 | Aut |
| | TOTAL- | 8 | 4.870 | |

**By Order of the Sub- Collector**
**Sd/- Kawal Singh Gond**

## 'ଜିଜିୱାଇ ଯୋଜନା ମଞ୍ଜୁର କର'

**ସମ୍ବଲପୁର,୨।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକକୁ ୨୦୧୮-୧୯ ଓ ୨୦୧୯-୨୦ରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ) ଅନୁଦାନ ମଞ୍ଜୁର କରାଯାଉ ନାହିଁ । ଅନେକ ଥର ବୈଠକରେ ଏହି ଅନୁଦାନ ଉପରେ ଆଲୋଚନା କରାଯାଇଛି। ହେଲେ ଏହି ଯୋଜନାକୁ କାହିଁକି ବାଦ ଦିଆଯାଇଛି ବୋଲି ସମିତି ସଭ୍ୟାସଭ୍ୟ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ୭ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ତବଲା ସମିତି ସଭ୍ୟା ସୁରେଶିନୀ ଓରାମ, ସାହାସପୁର ସମିତିସଭ୍ୟା ବୀଣାପାଣି ବେହେରା, ଡକରା ସମିତି ସଭ୍ୟା ମାୟାସିନି ଭୋଇ, ବରଗାଁ ସମିତି ସଭ୍ୟା ଲିଲିମା ଭୋଇ, ବଡେମୁରା ସମିତି ସଭ୍ୟା ରିଙ୍କି ବନଛୋର, ଧମା ସମିତି ସଭ୍ୟ ଦୋଳଗଞ୍ଜନ ସେଠ ପ୍ରମୁଖ ଚେତାବନୀ ଦେଇଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସକୁ ସମିତି ସଭ୍ୟମାନେ ଅଭିଯୋଗ କରିବାକୁ ଅସିଛନ୍ତି ।

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ 1463 (Exam. Conf.) ତା 01.11.2019 ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।
(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.
ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ ।
'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ । ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬/୧୧/୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।
(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.
ଯେଉଁ ଅକୃତକାର୍ଯ୍ୟ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ ।
Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**
(i) ଆରମ୍ଭ ତାରିଖ — ତା୦୫/୧୧/୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯/୧୧/୨୦୧୯ରିଖ ରାତ୍ର ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦/୧୧/୨୦୧୯ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୦/୧୧/୨୦୧୯ ଠାରୁ ତା୨୫/୧୧/୨୦୧୯ ରାତ୍ର ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬/୧୧/୨୦୧୯ରିଖ ମଧ୍ୟରାତ୍ର

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।**

ସା/- ସମ୍ପାଦକ

### ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

## ଡିପିଏସ୍‌କୁ ହରାଇଲା ଇଣ୍ଡିଆନ ପବ୍ଲିକ ସ୍କୁଲ

**ସମ୍ବଲପୁର, ୨।୧୧ (ବ୍ୟୁରୋ)**

ଜିଲା ବର୍ଷିୟାନ କ୍ରୀଡା ସଂଘ ଦ୍ୱାରା ଆୟୋଜିତ ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ଇଣ୍ଡିଆନ ପବ୍ଲିକ ସ୍କୁଲ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ହାୱା ମଇଦାନଠାରେ ଦିଲ୍ଲୀ ପବ୍ଲିକ ସ୍କୁଲ ବନାମ ଇଣ୍ଡିଆନ ପବ୍ଲିକ ସ୍କୁଲ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଇଣ୍ଡିଆନ ପବ୍ଲିକ ସ୍କୁଲ ଖେଳାଳିମାନେ ଉଚ୍ଚମାନର ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ମଥୁରା ଓରାମ, ମନୋଜ ଭୋଇ, ସୁବାଷ ରାଉତ, ରବିନାରାୟଣ ଦୀପ, ସୌମ୍ୟ ଭୋଇ, ରାଜକିରଣ ମହାନନ୍ଦ, ଏମ ଅଗ୍ରୱାଲ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଲ୍ଲୀ ପବ୍ଲିକ ସ୍କୁଲର ସିଏଚ ହେମନ୍ତଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ । ଡ. ବିଜୟ କୁମାର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଧର ପ୍ରଧାନ, ଅମୂଲ୍ୟ ମିଶ୍ର, ଇଦ୍ରିଶ ମଲ୍ଲିକ, ସୁରେନ୍ଦ୍ର ମୋହନ ପୁରୋହିତ, ଜଗବନ୍ଧୁ ବେହେରା, ସଦାଶିବ ପୁରୋହିତ, କ୍ଷେତ୍ରବାସୀ ସେଠ, ସୁରେନ୍ଦ୍ର ନାୟକ ଯୋଗ ଦେଇଥିଲେ।




ଶନିବାର ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କ ସହ ଖେଳାଳିମାନେ ।

**ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୯ ଶିଶୁ ମୃତ**

ଆଫଗାନିସ୍ତାନର ଉତ୍ତରପୂର୍ବାଞ୍ଚଳରେ ଶନିବାର ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୯ ଶିଶୁଙ୍କ ମୃତ୍ୟୁ ହୋଇଛି। ତଖର ପ୍ରଦେଶର ତାଲିବାନ ଅଧ୍ୟୁଷିତ ଦରକଦ୍ ଜିଲାରେ ସ୍କୁଲ୍ ପିଲାମାନେ ରାସ୍ତାରେ ବିଛାଯାଇଥିବା ଲ୍ୟାଣ୍ଡମାଇନ ଉପରେ ଚଢ଼ିଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ପିଲାମାନଙ୍କ ବୟସ ୭ରୁ ୧୧ ବର୍ଷ ମଧ୍ୟରେ। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

## ସଂକ୍ଷେପରେ

### ଭୂପିନ୍ଦର ହେଲେ ହରିୟାଣା କଂଗ୍ରେସ ବିଧାୟକ ଦଳ ନେତା



**ନୂଆଦିଲ୍ଲୀ,୨।୧୧(ପି.ଟି.):** ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ାଙ୍କୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରାଜ୍ୟ ବିଧାୟକ ଦଳ ନେତା ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ହୁଡ଼ା ହରିୟାଣା ବିଧାନସଭାରେ ବିରୋଧୀ ଦଳ ନେତା ରହିବେ ବୋଲି ଏଆଇସିସି ହରିୟାଣା ପ୍ରଭାରୀ ଗୁଲାମ ନବୀ ଆଜାଦ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ନବନିର୍ବାଚିତ ବିଧାୟକମାନେ ସୋନିଆ ଗାନ୍ଧୀଙ୍କୁ ନେତା ଚୟନ ଦାୟିତ୍ୱ ଦେଇଥିଲେ। ନିର୍ବାଚନ ପୂର୍ବରୁ କଂଗ୍ରେସ ହାଇକମାଣ୍ଡ ଅଶୋକ ତନ୍‌ୱରଙ୍କ ସ୍ଥାନରେ କୁମାରୀ ସେଲ୍‌ଜାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ନିଯୁକ୍ତ କରିଥିଲେ। ଫଳରେ ତନୱର ଦଳ ଛାଡ଼ିଥିଲେ।

**[ଇତିହାସର ଆଇନାରେ]**

### ନଭେମ୍ବର ୩ର ପ୍ରମୁଖ ଘଟଣା

୧୯୧୭ ନଭେମ୍ବର ୩ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ଗାନ୍ଧିଜୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ୧୯୩୪ରେ ଓଡ଼ିଶାରେ ହରିଜନ ପଦଯାତ୍ରା କରିଥିଲେ।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସଲାଙ୍ଗ ଟନେଲ ଅଗ୍ନିକାଣ୍ଡରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ସୋଭିଏତ୍ ଇଞ୍ଜିନିୟରଙ୍କ ଦ୍ୱାରା ଏହି ଟନେଲ ନିର୍ମାଣ କରାଯାଇଥିଲା। ତୈଳ ବୋଝେଇ ଟ୍ରକ ଦୁର୍ଘଟଣାରେ କିମ୍ବା ଅସ୍ତ୍ରାଗାର ଅଘଟଣରୁ ଏଭଳି ଅଘଟଣ ଘଟିଥିବା ବିଶ୍ୱାସ କରାଯାଏ।

# ନୂଆ ମାନଚିତ୍ରରେ ପିଓକେର ୩ ଜିଲା

**ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କଲା ଭାରତର ନୂଆ ମ୍ୟାପ୍**




**ନୂଆଦିଲ୍ଲୀ,୨।୧୧(ପି.ଟି./ଆଇଏଏନ୍ଏସ୍)**

ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦର୍ଶାଉଥିବା ଭାରତର ନୂଆ ମାନଚିତ୍ର ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ନୂଆ ରାଜନୈତିକ ମାନଚିତ୍ରରେ ୨୮ ରାଜ୍ୟ ଓ ୯ କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ଦୁଇଟି ଜିଲା କାର୍‌ଗିଲ ଓ ଲେହକୁ ନେଇ ଲଦାଖ କେନ୍ଦ୍ରଶାସିତ ଗଠିତ ହୋଇଥିଲାବେଳେ ଅନ୍ୟ ଜିଲାଗୁଡ଼ିକ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନୂଆ ମ୍ୟାପ୍‌ରେ ଜମ୍ମୁ-କଶ୍ମୀର ରାଜ୍ୟର ସମସ୍ତ ଜିଲା ସମେତ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ୩ ଜିଲା ମୁଜାଫରାବାଦ, ପୁଞ୍ଚ୍ ଓ ମିର୍‌ପୁର ରହିଛି। ଭାରତର ସର୍ଭେ ଜେନେରାଲଙ୍କ ଦ୍ୱାରା ଏହି ମାନଚିତ୍ର ପ୍ରସ୍ତୁତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ୧୯୪୭ରେ ଜମ୍ମୁ-କଶ୍ମୀର ଭାରତରେ ସାମିଲ ହେଲାବେଳେ ୧୪ଟି ଜିଲା ଥିଲା। ସେଗୁଡ଼ିକ ହେଲା କଠୁଆ, ଜମ୍ମୁ, ଉଧାମପୁର, ରେଆସି, ଅନନ୍ତନାଗ, ବାରମୁଲ୍ଲା, ପୁଞ୍ଚ୍, ମିର୍‌ପୁର, ମୁଜାଫରାବାଦ, ଲେହ ଓ ଲଦାଖ, ଗିଲ୍‌ଗିଟ, ଗିଲ୍‌ଗିଟ ୱାଜରତ୍, ଚିଲାସ୍ ଏବଂ ଆଦିବାସୀ ଅଞ୍ଚଳ। ପରେ ରାଜ୍ୟ ସରକାର ଜିଲା ସଂଖ୍ୟା ୨୮କୁ ବୃଦ୍ଧି କରିଥିଲେ। ନୂଆ ଜିଲାଗୁଡିକ ହେଲେ କୁପ୍‌ୱାଡ଼ା, ବଣ୍ଡିପୋରା, ଗନ୍ଦର୍ବାଲ୍, ଶ୍ରୀନଗର, ବଡ୍‌ଗାମ, ପୁଲ୍‌ୱାମା, ଶୋପିଆନ, କୁଲଗାମ୍, ରାଜୌରୀ, ରାମ୍‌ବନ, ଦୋଦା, କିସ୍ତୱାର, ସାମ୍ବା ଏବଂ କାର୍‌ଗିଲ। ଲେହ ଓ ଲଦାଖ ଜିଲାରୁ ଅଲଗା ହୋଇ କାର୍ଗିଲ ଜିଲା ଗଠନ ହୋଇଥିଲା।

ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ ବିଜ୍ଞପ୍ତି ଅନୁଯାୟୀ ଲେହ ଜିଲାରେ ଗିଲ୍‌ଗିଟ, ଗିଲ୍‌ଗିଟ ୱାଜରତ୍, ଚିଲାସ୍, ଆଦିବାସୀ ଅଞ୍ଚଳ ଏବଂ ଲେହ ରହିଛି। ଲଦାଖ ଜିଲାରେ ବର୍ତ୍ତମାନର କାର୍‌ଗିଲ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ରହିଛି। ଏହାକୁ ଜମ୍ମୁ-କଶ୍ମୀର ପୁନର୍ଗଠନ (ଅସୁବିଧା ଦୂରୀକରଣ) ଦ୍ୱିତୀୟ ନିର୍ଦ୍ଦେଶନାମା, ୨୦୧୯ କୁହାଯାଉଛି। ପାର୍ଲାମେଣ୍ଟର ଅନୁମୋଦନ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଗଷ୍ଟରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଜାରି କରିଥିଲେ। ତଦନୁଯାୟୀ ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ରାଜ୍ୟ ଦୁଇଭାଗ ହୋଇ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ସୃଷ୍ଟି ହୋଇଥିଲା। ଦୁଇ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଓ ରାଧାକୃଷ୍ଣ ମାଥୁର ଯଥାକ୍ରମେ ଜମ୍ମୁ-କଶ୍ମୀର ଓ ଲଦାଖର ଉପରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

**■ ଥାଇଲାଣ୍ଡରେ ପ୍ରବାସୀ ଭାରତୀୟଙ୍କୁ ମୋଦିଙ୍କ ଉଦ୍‌ବୋଧନ**

# ଆତଙ୍କବାଦର ମୂଳକୁ ଛେଦିଛି ଭାରତ



**ବ୍ୟାଙ୍କକ୍,୨।୧୧(ପି.ଟି.)**

ଆତଙ୍କବାଦ ଓ ବିଚ୍ଛିନ୍ନତାବାଦର ମୂଳ କାରଣ ଥିଲା ଜମ୍ମୁ-କଶ୍ମୀରରେ ଦୀର୍ଘଦିନ ଧରି ଲାଗୁ ହୋଇଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦। ଏହି ଅନୁଚ୍ଛେଦକୁ ଉଚ୍ଛେଦ କରିବା ଫଳରେ ଆତଙ୍କବାଦର ମୂଳକୁ ଛେଦନ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ପୂର୍ବରୁ ଅସମ୍ଭବ ଚିନ୍ତା କରାଯାଉଥିବା ଲକ୍ଷ୍ୟ ହାସଲ ଦିଗରେ ତାଙ୍କ ସରକାର କାର୍ଯ୍ୟ ଜାରି ରଖିଛି। ଯେତେବେଳେ ନିଷ୍ପତ୍ତି ଠିକ୍, ଏହାର ସ୍ୱର ସାରା ବିଶ୍ୱରେ ପ୍ରତିଧ୍ୱନିତ ହୋଇଥାଏ। ଥାଇଲାଣ୍ଡରେ ମଧ୍ୟ ସେ ଏହାକୁ ଶୁଣିପାରୁଥିବା 'ସାୱାସଦି ପିଏମ୍ ମୋଦି' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ସେ କହିବା ବେଳେ ଉପସ୍ଥିତ ଶ୍ରୋତାମାନେ ଛିଡ଼ାହୋଇ ଏହାକୁ ସ୍ୱୀକୃତି ଜଣାଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେଉଛି ବୋଲି ମୋଦି କହିଥିଲେ। ଭାରତର ନୀତି ଆଦର୍ଶର ମୂଲ୍ୟବୋଧ ସାରା ବିଶ୍ୱରେ ଅନୁଭୂତ ହୋଇଛି। ଥାଇଲାଣ୍ଡ ଆସି ସେ ଏଠାରେ ଭାରତୀୟତା ଅନୁଭବ କରୁଛନ୍ତି। ରାଣୀ ମହା ଚକ୍ରି ସିରିନ୍ଧୋର୍ନ ଜଣେ ସଂସ୍କୃତ ପଣ୍ଡିତ, ଯାହାଙ୍କର ଭାରତ ସହ ଘନିଷ୍ଠ ସମ୍ପର୍କ ଥିଲା ବୋଲି ବ୍ୟାଙ୍କକ୍‌ରେ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ।

ଆସିଆନ୍-ଇଣ୍ଡିଆ ସମ୍ମିଳନୀରେ ଯୋଗଦେବା ଲାଗି ୩ ଦିନିଆ ଥାଇଲାଣ୍ଡ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ୧୬ ଏସିଆ-ପ୍ରଶାନ୍ତ ମହାସାଗରୀୟ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଆର୍‌ସିଇପି) ସମ୍ପର୍କରେ ଆଲୋଚନା କରିବେ। ଏହି ଚୁକ୍ତିନାମା କୃଷକ ବିରୋଧୀ ବୋଲି ବିପକ୍ଷ ଦଳ ଅଭିଯୋଗ କରୁଥିଲାବେଳେ ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଚାର କରାଯିବ ବୋଲି ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ।

# 'ମେଣ୍ଟ ଧର୍ମ ପାଳନ କରିବ ଶିବସେନା'

**ମୁମ୍ବାଇ,୨।୧୧(ପି.ଟି.)**


ସଞ୍ଜୟ ରାଉତ୍

ମହାରାଷ୍ଟ୍ରରେ ସରକାର ଗଠନକୁ ନେଇ କଳ୍ପନାଜଳ୍ପନା ଲାଗିରହିଥିଲାବେଳେ ଶନିବାର ସହଯୋଗୀ ଦଳ ଭାଜପା ପ୍ରତି ଶିବସେନା ନରମ ଆଭିମୁଖ୍ୟ ପୋଷଣ କରିଛି। ସହଯୋଗୀ ଦଳ ସହ ଆଲୋଚନା ଆଦୌ ବନ୍ଦ କରିନାହୁଁ ଏବଂ ମେଣ୍ଟ ଧର୍ମ ପାଳନ କରିବୁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କ୍ଷମତା ବଣ୍ଟନକୁ ନେଇ ଦୁଇ ସରକାରୀ ଦଳ ମଧ୍ୟରେ କନ୍ଦଳ ଲାଗି ରହିଛି। ୫୦-୫୦ ସୂତ୍ରରେ ଶିବସେନା ଅଢ଼େଇବର୍ଷ ମୁଖ୍ୟମନ୍ତ୍ରୀ ପଦ ଦାବି କରୁଥିଲାବେଳେ ଭାଜପା ଏଥିରେ ରାଜି ନୁହେଁ। ୮ ତାରିଖରେ ବର୍ତ୍ତମାନ ବିଧାନସଭାର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିଲାବେଳେ ସରକାର ଗଠନ ନେଇ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଆଲୋଚନା ଅନୁଷ୍ଠିତ ହୋଇନାହିଁ।

ଭାଜପା ସହ ମିଶି ତାଙ୍କ ଦଳ ନିର୍ବାଚନ ଲଢ଼ିଥିବାରୁ ଶେଷ ପର୍ଯ୍ୟନ୍ତ ମେଣ୍ଟ ଧର୍ମ ନିଭାଇବୁ ବୋଲି ରାଉତ୍ କହିଛନ୍ତି। ଅନ୍ୟପକ୍ଷରେ ଉଦ୍ଧବ ଠାକ୍‌ରେଙ୍କ ଦଳକୁ ସମର୍ଥନ ଦେବା ଲାଗି କଂଗ୍ରେସ ନେତା ହୁସେନ୍ ଦଲୱାଇ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିବାରୁ ରାଉତ୍ ଏହାକୁ ସ୍ୱାଗତ କରିଛନ୍ତି। ସରକାର ଗଠନ ଲାଗି ଶିବସେନା ଆବଶ୍ୟକ ସଂଖ୍ୟା ଯୋଗାଡ଼ କରିପାରିବ ବୋଲି ଶୁକ୍ରବାର ସଞ୍ଜୟ ରାଉତ୍ କହିଥିଲେ। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ନେଇ ସବୁ ଦଳ ପରସ୍ପର ସହ ଆଲୋଚନା ଚଳାଇଥିଲାବେଳେ ଦୁଇ ସହଯୋଗୀ ଦଳ କିନ୍ତୁ ପରସ୍ପର କଥା ହେଉନାହାନ୍ତି। ତେବେ ସରକାର ଗଠନ ନେଇ ଶିବସେନା କଥାବାର୍ତ୍ତା ବନ୍ଦ କରିନାହିଁ, ବରଂ ଏଭଳି ଆଲୋଚନା ଆଦୌ ଆରମ୍ଭ ହୋଇ ନ ଥିବା ରାଉତ୍ ଖବରଦାତାମାନଙ୍କୁ କହିଛନ୍ତି।

ଶିବସେନା ନେତା ରାଉତ୍ ନିକଟରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟିଥିଲେ। ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ଲାଗି ରାଜ୍ୟରେ ନୂଆ ରାଜନୈତିକ ସମୀକରଣ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ରାଉତ୍ ଏହାକୁ ଖଣ୍ଡନ କରିଛନ୍ତି। ଏନ୍‌ସିପି ଓ କଂଗ୍ରେସ ବିରୋଧୀ ଦଳ ଆସନରେ ବସିବା ଲାଗି ନିଷ୍ପତ୍ତି ନେଇଥିବା ପାୱାର କହିଥିବା ନେଇ ଖବରଦାତାମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଥିରେ ଭୁଲ୍ କେଉଁଠି ବୋଲି ରାଉତ୍ ପ୍ରଶ୍ନ କରିଥିଲେ।

# ପୁଣି ସୂକ୍ଷ୍ମ ଅବତରଣ ଉଦ୍ୟମ କରିବ ଇସ୍ରୋ

**ନୂଆଦିଲ୍ଲୀ,୨।୧୧(ପି.ଟି.)**

ଚନ୍ଦ୍ର ଅଭିଯାନ ଲାଗି ଚନ୍ଦ୍ରୟାନ-୨ ଶେଷ ଉଦ୍ୟମ ନୁହେଁ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ନିକଟ ଭବିଷ୍ୟତରେ ସୂକ୍ଷ୍ମ ଅବତରଣ ଲାଗି ଆଉ ଏକ ଉଦ୍ୟମ କରିବ ବୋଲି ଏହାର ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି। ଏଠାରେ ଆଇଆଇଟି ଦିଲ୍ଲୀର ସୁବର୍ଣ୍ଣ ଜୟନ୍ତୀ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଶିବନ କହିଥିଲେ, ଆଗାମୀ କିଛି ମାସ ମଧ୍ୟରେ ଅନେକ ଅତ୍ୟାଧୁନିକ ସାଟେଲାଇଟ ଲଞ୍ଚ୍ କରାଯିବା ଯୋଜନା ରହିଛି। ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମକୁ ସଫ୍ଟଲ୍ୟାଣ୍ଡିଂ କରାଇବାରେ ଆମେ ବିଫଳ ହୋଇଥିଲୁ ବୋଲି ଶିବନ୍ କହିଛନ୍ତି।

# ୟୁଏନ୍‌ଏସ୍‌ସିରେ ଉଠିବନି କଶ୍ମୀର ପ୍ରସଙ୍ଗ

**ଜାତିସଂଘ,୨।୧୧**


କରେନ ପିର୍ସି

ଚଳିତ ମାସରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ବୈଠକ ଅନୁଷ୍ଠିତ ହେବାକୁ ଥିଲାବେଳେ ସେଥିରେ କଶ୍ମୀର ପ୍ରସଙ୍ଗରେ ଆଲୋଚନା ହେବନାହିଁ। ନଭେମ୍ବର ମାସ ପାଇଁ ୟୁଏନ୍‌ଏସ୍‌ସିରେ ଅଧ୍ୟକ୍ଷତା କରିବାକୁ ଥିବା ବ୍ରିଟେନର ସ୍ଥାୟୀ ପ୍ରତିନିଧି କରେନ ପିର୍ସି ଏହି ସୂଚନା ଦେଇଛନ୍ତି। ଆଲୋଚନା ପାଇଁ ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ରହିଛି। କଶ୍ମୀର ସମ୍ପର୍କରେ ଆଲୋଚନା ପାଇଁ କୌଣସି ଯୋଜନା ନ ଥିବା ସେ କହିଛନ୍ତି। କଶ୍ମୀରରେ ମୁସଲମାନଙ୍କୁ ହତ୍ୟା କରାଯାଉଥିବାରୁ ଏହି ପ୍ରସଙ୍ଗ ସୁରକ୍ଷା ପରିଷଦରେ ଉଠିବ କି ବୋଲି ଆରବ ଖବରଦାତାମାନେ ପ୍ରଶ୍ନ କରିବାରୁ ପିର୍ସି ଉପରୋକ୍ତ ମତ ଦେଇଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

**ଶୁଭଜନଲକ୍ଷ୍ମୀ ଫାଇନାନ୍ସ**
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

**KUBER FINANCE**
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

**ଋଣ ଧମାକା**
ଟଙ୍କା ଦରକାର, ଆମକୁ କୁହନ୍ତୁ
**ମୁଦ୍ରା ଫାଇନାନ୍ସ**
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

**BARSA FINANCE**
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

**ଶ୍ରୀରାମ ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Bhagyalaxmi Finance**
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଋଣ ଧମାକା | ଋଣ ଧମାକା | ଋଣ ଧମାକା
**GLOBAL FINANCE LTD.** ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

**FINANCE**
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1980ଠାରୁ ଆପଣଙ୍କ ସେବାରେ
**ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ** REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

**FINANCE**
**ବାଲାଜୀ ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
**Hindusthan Tower Group**
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ASTROLOGY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
**ବାବା କମାଲ ଖାନ୍**
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

EDUCATION

LAST DATE OF ADMISSION ON 10/11/2019
**B.Ed**
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
**NIDT**
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091





**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସଫଳତାର ଚାବି

**ସ୍ୱରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ । ତେବେ ନିଜକୁ ସ୍ୱରୋଜଗାରକ୍ଷମ କରି ସଫଳତା ମାର୍ଗରେ ଆଗେଇବାକୁ ହେଲେ କେବଳ ଉଚ୍ଚଶିକ୍ଷା ଗ୍ରହଣ କରି ବଡ଼ ବଡ଼ ଡିଗ୍ରୀ ସାର୍ଟିଫିକେଟ୍ ହାସଲ କରିବା ଏହାର ଏକମାତ୍ର ମାପକାଠି ନୁହେଁ ବରଂ ଏହା ସହ ସବୁଠୁ ଅଧିକ ଆବଶ୍ୟକ ହୋଇଥାଏ ନୂତନ ଜ୍ଞାନକୌଶଳରେ ଦକ୍ଷତା...**







ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଦିନକୁ ଦିନ ବେକାର ସମସ୍ୟା ଯେଉଁଭଳି ବଢ଼ିବାରେ ଲାଗିଛି ସେଥିରେ ଭଲ ଜବ୍ କରି ଆଗକୁ ବଢ଼ିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେବେ ଏଭଳି ପରିସ୍ଥିତିରେ ସ୍ୱରୋଜଗାରକ୍ଷମ ହେବା ଲାଗି କେବଳ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହିଁ ଯଥେଷ୍ଟ ତା' ନୁହେଁ ବରଂ ନୂତନ ଜ୍ଞାନକୌଶଳ ଉପରେ ଦକ୍ଷତା ଅଧିକ ଉପଯୋଗୀ। ତେଣୁ ନିଜକୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବାକୁ ହେଲେ ସବୁବେଳେ ନୂଆ ନୂଆ କୌଶଳ ଶିଖିବା ଆବଶ୍ୟକ...

**କୋର୍ସ କରନ୍ତୁ:** ବର୍ତ୍ତମାନ ଯେକୌଣସି କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେଲେ ଆଉ ଡର ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟ ଶିଖିବା ଲାଗି ବିଭିନ୍ନ ଶର୍ଟ ଟର୍ମ ଏବଂ ଲଙ୍ଗ ଟର୍ମ କୋର୍ସ ସହିତ ପ୍ରାକ୍ଟିକାଲ୍ ଟ୍ରେନିଂ ମଧ୍ୟ ଦିଆଯାଉଛି। ତେଣୁ ବର୍ଷ ବର୍ଷ ଧରି ଜବ୍ ପାଇବା ଲାଗି ଧାଇଁବା ଅପେକ୍ଷା ନିଜ ରୁଚିକୁ ସମ୍ମାନ ଦେଇ ସେଥିରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚେଷ୍ଟା କଲେ ସ୍ୱରୋଜଗାରକ୍ଷମ ହେବା ସହ ଅଧିକ ସଫଳ ହୋଇପାରିବେ। ବର୍ତ୍ତମାନ ଅନ୍‌ଲାଇନ୍‌ରେ ମଧ୍ୟ ବିଭିନ୍ନ କୋର୍ସ ଏବଂ ତାଲିମ କ୍ଲାସ ଉପଲବ୍ଧ। ଆପଣ ଚାହିଁଲେ ଏହାର ସାହାଯ୍ୟ ମଧ୍ୟ ନେଇପାରିବେ।

**ଅଧିକରୁ ଅଧିକ ଶିଖନ୍ତୁ:** ଯେବେ ବି ଫାଙ୍କା ସମୟ ମିଳୁଛି କିଛି ନୂଆ ନୂଆ ଜ୍ଞାନ କୌଶଳ ଶିଖିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣ କେଉଁଆଡ଼େ ଯାଇ କୋର୍ସ କରିବାକୁ ସୁବିଧା ପାଉନାହାନ୍ତି ତେବେ ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ସବୁଠୁ ଭଲ ବିକଳ୍ପ ସାଜିଛି। ଏଥିରୁ ଅଡିଓ ଭିଜୁଆଲ୍‌ରେ ଉଭୟ ଥିଓରୀ ଏବଂ ପ୍ରାକ୍ଟିକାଲ ଜ୍ଞାନ ପାଇପାରିବେ। ତା'ଛଡା ଏକ୍ସପର୍ଟମାନଙ୍କ ଦ୍ୱାରା ନିଜ ସମସ୍ୟାର ସରଳ ସମାଧାନ ବି ପାଇପାରିବେ। ଯେତେ ଅଧିକ ଜ୍ଞାନକୌଶଳ ଶିଖିବେ ତାହା ଜୀବନରେ ଆଗକୁ ବଢ଼ିବାରେ ସେତେ ଅଧିକ ସହଯୋଗ କରିବ।

**ଅବସରର ସଦୁପଯୋଗ କରନ୍ତୁ:** ଜୀବନରେ କିଛି ଭିନ୍ନ କରି ନିଜ ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ସବୁବେଳେ ମିଳେନି। ତେଣୁ ଯେବେବି ଏଭଳି କିଛି ଅବସର ମିଳେ ତା'କୁ ଅଣଦେଖା ବା ହାତଛଡା ନ କରି ଏହାର ସଦୁପଯୋଗ କରନ୍ତୁ। ବର୍ତ୍ତମାନ ସରକାରୀ ସ୍ତରରୁ ହେଉ କିମ୍ବା ଅନ୍ୟାନ୍ୟ ବଡ଼ ବଡ଼ ସଂସ୍ଥା ପକ୍ଷରୁ ବିଭିନ୍ନ ସ୍କିଲ୍ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମମାନ ଆୟୋଜନ କରାଯାଇ ମାଗଣାରେ ତାଲିମ ଦିଆଯାଉଛି। ଏଭଳି କୌଣସି ସୁଯୋଗ ମିଳିଲେ ଶିଖିବାର ମଉକା ଛାଡନ୍ତୁ ନାହିଁ।

**ଶିଖିବା ଜାରି ରଖନ୍ତୁ:** କେବେକେବେ କେତେଜଣ ସାମାନ୍ୟ ସଫଳତାରେ ସନ୍ତୁଷ୍ଟ ହୋଇଯାଆନ୍ତି ତ ଆଉ କେତେଜଣ ଏହାକୁ ନିଜର ସବୁଠୁ ବଡ ସଫଳତା ଭାବି ନେଇ ବସିଯାଆନ୍ତି। ହେଲେ ଏପରି ନ କରି ଯେବେବି ସୁବିଧା ହେଉଛି ନୂଆ ନୂଆ ଜ୍ଞାନ କୌଶଳ ଶିଖିବା ଜାରି ରଖନ୍ତୁ। କାରଣ ଏସବୁ ଜୀବନରେ କେବେ ନା କେବେ ଖୁବ୍ କାମରେ ଆସିଥାଏ।

**ଅନ୍ୟର ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା। ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ଅଧିକ ରୋଜଗାର କରିପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ।



## କ'ଣ କୁହନ୍ତି ଏମାନେ...



**ସୌମ୍ୟ ରଞ୍ଜନ**

(ଗ୍ରାଫିକ୍ସ ଡିଜାଇନର, ମ.ରାମପୁର, କଳାହାଣ୍ଡି)– ସଭିଙ୍କ ଭଳି ସ୍ୱରୋଜଗାରକ୍ଷମ ହେବାର ଇଚ୍ଛା ମୋର ବି ଥିଲା। ହେଲେ ଏଥିପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଜବ୍ ନୁହେଁ ବରଂ କିଛି ଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରମାଣିତ କରିବାକୁ ଚାହୁଁଥିଲି। ତେଣୁ ମଲ୍ଟିମିଡିଆ ଆଣ୍ଡ ଆନିମେଶନରେ ଡିପ୍ଲୋମା କରି ଜଣେ ଗ୍ରାଫିକ୍ ଡିଜାଇନର ଭାବେ କାର୍ଯ୍ୟ କରୁଛି। ତା'ଛଡା ଫଟୋଗ୍ରାଫିରେ ଥିବା ରୁଚି ମୋତେ ସଫଳତାର ସ୍ୱାଦ ଚଖାଇଛି। ବର୍ତ୍ତମାନ ଜଣେ ପ୍ରୋ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ବଡ ବଡ କମ୍ପାନୀ ପକ୍ଷରୁ ମୋତେ ଫଟୋଗ୍ରାଫି ଲାଗି ଅଫର ମିଳୁଛି।



**ଲିଙ୍ଗରାଜ ସେଠୀ**

(ଯୁବ ଉଦ୍ୟୋଗୀ ଓ ସୂଚନା ପ୍ରଯୁକ୍ତି ବିଶେଷଜ୍ଞ, ଭୁବନେଶ୍ୱର)– ଆଜିର ସମାଜରେ ନିଯୁକ୍ତି ପଛରେ ନ ଗୋଡାଇ ନିଜକୁ ସାହସୀ ଓ ସଶକ୍ତ କରି ନିଜେ ନିଯୁକ୍ତି କ୍ଷେତ୍ରରେ ସ୍ରଷ୍ଟା ହେବା ହିଁ ସଫଳତାର ଚାବିକାଠି ବୋଲି ମୁଁ ଭାବେ। ନିଜ କଥା କହିବି– ଇନଫର୍ମେଶନ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରି ବର୍ତ୍ତମାନ ବେଶ୍ ଭଲ ଇନ୍‌କମ୍ କରିପାରୁଛି। ସାଇବର କ୍ରାଇମ୍ କ୍ଷେତ୍ରରେ ମଧ୍ୟ ଜ୍ଞାନ ଆହରଣ କରିଥିବାରୁ ବିନା ସ୍ୱାର୍ଥ ଓ ଅର୍ଥରେ ପୋଲିସ ବିଭାଗକୁ ସହଯୋଗ ବି କରିପାରୁଛି। ତା'ଛଡା ଏସ୍‌ସିଏସ୍ ଲାବ୍ ଏବଂ ଫରାଟିଭ ଡିଜିଟେକ୍ ନାମକ ଦୁଇଟି କମ୍ପାନୀ କରି ୬୦ରୁ ୭୦ ଜଣ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇପାରିଛି।

## ଏ ସପ୍ତାହର ପ୍ରଶ୍ନ

୧– ଭିଜିଲାନ୍ସ ଆୱାରନେସ୍ ୱିକ୍ ୨୦୧୯ର ଥିମ୍ .................... ?
୨– ଏ ବର୍ଷ ଧନ୍‌ତେରସ୍‌ରେ..............ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଆରମ୍ଭ କରାଯାଇଛି ?
୩– ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଷ୍ଟଡିଜ୍ ପକ୍ଷରୁ ଉଦ୍ୟୋଗ ରତ୍ନ ଆୱାର୍ଡ–୨୦୧୯......... ଙ୍କୁ ମିଳିଛି ?
୪– 'ଟେନ୍ ଷ୍ଟଡିଜ୍ ଇନ୍ କଶ୍ମୀର: ହିଷ୍ଟୋରି ଆଣ୍ଡ ପଲିଟିକ୍ସ' ପୁସ୍ତକର ଲେଖକ......... ?
୫– ଡିଏସ୍‌ସିଆଇର ଫୁଲ୍‌ଫର୍ମ .............. ?

## ଗତ ଥରର ଉତ୍ତର

୧ ଆବୁଧାବି
୨ ଦୂତୀ ଚାନ୍ଦ
୩ ଲଭ୍ ୟୋର୍ ବୋନ୍ସ ଆଣ୍ଡ ପ୍ରୋଟେକ୍ଟ ୟୋର୍ ଫ୍ୟୁଚର
୪ ଆସାମ
୫ ଅକ୍ଟୋବର ୨୩

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ବିଭୂତି ଭୂଷଣ ଦାସ, ଭୁବନେଶ୍ୱର



କରିଶ୍ମା ମହାନ୍ତି, ଫୁଲବାଣୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁ|ଥ୍|ଆ|ଲ|ର୍ଟ

# ରୁହନ୍ତୁ ଫିଟ୍

**ବର୍ତ୍ତମାନ କାର୍ଯ୍ୟ ବ୍ୟସ୍ତତା, ଚାପଯୁକ୍ତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଧିକାଂଶ ଯୁବତୀଯୁବକଙ୍କ ଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି । ତେଣୁ ଏସବୁକୁ ସୁଧାରିବା ସହ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ । ଜାଣି ରଖନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ...**



– ପ୍ରାଣାୟାମ କରିବା ଦ୍ୱାରା ରକ୍ତରେ ଅମ୍ଳଜାନ ମିଶି ଶରୀରର ପ୍ରତିଟି ଅଂଶକୁ ପହଞ୍ଚି ରିଲାକ୍ସ କରିଥାଏ। ବିଶେଷ କରି ଶୀତଦିନେ ବାହାର ପବନ ବାଜି ହେଉଥିବା ଥଣ୍ଡା, କାଶ ଆଦି ଦୂର କରିବାରେ ଏହା ସାହାଯ୍ୟ କରେ।

– ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ, ଯାହାକି ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ।

– ବ୍ଲଡ୍ ପ୍ରେସର, ଡାଇବେଟିସ୍, ଡିପ୍ରେଶନ୍, ଶ୍ୱାସ ଭଳି ରୋଗଠୁ ଦୂରେଇ ରହିବା ଲାଗି ପ୍ରାଣାୟାମ ବେଶ୍ ଉପକାରୀ।

– ପ୍ରାଣାୟାମ କରିବା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଫୁର୍ତ୍ତି ରଖିଥାଏ।

– ଏହା ସୌନ୍ଦର୍ଯ୍ୟ ବୃଦ୍ଧିରେ ବି ସାହାଯ୍ୟ କରିଥାଏ। ଏହାଦ୍ୱାରା ତ୍ୱଚା ପୂର୍ବାପେକ୍ଷା ଅଧିକ ଗ୍ଲୋ କରିଥାଏ ଏବଂ କେଶ ଝଡିବା କମ୍ ହୋଇ ଅଧିକ ଘନ ଓ ସୁନ୍ଦର ଲାଗିଥାଏ।

– ବର୍ତ୍ତମାନ ଅଧିକ ରାତିଯାଏ ନ ଶୋଇବା, ଫାଷ୍ଟଫୁଡ୍, ଜଙ୍କଫୁଡ୍ ଆଦି ଖାଇବା ଯୋଗୁ ଅନେକଙ୍କ ଠାରେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ପ୍ରାଣାୟାମ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହେବା ସହ ଏସବୁ ସମସ୍ୟା ଦୂର ହୋଇଥାଏ।

– ଏହାଦ୍ୱାରା ମାନସିକ ଚାପ ଦୂର ହୋଇ ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି ହୋଇଥାଏ। ଫଳରେ କାର୍ଯ୍ୟ ଦକ୍ଷତା ମଧ୍ୟ ବଢ଼ିଥାଏ।

– ସର୍ବୋପରି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ଠାରେ ଦେଖିବାକୁ ମିଳୁଥିବା ମେଦବହୁଳତା ସମସ୍ୟା ଦୂର କରି ଓଜନ ନିୟନ୍ତ୍ରିତ ସ୍ତରରେ ରଖିବାରେ ଏହା ସାହାଯ୍ୟ କରିଥାଏ।

## ଟପ୍ ୧୦

### ପୃଥିବୀର ଶକ୍ତିଶାଳୀ ଏୟାରଫୋର୍ସ ଥିବା ଦେଶ



୧. ୟୁନାଇଟେଡ୍ ଷ୍ଟେଟ୍ସ ଏୟାରଫୋର୍ସ........................ ଆମେରିକା
୨. ରୁଷିଆନ୍ ଏୟାରଫୋର୍ସ........................ ରୁଷିଆ
୩. ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ........................ ଚାଇନା
୪. ଇସ୍ରାଏଲ୍ସ ଏୟାରଫୋର୍ସ........................ ଇସ୍ରାଏଲ୍
୫. ରୟାଲ ଏୟାରଫୋର୍ସ........................ ଇଂଲଣ୍ଡ
୬. ଇଣ୍ଡିଆନ୍ ଏୟାରଫୋର୍ସ........................ଇଣ୍ଡିଆ
୭. ଫ୍ରେଞ୍ଚ ଏୟାରଫୋର୍ସ........................ ଫ୍ରାନ୍ସ
୮. ଜର୍ମାନ ଏୟାରଫୋର୍ସ........................ ଜର୍ମାନ
୯. ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ........................ ଜାପାନ
୧୦. ରିପବ୍ଲିକ୍ ଅଫ୍ କୋରିଆ ଏୟାରଫୋର୍ସ........................ ସାଉଥ୍ କୋରିଆ

ଯୁବ ପ୍ରତୀଭା

# ସମାଜ ସେବାରେ ବ୍ରତୀ ରାଜେଶ



ରାଜେଶ

ସମାଜ ସେବାକୁ ସେ ଜୀବନର ଲକ୍ଷ୍ୟ ଭାବେ ବାଛି ନେଇଛନ୍ତି। ଆଉ ଆଜି ସେ ସମାଜରେ ନିଷ୍ପେଷିତ ଅନାଥ ଶିଶୁ, ଅସହାୟ ଏବଂ ରୋଗୀଙ୍କ ଲାଗି ସାଜିଛନ୍ତି ଦେବଦୂତ। ସେ ହେଉଛନ୍ତି ଯାଜପୁର ଜିଲା ବ୍ୟାସନଗରରେ ରହୁଥିବା ମା' ରୁକ୍ମିଣୀ ଏବଂ ବିଶ୍ୱନାଥ ରାଉତଙ୍କ ପୁଅ ରାଜେଶ କୁମାର (ଟିକିନା) । ଛାତ୍ର ଜୀବନରୁ ହିଁ ସେ ଜନସେବା ପାଇଁ ଅଣ୍ଟା ଭିଡିଥିଲେ। ଯୁକ୍ତ ଦୁଇ ପଢ଼ିବା ବେଳେ ଏହାକୁ ସେ କାର୍ଯ୍ୟରେ କରି ଦେଖାଇଥିଲେ। ପାଠ ପଢ଼ା ପରେ ଚାକିରି ପଛରେ ନ ଗୋଡ଼ାଇ ସମାଜସେବାକୁ ଆପଣେଇ ନେଲେ। ଧୀରେ ଧୀରେ ନିଜେ ରକ୍ତଦାନ କରିବା ସହ 'ରକ୍ତଦାତା ଜୀବନଦାତା' ନାମକ ଏକ ସଂଗଠନ କରି ଅନ୍ୟର ପ୍ରାଣ ରକ୍ଷା ଲାଗି ରକ୍ତ ଦେବାପାଇଁ ବିଭିନ୍ନ ଯୁବସମାଜକୁ ଆହ୍ୱାନ ଦେଲେ। ବର୍ତ୍ତମାନ ସେ ୩୦ ଜଣ ଥାଲାସେମିଆ ରୋଗୀଙ୍କ ଜୀବନ ବଞ୍ଚାଇ ରଖିବା ଲାଗି ଦୃଢ଼ ସଂକଳ୍ପ ନେଇ ରକ୍ତ ସଂଗ୍ରହ କରି ଯଥା ସମୟରେ ଯୋଗାଇ ଦେଉଛନ୍ତି। ଯାଜପୁର ଜିଲାର ୧୦ଟି ବ୍ଲକ୍‌ରେ ରକ୍ତଦାନ ଶିବିର କରି ରୋଗୀମାନଙ୍କୁ ରକ୍ତ ଯୋଗାଉଛନ୍ତି। ରାଜ୍ୟ ସରକାରଙ୍କ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ସହଯୋଗ ରହିଛି । ଯାଜପୁର ରୋଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଚିକିତ୍ସା ସୁବିଧା ଓ ଔଷଧପତ୍ର ଯୋଗାଇଦେବା ଆଦି କାର୍ଯ୍ୟ ନିଜେ କରିବା ସହ ସ୍ଥାନୀୟ ୟୁଥ୍ କ୍ଲବ୍ ଦି ୟୁଥ୍ ମାସ୍‌କୁ ବି ସହଯୋଗ କରୁଛନ୍ତି। ଯଦି କେହି ବ୍ୟକ୍ତି ହଠାତ୍ ଜାତୀୟ ରାଜପଥରେ କିମ୍ବା ଟ୍ରେନ୍ ଧକ୍କାରେ ଆହତ ହୁଅନ୍ତି ତେବେ ତୁରନ୍ତ ସେ ତାଙ୍କୁ ନେଇ ଚିକିତ୍ସା କରାଇଥାନ୍ତି। ଅନାଥ ଶିଶୁମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରିଥାନ୍ତି। ସେମାନଙ୍କୁ ପାଠ ପଢିବା ଲାଗି ବହିପତ୍ର ଯୋଗାଇ ଦିଅନ୍ତି। ରାସ୍ତାରେ କୌଣସି ଅଚିହ୍ନା ଶବ ପାଇଲେ ତା'ର ସତ୍କାର ବ୍ୟବସ୍ଥା କରନ୍ତି। ସେ ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟ କରି ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି । ସମାଜକୁ ନିଶାମୁକ୍ତ କରିବା ପାଇଁ ନିଶାମୁକ୍ତ ଅଭିଯାନ କରି ଜନସଚେତନତା ସୃଷ୍ଟି କରୁଛନ୍ତି। କେବଳ ଡାକ୍ତରଖାନାକୁ ଯାଇ ନୁହେଁ ବିଭିନ୍ନ ଆଦିବାସୀ ସାହିକୁ ଯାଇ ରୋଗୀଙ୍କ ସେବା ଶୁଶ୍ରୂଷା କରିବା ସହ ସେମାନଙ୍କ ପିଲାଙ୍କୁ ପାଠ ପଢାଇବା ପାଇଁ ସଚେତନତା ସୃଷ୍ଟି ମଧ୍ୟ କରୁଛନ୍ତି। ଅନେକ ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି । ଭୋକିଲା ଲୋକଙ୍କ ମୁହଁରେ ଦାନା ଦେବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନରେ କାର୍ଯ୍ୟ କରି ସୁନାମ ପାଇଛନ୍ତି। ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ବର୍ତ୍ତମାନ ସୁଦ୍ଧା ଜିଲା ଏବଂ ଜିଲା ବାହାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୪୦ଟି ମାନପତ୍ର ଓ ସମ୍ବର୍ଦ୍ଧନା ପାଇସାରିଥିବା ରାଜେଶ ଏହି କାର୍ଯ୍ୟ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଥିବା ପ୍ରକାଶ କରନ୍ତି।



ପୁରସ୍କାର ଗ୍ରହଣ ଅବସରରେ ରାଜେଶ।

–ଅଭିମନ୍ୟୁ ମିଶ୍ର



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସାହିତ୍ୟ ସଭା

ସମ୍ବଲପୁର, ୨।୧୧ (ବ୍ୟୁରୋ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଡ. ନାକୁ ହାସଁଦାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଫେସର ରାଜକୁମାର ଯୋଗଦେଇ ବର୍ତ୍ତମାନର ସାହିତ୍ୟ ଗତି ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ନାରୀ ଦଳିତ ଆଦିବାସୀ, କିନ୍ନର, ପଛୁଆବର୍ଗର ଅବହେଳିତ ଓ ଉପେକ୍ଷିତ ଜୀବନକୁ ସାହିତ୍ୟ ବାଖ୍ୟା କରି ଆସିଛି। ଯୁଗ ଯୁଗ ଧରି ନୀରବ ଥିବା ଓଠୋରେ ଭାଷା ଖଞ୍ଜି ପାରିଛି ବୋଲି କହିଥିଲେ । ଏହାପରେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଡ. ଗୋପିନାଥ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସୁକମଣୀ ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର

ସମ୍ବଲପୁର,୨।୧୧ (ବ୍ୟୁରୋ)- ସମ୍ବଲପୁର ଟାଙ୍ଗରପାଲି ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଯୋଗ ଦେଇଥିଲେ । ଚକ୍ଷୁର ମହତ୍ତ୍ୱ ଓ ତାର ଯତ୍ନ ନେବା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ରୀତି ସ୍ନିଗ୍ଧା ଗୁରୁମା, ସୁସ୍ମିତା ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢୀ ମାର୍ଗ ଦର୍ଶନ କରିଥିଲେ । ସଭାପତି ଉତ୍ତମ କୁମାର ପ୍ରଧାନ ଉପସ୍ଥିତ ଥିଲେ। ରଙ୍ଗୋଲି, ଝୁଟି, ବକ୍ତୃତା, ଅମୃତ କଳସ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ହୋମିଓପାଥି ମହାବିଦ୍ୟାଳୟର ଅଧକ୍ଷା ଡ. ରାଧାରାଣୀ ମିଶ୍ର ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

### ତେନ୍ତୁଳି ଗଛରୁ ମୃତଦେହ ଉଦ୍ଧାର

ସମ୍ବଲପୁର,୨।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ସଦର ଥାନା ଅଧୀନ ସିନ୍ଦୂରପଙ୍କ ଛକରେ ଏକ ତେନ୍ତୁଳିଗଛରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧର କରିଛି । ମୃତକ ହେଲେ ଉକ୍ତ ଗ୍ରାମର ସମୀର ପ୍ରସାଦ ମହାନ୍ତି (୪୮) । ଏ ନେଇ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ମିତବ୍ୟୟୀ ହେବାକୁ ଆହ୍ୱାନ

ସମ୍ବଲପୁର, ୨।୧୧ (ବ୍ୟୁରୋ)
ଜିଲା ସ୍ୱଳ୍ପ ସଞ୍ଚୟ ଅଫିସ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ, ନୃସିଂହଗୁରୁ ଟାଉନ ହାଇସ୍କୁଲ, ବୁଢ଼ାରଜା ସରକାରୀ ହାଇସ୍କୁଲ, ହିନ୍ଦୀ ହାଇସ୍କୁଲ, କମିଶନର୍ସ କଲୋନୀ ହାଇସ୍କୁଲ, ଏସଜିଜି ହାଇସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଜିଲା ସ୍କୁଲ ଛକରୁ ଲକ୍ଷ୍ମୀ ଟକିଜ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଜନୀ ପାଣ୍ଡେ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରକାଶ ମିର୍ଦ୍ଧା, କୃଷ୍ଣଚନ୍ଦ୍ର ସାହୁ, ସୁବୋଧ କର୍ଣ୍ଣ, ତ୍ରିଲୋଚନ ତ୍ରିପାଠୀ ଶୋଭାଯାତ୍ରା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ସ୍କୁଲରେ ପରୀକ୍ଷା ଚାଲିଥିବା ବେଳେ ବାଧା ସୃଷ୍ଟି କରି ସ୍ୱାମୀ, ସ୍ତ୍ରୀ ଗିରଫ

ଧମା, ୨।୧୧ (ଡି.ଏନ.ଏ.)
ଧମା ଥାନା ଅନ୍ତର୍ଗତ ବଡେମୁରା ନିକଟସ୍ଥ ବଦୁଆପାଲି ଅନ୍ତର୍ଗତ ଝାଙ୍କରବାହାଲି ସ୍କୁଲରେ ଶନିବାର ପରୀକ୍ଷା ଚାଲିଥିବା ବେଳେ ବାଧା ସୃଷ୍ଟି କରି ସ୍ୱାମୀ, ସ୍ତ୍ରୀ ଗିରଫ ହୋଇଛନ୍ତି। ଏମାନେ ହେଲେ ବଦୁଆପାଲି ଗ୍ରାମର ସୋମେନ୍ଦ୍ର ବହିଦାର ଏବଂ ତାଙ୍କ ସ୍ତ୍ରୀ କୌଶଲ୍ୟା। ସ୍କୁଲଟି ସେମାନଙ୍କ ଜମିରେ ତିଆରି ହୋଇଥିବାରୁ ବାହାରି ଯିବାକୁ ପିଲାଙ୍କୁ କହିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଅର୍ଜୁନ ସିଂଙ୍କ ନିକଟକୁ ଯାଇ ଏ ବାବଦରେ ଅଭିଯୋଗ କରିଥିଲେ। ସିଂ ଏହା ବିରୋଧରେ ଧମା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଛି।

# ବିକାଶ, ସୁଶାସନର ପରିପନ୍ଥୀ ହେଉଛି ଦୁର୍ନୀତି

ସମ୍ବଲପୁର, ୨।୧୧ (ବ୍ୟୁରୋ)

ବିକାଶ ଓ ସୁଶାସନର ପରିପନ୍ଥୀ ହେଉଛି ଦୁର୍ନୀତି। ଏହା ନାଗରିକମାନଙ୍କୁ ସେମାନଙ୍କର ନାର୍ଯ୍ୟ ଅଧିକାର ଓ ମୌଳିକ ସେବା ପ୍ରଦାନ ପ୍ରକ୍ରିୟାକୁ ପରିହତ କରିଥାଏ । ଗଣତନ୍ତ୍ରର ଆଧାରକୁ ଦୁର୍ବଳ କରିବା ସହ ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣରେ ପ୍ରତିବନ୍ଧକ ହୋଇଥାଏ । ଦେଶର ବିକାଶ ପଥକୁ ସୁଗମ କରିବା ପାଇଁ ଜନ ସେବାରେ ନିୟୋଜିତ ସମସ୍ତ ପଦପଦବୀଧାରୀ ବ୍ୟକ୍ତି ଦୁର୍ନୀତିରୁ ନିବୃତ୍ତ ରହି ନିଜ କାର୍ଯ୍ୟଧାରା ଓ ଆଚାରଣରେ ଦୃଷ୍ଟାନ୍ତ ମୂଳକ ସଚ୍ଚୋଟତା ପ୍ରଦର୍ଶନ କରି ଲୋକସେବାରେ ପୂର୍ଣ୍ଣପ୍ରାଣ ସମର୍ପିତ କରିବା ଉଚିତ। ଦୁର୍ନୀତି ସମ୍ପର୍କରେ ସଚେତନତାର ଆବଶ୍ୟକତା ଅଛି। ଦୁର୍ନୀତିକୁ ଶିକ୍ଷିତ ଯୁବ ସମାଜ ମୂଳୋତ୍ପାଟନ କରି ପାରିବେ। ଶନିବାର ଲଜପତ ରାୟ ଆଇନ କଲେଜ ସଭା କକ୍ଷରେ ଆୟୋଜିତ ଦୁର୍ନୀତି ନିବାରଣ ଆଲୋଚନା




ଶନିବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜ ଅଧକ୍ଷ ଡ. ବିଜୟାନନ୍ଦ ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ଚକ୍ର ତଥା ଅନ୍ୱେଷଣ କାର୍ଯ୍ୟକ୍ରମରେ ବକ୍ତାମାନେ ଏହା କହିଛନ୍ତି । କଲେଜ ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସଞ୍ଜୟ କୁମାର ସାହୁ ମୁଖ୍ୟ ଅତିଥି, ଦୁର୍ନୀତି ନିବାରଣ ବିଭାଗ ଉପ ଅଧିକ୍ଷକ ଦିଲୀପ କର, ଭିଜିଲାନ୍ସ ପିପି ଅଭେଦାନନ୍ଦ ମିଶ୍ର ଓ ଭିଜିଲାନ୍ସ ଏପିପି ଗୌରମୋହନ ଦାଶ ବକ୍ତାଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସତ୍ୟନିଷ୍ଠ ହେବା ନେଇ ଛାତ୍ରୀଛାତ୍ର ଶପଥ ଗ୍ରହଣ କରିଥିଲେ। ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମୀକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ନିକିତା ତ୍ରିପାଠୀ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ ଅଧ୍ୟାପକ ଅଙ୍କିତସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାକ୍ତନ କଲେଜ ଅଧକ୍ଷ ପ୍ରଫେସର ଗିରିଜାଶଙ୍କର ଶର୍ମା, ଡ. ରମାକାନ୍ତ ଶତପଥୀ, ରାହୁଲ ଗୁପ୍ତା, ଅଧ୍ୟାପିକା ସ୍ୱାଗତିକା ବିଶ୍ୱାଳ, ସାଗରିକା ବିଶ୍ୱାଳ, କବିତା ପଣ୍ଡା ନିମନ୍ତ୍ରିତ ଅତିଥି ଥିଲେ ।

### ବଦୁଆପାଲିରେ ନିଶାମୁକ୍ତି ଅଭିଯାନ

ଧମା, ୨।୧୧ (ଡି.ଏନ.ଏ)

ଧମା ଥାନା ଅନ୍ତର୍ଗତ ବଦୁଆପାଲି ଏବଂ ଏହାର ଆଖପାଖ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। ୱାର୍ଡମେମ୍ବର ସୁଦର୍ଶନ ନାଏକ, ମନସୀ ଭୋଇ, ହୃଦାନନ୍ଦ ନାଏକ ପ୍ରମୁଖ ନେତୃତ୍ୱ ନେଇଛନ୍ତି। ଶତାଧିକ ଗ୍ରାମବାସୀ ବାହାରି କେନାଲ ଆଡି ଏବଂ ଗୋଚର ଜମିରେ ଅବାଧ କବଜା କରି ରହୁଥିବା ପ୍ରାୟ ୧୦ ଘର ଅଧିବାସୀଙ୍କୁ ବୁଝାଇଛନ୍ତି। ଏମାନେ ନିଶା ବ୍ୟବସାୟ କରୁଥିବାରୁ ସେଥିରୁ ନିବୃତ୍ତ ରହିବାକୁ କୁହା ଯାଇଛି। ସେମାନଙ୍କୁ ବୁଝାଇ ସୁଝାଇ ଉକ୍ତ ସ୍ଥାନରୁ ଉଠାଇ ଝାଙ୍କରବାହାଲି ଏବଂ ବଦୁଆପାଲି ରାସ୍ତା କଡରେ ଥିବା ପାଣିଛତର ଅଞ୍ଚଳରେ ଥଇଥାନ କରିଥିଲେ । ଗୋଚର ଜମିରେ ସେମାନେ ବସବାସ କରୁଥିବାରୁ ଗ୍ରାମବାସୀଙ୍କୁ ଗାଈ ଚରାଇବା ପାଇଁ ସମସ୍ୟ ସୃଷ୍ଟି ହେଉଛି। ଏହାଦ୍ୱାରା ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ହୋଇଛି । ଏଥିରେ ଗ୍ରାମବାସୀ ସବ୍ୟସାଚୀ ବହିଦାର, ଅଜିତ ସିଂ, ପ୍ରଦୀପ ପତି, କାନ୍ତ ପତି, ବୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଏ ବାବଦରେ ଏକ ଦରଖାସ୍ତ ମାନେଶ୍ୱର ତହସିଲଦାରଙ୍କ ଅବଗତି ନିମନ୍ତେ ପଠା ଯାଇଛି।

■ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ ଉଦ୍‌ଘାଟିତ

## ସମ୍ପର୍କ କ'ଣ କହିଲା ସମ୍ବଲପୁରୀ ନାଟକ 'କଥାନ୍ତର'

ସମ୍ବଲପୁର, ୨।୧୧ (ବ୍ୟୁରୋ)
ଶ୍ରୀ କଲଚରାଲ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ ଚତୁର୍ଥ ଶ୍ରୀ ରଙ୍ଗସମାଗମ– ୨୦୧୯ ଶନିବାର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସ ସନ୍ଧ୍ୟାରେ ଆଶିଷ କୁମାର ସୋନାରଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'କଥାନ୍ତର' ମଞ୍ଚସ୍ଥ ହୋଇଥିଲା । ଏହାକୁ ଶ୍ରୀ କଲଚରାଲ ଆସୋସିଏଶନ୍ କଳାକାରମାନେ ପରିବେଷଣ କରିଥିଲେ। ସମ୍ପର୍କର ମୂଳ ଭିତ୍ତି ହେଉଛି ସ୍ନେହ, ପ୍ରେମ, ଶ୍ରଦ୍ଧା, ଉତ୍ତମ ବୁଝାମଣା ଓ ଭଲ ପାଇବା। କିନ୍ତୁ ଜୀବନରେ ବେଳେ ବେଳେ ଏମିତି କିଛି ସମ୍ପର୍କ ସୃଷ୍ଟି ହୁଏ, ଯାହାର ଆଧାର ସ୍ନେହ କି ପ୍ରେମ ନୁହେଁ, ବରଂ କେବଳ ସର୍ତ୍ତ ରହିଥାଏ। ଏହି ସମ୍ପର୍କର ଭିତ୍ତି ବିବଶତା ଓ ବାଧ୍ୟବାଧକତା ଉପରେ ପ୍ରତିଷ୍ଠିତ। ଏପରି ସମ୍ପର୍କ ଚିରସ୍ଥାୟୀ ନୁହେଁ ବରଂ ରଣସ୍ଥାୟୀ । ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ସମ୍ବଲପୁର ବିଧାୟିକ ଜୟନାରାୟଣ



ନାଟକ 'କଥାନ୍ତର'ର ଦୃଶ୍ୟ ।

ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ମରଣିକା ଉନ୍ମୋଚନ କରିଥିଲେ । ଆୟୋଜକ ଅନୁଷ୍ଠାନ ଉପଦେଷ୍ଟା ସୁଶାନ୍ତ କୁମାର ପୁରୋହିତ ସୂଚନା ପ୍ରଦାନ କରିଥିଲେ ।



ଶନିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଆୟୋଜିତ ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

■ଏଚ୍‌ଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର ପରେ ଭିମ୍‌ସାର ଦନ୍ତ ବିଭାଗ ବନ୍ଦ ଘଟଣା

## ଡାକ୍ତରଙ୍କୁ ଏଚ୍‌ଆଇଭି ରୋଗୀ ସଂଗଠନର ସମର୍ଥନ

### ସର୍ଜରୀ ବିଭାଗ ବିରୋଧରେ ଅବହେଳା ଅଭିଯୋଗ

ସମ୍ବଲପୁର,୨।୧୧ (ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମ୍‌ସାରରେ ଜଣେ ଏଚଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର ପରେ ଆଉ ୨ ଜଣଙ୍କୁ ଚିକିତ୍ସା କରିବା ଘଟଣାର ବିଭାଗୀୟ ତଦନ୍ତ ଜାରି ରହିଛି । ଅନ୍ୟପଟେ ଅସ୍ତ୍ରୋପଚାର କରିଥିବା ଦନ୍ତ ବିଭାଗ ଡାକ୍ତର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସମର୍ଥନରେ ରାଜ୍ୟ ଏଚଆଇଭି ରୋଗୀ ସଂଗଠନ ସମର୍ଥନରେ ବାହାରିଛି। ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ସଂଗଠନ ଦାବିପତ୍ର ଦେଇଛି। ଅଭିଯୋଗ କ୍ରମେ ୧୫ ଦିନ ଧରି ଜଣେ ଏଚଆଇଭି ରୋଗୀ ଭିମ୍‌ସାର ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିଲେ । ହେଲେ ସର୍ଜରୀ ବିଭାଗ ପକ୍ଷରୁ ତାଙ୍କ ଚିକିତ୍ସାରେ ଅବହେଳା କରାଯାଇଥିଲା । ତାଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉ ନ ଥିଲା । ସମସ୍ତ ପରୀକ୍ଷା କରି ମଧ୍ୟ ଅସ୍ତ୍ରୋପଚାର କରାଯାଉ ନ ଥିଲା । ରୋଗୀ ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଏଣୁ ମାନବିକତା ଦୃଷ୍ଟିରୁ ଡାକ୍ତର ସ୍ୱାଇଁ ସମ୍ପୃକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କଲେ । ହେଲେ ତାଙ୍କ ବିଭାଗର ମୁଖ୍ୟ ଓ ଅନ୍ୟ ଜଣେ ଡାକ୍ତର ମିଶି ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି। ଏବେ ଘଟଣାର ତଦନ୍ତ କରାଯାଉଛି। ତାହା ବନ୍ଦ କରାଯାଉ। ନ ହେଲେ ସମଗ୍ର ରାଜ୍ୟରେ ଆନ୍ଦୋଳ କରାଯିବ। ରାଜ୍ୟରେ ଅନେକ ଏଚଆଇଭି ରୋଗୀଙ୍କୁ ଡାକ୍ତରଖାନାରେ ଭଲ ଭାବେ ଚିକିତ୍ସା କରାଯାଉ ନାହିଁ । ସମ୍ବଲପୁର ଜିଲାରେ ମଧ୍ୟ ଏବେ ୫ ଜଣ ଏଚଆଇଭି ରୋଗୀ ବିଭିନ୍ନ ରୋଗରେ ଆକ୍ରାନ୍ତ। ସେମାନଙ୍କ ଅସ୍ତ୍ରୋପଚାର ଆବଶ୍ୟକ ରହିଛି । ଯଦି ଏଭଳି ଘଟଣା ଘଟେ ତାହା ହେଲେ ରାଜ୍ୟରେ କୌଣସି ମେଡିକାଲରେ ଡାକ୍ତରମାନେ ଅସ୍ତ୍ରୋପଚାର କରିବେ ନାହିଁ । ତେଣୁ ତଦନ୍ତ ବନ୍ଦ କରାଯାଉ। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୮ ତାରିଖ ଜଣେ ଏଚ୍‌ଆଇଭି ରୋଗୀଙ୍କୁ ଭିମସାର ଦନ୍ତ ବିଭାଗରେ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଓ ଜଣେ ୭ ବର୍ଷରୁ ବାଳକର ଦାନ୍ତ ବାହାର କରାଯାଇଥିଲା । ଏହାକୁ ନେଇ ଦନ୍ତ ବିଭାଗ ମୁଖ୍ୟ ଡାକ୍ତର ଅନୁପ ଶତପଥୀ ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ୨୪ ଘଣ୍ଟା ଅପରେଶନ କକ୍ଷ ବନ୍ଦ ରଖିବାକୁ କହିଥିଲେ। ଡାକ୍ତର ପି.କେ.ସ୍ୱାଇଁ ଏଥିରେ ଅବହେଳା କରିଥିବା ଦର୍ଶା ଯାଇଥିଲା। ହେଲେ ଏହି ଘଟଣାରେ ଡାକ୍ତର ସ୍ୱାଇଁ କହିଥିଲେ ଯେ, ମିଛରେ ପ୍ରଚାର କରାଯାଉଛି। ସେଭଳି କିଛି ହୋଇ ନାହିଁ । ତାଙ୍କୁ ଷଡଯନ୍ତ୍ର କରି ଫସା ଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନିର୍ଦ୍ଦେଶ କ୍ରମେ ୫ ଜଣିଆ କମିଟି ଗଠନ କରାଯାଇ ତଦନ୍ତ ଜାରି ରହିଛି। ଡାକ୍ତର ପ୍ରଭାତୀ ଦତ୍ତଙ୍କ ନେତୃତ୍ୱରେ ୫ ଜଣିଆ କମିଟି ରିପୋର୍ଟ ପ୍ରଦାନ କରିଛି।

## ବୁର୍ଲା ସେଣ୍ଟ ଲକ୍ କନ୍‌ଭେଣ୍ଟ ସ୍କୁଲ ଚାମ୍ପିୟନ

ସମ୍ବଲପୁର, ୨।୧୧ (ବ୍ୟୁରୋ)

୪୫ତମ କୋଲ ଇଣ୍ଡିଆ ସ୍ଥାପନା ଦିବସ ଅବସରରେ ଆନ୍ତଃ ସ୍କୁଲ ନୃତ୍ୟ ପ୍ରତିଯୋଗିତା ଆନନ୍ଦବିହାର ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୭ଟି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବୁର୍ଲା ସେଣ୍ଟ ଲକ୍ କନଭେଣ୍ଟ ସ୍କୁଲ ଚାମ୍ପିୟନ ହୋଇଛି । ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ଏମସିଏଲ ଡିଏଭି ପବ୍ଲିକ ତୃତୀୟ ସ୍ଥାନ ହାସଲ କରିଛି । ଏଥିସହ ବୈଦିକ ସ୍କୁଲକୁ ସାନ୍ତ୍ୱନା ମୂଳକ ପୁରସ୍କାର ମିଳିଛି। ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା, ଜାଗୃତୀ



ଶନିବାର କୋଲ ଇଣ୍ଡିଆ ୪୫ତମ ସ୍ଥାପନା ଦିବସ ଉତ୍ସବରେ ପୂର୍ବତନ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଆନ୍ତଃ ସ୍କୁଲ ନୃତ୍ୟ ପ୍ରତିଯୋଗିତା**

ମହିଳା ମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଲା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏମସିଏଲର ପୂର୍ବତନ ନିର୍ଦ୍ଦେଶକ ଏସପି ସିଂ, ଏକେ ତିୱାରୀ, ଜିଡି ଗୁଲାପ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିଏନ ନାଗ, କେକେ ପରିଡା, କୁଳମଣୀ ବିଶ୍ୱାଳଙ୍କୁ ଉତ୍ତରୀୟ, ଶ୍ରୀଫଳ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ବରିଷ୍ଠ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

ସକ୍ଷମ ଯୋଜନା ଶୁଭାରମ୍ଭ

## ପତ୍ରିକା ଉନ୍ମୋଚିତ, କୃତ୍ରିମ ଅଙ୍ଗ ସହ ସାର୍ଟିଫିକେଟ ବଣ୍ଟନ

ସମ୍ବଲପୁର, ୨।୧୧ (ବ୍ୟୁରୋ)

ସମ୍ବଲପୁର ଜିଲାରେ ବସବାସ କରୁଥିବା ଅବହେଳିତ ନାଗରିକ ମାନଙ୍କ ନିମନ୍ତେ ସକ୍ଷମ ଯୋଜନା ଶନିବାର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁଭାରମ୍ଭ ହୋଇଯାଇଛ। ଜିଲାପାଳ ଶୁଭମ ସକସେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସକ୍ଷମ ପତ୍ରିକାର ଉନ୍ମୋଚନ କରିଥିଲେ। ସକ୍ଷମ ଯୋଜନା ନିଶ୍ଚିତ ଭାବେ ଜିଲାରେ କାର୍ଯ୍ୟକାରିତା ହୋଇପାରିବ। ସମସ୍ତ ଜିଲା ଓ ବ୍ଲକ ଅଧିକାରୀମାନେ ଯୋଜନା କିପରି ସଫଳ ରୂପାୟନ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ଆହ୍ୱାନ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବାରେ




ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜଣେ ବ୍ୟକ୍ତିଙ୍କଠାରେ ଅତ୍ୟାଧୁନିକ କୃତ୍ରିମ ଅଙ୍ଗ ଖଞ୍ଜା ଯାଉଛି ।

ସକ୍ଷମ ଯୋଜନାର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ସଦର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ରେଢ଼ାଖୋଲ କୁଚିଣ୍ଡା ଉପଜିଲାପାଳ ଡୋଳାମଣୀ ପଟେଲ, ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ସମ୍ମାନିତ ଅତିଥି ଥିଲେ। ଆଞ୍ଚଳିକ ଭିନ୍ନକ୍ଷମ ପୂର୍ଣ୍ଣବାସ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇ ସକ୍ଷମ ଯୋଜନାର ମୂଲ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨ଜଣ ଭିନ୍ନକ୍ଷମଙ୍କୁ ଉନ୍ନତମାନର କୃତ୍ରିମ ଅଙ୍ଗ, ୧୫ଜଣ ସିକିଲ ସେଲ୍ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କର ପ୍ରବନ୍ଧକ, ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା କର୍ମୀ, ସର୍ବଶିକ୍ଷା ଅଭିଯାନର ଅଧିକାରୀ, ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗକୁ ପେରେଣ୍ଟ ଡିପାର୍ଟମେଣ୍ଟ ଭାବେ ଘୋଷଣା କରାଯାଇଛି । ତେଣୁ ସମସ୍ତ ବିଭାଗର ସହଯୋଗରେ ଏହାର ସଫଳ ରୂପାୟନ ହୋଇପାରିବ ବୋଲି ଆଶା ରହିଛି।

### ସମ୍ବଲପୁର ବିଭାଗସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ

ଧମା, ୨।୧୧ (ଡି.ଏନ.ଏ.)

ଧମା ସରସ୍ୱତୀ ଶିଶୁ ମନ୍ଦିରଠାରେ ସମ୍ବଲପୁର ବିଭାଗର ବିଭାଗସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୦ଜଣ ପ୍ରଧାନ ଆଚାର୍ଯ୍ୟ ଏବଂ ୪୦ ଜଣ ପ୍ରଧାନାଚାର୍ଯ୍ୟା ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପଶ୍ଚିମ ସମ୍ଭାଗର କାର୍ଯ୍ୟାଳୟ ପ୍ରମୁଖ ବଳରାମ ଦାଶ ପ୍ରମୁଖ ଯୋଗଦେଇ ଉପସ୍ଥିତ ପ୍ରଧାନ ଆଚାର୍ଯ୍ୟା ଓ ଆଚାର୍ଯ୍ୟମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଧମା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସଭାପତି, ଉପସଭାପତି, ସଦସ୍ୟ, ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

# ନାବାଳିକା ଗଣବଳାତ୍କାର ଘଟଣା
# ଗିରଫ ୨ ଯୁବକଙ୍କୁ କୋର୍ଟ ଚାଲାଣ

**ଦେବଗଡ଼,୨।୧୧(ଡି.ଏନ.ଏ.)**

ଦେବଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗରେ ଦେବଗଡ଼ ଥାନା ପୋଲିସ ଅଟକ ରଖିଥିବା ଅଜିତ ଦେହୁରୀ(୨୦) ଓ ବିନୋଦ ପେଣ୍ଡେଇ(୩୫)ଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୋଗ ମୁତାବକ, ଛାତ୍ରୀ ଜଣକ ପିଉସୀ ଘରକୁ ବୁଲିବାକୁ ଯାଇଥିଲେ। ହେଲେ ଗତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଛାତ୍ରୀ ଜଣକ ପରିସ୍ରା କରିବାକୁ ବାହାରକୁ ବାହାରିଥିଲେ। ସେତିକିବେଳେ ୨ଜଣ ଯୁବକ ଛାତ୍ରୀଙ୍କ ପାଟିକୁ ଯାବୁଡି ଧରି ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକ ଦ୍ୱୟ ସେଠାରୁ ଦୌଡି ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣକ ଘରକୁ ଫେରି ପିଉସୀଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏନେଇ ବୁଧବାର ଛାତ୍ରୀ ଜଣକ ସମ୍ପର୍କୀୟଙ୍କ ସହ ଦେବଗଡ଼ ଥାନାରେ ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ପରେ ଅଜିତ ଏବଂ ବିନୋଦଙ୍କୁ ଗିରଫ କରି ପଚରାଉଚୁରା କରିଥିଲା। ପରେ ପୋଲିସ ସେମାନଙ୍କ ଡାକ୍ତରୀମାଇନା କରି ଶନିବାର କୋର୍ଟ ଚାଲାଣ କରିଛି।

# ଜିଲାସ୍ତରୀୟ ଆନ୍ତଃ ସ୍କୁଲ ଖେଳକୁଦ ପ୍ରତିଯୋଗିତା

**ଦେବଗଡ଼,୨।୧୧(ଡି.ଏନ୍.ଏ.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ଆନ୍ତଃସ୍କୁଲ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ୩ଟି ବ୍ଲକର ୧୨୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ୧୪ବର୍ଷରୁ କମ୍ ବୟସର ବାଳିକା ବିଭାଗରେ ତିଲେଇବଣିସ୍ଥିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଜୁବୁଲୀ ଦେହୁରୀ ଗ୍ରୁପ ଚାମ୍ପିୟନ ହୋଇଥିଲେ। ସେହିପରି ୧୪ବର୍ଷରୁ କମ ବୟସର ବାଳକ ବିଭାଗରେ ରିଆମାଳ ବ୍ଲକ କୁଶଖଲିଆ ହାଇସ୍କୁଲର ଛାତ୍ର ଶୁଭମ ଗଡନାୟକ ଗ୍ରୁପ ଚାମ୍ପିୟନ ହୋଇଥିଲେ। ସେହିପରି ଦୌଡକୁଦ ବାଳିକା ବରିଷ୍ଠ ବିଭାଗ ୧୭ ବର୍ଷରୁ କମ୍ ବୟସରରେ ତିଲେଇବଣି ହାଇସ୍କୁଲର ଛାତ୍ରୀ ଜୟନ୍ତୀ ଦେହୁରୀ ଗ୍ରୁପ ଚାମ୍ପିୟନ ହୋଇଥିବା ବେଳେ ବାଳକ ବରିଷ୍ଠ ବିଭାଗ ୧୭ ବର୍ଷରୁ କମ୍ ବୟସରରେ ତିଲେଇବଣି ବ୍ଲକ ଗାଙ୍ଗନଣ ହାଇସ୍କୁଲର ଛାତ୍ର ଟୁଗୁଲୁ ଶବର ଗ୍ରୁପ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ୮ତାରିଖରେ ବାଲେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।



ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ପ୍ରତିଯୋଗିତାକୁ ଦେବଗଡ଼ ଜିଲାର ୨୪ଜଣ କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସୁଗୁଡ଼ା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପଦ୍ମଲୋଚନ ପ୍ରଧାନ, ରିଆମାଳ ବ୍ଲକ କ୍ରୀଡ଼ାଶ୍ରୀ ରୋହିତ କୁମାର ପ୍ରଧାନ, ଜୟ ନାରାୟଣ ସାହୁ, ଚିତ୍ତରଞ୍ଜନ ମହାପାତ୍ର, କ୍ଷମାନିଧି ବେହେରା, ସୁଜ୍ଞାନୀ ସାମଲ, ସଧୀର ମିଞ୍ଜ, ଦମୟନ୍ତୀ ଦାସ, ରଞ୍ଜିତା ମିଶ୍ର, କିରନ ଟପ୍ପୋ, ଲୋକନାଥ ନାୟକ, ଡୋଳାମଣି ସାହୁ, ଦିଲୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବାହ୍ନରେ କ୍ରୀଡ଼ାଶ୍ରୀ ଡିଲେଶ୍ୱର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ସମେତ ଶିକ୍ଷା ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

# ସରକାରୀ ଜାଗାରେ ଘର କରିବା ମହଙ୍ଗା ପଡ଼ିଲା

**ରିଆମାଳ,୨।୧୧(ଡି.ଏନ୍.ଏ.)**

ସରକାରୀ ଜମିରେ ଜୋରଜବରଦସ୍ତି ଘର ନିର୍ମାଣ କରିବା ନେଇ ଜଣେ ଘର ମାଲିକଙ୍କୁ ଶନିବାର ମହଙ୍ଗା ପଡିଛି। ପ୍ରଶାସନ ପକ୍ଷରୁ ଜେସିବି ମେଶିନ ସାହାଯ୍ୟରେ ଘରକୁ ଭାଙ୍ଗି ଦିଆଯାଇଛି। ସୂଚନାଯୋଗ୍ୟ, ଦେବଗଡ଼ ଜିଲା ରିଆମାଳ ବ୍ଲକ ନାଉଲିପଡା ପଞ୍ଚାୟତ ଅଧୀନ ଜଟିଆନାଳୀଠାରେ ନାଉଲିପଡ଼ା ଗ୍ରାମର କୁବିହାରୀ ମହାପାତ୍ର ଜୋରଜବରଦସ୍ତି ଏକ ସରକାରୀ ଜମିରେ ଘର ନିର୍ମାଣ କରୁଥିଲେ। ଏନେଇ ରିଆମାଳ ତହସିଲଦାର ଖବର ପାଇଥିଲେ। ଏନେଇ ତହସିଲଦାର ଘର ନିର୍ମାଣ ନ କରିବାକୁ ତାଗିଦା କରିଥିଲେ। ତଥାପି ଘର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏନେଇ ରିଆମାଳ ତହସିଲଦାର ବିମଳା ବିରୁଲି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାର, ସୁପର ଭାଇଜର ଅନିଲ ନାୟକ, ନାଉଲିପଡ଼ା ରାଜସ୍ୱ ନିରୀକ୍ଷକ ଆଶ୍ରିତା ବିଲୁଙ୍ଗ, ରିଆମାଳ ରାଜସ୍ୱ ନିରୀକ୍ଷକ ନିର୍ମଳ ବିଶ୍ୱାଳ ପ୍ରମୁଖ ଶନିବାର ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ପୋଲିସ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ଘର ଭଙ୍ଗା ଯାଇଥିଲା।



ମହାଲକ୍ଷ୍ମୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ମହାଲକ୍ଷ୍ମୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାରକୋଟ, ୨।୧୧ (ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ମାକରମୁଣ୍ଡା ଖେଳ ପଡ଼ିଆରେ ଶନିବାର ମହାଲକ୍ଷ୍ମୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମହାଲକ୍ଷ୍ମୀ କ୍ଲବ ମାକରମୁଣ୍ଡା ଆନୁକୂଲ୍ୟରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କଣ୍ଟାପାଲି ଶାଖା ପରିଚାଳକ ଉତ୍ତମ ସା, କଣ୍ଢେଲ ସମିତି ସଭ୍ୟ ମଣ୍ଟୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ପ୍ରତାପ ଚନ୍ଦ୍ର ପଧାନ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ଜିଏଫ୍ କ୍ଲବ ଗଇଲ ଏବଂ କଣ୍ଟାପାଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ ଜିଏଫ୍ କ୍ଲବ ଗଇଲ ଟ୍ରାଇବ୍ରେକର ଜରିଆରେ ବିଜୟୀ ହୋଇଥିଲା । ବୁଦ୍ଧଦେବ ପ୍ରଧାନ, ଡିଲେଶ୍ୱର ବାଘ, ଜଗବନ୍ଧୁ ନୁହୁରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମହାଲକ୍ଷ୍ମୀ କ୍ଲବ ସଭାପତି ବିଶ୍ୱନାଥ ପ୍ରଧାନ, ସମ୍ପାଦକ ବିଷ୍ଣୁପ୍ରସାଦ ବଣିଚୂଳ, ସଦସ୍ୟ ସଞ୍ଜୟ କୁମାର ବେହେରା, ଗଜେନ୍ଦ୍ର ସାହୁ, ଦୀପକ ପ୍ରଧାନ, ଆଲୋକ ଲୁହୁରା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟ ୩ ଦିନ ଧରି ଚାଲିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ଦେଶୀ ରନ୍ଧାମଦ, ପୋଚ ଜବତ: ୩ ଗିରଫ

**ଦେବଗଡ଼,୨।୧୧(ଡି.ଏନ୍.ଏ.):**

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାର ରିଆମାଳ ବ୍ଲକର କଣ୍ଟାବାହଳ, କାଇଁସର, ପଥରଘାଟ ଗ୍ରାମରେ ଚଢାଉ କରି ବିପୁଳ ପରିମାଣର ଦେଶୀ ରନ୍ଧାମଦ, ପୋଚ ଓ ମଦ ପ୍ରସ୍ତୁତି ବିଭିନ୍ନ ସାମଗ୍ରୀ ଜବତ କରାଯିବା ସହ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, କଣ୍ଟାବାହାଳ, କାଇଁସର ଓ ପଥରଘାଟ ଗ୍ରାମରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି ହେଉଥିବା ଦେବଗଡ଼ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଦେବଗଡ଼ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ ସଦଳବଳେ କଣ୍ଟାବାହାଳ ଗ୍ରାମର ଅପର୍ଣ୍ଣା ସାହୁଙ୍କ ଘରେ ଚଢାଉ କରି ତାଙ୍କ ଘରୁ ୨୦ କିଲୋ ମହୁଲ ପୋଚ ଓ ୨ ଲିଟର ରନ୍ଧା ଦେଶୀମଦ ଜବତ କରିଥିଲେ। ସେହିପରି ଗ୍ରାମର ସୁଜିତ ସାହୁଙ୍କ ଘରେ ଚଢାଉ କରି ପାଖାପାଖି ୨ ଲିଟର ବିଦେଶୀ ମଦ କରାଯାଇଥିଲା। କାଇଁଶିର ଗ୍ରାମର ପୁଷ୍ପା ମାଝିଙ୍କ ଘରେ ଚଢାଉ କରି ୧୨ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ଅଭିଯୋଗରେ ଅପର୍ଣ୍ଣା , ସୁଜିତ ଓ ପୁଷ୍ପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ଅବକାରୀ ବିଭାଗ ପଥରଘାଟ ଗ୍ରାମର ଏକ ବେଆଇନ ଦେଶୀମଦ ପ୍ରସ୍ତୁତି ଆଡ୍ଡା ଉପରେ ଚଢାଉ କରି ୩୦୦ କିଲୋ ମହୁଲ ପୋଚ, ୨୦ ଲିଟର ଦେଶୀ ରନ୍ଧାମଦ ଓ ବହୁ ପରିମାଣର ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ହେଲେ ଘଟଣାସ୍ଥଳରେ କେହି ନ ଥିବାରୁ କାହାରିକୁ ଗିରଫ କରାଯାଇ ନାହିଁ। ଚଢାଉରେ ବାରକୋଟ ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ସାହୁ, ଅବକାରୀ ଏଏସ୍‌ଆଇ ଗୋବିନ୍ଦ ସାହୁ ଓ ଦଲୀପ ସାହୁଙ୍କ ସହ ଅନ୍ୟ ଅବକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ୩ ଅଭିଯୁକ୍ତ ସହ ଜବତ ସାମଗ୍ରୀ।


## ଭ୍ରମ ସଂଶୋଧନ

ଗତ ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିନ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପୃଷ୍ଠା–୧୩ରେ ସର୍ବସାଧାରଣ ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଜମି ତଫସିଲର ବିବରଣୀ ନିମ୍ନମତେ ସଂଶୋଧନ କରାଗଲା।
ଖତିଆନ ନମ୍ବର – ୩୦୦, ପ୍ଲଟ ନମ୍ବର – ୧୦୪୪

ସ୍ୱା./– ଭୂ–ଅର୍ଜନ ଅଧିକାରୀ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ

## ODISHA TOURISM DEVELOPMENT CORPORATION LTD,
Panthanivas (Old Block), Lewis Road, Bhubaneswar - 14 CAD-531

**REQUEST FOR PROPOSAL TO UPGRADE, OPERATE, MANAGE, SHARE AND TRANSFER COFFEE SHOP COUNTER AT SELECT PANTHANIVASES**

OTDC intends to lease covered space at Panthanivas Bhubaneswar, Dhauli&Khandagiri for operation of Coffee Shop Counter on upgrade, operate, manage, share and transfer basis. All the propertiesare located strategically and have significant tourist importance.Offers are invited from leading Coffee Shop chain to upgrade, operate, manage, share and transfer Coffee Shop Counter on a 3 years lease.

Bid Documents specifying the terms & conditions, instructions relating to the submission of the bid etc. can be downloaded from www.panthanivas.com from 04.11.2019 onwards.

The last date of submission of proposal is 23.11.2019up to 3.00 P.M. at the following address.

Managing Director
**Odisha Tourism Development Corporation Limited**
Lewis Road, Bhubaneswar751014 : Tel. 674 – 243 1289, Email: otdc@panthanivas.com
37002/11/0014/1920

e-mail: eerwsskld@nic.in
eerwsskld@gmail.com
Phone No: 06670-230784

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**KALAHANDI RWS&S DIVISON, BHAWANIPATNA.**
No.O-481 :- **INVITATION OF BID THROUGH e - TENDERING**
*Bid Identification No- 17/EE/RWSS/ 2019-20 /Bpt Dated.01.11.2019*
01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 17/EE/RWSS/2019-20 /Bpt Dated- 01.11.2019 | 08.11.2019 | 22.11.2019 | 23.11.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.

Sd./- Executive Engineer,
Kalahandi RWS&S Division, Bhawanipatna
25005/11/0013/1920

## ZILLA SWASTHYA SAMITI, KHORDHA
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail : nhmkhordha@gmail.com Phone:06755-222993

**CONDEMNATION OF COLD CHAIN EQUIPMENTS C.D.M & P.H.O KHORDHA**

Sealed tenders are invited from the eligible registered firms/agencies/individuals to purchase the following condemned materials (Cold Chain items) from C.D.M & P.H.O Khordha.

1- Ice lined refrigerator (Small) 23 no's
2- Cold box (5 Ltrs) 08 no's
3- Deep Freezer (Small) 15 no's
4- Cold box (20 Ltrs) 04 no's
5- Vaccine Carrier 332 no's
6- Voltage Stabilizer 25 no's
7- Ice Pack 700 no's
8- Domestic Refrigerator 01 no

No. E-472

The details term & condition guideline etc. Including tender paper format can be downloaded from the district website-: www.khordha.nic.in The tenders in the prescribed format along with all relevant documents should reach the office of the undersigned by 15.11.2019 till 12 noon through regd. Post/ speed post/ courier only. The envelope should duly super scribed on top of the envelope as" Tender for condemnation of cold chain equipments-Khordha". The tender will open on dtd-15.11.2019 at 3.00 p.m in the presence of bidders or their authorized representative. The undersigned reserves the right to reject any or all the quotations without assigning any reason thereof.

10029/11/0015/1920 Sd/- Chief District Medical & Public Health Officer, Khordha

## OFFICE OF THE MUNICIPAL COUNCIL, KEONJHARGARH
**email : keonjharm.hud@rediffmail.com**
**Invitation for Bids (IFB) 'e' Procurement Notice**
**Bid Identification No.KGM-07/2019-20**

**Letter No.5687 /KGM** **Date: 02.11.2019**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work - Civil Work
2. No. of Work - 02 Nos.
3. Value of works : Rs.19,89,000/- to 19,89, 000/-
4. Date & Time of availability of Bid document in the portal : From. 04.11.2019 at 11.00 A.M. up to 14.11.2019 at 5.00 P.M.
5. Last date & time of submission of bid in portal - upto 5 P.M. of 14.11.2019.
6. Date of Opening of bid in portal - 16.11.2019 at 4.30 P.M.
7. Name & address of the officer in inviting Bid - EO, Keonjhargarh Municipality.

Further details can be seen from Website : www.tendersorissa.gov.in

Sd./-
Executive Officer
Keonjhargarh Municipality

## OFFICE OF THE COLLECTOR & DISTRICT MAGISTRATE, DHENKANAL
**(SOCIAL WELFARE SECTION)**
**e-mail id : dssodhenkanal@gmail.com**
**Tel No.- 06762-224481**

**TENDER CALL NOTICE**

**No.2390** **Date: 02.11.2019**

Sealed tenders are invited from registered travel agencies having valid GST certificate for selection of Travel Agency for 'Providing Hired Vehicle on Call Basis for DSWO Office at District level (Mission Shakti) and ICDS projects at Block Level (Mission Shakti). The details of tender document including General information may be referred from the District website- http://dhenkanal.nic.in from dt.04.11.2019 to dt.22.11.2019. The tender document completed in all respect along with E.M.D & all required documents shall be deposited in the office of DSWO, Dhenkanal on or before dt.22.11.2019 by 5.00 P.M. through Registered Post/ Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Dhenkanal. The tenders will be opened as per the tender schedule on dt.25.11.2019 at 11.00 A.M. in the office chamber of Addl. District Magistrate, Dhenkanal. The authority reserves the right to modify / cancel the tender at any point of time and the same will be published in the Dist. Website http://dhenkanal.nic.in.

Sd./-
District Social Welfare Officer,
Dhenkanal

## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

No.II-43 :-

L.A No.୭୧/୧୮–ଢେଙ୍କାନାଳ–୫୦୧୦/RRCS ତା.୨୮।୦୮।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ– ୨୦୧୩(R.F.C.T.L.A.R &R Act–୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ପାଇକଦହିକୋର, ଥାନା–ଢେଙ୍କାନାଳ ନଂ.୨୩୮, ତହସିଲ–ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧିୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ–୨୦୧୩(R.F.C.T.L.A.R &R Act–୨୦୧୩)ର ୧୧(୧)ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୮୫୭ ତା୧୧।୧୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ପାଇକଦହିକୋର, ଥାନା–ଢେଙ୍କାନାଳ ନଂ.୨୩୮, ତହସିଲ–ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର–ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

**କିମ୍ବା**

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ପାଇକଦହିକୋର, ଥାନା–ଢେଙ୍କାନାଳ ନଂ.୨୩୮, ତହସିଲ–ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**ଜିଲ୍ଲା-ଢେଙ୍କାନାଳ** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ-ଢେଙ୍କାନାଳ**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପାଇକଦହିକୋର | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୯.୫୧୦ | ୭.୯୭୦ | ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ୨.୧୬୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

**ଅଧିସୂଚନାର ବୈଧ ତାରିଖ ୨୭।୧୨।୨୦୧୮** **ରାଜ୍ୟପାଳଙ୍କ ଆଦେଶକ୍ରମେ ଜିଲ୍ଲାପାଳ**

**ମୌଜା-ପାଇକଦହିକୋର** **ଭୂମି ଅନୁସୂଚୀ** **ଥାନା-ଢେଙ୍କାନାଳ ନଂ.୨୩୮**
**ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ରୟତ ଜମିର ଖତିୟାନ ନକଲ।**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାଙ୍କ/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୧୦ | ୪୯୨ | ୦.୨୪୦ | ୦.୧୧୦ | ଆକୁଳ ବେହେରା, ପି–ସନନ୍ଦ ବେହେରା ଓଗେର |
| ୨ | ୨୪ | ୨୨୨/୬୪୯ | ୦.୮୫୦ | ୦.୦୨୦ | ଗନ୍ଧର୍ବ ଭୋଳା, ପି–ଦୋଳଗୋବିନ୍ଦ ଭୋଳା |
| ୩ | ୪୭ | ୫୭୫/୬୫୦ | ୨.୧୨୦ | ୦.୮୨୦ | ଦୁଃଶାସନ ବେହେରା, ପି–କସ୍ତୁରୀ ବେହେରା, ଓଗେର |
| ୪ | ୬୪ | ୬୦୫/୬୪୧ | ୦.୯୫୦ | ୦.୦୩୦ | ନିରଞ୍ଜନ ବେହେରା, ପି–ମଦନ ବେହେରା |
| ୫ | ୬୮ | ୨୨/୬୬୩ | ୧.୨୨୦ | ୦.୫୬୦ | ବଟକୃଷ୍ଣ ମହାନ୍ତି, ପି–ଅର୍ଜୁନ ମହାନ୍ତି, ଓଗେର |
| ୬ | ୧୦୦ | ୪୭୭ | ୦.୧୬୦ | ୦.୦୭୦ | ରାସବିହାରୀ ବେହେରା, ପି–ନାରଣ ଗଜିନ୍ଦ୍ରା |
| | | ୪୭୯ | ୧.୦୭୦ | ୦.୪୫୦ | |
| | | ୫୫୪ | ୩.୫୬୦ | ୨.୧୬୦ | |
| ୭ | ୧୦୧ | ୪୭୩ | ୧.୩୬୦ | ୦.୨୮୦ | ରାସବିହାରୀ ବେହେରା, ପି–ନାରଣ ଗଜିନ୍ଦ୍ରା |
| | | ୪୭୫ | ୦.୪୧୦ | ୦.୪୧୦ | |
| | | ୪୯୬ | ୧.୩୬୦ | ୦.୪୨୦ | |
| | | ୫୦୨ | ୦.୩୮୦ | ୦.୧୭୦ | |
| ୮ | ୧୧୯/୧୩ | ୪୭୧ | ୦.୪୯୦ | ୦.୨୧୦ | ଗୁରୁଚରଣ ଗଜିନ୍ଦ୍ରା, ପି–ରାସବିହାରୀ ଗଜିନ୍ଦ୍ରା |
| | | ୪୯୫ | ୦.୪୯୦ | ୦.୨୦୦ | |
| ୯ | ୧୧୯/୧୬ | ୫୯୫/୭୧୮ | ୦.୪୦୦ | ୦.୪୦୦ | ଖୁଲଣା ବେହେରା, ସ୍ୱା–ନିରାକାର ବେହେରା, ଓଗେର |
| ୧୦ | ୧୧୯/୭୫ | ୫୯୫/୭୬୬ | ୦.୨୮୦ | ୦.୦୫୦ | ଶକୁନ୍ତଳା ବେହେରା, ସ୍ୱା–ଅଶୋକ କୁ. ବେହେରା |
| ୧୧ | ୧୧୯/୧୦୨ | ୫୭୫/୬୮୫ | ୦.୩୦୦ | ୦.୩୦୦ | ନବଯୁଗ ଏଜୁକେସନାଲ ଆଣ୍ଡ ଚାରିଟେବୁଲ, ମାର୍ଫତ– ବସନ୍ତ ମଞ୍ଜରୀ ନାୟକ |
| ୧୨ | ୧୧୯/୧୩୫ | ୫୭୫/୮୦୬ | ୩.୨୫୦ | ୧.୧୦୦ | ବିକଳ ବେହେରା, ପି–ଗୋବିନ୍ଦ ବେହେରା |
| ୧୩ | ୧୧୯/୧୫୧ | ୫୯୫/୮୧୪ | ୦.୧୬୦ | ୦.୧୬୦ | ଭାସ୍କର ବେହେରା, ପି–ରାମ ଚନ୍ଦ୍ର ବେହେରା |
| ୧୪ | ୧୧୯/୧୫୩ | ୫୯୫ | ୦.୦୬୦ | ୦.୦୧୦ | ଶକୁନ୍ତଳା ବେହେରା, ସ୍ୱା–ଅଶୋକ କୁ. ବେହେରା |
| ୧୫ | ୧୧୯/୨୧୯ | ୫୭୫/୬୭୮ | ୦.୪୦୦ | ୦.୦୪୦ | ବିଦ୍ୱାନ ରେସିଡେନ୍ସିଆଲ କଲେଜ, ଜ୍ଞାନେନ୍ଦ୍ର କୁମାର ସାହୁ ଓଗେର |

**ମୋଟ ଏ.୧୯.୫୧୦ ୭.୯୭୦**

24034/14/0054/1920

# SUNDAY classifieds




## BRIDE WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗଉଡ Bengali ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68211

Son age 28 B.Tech, M.Tech NIT Rurkela working in Govt. of India Assistant Manager (Caste-no-bar) 7008986005. D-14979

Son age 30 B.Tech, M.Tech IIT Bombay working in Senior Manager MNC Company Brahmin 8144589551. D-14980

Tech Mahindraରେ job, 40,000/- ଦରମା, ବୟସ 34, ବ୍ରାହ୍ମଣ ପୁଅଙ୍କ ପାଇଁ ଅବିବାହିତ ଝିଅ ଦରକାର । 9658674636. D-67914

## GROOM WANTED

Khandayat Girl M.A, M.Phil, English Lecturer born 1993 parents Professors inviting marriage proposal from deserving Khandayat/ Karan/ Brahmin groom-9970119909. D-67100

Khandayat girl 1989 MBBS, PG Doctor, father retired officer: 9437555525. D-67250

Suitable match from Delhi for Oriya, Karan girl. 30/ 5'8" NIT Alumni. wkg in MNC Gurugram, 18 LPA. Father class I Officer, 9868539120. D-15043

Bride Homoeopathic doctor, D.B. 12.03.1989 ଧନୁ୨୦/୯ Height 5'5". Contact: 9439612903. D-15004

Nationalised Bank ରେ Grade-II Officer Bhubaneswar ସ୍ଥିତ 35 ବୟସ୍କା ଅବିବାହିତା ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 9658674636. D-67915

Wanted Govt. officer, Established business man for Khandayat bride B.Tech, MBA, 24+, white, (Caste-no-bar) Early Marriage-7008468672. D-15041

Divorcee bride Engineer 37, Lecturer 39, Business 42 (Caste-no-bar)-7873374269. D-68601

Girl age 30 Ph.D NIT Rourkela working in Govt. of India (SC) (Caste-no-bar) 7008986003. D-14978

Groom wanted for Brahmin software Engineer 25/ 5'3". 8338083380, 8480611745. D-68156

Beautiful SC (Chamara) girl 1989/ BSC MBA (Caste-no-bar) 9437310220, 7008967858. D-66200

Now Matrimonial ads. only on Wednesday & Sunday
Book 1 Get 1 FREE




Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic Massage club fully relaxed by smart lady home service available-9937637219. D-66984

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Refresh your mind and soul with best therapy at Orchid Salon/Spa. 9937287222. D-66991

Summer special mesmerizing offer expert therapeutic refreshing massage appointment. 9668374480. D-68149

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ARYAN
ତୋର ଶୁଭ ଦ୍ୱିତୀୟ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ମଙ୍ଗଳାକାଂକ୍ଷୀ:
ଅଜା, ଆଇ, ଜେଜେବାପା, ଜେଜେମା', ବାବା, ମାମା, ମାମୁ, ମଉସା, ମାଉସୀ, ରାକ୍ଷୀ ଦିଦି।
ଧ-୧୫୦୩୬

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ସାଇ ସୁଲଗ୍ନା (ଗୁଗୁ)
ନିମାପଡ଼ା, ପୁରୀ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର କଲ୍ୟାଣ କରନ୍ତୁ।
ଶୁଭେଚ୍ଛାସହ:
ସତୀଶ ଓ ଅମିତା (ଡାଡି ଓ ମମି) ଜେଜେମା', ଜେଜେବାପା, ଅଜା, ଆଇ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୪୯

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## SALE

Honda- (Suv)- BRV-Id Tech 1.5 Diesel 2017- Aug-Owner Driven- 6900km only. 9437025786. D-68151

White Mahindra Scorpio SLX in excellent condition, 3 Lakhs. 7978214375. D-68021




## SALE

NH-16ରୁ 200mtr. ଦୂର TATA Motors ସାମ୍ନାରେ BDA plot 30' road, Electric ସହିତ ପିତାପଲ୍ଲୀଠାରେ ମିଳୁଅଛି। 8637236630, 9337281323, 9267901437. D-15037

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

**ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777.** D-68414

Independent Duplex house for sale at Gadakana, corner plot, 2200sqft. plinth over 2400sqft. plot. Contact: 7326049403. D-15039

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

Gharabari plot with boundarywall at BJEM School, Sum Hospital-2, Ranga bazar Rs. 450/- sqft. 8118050420. D-61066

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

1 acre ଜମି ବିକ୍ରି ହେବ ଭୁବନେଶ୍ୱର ପାଇକରାପୁର ମୌଜାରେ BDA T.P. Project ଅନ୍ତର୍ଭୁକ୍ତ। ଯୋଗାଯୋଗ: 8280292804. D-14986

**NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292.** D-68410

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ । ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୬

**Land at Dhenkanal Plot No 3759, Khata No.655/568, mouza Indipur, area 3ace640 decml. Contact No. 9937227262, 9090972244.** D-15028

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-14924

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68412

Plot and Duplex are available for sale in Patia, Contact: 7008492713. D-67099

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

New 1BHK, 2BHK, 3BHK, Apartment in a primary location at Bhubaneswar with good ambience, open space, club, Gym, terrace garden, Joging Track & other features, property has high appreciation value@2850/-(sqft). Contact: 9078263828. D-15024

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

2000sqft. 40x50 Yellow zone Gharabari sthitiban plot behind DAV. Phokhariput, price 60Lakh. Contact: 6370277430, 7978306620, rojinaranidash@gmail.com. D-15012

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15025

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




2BHK flat 2/34, 4th floor, Banaja Apartment, Unit-6, Bhubaneswar, Rent-13,000/- PM excluding society charge, electricity: 9437008476 D-67247

3BHK 14th floor 1810sqft. Semi-Furnished flat at Royal lagoon, BBSR with three Toilets, servant room is for rent. Contact: 8240107574. D-15044

Semi furnished 3BHK flat at Shreekhetra Residency, Patrapada, Bhubaneswar, Contact: 9825315882, 8007991651. D-15042

Godown/ Office space residential accommodation with open space arround 30,000sqft. is available on rent at Phulnakhara-Niali Road (10km). Contact: 8249341954, 06742545474. D-15038

25000 sqft. of open land near Dhauli for rent with boundary wall and gate for any commercial purpose. 8917576258. D-14974

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

## AFFIDAVIT

By affidavit Executive Magistrate, Khordha, I Bichitra Chulasingh, at- Dhaulimuhan, Brajamohanpur, Khorda- 752010 declared that Bichitra Chulasingh and Dhadu Chulasingh both names are one and same person i.e. myself Bichitra Chulasingh. D-14928

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶାନ୍ତିଲତା ଦାଶ
ନେଳିଆ ଶାସନ, ଛତିଆ, ଯାଜପୁର
ଆଜକୁ ବର୍ଷେ ହେଲା 'ବୋଉ' ଡାକଟା ମୋ ଠାରୁ କିଏ ଛଡ଼ାଇ ନେଇଛି। ଭଗବାନଙ୍କୁ ଏତେ ଭଲ ପାଇଥିଲୁ ଯେ କାର୍ତ୍ତିକ ମାହାତ୍ମ୍ୟ ବ୍ରତ ପାଳନ ବେଳେ ତୁ ଭଗବାନଙ୍କ ସାଥିରେ ଲୀନ ହୋଇଗଲୁ। ମୋର ଏତିକି ମାଗୁଣି ମନରେ ଟିକିଏ ସାହସ ଦେଉଥିବୁ। ହଉ ଯୋଇଠି ଥିଲେ ବି ଭଲରେ ଥା। ଏହି ଅସ୍ଥିର ଦୁନିଆରେ ତୋର ଆଶୀର୍ବାଦକୁ ପାଥେୟ କରି ଏ ଜୀବନ ନୌକାଟି ସୁରୁଖୁରୁରେ ଅତିବାହିତ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭମାନଙ୍କର ଅଶ୍ରୁଳ ପ୍ରାର୍ଥନା।
ଶୋକସନ୍ତପ୍ତ :
ପୁତ୍ର: ଗୁରୁପ୍ରସାଦ ଦାଶ, ପରିବାରବର୍ଗ ଏବଂ ପ୍ରିୟଜନ।
ଧ-୬୮୭୦୨

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଵ ବେଙ୍ଗବତୀ ସେଠୀ
(ମଞ୍ଚେଶ୍ୱର ,ଭୁବନେଶ୍ୱର)
ତିରୋଧାନ- ୨୪/୧୦/୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ଶଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ : ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାର ବର୍ଗ।
ଧ-୬୮୧୫୪

### ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସହୀଦ୍ ଯବାନ ଶୀବାନୀ ଶଙ୍କର ସାମଲ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୦୩।୧୧।୨୦୧୬
ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ, ପ୍ରଭୁ ଶ୍ରୀଜଗନ୍ନାଥ ତୋର ଆତ୍ମାକୁ ଶାନ୍ତିରେ ରଖନ୍ତୁ, ମୋର ଏତିକି କାମନା ।
(ଇତି)
ତୋର ମା': ମନତୀ ସାମଲ, କୁରୁମିଠା, ହିନ୍ଦୋଳ, ଢେଙ୍କାନାଳ
ଧ-୬୬୮୩୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଭାରତୀୟ ମହିଳା, ପୁରୁଷ ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା



ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ ପରେ ଉଲ୍ଲସିତ ଭାରତୀୟ ପୁରୁଷ ଓ ମହିଳା ହକି ଦଳ।

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ଓ ପୁରୁଷ ହକି ଦଳ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଗାମୀ ଅଲିମ୍ପିକ୍ସ ଟୋକିଓଠାରେ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ମ୍ୟାଚ୍ ଶେଷରେ ଭାରତୀୟ ମହିଳା ଦଳ ଆମେରିକା ବିପକ୍ଷରେ ୬-୫ ଗୋଲରେ ଆଗରେ ରହି ଅଲିମ୍ପିକ୍ସ ଟିକେଟ ପାଇଛି। ଦଳ ଶୁକ୍ରବାର ୫-୧ ଗୋଲରେ ବିଜୟୀ ହୋଇଥିବାବେଳେ ଶନିବାର ମ୍ୟାଚ୍‌ରେ ୧-୪ ଗୋଲରେ ପରାସ୍ତ ହୋଇଥିଲେ ହେଁ କିଛି ଫରକ ପଡ଼ି ନ ଥିଲା। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ବିପକ୍ଷ ୨ ମ୍ୟାଚ୍ ଶେଷରେ ୧୧-୩ ଗୋଲ ବ୍ୟବଧାନରେ ରୁଷିଆକୁ ପଛରେ ପକାଇ ଆଗାମୀ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଶୁକ୍ରବାର ପ୍ରଥମ ମ୍ୟାଚ୍‌ରେ ଭାରତ ୪-୨ ଗୋଲରେ ବିଜୟୀ ହୋଇଥିବାବେଳେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ରୁପିନ୍ଦର ପାଲ ସିଂ ଏବଂ ଆକାଶଦୀପ ସିଂଙ୍କ ଡବଲ ଗୋଲ ବଳରେ ରୁଷିଆକୁ ୭-୧ ଗୋଲରେ ପରାସ୍ତ କରିଛି।

ଶୁକ୍ରବାର ହାରିଯାଇଥିବାରୁ ରୁଷିଆ ଶନିବାର ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିଲା। ଏଥିରେ ଦଳ କିଛି ପରିମାଣରେ ମଧ୍ୟ ସଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭର ମାତ୍ର ୨୨ ସେକେଣ୍ଡରେ ଆଲେକ୍ସି ସୋବୋଲେଭସ୍କି ଏକ ଫିଲ୍ଡଗୋଲ ଦେଇ ରୁଷିଆକୁ ଅଗ୍ରଣୀ କରାଇଥିଲେ। ଏଥିରେ ଦଳର ମନୋବଳ ମଧ୍ୟ ବଢ଼ିଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ହେଁ ରୁଷିଆ ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ତେବେ ୨୨ତମ ର୍‍ୟାଙ୍କପ୍ରାପ୍ତ ଦଳ ରୁଷିଆ ବିପକ୍ଷରେ ଦ୍ୱିତୀୟ କ୍ୱାର୍ଟରରେ ଭାରି ପଡ଼ିଥିଲା ୫ମ ର୍‍ୟାଙ୍କଧାରୀ ଭାରତ। ୧୭ତମ ମିନିଟରେ ଲଳିତ ଉପାଧ୍ୟାୟ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚ୍‌କୁ ୧-୧ ସ୍ତରକୁ ନେଇଆସିଥିଲେ। ଏହାର ୬ ମିନିଟ ପରେ ଆକାଶଦୀପ ସିଂ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିବାବେଳେ ୨୯ତମ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପାଇଁ ୩ୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୩-୧ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଥିଲା। ତୃତୀୟ କ୍ୱାର୍ଟରରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ ହେଁ ୪ର୍ଥ କ୍ୱାର୍ଟରରେ ଭାରତ ୪ଟି ଗୋଲ ଦେଇଥିଲା। ୪୭ତମ ମିନିଟରେ ନୀଳକାନ୍ତ ଶର୍ମା ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ଏହା ଦ୍ୱାରା ରୁଷିଆ ଚାପକୁ ଆସିଯାଇଥିବାରୁ ଏହାର ପୂରା ଫାଇଦା ଉଠାଇଥିଲା ଭାରତ। ଖେଳର ଶେଷଭାଗର ହିରୋ ଥିଲେ ଡ୍ରାଗ୍‌ଫ୍ଲିକର ରୁପିନ୍ଦରପାଲ ସିଂ। ସେ ମ୍ୟାଚ୍‌ର ୪୮ ଓ ୫୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଶେଷରେ ୬୦ତମ ମିନିଟରେ ଭାରତୀୟ ଦଳର ଓଡ଼ିଆ ଡିଫେଣ୍ଡର ଅମିତ ରୋହିଦାସ ଏକ ଗୋଲ ଦେଇ ମ୍ୟାଚ୍‌ର ପରିସମାପ୍ତି ଘଟାଇଥିଲେ।



## ମୁଖ୍ୟମନ୍ତ୍ରୀଙ୍କୁ ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟ୍ସ ଆୱାର୍ଡ

**ଭୁବନେଶ୍ୱର, ୨।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ଦ୍ରୁତ ବିକାଶ ଘଟିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏଠାରେ ଗତ କିଛିବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ବହୁ ବଡ଼ ଟୁର୍ନାମେଣ୍ଟ ସମ୍ଭବ ହୋଇ ପାରିଛି। ରାଜ୍ୟ ସରକାର ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହାର ପୁରସ୍କାର ମଧ୍ୟ ରାଜ୍ୟ ସରକାରଙ୍କୁ ମିଳିବାରେ ଲାଗିଛି। କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଅବସରରେ ଶନିବାର ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟ୍ସ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ୨୦୧୮ରେ ଦିଲ୍ଲୀଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## କଳିଙ୍ଗରେ ଅଲିମ୍ପିକ୍ସ ଯୋଗ୍ୟତା ସ୍ମରଣୀୟ

ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଖୁସିରେ ଆତ୍ମହରା ହୋଇଛନ୍ତି ଦଳର ୩ ଓଡ଼ିଆ ସଦସ୍ୟା ଲିଲିମା ମିଞ୍ଜ୍, ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୧-୪ ଗୋଲରେ ଆମେରିକାଠାରୁ ହାରିଥିଲେ ହେଁ ଶୁକ୍ରବାର ୫-୧ ଗୋଲରେ ବିଜୟୀ ହୋଇଥିବାରୁ ମୋଟ ଗୋଲ ବ୍ୟବଧାନରେ ଅଲିମ୍ପିକ୍ସ ଟିକେଟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଆମେ ପ୍ରଥମଥରପାଇଁ ଖେଳିଲୁ ଏବଂ ଏହିଠାରୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଏହା ଆମପାଇଁ ସ୍ମରଣୀୟ ହୋଇ ଯାଇଛି ବୋଲି ୩ ଓଡ଼ିଆ ଖେଳାଳି ପ୍ରକାଶ କରିଛନ୍ତି।

**ଲିଲିମା ମିଞ୍ଜ୍**

ଆମେ ପ୍ରଥମାର୍ଦ୍ଧରେ ଅନେକ ତ୍ରୁଟି କଲୁ। ଆମ ରକ୍ଷଣଭାଗର ବିଫଳତାରୁ ଆମେରିକା ଫାଇଦା ଉଠାଇଲା। ମାତ୍ର ଆମେ କେବେହେଲେ ଆଶା ହରାଇ ନ ଥିଲୁ। ନିଶ୍ଚିତ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିବୁ ବୋଲି ମନରେ ବିଶ୍ୱାସ ରଖିଥିଲୁ। ଆମେ ପ୍ରଥମଥରପାଇଁ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଖେଳିବା। ସୁଯୋଗ ପାଇଲୁ ଏବଂ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲୁ। ଏହାଠାରୁ ବଡ଼ ଖୁସି ଅନୁଭବ ଆମପାଇଁ ଆଉ କିଛି ନାହିଁ ବୋଲି କହିଛନ୍ତି ଲିଲିମା ମିଞ୍ଜ୍।

**ଦୀପ୍ ଗ୍ରେସ୍ ଏକ୍କା**

ଘରୋଇ ପରିବେଶରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଗର୍ବ ଅନୁଭବ କରୁଛୁ। ପ୍ରତି ଦିନ ସମାନ ପ୍ରଦର୍ଶନ ସମ୍ଭବ ହୋଇ ନ ଥାଏ। ଶୁକ୍ରବାର ପରି ଆମେ ଆଜି ଏଠାରେ ଖେଳିପାରି ନ ଥିଲୁ। ପ୍ରଥମାର୍ଦ୍ଧରେ ଏକାଧିକ ତ୍ରୁଟି କରିଥିଲେ ହେଁ ଆମେ ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲୁ। ଘରୋଇ ଦର୍ଶକଙ୍କ ସମର୍ଥନ ଅଭୁଲା ହୋଇ ରହିବ। ମ୍ୟାଚ ହାରିଥିଲେ ହେଁ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି ଦୀପ୍ ଗ୍ରେସ୍ ଏକ୍କା ପ୍ରକାଶ କରିଛନ୍ତି।

**ନମିତା ଟପ୍ପୋ**

ଆଜିର ମ୍ୟାଚରେ ଆମେରିକା ବହୁତ ଭଲ ଖେଳିଲା। ପୂର୍ବ ମ୍ୟାଚରେ ହାରି ଯାଇଥିବାରୁ ଯୋଜନାବଦ୍ଧଭାବେ ଖେଳି ଏହି ଦଳ ସଫଳ ହୋଇଥିଲା। ମ୍ୟାଚ ଫଳାଫଳ ଯାହା ହେଉନା କାହିଁକି ଆମେ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଖୁସିରେ ଆତ୍ମହରା ହୋଇଛୁ। ଆମେ କୋଚ୍‌ଙ୍କ ସହ ବୈଠକରେ ଏକତ୍ରିତ ହୋଇ କେଉଁଠି ତ୍ରୁଟି ରହିଲା ତାହାକୁ ଠାବ କରିବୁ ଏବଂ ଭବିଷ୍ୟତରେ ଯେପରି ତାହାର ପୁନରାବୃତ୍ତି ନ ହେବ ତା' ଉପରେ ଧ୍ୟାନ ଦେବୁ। ଆମେ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ କଠିନ ପରିଶ୍ରମ କରିଛୁ। ଅଲିମ୍ପିକ୍ସ ଯୋଗ୍ୟତା ପାଇସାରିଥିବାରୁ ଆମେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। କଳିଙ୍ଗ ଷ୍ଟାଡିୟମ ପରିବେଶରେ ଆମେ ପୁଣି ଖେଳିବାକୁ ନିଶ୍ଚିତ ପସନ୍ଦ କରିବୁ ବୋଲି ନମିତା ଟପ୍ପୋ କହିଛନ୍ତି।

# ରାଣୀଙ୍କ ଗୋଲ୍ ସମ୍ମାନ ରଖିଲା

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୧-୪ ଗୋଲରେ ଆମେରିକାଠାରୁ ପରାଜିତ ହୋଇଥିଲେ ହେଁ ଶୁକ୍ରବାର ୫-୧ ଗୋଲରେ ବିଜୟୀ ହୋଇଥିବାରୁ ଅଲିମ୍ପିକ୍ସ ଟିକେଟ ପାଇଛି। ୨ ମ୍ୟାଚ ଶେଷରେ ଆମେରିକା ବିପକ୍ଷରେ ଭାରତ ୬-୫ ଗୋଲରେ ଅଗ୍ରଣୀ ରହି ଆଗକୁବଢ଼ିଛି। ଆମେରିକା ଗୋଲକିପର କେଲସି ବିଙ୍ଗ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଶୁକ୍ରବାର ୫-୧ ଗୋଲରେ ପରାସ୍ତ ହୋଇଥିବା ଆମେରିକା ଶନିବାର ଦ୍ୱିତୀୟ ମ୍ୟାଚରେ କିନ୍ତୁ ଭିନ୍ନ ପ୍ରଦର୍ଶନ କରିଥିଲା। ରଣନୀତି ଅନୁସାରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା ଏହି ଦଳ। ଅନ୍ୟପକ୍ଷରେ ପ୍ରଥମ ତିନି କ୍ୱାର୍ଟରରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ଫିକା ରହିଥିଲା। ଡିଫେନ୍ସ, ମିଡ୍‌ଫିଲ୍ଡ ଏବଂ ଫରୱାର୍ଡ ଲାଇନ୍ କୌଣସି ଗୋଟିଏ ବିଭାଗରେ ମଧ୍ୟ ଦଳ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲା। ଦଳର ପାସିଂ ମଧ୍ୟ ଖରାପ ରହିଥିଲା। ଏହାର ଫାଇଦା ଉଠାଇଥିଲା ଆମେରିକା। ୪ର୍ଥ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନରକୁ ମିସ୍ କରିଥିଲେ ହେଁ ୫ମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଆମଣ୍ଡା ମାଗାଡାନ ଆମେରିକାକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଖେଳାଳିଙ୍କ ମନରେ ଜୋସ୍ ଭରି ଯାଇଥିଲା। ପ୍ରଥମ କ୍ୱାର୍ଟର ଶେଷ ହୋଇ ଆସୁଥିବାବେଳେ ଭାରତ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଅଧିନାୟିକା କାଥଲିନ ଶାର୍କି ଗୋଲ ଦେଇ ଆମେରିକା ଗୋଲ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଆମେରିକା ଚମତ୍କାର ପ୍ରଦର୍ଶନ କରିଥିଲା। ୨ ଗୋଲରେ ପଛରେ ରହିବାରୁ ଭାରତୀୟ ଖେଳାଳିମାନେ ଚାପକୁ ଚାଲି ଆସିଥିଲେ। ୨୦ତମ ମିନିଟରେ ଆଲିସା ପାର୍କର ଫିଲ୍ଡ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇଥିବାବେଳେ ୨୮ତମ ମିନିଟରେ ଆମଣ୍ଡା ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ଦେଇ ଆମେରିକାର ଅଲିମ୍ପିକ୍ସ ଆଶା ଉଜ୍ଜୀବିତ କରିଥିଲେ। ୨୬ତମ ମିନିଟରେ ସୁଶୀଳା ପୋଖରାମବାମ୍ ଏବଂ ୨୭ତମ ମିନିଟରେ ନବଜୋତ କୌର କାର୍ଡ ପାଇବାରୁ କିଛି ସମୟ ପାଇଁ ଭାରତ ୯ ସଦସ୍ୟ ବିଶିଷ୍ଟ ହୋଇଯାଇଥିଲା। ତୃତୀୟ କ୍ୱାର୍ଟରରେ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରି ନ ପାରିବାରୁ କୋଚ୍ ଜୋର୍ଡ ମାରିଜନେଙ୍କ ଚିନ୍ତା ବଢ଼ିଥିଲା। ଏହି କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲେ। ଅନ୍ତିମ କ୍ୱାର୍ଟରରେ ଅସଲ ଖେଳ ହୋଇଥିଲା। ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଅତିକମ୍‌ରେ ଗୋଟିଏ ଗୋଲ ଆବଶ୍ୟକ କରୁଥିବା ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ମ୍ୟାଚର ୪୯ତମ ମିନିଟରେ ଭାରତ ପାଇଁ ଶୁଭକ୍ଷଣ ଆସିଥିଲା। ଅଧିନାୟିକା ରାଣୀ ରାମପାଲ ଗୋଲ ସ୍କୋର କରି ଭାରତ ପାଇଁ ଆଶା ଦୃଢ଼ୀଭୂତ କରିଥିଲେ। ଗୋଲ ବ୍ୟବଧାନ ବଢ଼ାଇବା ପାଇଁ ଆମେରିକା ସବୁମତେ ଚେଷ୍ଟା କରିଥିଲା। ମାତ୍ର ଭାରତୀୟ ଡିଫେନ୍ସ ବିଭାଗ ତାହାକୁ ସଫଳ ପ୍ରତିହତ କରିଥିଲା। ୫୭ତମ ମିନିଟରେ ଆମେରିକା ପାଇଁ ଶେଷ ସୁଯୋଗ ସଦୃଶ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତାହାକୁ ଭାରତୀୟ ଗୋଲକିପର ଓ ଡିଫେଣ୍ଡର ହେବାକୁ ଦେଇ ନ ଥିଲେ। ଶେଷ ୨ମିନିଟର ଖେଳରେ ଉତ୍ତେଜନା ଭରିଥିଲେ ହେଁ ଭାରତ ଆଉ ଗୋଲ ବରଣ କରି ନ ଥିଲା। ଅମ୍ପାୟରଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।



ଯୋଗ୍ୟତା ହାସଲ ପରେ ଭାରତୀୟ ମହିଳା ହକି ଦଳ।

### ୩ୟ ଥର ଅଲିମ୍ପିକ୍ସ ଖେଳିବ

ଏହାକୁ ମିଶାଇ ଭାରତୀୟ ମହିଳା ହକି ଦଳ ତୃତୀୟ ଥରପାଇଁ ଅଲିମ୍ପିକ୍ସ ଯୋଗ୍ୟତା ପାଇଛି। ରେକର୍ଡ ଦେଖିଲେ ମହିଳା ହକି ଦଳର ଅଲିମ୍ପିକ୍ ପ୍ରଦର୍ଶନ ଏପର୍ଯ୍ୟନ୍ତ ନିରାଶାଜନକ ରହିଛି। ଏହା ପୂର୍ବରୁ ଦଳ ୨ ଥର ମାତ୍ର ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିଥିଲା। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଦଳ ୨ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଏହାର ୩୬ ବର୍ଷ ପରେ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଦଳ ଯୋଗ୍ୟତା ପାଇଥିଲା। ମାତ୍ର ସେଥିରେ ଦଳ ଗୋଟିଏ ହେଲେ ମ୍ୟାଚରେ ବିଜୟ ସ୍ୱାଦ ପାଇ ନ ଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଥିଲା ଏବଂ ୪ଟି ମ୍ୟାଚରେ ପରାଜିତ ହୋଇ ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ସବା ଶେଷରେ ରହିଥିଲା।




## ପ୍ରଥମାର୍ଦ୍ଧରେ କ'ଣ ହେଉଥିଲା ନିଜେବି ବୁଝିପାରୁ ନ ଥିଲି: ମାରିଜନେ

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି):** ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ଶନିବାର ଅନୁଷ୍ଠିତ ମ୍ୟାଚରେ ଆମେରିକାଠାରୁ ଭାରତ ୧-୪ ଗୋଲରେ ହାରିଥିଲେ ହେଁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତ ୫-୧ ଗୋଲରେ ବିଜୟୀ ହୋଇଥିଲେ ହେଁ ଶନିବାର ମ୍ୟାଚର ପ୍ରଥମାର୍ଦ୍ଧରେ ଅତି ଖରାପ ପ୍ରଦର୍ଶନ କରିଥିଲା। କୋଚ୍ ଜୋର୍ଡ ମାରିଜନେ ଏହା ସ୍ୱୀକାର କରିଛନ୍ତି। "ପ୍ରଥମାର୍ଦ୍ଧରେ କ'ଣ ହେଉଥିଲା ମୁଁ ନିଜେବି ବୁଝିପାରୁ ନ ଥିଲି। କୌଣସି ଗୋଟିଏ କିମ୍ବା ୨ଟି ବିଭାଗରେ ଭୁଲ ହୋଇଥିଲେ ମୁଁ ସୁଧାରିବାକୁ ପରାମର୍ଶ ଦେଇଥାନ୍ତି। ମାତ୍ର ସବୁ ବିଭାଗରେ ଖେଳାଳିମାନେ ଖରାପ ପ୍ରଦର୍ଶନ କରିଥିଲେ। ଏଥିରେ ମୁଁ ନିଜେ ମଧ୍ୟ ବିସ୍ମିତ ହୋଇ ଯାଇଥିଲି। ପ୍ରଥମାର୍ଦ୍ଧରେ ୦-୪ରେ ପଛୁଆ ରହିବାପରେ ମୁଁ ଖେଳାଳିଙ୍କୁ ବୁଝାଇଥିଲି ଯେ ଏବେ ସ୍କୋର ୦-୦ ରହିଛି ଭାବି ଖେଳ। ଏବେ ମଧ୍ୟ ସୁଯୋଗ ରହିଛି। ଅବଶିଷ୍ଟ ୩୦ ମିନିଟ କେବଳ ତୁମର ବୋଲି ଭାବ। ସୁଯୋଗ ହାତଛଡ଼ା ନ କରି ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କର" ବୋଲି ମୁଁ ପରାମର୍ଶ ଦେଇଥିଲି। ରାଣୀଙ୍କ ଗୋଲ ମୋତେ କିଛିଟା ଆଶ୍ୱସ୍ତ କରିଥିଲା। ସେ ଯାହା ହେଉ ନା କାହିଁକି ଆମେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ମାରିଜନେ କହିଛନ୍ତି।

## ସଂକ୍ଷେପରେ

ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

### ଲଙ୍ଗ୍‌ଜମ୍ପ୍‌ରେ ମନୀଷାଙ୍କୁ ରୌପ୍ୟ




**ଭୁବନେଶ୍ୱର, ୨।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ୩୫ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ସଫଳତା ମିଳିଛି। ୨୦ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍‌ରେ ଓଡ଼ିଶାର ମନୀଷା ମେରେଲ ରୌପ୍ୟ ପଦକ ଜିତିଛନ୍ତି। ମନୀଷା ୬.୦୭ ମିଟର ଦୂରତାକୁ ଡେଇଁ ପୋଡିୟମ୍‌ର ୨ୟ ସ୍ଥାନରେ ରହିଥିଲେ। କେରଳର ସାନ୍ଦ୍ରା ବାବୁ (୬.୧୬ ମିଟର)ଙ୍କୁ ସ୍ୱର୍ଣ୍ଣ ଓ ଆନ୍ସି ସୋଜାନ (୫.୯୬) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ଓଡ଼ିଶାର ଆଉ ୩ ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍‌ରେ କାଜଲ ମାଝି, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ମଧୁସ୍ମିତା ଦେବ ଓ ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଦୀପାଳୀ ମହାପାତ୍ର ଫାଇନାଲରେ ପହଞ୍ଚି ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ବାଳିକା ୧୮ ବର୍ଷରୁ କମ୍ ୪୦୦ ମିଟର ଦୌଡ଼ରେ ଓଡ଼ିଶାର ସୁଖୀ ବାସ୍କେ ସେମିଫାଇନାଲରେ ପହଞ୍ଚିଛନ୍ତି।

### ୨୩ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ: ପୂଜାଙ୍କୁ ରୌପ୍ୟ

**ବୁଡାପେଷ୍ଟ,୨।୧୧:** ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପରେ ଭାରତ ପାଇଁ ପୂଜା ଗେହଲଟ (୫୩ କେଜି) ଦ୍ୱିତୀୟ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୫୩ କେଜି ଓଜନ ବର୍ଗରେ ଜାପାନର ହାରୁନା ଓକୁନୋଙ୍କଠାରୁ ୦-୨ ପଏଣ୍ଟରେ ଫାଇନାଲରେ ପରାସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ପୁରୁଷ କୁସ୍ତିଯୋଦ୍ଧା ରବୀନ୍ଦର (୬୧ କେଜି) ଚଳିତ ସପ୍ତାହରେ ପ୍ରଥମ ରୌପ୍ୟ ପଦକ ପାଇଥିଲେ। ୩ ଥର ବିଶ୍ୱ ଜୁନିୟର ଚାମ୍ପିୟନ ପଦକଧାରୀ ସାଜନ ଭାନୱାଲ (୭୭ କେଜି)ଙ୍କୁ ସେମିଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ତାଙ୍କୁ ୪-୫ ବ୍ୟବଧାନରେ ଜାପାନର କୋଦାଇ ସାକୁରାବା ହରାଇ ଦେଇଛନ୍ତି। ସାଜନ ଶନିବାର ବ୍ରୋଞ୍ଜ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗ୍ରେକୋ ରୋମାନ ବର୍ଗରେ ଅନ୍ୟ ରେସ୍‌ଲରଙ୍କ ମଧ୍ୟରେ ଅର୍ଜୁନ ହଲାକୁର୍କି (୫୫ କେଜି) କ୍ୱାର୍ଟର ଫାଇନାଲରେ ଅଳ୍ପକେ ପରାଜିତ ହେବା ସତ୍ତ୍ୱେ ପଦକ ଦୌଡ଼ରେ ରହିଛନ୍ତି। ସେ ୧୨-୧୪ ବ୍ୟବଧାନରେ ରୁଷିଆର ଇମିନ ନାରିମାନଭିଚଙ୍କଠାରୁ ପରାସ୍ତ ହୋଇଛନ୍ତି। ରୁଷିଆ ରେସ୍‌ଲର ଫାଇନାଲରେ ପ୍ରବେଶ କରିବା ଯୋଗୁ ଅର୍ଜୁନ ରିପଚେଜ ରାଉଣ୍ଡରେ ପ୍ରବେଶ କରିଛନ୍ତି।



“ଭାରତ ବିପକ୍ଷ ଟି୨୦ ସିରିଜରେ ଅଲ୍‌ରାଉଣ୍ଡର ଶକିବ ଅଲ୍ ହସନଙ୍କ ଅନୁପସ୍ଥିତି ଯୁବ ଖେଳାଳିଙ୍କ ଲାଗି ପରୋକ୍ଷରେ ଆଶୀର୍ବାଦ ସଦୃଶ।

**–ଶାହରିୟର ନାଫିସ୍, ପୂର୍ବତନ ବାଂଲାଦେଶୀ କ୍ରିକେଟର**



“ମୁଁ ଖେଳୁଥିବା ସମୟରେ ମହମ୍ମଦ ଆମିର ଏବଂ ମହମ୍ମଦ ଅସିଫ୍‌ଙ୍କ ଭଳି ମ୍ୟାଚ୍ ଫିକ୍ସରମାନେ ମୋତେ ଘେରି ରହିଥିଲେ।

**–ଶୋଏବ ଅଖ୍ତର, ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟର**

# ଭାରତ-ବାଂଲାଦେଶ ପ୍ରଥମ ଟି୨୦ ଆଜି

**ନୂଆଦିଲ୍ଲୀ, ୨।୧୧ (ପି.ଟି.)**

ଭାରତ ଗସ୍ତରେ ଆସିଥିବା ବାଂଲାଦେଶ କ୍ରିକେଟ୍ ଦଳ ରବିବାରଠାରୁ ଟି୨୦ ସିରିଜ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମଠାରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଯୁବ ଭାରତୀୟ ଖେଳାଳିଙ୍କ ପାଇଁ ଏହି ସିରିଜର ଗୁରୁତ୍ୱ ବଢ଼ିଯାଇଛି। ଅପରପକ୍ଷରେ ରାଜଧାନୀ ଦିଲ୍ଲୀରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ମାତ୍ରା ସଙ୍ଗିନ ସ୍ଥିତିରେ ରହିଥିବାରୁ ସିରିଜର ଏହି ପ୍ରଥମ ମ୍ୟାଚ୍ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।

- **ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଖଲିଲ୍ ଅହମ୍ମଦ, ଯୁଜବେନ୍ଦ୍ର ଚହଲ, ଦୀପକ ଚହର, ରାହୁଲ ଚହର, ଶିଖର ଧାୱନ, ଶିଭମ ଦୁବେ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କ୍ରୁନାଲ ପାଣ୍ଡ୍ୟା, ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର ଓ ଶାର୍ଦ୍ଦୁଳ ଠାକୁର।
- **ବାଂଲାଦେଶ ଦଳ:** ମହମ୍ମଦୁଲା ରିୟାଦ (ଅଧିନାୟକ), ତାଇଜୁଲ ଇସଲାମ, ମହମ୍ମଦ ମିଥୁନ, ଲିଟନ ଦାସ, ସୌମ୍ୟ ସରକାର, ନଇମ୍ ଶେଖ, ମୁଶଫିକର ରହିମ, ଆଫିଫ୍ ହୋସେନ, ମୋସାଡେକ ହୋସେନ ସଇକତ୍, ଅମିନୁଲ ଇସଲାମ ବିପ୍ଲବ, ଅରଫାତ୍ ସନ୍ନୀ, ଅବୁ ହାଇଦର, ଅଲ୍-ଅମିନ୍ ହୋସେନ, ମୁସ୍ତାଫିଜୁର ରେହମାନ ଓ ଶ୍ରେଫୁଲ ଇସଲାମ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା।**

ଦୀପାବଳି ପରବର୍ତ୍ତୀ ସମୟରେ ଦିଲ୍ଲୀରେ ବାୟୁ ପ୍ରଦୂଷଣସ୍ତର ଚିନ୍ତାଜନକ ସ୍ଥିତିରେ ରହିଥାଏ। ତେଣୁ ଏହି ସମୟରେ ରାଜଧାନୀରେ ମ୍ୟାଚ୍ ଆୟୋଜନ କରିବାକୁ ନେଇ ପ୍ରଶ୍ନ ଉଠିଛି। କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେତେକ ଗୁରୁତ୍ୱପୂର୍ଣ୍ଣ କାରଣ ଲାଗି ଅନ୍ତିମ ମୁହୂର୍ତ୍ତରେ ଏଠାରୁ ମ୍ୟାଚ୍‌କୁ ସ୍ଥାନାନ୍ତରିତ କରିବା ଲାଗି ମନା କରିଦେଇଥିଲା। ଭ୍ରମଣକାରୀ ବାଂଲାଦେଶ ଦଳ ଯଦିଓ ଏହାକୁ ନେଇ ଅଭିଯୋଗ କରିନାହିଁ, କିନ୍ତୁ ପ୍ରଦୂଷଣକୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଓ ଗସ୍ତ ପୂର୍ବରୁ ଆଇକନ୍ ଅଲ୍‌ରାଉଣ୍ଡର ଶକିବ ଅଲ୍ ହାସାନଙ୍କୁ ବାସନ୍ଦ ଆଦି କେତେକ କାରଣ ଲାଗି ଏହି ଟି୨୦ ସିରିଜ ନିଶ୍ଚୟ ଚର୍ଚ୍ଚାରେ ରହିବ।

ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ସମେତ ପ୍ରମୁଖ ବୋଲରଙ୍କ ଅନୁପସ୍ଥିତିରେ ଘରୋଇ ଭାରତୀୟ ଦଳ ଏହି ସିରିଜ ଖେଳିବ। ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଏଥିପାଇଁ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ମୁମ୍ବାଇ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ସମେତ ଶାର୍ଦ୍ଦୁଳ ଠାକୁର, ରାଜସ୍ଥାନର ଦୀପକ ଚହର ଓ ଖଲିଲ ଅହମ୍ମଦଙ୍କ ହାତରେ ଭାରତୀୟ ଦଳର ଦ୍ରୁତ ବୋଲିଂ ଭାର ନ୍ୟସ୍ତ ରହିବ। ସେହିଭଳି ଯୁଜବେନ୍ଦ୍ର ଚହଲ, ୱାଶିଂଟନ, ସୁନ୍ଦର ଓ କ୍ରୁନାଲ ପାଣ୍ଡ୍ୟା ସ୍ପିନ ବୋଲିଂ ସମ୍ଭାଳିବେ। ଅପରପକ୍ଷରେ ବ୍ୟାଟିଂରେ ରୋହିତ୍‌ଙ୍କ ବ୍ୟତୀତ ଭେଟେରାନ ଶିଖର ଧାୱନ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଉଇକେଟ୍‌କିପର ସଞ୍ଜୁ ସାମସନ, ରିଷଭ ପନ୍ତ ପ୍ରମୁଖ ନଜରରେ ରହିବେ। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ଫର୍ମରେ ଥିବା ରୋହିତ୍ କ୍ରିକେଟ୍‌ର ଏହି ଛୋଟିଆ ଫର୍ମାଟ୍‌ରେ ମଧ୍ୟ ସେହି ଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। କିନ୍ତୁ ଆଘାତଜନିତ ସମସ୍ୟା ପରେ ଧଳା ବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ୟତମ ଓପନର୍ ଧାୱନ ବଡ଼ ଇନିଂସ ସନ୍ଧାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସେ ଯଥାକ୍ରମେ ୩୬ ଓ ୪୦ ରନ କରିଥିବାବେଳେ ନିକଟରେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

ଅପରପକ୍ଷରେ ବାଂଲାଦେଶ ଦଳ ମଧ୍ୟ ଗତ କିଛି ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିଶେଷକରି ଗତ ସେପ୍ଟେମ୍ବରରେ ଆଫଗାନିସ୍ତାନଠାରୁ ଟେଷ୍ଟ ପରାଜୟବରଣ କରିବା ସବୁଠାରୁ ଖରାପ ପ୍ରଦର୍ଶନ ରହିଥିଲା। ଶକିବ ଓ ତମିମ ଇକ୍‌ବାଲଙ୍କ ଅନୁପସ୍ଥିତି ସତ୍ତ୍ୱେ ମହମ୍ମଦୁଲ୍ଲାଙ୍କ ନେତୃତ୍ୱରେ ବାଂଲାଦେଶ ଏହି ଗସ୍ତରେ କିଛି ଚମତ୍କାର କରିବା ଲକ୍ଷ୍ୟରେ ରହିଛି।



ଅଭ୍ୟାସ ଅବସରରେ ଶିଖର ଧାୱନ।

**ଦିଲ୍ଲୀରେ ବାୟୁ ପ୍ରଦୂଷଣ ଚିନ୍ତା**

### ଖେଳିପାରନ୍ତି ଶିବମ୍ ଦୁବେ

ରବିବାର ଏଠାରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ମୁମ୍ବାଇ ଅଲରାଉଣ୍ଡର ଶିବମ୍ ଦୁବେଙ୍କୁ ସୁଯୋଗ ମିଳିପାରେ। ଭାରତର କାମଚଳା ଅଧିନାୟକ ରୋହିତ ଶର୍ମା ଏ ବିଷୟରେ ସୂଚନା ଦେଇଛନ୍ତି। ସେ ଦୁବେଙ୍କ ବ୍ୟତୀତ କେରଳ ଉଇକେଟ୍‌କିପର ସଞ୍ଜୁ ସାମସନଙ୍କ ଅଭିଜ୍ଞତାକୁ ତାରିଫ କରିଛନ୍ତି। ହେଲେ ଏହି ଦୁଇଜଣଙ୍କ ମଧ୍ୟରୁ ସେ ଜଣଙ୍କୁ ତାଙ୍କ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବେ। ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କ ସପକ୍ଷରେ ଯେପରି କହୁଛନ୍ତି ଦୁବେଙ୍କୁ ପଦାର୍ପଣ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ନିୟମିତ ଅଧିନାୟକ ବିରାଟ କୋହଲି ବିଶ୍ରାମ ନେଇଥିବାରୁ ରୋହିତ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ପନ୍ତ ସ୍ଥାନୀୟ ଖେଳାଳି ହୋଇଥିବାରୁ ତାଙ୍କୁ ଦଳରେ ସୁଯୋଗ ମିଳିବା ସମ୍ଭାବନା ଅଧିକ। ରୋହିତ କହିଛନ୍ତି, ରିଷଭ ମାତ୍ର ୧୫ରୁ ୨୦ ଟି୨୦ ଖେଳିଛନ୍ତି। ତେଣୁ ତାଙ୍କର ଦକ୍ଷତା ଉପରେ ଏତେ ଶୀଘ୍ର ମନ୍ତବ୍ୟ ଦେବା ଠିକ୍ ହେବନାହିଁ। ଯୁବପିଢ଼ି ଭାରତ ପାଇଁ ବହୁ ବିକଳ୍ପ ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରେ ସଞ୍ଜୁ ହେଉଛନ୍ତି ଅନ୍ୟତମ। ଘରୋଇ କ୍ରିକେଟ ଏବଂ ଆଇପିଏଲ୍‌ରେ ଏହି ଖେଳାଳିଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ଶିବମ ଗତବର୍ଷ ଏହି ର୍‌ୟାଙ୍କ୍‌ରେ ପହଞ୍ଚିଯାଇଛନ୍ତି। ବିଶେଷ ଭାବେ ଲୋକଲୋଚନକୁ ଆସି ନ ଥିବା ଏହି ଖେଳାଳି ଗତବର୍ଷ ଆଇପିଏଲ ନିଲାମିରେ ଭଲ ଦାମ୍‌ରେ ବିକ୍ରି ହେବାପରେ ଅନ୍ୟମାନଙ୍କ ନଜରକୁ ଆସିଥିଲେ। ରୋହିତ କହିଛନ୍ତି, ପିଚ୍‌ର କଣ୍ଡିଶନ ଦେଖି ଚୂଡ଼ାନ୍ତ ଦଳ ସ୍ଥିର କରାଯିବ। ପିଚ୍ ଯଦି ସ୍ଲୋ ରୁହେ ତେବେ ସ୍ଲୋ ବୋଲରଙ୍କ ବିଶେଷ ଭୂମିକା ରହିବ। ଆମକୁ ୩ ସ୍ପିନର ନେଇ ଖେଳିବାକୁ ହେବ। ପିଚ୍‌ରେ ଯଦି ଘାସ ରହିଥାଏ ତେବେ ବଲ୍ କିଛି ପରିମାଣରେ ବାଉନ୍ସ କରିବ। ଏ କ୍ଷେତ୍ରରେ ଆମକୁ ୩ ସ୍ପିନରଙ୍କୁ ନେଇ ଖେଳିବାକୁ ପଡ଼ିବ।

## ମହିଳା କ୍ରିକେଟ: ଭାରତ ୧ ରନ୍‌ରେ ହାରିଲା

**ଆଣ୍ଟିଗୁଆ, ୨।୧୧:** ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଖେଳାଯାଇଥିବା ରୋମାଞ୍ଚଭରା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ ଦଳ ୧ ରନ୍‌ରେ ପରାସ୍ତ ହୋଇଛି। ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୨୬ ରନ୍‌ର ବିଜୟଲକ୍ଷ୍ୟ ନେଇ ଓହ୍ଲାଇଥିବା ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଶେଷ ପର୍ଯ୍ୟନ୍ତ ଖେଳି ୨୨୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ପରାଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧-୦ ବ୍ୟବଧାନରେ ପଛୁଆ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଷ୍ଟେଫିନି ଟେଲର ସର୍ବାଧିକ ୯୪, ନତାଶା ମ୍ୟାକଲିନ ୫୧ ଓ ଚେଡିନ ନେଶନ ୪୩ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଶିଖା ପାଣ୍ଡେ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ଏବଂ ଝୁଲଣ ଗୋସ୍ୱାମୀ, ଏକତା ବିସ୍ତ ଓ ପୁନମ ଯାଦବ ଗୋଟିଏ କରି ଉଇକେଟ ହାତେଇଥିଲେ। ଜବାବରେ ପ୍ରିୟା ପୁନିଆଙ୍କ ୭୫, ଜେମିମା ରୋଡ୍ରିଗ୍ୱେଜଙ୍କ ୪୧ ଓ ପୁନମ ରାଉତଙ୍କ ୨୨ ରନ୍ ଯୋଗୁ ଭାରତୀୟ ଦଳ ୩୯.୩ ଓଭରରେ ୩ ଉଇକେଟ ହରାଇ ୧୭୦ ରନ୍ କରି ମଜଭୁତ ସ୍ଥିତିରେ ଥିଲା। ଟିମ୍ ଇଣ୍ଡିଆକୁ ବିଜୟ ପାଇଁ ବଳକା ୬୩ ବଲରେ ୫୬ ରନ୍ ଦରକାର ଥିଲା। କିନ୍ତୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ଦୁଇ ରନ୍ ପଛରେ ରହିଯାଇଥିଲା। ଭାରତୀୟ ଦଳ ୫୦ ଓଭରରେ ୨୨୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଅଧିନାୟିକା ମିଥାଲି ୨୦, ଦୀପ୍ତି ଶର୍ମା ୧୯ ଓ ଝୁଲଣ ଗୋସ୍ୱାମୀ ୧୪ ରନ୍ କରିଥିଲେ। ବିଜୟୀ ଦଳ ଲାଗି ଅନୀଷା ମହମ୍ମଦ ୫ ଉଇକେଟ ହାସଲ କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୩ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

# ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍

**ରଗ୍‌ବୀ ବିଶ୍ୱକପ୍**

**ୟୋକୋହାମା,୨।୧୧**

ଚଳିତ ରଗ୍‌ବୀ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଛି। ଦକ୍ଷିଣ ଆଫ୍ରିକା ଦଳ ପାରମ୍ପରିକ ଖେଳ ପ୍ରଦର୍ଶନ କରି ୩୨-୧୨ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍‌ର ଅନ୍ତିମ ୧୫ ମିନିଟ୍‌ରେ ମାକାଜୋଲ ମାପିମ୍ପି ଓ ଚେସଲିନ କୋଲବେଙ୍କ ଟ୍ରାଏ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ସିୟା କୋଲିସିଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ବିଶ୍ୱର ପ୍ରଥମ ଦଳ ଭାବେ ଗୋଟିଏ ବର୍ଷରେ ରଗ୍‌ବୀ ଚାମ୍ପ ଓ ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଛି। ବିଜୟୀ ଦଳକୁ ପ୍ରାରମ୍ଭିକ ସଫଳତା ଆଣି ଦେଇଥିବା ହାଣ୍ଡ୍ରେ ପୋଲାର୍ଡଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ମ୍ୟାଚ୍ ଆରମ୍ଭରୁ ଦକ୍ଷିଣ ଆଫ୍ରିକା ଦଳକୁ ମିଳିଥିବା ପେନାଲ୍ଟିରୁ ପୋଲାର୍ଡ ୬ ପଏଣ୍ଟ ହାସଲ କରିଥିଲେ। ଅନ୍ୟପକ୍ଷରେ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ନ୍ୟୁଜିଲାଣ୍ଡକୁ ହରାଇଥିବା ଇଂଲଣ୍ଡ ମ୍ୟାଚ୍ ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିଲା। ୭୦,୧୦୩ ଦର୍ଶକଙ୍କ ସାମ୍ନାରେ ଦକ୍ଷିଣ ଆଫ୍ରିକା ତୃତୀୟ ଥର ପାଇଁ ବିଶ୍ୱକପ୍ ହାତେଇଛି। ପୂର୍ବରୁ ୧୯୯୫ ଓ ୨୦୦୭ ସଂସ୍କରଣରେ ଦଳ ଚାମ୍ପିୟନ ହୋଇଥିଲା। ଦଳ ନ୍ୟୁଜିଲାଣ୍ଡ ସହ ସମକକ୍ଷ ହୋଇଛି। ଉଭୟ ଦଳ ସର୍ବାଧିକ ୩ ଥର ଲେଖାଏ ବିଶ୍ୱକପ୍ ଜିତିଛନ୍ତି। ଇଂଲଣ୍ଡ କୋଚ୍ ଇଲି ଜୋନ୍ସ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପରାଜୟ ବରଣ କରିଛନ୍ତି। ୨୦୦୩ରେ ସେ ଅଷ୍ଟ୍ରେଲିଆ ଦଳର କୋଚ୍ ଦାୟିତ୍ୱରେ ଥିବାବେଳେ ଇଂଲଣ୍ଡ ତା'ର ଏକମାତ୍ର ବିଶ୍ୱକପ୍ ଜିତିଥିଲା।




ଟ୍ରଫି ସହ ରଗ୍‌ବୀ ବିଶ୍ୱକପ୍ ଚାମ୍ପିୟନ୍ ଦକ୍ଷିଣ ଆଫ୍ରିକା ଟିମ୍।

# ରାଜେଶ, କ୍ରିଷ୍ଣାଙ୍କୁ ବାସନ୍ଦ କଲା ବିସିସିଆଇ

**କଟକ ଅଫିସ,୨।୧୧**

ରାଜ୍ୟର ଦୁଇ ପ୍ରତିଭାବାନ କ୍ରିକେଟ ଖେଳାଳି ବୟସ ଜାଲିଆତିରେ ଫସିଛନ୍ତି। ସେମାନେ ହେଲେ ରାଜେଶ ମହାନ୍ତି ଓ କ୍ରୀଷ୍ଣା ପଲାଇ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଉଭୟଙ୍କୁ ୨ବର୍ଷ ନିମନ୍ତେ ବାସନ୍ଦ କରାଯାଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। କ୍ରୀଷ୍ଣା ଏବେ ରାଜ୍ୟ ୨୩ ବର୍ଷରୁ କମ୍ ପୁରୁଷ ଦଳ ସହିତ ଡେରାଡୁନରେ ଥିବା ବେଳେ ଆସନ୍ତା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ରାଜ୍ୟ ପୁରୁଷ ସିନିୟର ଦଳରେ ରାଜେଶ ସ୍ଥାନ ପାଇଛନ୍ତି। ସେ ୨୦୧୬ରେ ଏକ ବର୍ଷ ନିମନ୍ତେ ମଧ୍ୟ ବିସିସିଆଇ ଦ୍ୱାରା ବାସନ୍ଦ ହୋଇଥିଲେ। ଉଭୟ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ର ମେଳ ଖାଉ ନ ଥିବାରୁ ବାସନ୍ଦ ହୋଇଛନ୍ତି ବୋଲି ଓସିଏ ପକ୍ଷରୁ କୁହାଯାଇଛି।

ଓଡ଼ିଶା କ୍ରିକେଟ ଖେଳାଳିଙ୍କ ଉପରେ ବହୁଦିନ ପରେ ପୁଣି ଥରେ ବୟସ ଜାଲିଆତିର ଦାଗ ଲାଗିଛି। ଗତ କିଛିଦିନ ତଳେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ରାଜେଶଙ୍କ ନାମରେ ଅଭିଯୋଗ ଉଠିଥିଲା। ରାଜେଶ ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ଓସିଏରେ ଦାଖଲ କରିଛନ୍ତି ବୋଲି ସଙ୍ଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଥିଲେ। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ବିସିସିଆଇ ନିକଟକୁ ମଧ୍ୟ ଏକ ଅଭିଯୋଗ ପତ୍ର ପଠାଯାଇଥିଲା। ଉଭୟ କ୍ରୀଷ୍ଣା ଓ ରାଜେଶ ପୂର୍ବରୁ ଯେଉଁ ଜନ୍ମ ପ୍ରମାଣପତ୍ର ଦାଖଲ କରିଛନ୍ତି ସେସବୁରେ ଭିନ୍ନତା ଆସୁଛି ବୋଲି ଓସିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଡାହାଣହାତୀ ପେସ୍ ବୋଲର ରାଜେଶ ଗତ ୨୦୧୬ ମସିହାରେ ରାଜ୍ୟ ୧୯ ବର୍ଷରୁ କମ୍ ଦଳରେ ଥିବା ବେଳେ ବୟସ ଜାଲିଆତି ଅଭିଯୋଗରେ ଏକ ବର୍ଷ ବାସନ୍ଦ ହୋଇଥିଲେ। ସେହିବର୍ଷ ଓସିଏର ୧୯ଜଣ ଖେଳାଳିଙ୍କୁ ସମାନ ଅଭିଯୋଗରେ ବିସିସିଆଇ ଏକ ସଙ୍ଗରେ ବାସନ୍ଦ କରିଥିଲା। ଗତ ରଣ୍‌ଜୀ ସଂସ୍କରଣରେ ରାଜେଶ ସିନିୟର ଦଳରେ ପଦାର୍ପଣ କରିଥିଲେ। ଏବେ ସୁଦ୍ଧା ୯ଟି ପ୍ରଥମଶ୍ରେଣୀ, ୧୦ଟି ଲିଷ୍ଟ-ଏ ଓ ୭ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ରାଜେଶ। ଏହାଛଡ଼ା ୨୦୧୮ରେ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ରାଜ୍ୟ ସିନିୟର ଦଳରେ ରାଜେଶ ଜଣେ ନିର୍ଭରଯୋଗ୍ୟ ପେସ୍ ବୋଲର। ତାଙ୍କ ଘର ନୟାଗଡ଼ରେ ହୋଇଥିବା ବେଳେ ସେ ଭୁବନେଶ୍ୱରର ଏକ କ୍ଲବ ପକ୍ଷରୁ ଖେଳୁଛନ୍ତି। ସେହିପରି ରାଉରକେଲାରେ ଜନ୍ମିତ କ୍ରୀଷ୍ଣା ଜଣେ ବାମହାତୀ ସ୍ପିନ ବୋଲର। ଗତବର୍ଷ ସିନିୟର ଦଳରେ ପଦାର୍ପଣ କରିଥିବା କ୍ରୀଷ୍ଣା ମାତ୍ର ଗୋଟିଏ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ୧୯ ବର୍ଷରୁ କମ୍ ଓ ୨୩ ବର୍ଷରୁ କମ୍ ଦଳରେ ସେ ରାଜ୍ୟର ଜଣେ ନିୟମିତ ଖେଳାଳି।



ରାଜେଶ ମହାନ୍ତି



କ୍ରିଷ୍ଣା ପଲାଇ

**ବୟସ ଜାଲିଆତି**

# ଭାରତୀୟ ଦର୍ଶକ

**ଗୌତମ ଗମ୍ଭୀର**

ବିଶ୍ୱ କ୍ରିକେଟରେ ଭାରତୀୟ ସମର୍ଥକଙ୍କ ସଂଖ୍ୟା ସବୁଠାରୁ ଅଧିକ। କ୍ରିକେଟର କୌଣସି ବଡ଼ କାର୍ଯ୍ୟକ୍ରମ ଓ ଯୋଜନା ସେମାନଙ୍କୁ ଲକ୍ଷ୍ୟରେ ରଖି କରାଯାଇଥାଏ। କାରଣ ବ୍ରଡକାଷ୍ଟିଂ ରେଟିଂ ଏବଂ ସ୍ପନସରଶିପ୍‌ଙ୍କ ଆଗ୍ରହ ଏହା ଉପରେ ନିର୍ଭର କରିଥାଏ। ତଦନୁସାରେ ପୁଞ୍ଜିନିବେଶକାରୀମାନଙ୍କ ଉପାର୍ଜନ ହୋଇଥାଏ। ଆଇପିଏଲ୍‌କୁ ଛାଡ଼ି କୌଣସି ଲିଗ୍‌ରେ ବର୍ତ୍ତମାନର ଭାରତୀୟ କ୍ରିକେଟରଙ୍କୁ ଖେଳିବାକୁ ଅନୁମତି ଦେଉନାହିଁ ବିସିସିଆଇ। ତେଣୁ ଅନ୍ୟ କୌଣସି ଟୁର୍ନାମେଣ୍ଟ ପ୍ରତି ଭାରତୀୟ ଖେଳପ୍ରେମୀଙ୍କ ଆଗ୍ରହ ନ ରହିବା ସ୍ୱାଭାବିକ। ଗୋଟିଏ ଦୁଇଟି ଟୁର୍ନାମେଣ୍ଟ ବ୍ୟତୀତ ଅନ୍ୟଗୁଡ଼ିକ ଆକର୍ଷୀୟ ହୋଇପାରୁ ନାହିଁ। ଫଳରେ କେତେକ ସ୍ଥଳରେ ଫ୍ରାଞ୍ଚାଇଜ୍ ମାଲିକମାନଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ଫ୍ରାଞ୍ଚାଇଜ୍ ମାଲିକମାନେ ଜଣେ ଜଣ ବ୍ୟବସାୟୀ। ସେମାନେ ପୁଞ୍ଜି ଖଟାଇ ପ୍ରତିବଦଳରେ ଲାଭ ଚାହିଁଥାନ୍ତି। କ୍ଷତି ହେଲେ ସେମାନେ ଟୁର୍ନାମେଣ୍ଟରୁ ମୁହଁ ଫେରାଇବାକୁ ଚାହିଁବେ ନତୁବା ଦୁର୍ନୀତି ଉପାୟରେ ଉପାର୍ଜନ କରିବାକୁ ଚେଷ୍ଟା କରିବେ। ବୁକିଙ୍କ ସହାୟତା ନେଇ ପାରନ୍ତି। ବାଂଲାଦେଶର ପୂର୍ବତନ ଅଧିନାୟକ ଶକିବ ଅଲ ହସନଙ୍କୁ ଜଣେ ବୁକି ଆପ୍ରୋଚ୍ କରିଥିଲେ। ଏହାକୁ ସେ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରି ନ ଥିବାରୁ ଏବେ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ବାଂଲାଦେଶର ଏହି ଷ୍ଟାର ଅଲରାଉଣ୍ଡର ଭାରତ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଭ୍ରମଣକାରୀ ଦଳରେ ଶକିବ ଥାଆନ୍ତେ ତେବେ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ତୁଳନାରେ ଭାରତ-ବାଂଲାଦେଶ ସିରିଜ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇ ପାରିଥାନ୍ତା। ବାଂଲାଦେଶ କ୍ରିକେଟ ଦଳକୁ ମୁଁ ସାବାସି ଦେବାକୁ ଚାହିଁବି। କାରଣ ରାଜଧାନୀ ଦିଲ୍ଲୀର ପ୍ରଦୂଷିତ ବାୟୁମଣ୍ଡଳ ବିରୋଧରେ ସେମାନେ ଏପର୍ଯ୍ୟନ୍ତ କୌଣସି ଖରାପ ମନ୍ତବ୍ୟ ଦେଇ ନାହାନ୍ତି। ଏହା ସେମାନଙ୍କ ଖେଳୁଆଡ଼ ମନୋବୃତ୍ତିର ପରିଚୟ ଦେଉଛି। ଏହି ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ ଆସନ୍ତା ୪-୫ ବର୍ଷ ମଧ୍ୟରେ ଦେଶରେ ପ୍ରଥମ ଇନ୍‌ଡୋର ଷ୍ଟାଡିୟମ ଆବଶ୍ୟକ କରୁଛି। ମୋ ବିଚାରରେ ଦିନିକିଆ କିମ୍ବା ଟି୨୦ ଅପେକ୍ଷା ଟେଷ୍ଟ କ୍ରିକେଟ ପାଇଁ ଇନ୍‌ଡୋର ଷ୍ଟାଡିୟମର ଅଧିକ ଆବଶ୍ୟକତା ରହିଛି। ସୌରଭ ଗାଙ୍ଗୁଲି ଏବେ ବିସିସିଆଇର ମୁଖ୍ୟ ଥିବାରୁ ଏଥିପାଇଁ ବଜେଟର ସମସ୍ୟା ରହିବ ନାହିଁ ବୋଲି ମୁଁ ମନେ କରୁଛି। କେବଳ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ଭାରତ ବର୍ତ୍ତମାନ ଦଳରେ ନୂଆ ଖେଳାଳିଙ୍କୁ ପରୀକ୍ଷାମୂଳକ ଖେଳାଇବା ଲାଗି ଯୋଜନା କରୁଥିବା ମୁଁ ଜାଣିବାକୁ ପାଇଛି। ଟିମ୍ ପାଇଁ ବେଞ୍ଚ ଷ୍ଟ୍ରେନ୍ଥ୍ ବୃଦ୍ଧି କରିବା ଯୋଜନା ସ୍ୱାଗତଯୋଗ୍ୟ ହେଲେ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍‌ରେ କେଉଁମାନେ ଖେଳିବେ ତାହା ଏବେଠାରୁ ପକ୍କା କରିବା ଉଚିତ୍। ଦଳରେ ସେମାନଙ୍କ ସ୍ଥାନ ଯେପରି ସୁରକ୍ଷିତ ରୁହେଁ ଚୟନକର୍ତ୍ତା ଏବଂ ଟିମ୍ ମ୍ୟାନେଜମେଣ୍ଟ ସେଥିପ୍ରତି ଧ୍ୟାନଦେବା ଉଚିତ।

**(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)।**


SEAGRAM'S
ROYAL STAG
MEGA MUSIC CDs

## ସଂକ୍ଷେପରେ

### ସ୍କୁଲରୁ ୩ କୁଇଣ୍ଟାଲ ଚାଉଳ ଚୋରି

ବ୍ରଜରାଜନଗର, ୨।୧୧ (ଡି.ଏନ.ଏ.) ଝାରସୁଗୁଡା ଜିଲା ବ୍ରଜରାଜନଗର ରାମପୁର ଫାଣ୍ଡି ଅନ୍ତର୍ଗତ କତାବଗା ପ୍ରାଥମିକ ବିଦ୍ୟାଳୟରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳରୁ ୩ କୁଇଣ୍ଟାଲ ଚୋରି ହୋଇଯାଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ନେଇ ରାମପୁର ଫାଣ୍ଡିରେ ଅଭିଯୋଗ କରିବା ସହିତ ବିଦ୍ୟାଳୟ ପରଚାଳନା କମିଟିକୁ ଅବଗତ କରାଇଛନ୍ତି। ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁଷା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ଲଖନପୁର,୨।୧୧(ଡି.ଏନ୍.ଏ.) ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭଇଁସାମୁଣ୍ଡା ଗ୍ରାମର ଜଣେ ବୃଦ୍ଧ ଶନିବାର ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲାବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ଗ୍ରାମର ମନିଜର ବାରିକ(୬୫)। ତାଙ୍କ ୨ ଗୋଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ତାଙ୍କ ପାଟି ଶୁଣି ଜଙ୍ଗଲରେ ଥିବା ଗାଈଜଗୁଆଳମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ପରିବାର ଓ ଗାଁ ଲୋକେ ଜଙ୍ଗଲରେ ପହଞ୍ଚି ଥିଲେ। ତାଙ୍କୁ ଗାଁକୁ ଆଣିବା ପରେ ଆମ୍ବୁଲାନ୍ସରେ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ସମ୍ବଲପୁର ଜିଲା ଖରିଫ ଧାନ ସଂଗ୍ରହ ବୈଠକ ସ୍ଥଗିତ

# ୪ ଘଣ୍ଟାର ମାନସ ମନ୍ଥନ ବିଫଳ

ସମ୍ବଲପୁର,୨।୧୧(ବ୍ୟୁରୋ)




ଚାଷୀମାନଙ୍କ ସମର୍ଥନରେ ୩ ବିଧାୟକ ଧାରଣାରେ ବସିଛନ୍ତି (ବାମ) । ଚାଷୀ ଆନ୍ଦୋଳନ ସ୍ଥଳରେ ଯୋଗାଣ ଅଧିକାରୀ ଓ ଉପଜିଲାପାଳ ଆଲୋଚନା କରୁଛନ୍ତି ।

ସମ୍ବଲପୁର ଜିଲା ଖରିଫ ଧାନ ସଂଗ୍ରହ ବୈଠକ ଶନିବାର ସ୍ଥଗିତ ହୋଇଛି । ବୈଠକରେ ଚାଷୀମାନେ ଯୋଗଦେବାକୁ ଯାଉଥିବା ସମୟରେ ଜିଲାପାଳଙ୍କ ଅଫିସ ମୁଖ୍ୟ ଗେଟ୍‌କୁ ତାଲା ପକାଇ ଦିଆଯାଇଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଏଭଳି କରାଯାଇଥିବା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ବୈଠକ ବର୍ଜନ କରି ନାରାବାଜି କରିଥିଲେ। ଏହାପରେ ଆନ୍ଦୋଳନସ୍ଥଳକୁ ଫେରି ଯାଇଥିଲେ। ଚାଷୀମାନଙ୍କୁ ସମର୍ଥନ କରି ରେଢାଖୋଲ ବିଧାୟକ ତଥା ଉପ ମୁଖ୍ୟ ସଚେତକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କୃଷ୍ଣଚନ୍ଦ୍ର ନାଏକ, ରେଙ୍ଗାଲି ବିଧାୟକ ନାଉରି ନାଏକ, କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଆନ୍ଦୋଳନରେ ବସିଥିଲେ। ଅନ୍ୟପଟେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭମ୍ ସକ୍‌ସେନା, ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ସିଏସ୍‌ଓ ରଞ୍ଜନ ସେଠ ପ୍ରମୁଖ ଅଧିକାରୀ ଅପେକ୍ଷା କରିଥିଲେ। ହେଲେ ଚାଷୀମାନେ ବୈଠକକୁ ଆସିବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଚାଷୀ ସଙ୍ଗଠନ ଶୃଙ୍ଖଳିତ। ବର୍ଷ ତମାମ କୌଣସି ବିବାଦ ନାହିଁ । ଗେଟ୍‌ରେ ତାଲା ପକାଇ ସେମାନଙ୍କ ପ୍ରତି ଅପମାନ କରାଯାଇଛି। ତେଣୁ ଆନ୍ଦୋଳନ ସ୍ଥଳକୁ ଯାଇ ବୈଠକରେ ଯୋଗଦେବାକୁ ସେମାନଙ୍କୁ ଅନୁରୋଧ କରି ମନାଇବା ଲାଗି ପ୍ରୟାସ କରିବାକୁ ବିଧାୟକ ପୂଜାରୀ ଉପଜିଲାପାଳ ପ୍ରଧାନ ଓ ସିଏସ୍‌ଓ ସେଠଙ୍କୁ କହିଥିଲେ। ବିଧାୟକଙ୍କ ପରାମର୍ଶରେ ଜିଲା ଯୋଗାଣ ଅଧିକାରୀ ସେଠ ଓ ଉପଜିଲାପାଳ ପ୍ରଧାନ ଆନ୍ଦୋଳନ ସ୍ଥଳକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯାହା ସବୁ ଘଟିଗଲା ଦୁର୍ଭାଗ୍ୟଜନକ ବୋଲି କହି ସେ ସେଥିପାଇଁ କ୍ଷମା ମାଗିବା ସହ ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ। ହେଲେ ଧାନର ମୂଲ୍ୟ ବୃଦ୍ଧି,

- ଜିଲାପାଳଙ୍କ ଅଫିସ ଗେଟ୍‌ରେ ତାଲା ପକାଇଦେଲା ପୋଲିସ
- ପୋଲିସ, ପ୍ରଶାସନ ଉପରେ ବର୍ଷିଲେ ଚାଷୀ
- ବୈଠକ ବର୍ଜନ କରି ଆନ୍ଦୋଳନସ୍ଥଳକୁ ଫେରିଲେ
- ଚାଷୀଙ୍କ ସମର୍ଥନରେ ୩ ବିଧାୟକ
- କ୍ଷମା ମାଗିଲେ ସିଏସ୍‌ଓ, ମାନିଲେନି ଚାଷୀ

ଟୋକନ ବ୍ୟବସ୍ଥା, ବଜାର ବ୍ୟବସ୍ଥା, ବିକ୍ରି ପରିମାଣ, ଫସଲବୀମା ଉପରେ ଚାଷୀମାନେ ପ୍ରଶ୍ନ ଉପରେ ପ୍ରଶ୍ନ କରିଥିଲେ । ଶେଷରେ କୌଣସି ଉତ୍ତର ଦେଇ ନ ପାରି ଅଧିକାରୀ ଦ୍ୱୟ ଫେରି ଆସିଥିଲେ।

ଚାଷୀମାନେ ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ନିଜ ପକ୍ଷ ରଖି କହିଥିଲେ, ସୋମବାର କୋର୍ କମିଟି ବୈଠକରେ ନିଷ୍ପତ୍ତି ହେବ। ତା'ପରେ କେବେ ଧାନ ସଂଗ୍ରହ ବୈଠକ ହେଲେ ଚାଷୀ ପ୍ରତିନିଧି ଯୋଗଦେଇପାରିବେ ସେ ନେଇ ସୂଚନା ଦିଆଯିବ। ଫଳରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନେ ଚାଷୀମାନଙ୍କୁ ବୁଝାଇବାକୁ ୪ ଘଣ୍ଟା ମାନସ ମନ୍ଥନ ବିଫଳ ହୋଇଥିଲା । ଅପରପକ୍ଷେ ଜିଲା ଯୋଗାଣ ଅଧିକାରୀ ସେଠ କହିଛନ୍ତି ବୈଠକ ବାତିଲ କରାଯାଇଛି। ପୁଣି କେବେ ବୈଠକ ବସିବ ସେ ନେଇ ଜିଲାପାଳ ନିଷ୍ପତ୍ତି ନେବେ। ସୂଚନାଯୋଗ୍ୟ, ଚାଷୀମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ଗତ ୨୨ ତାରିଖରୁ କଚେରିଛକସ୍ଥିତ ରାସ୍ତା ଉପରେ ବସିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ସେମାନଙ୍କ ସହ ଆଲୋଚନା କରାଯାଉନାହିଁ। ଶନିବାର ଜିଲାପାଳଙ୍କ ଅଫିସରେ ଖରିଫ ଧାନ ସଂଗ୍ରହ ବୈଠକକୁ ସେମାନଙ୍କୁ ଡକାଯାଇଥିଲା। ସେହି ଅନୁସାରେ ସେମାନେ ବୈଠକରେ ଯୋଗ ଦେବାକୁ ଆସିଥିଲେ। ହେଲେ ଜିଲାପାଳଙ୍କ ଅଫିସ ଗେଟ୍ ଆଗରେ ପୋଲିସ ସେମାନଙ୍କୁ ବାଟ ଓଗାଳି ଦୁର୍ବ୍ୟବହାର କରିବା ସହ ଭିତରକୁ ଛାଡି ନ ଥିଲା। ଓଲଟି ଗେଟ୍‌ରେ ତାଲା ମାରି ଦେଇଥିଲା। ଏଥିରେ ଚାଷୀମାନେ ବିରକ୍ତ ପ୍ରକାଶ କରି ଆନ୍ଦୋଳନ ସ୍ଥଳକୁ ଫେରି ଯାଇଥିଲେ।

## ଗୁଣି ଗାରେଡ଼ି ସନ୍ଦେହ: ବାପ, ପୁଅଙ୍କୁ ହତ୍ୟା

ମାଲକାନଗିରି,୨।୧୧(ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଉଦୁଲିବେଡ଼ା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁଣି ଗାରେଡ଼ି ସନ୍ଦେହରେ ବାପପୁଅଙ୍କୁ କେତେଜଣ ଗ୍ରାମବାସୀ ହତ୍ୟା କରିଛନ୍ତି। ସେମାନେ ହେଲେ ସୁଦନ ଖିଲ ଏବଂ ତାଙ୍କ ପୁଅ ନୀଳେନ୍ଦ୍ର ଖିଲ । ଖବରରୁ ଜଣାପଡିଛି, ନୀଳେନ୍ଦ୍ର ଓ ସୁଦନ ଶୁକ୍ରବାର ରାତିରେ ଘରକୁ ଫେରି ନ ଥିଲେ। ନୀଳେନ୍ଦ୍ରଙ୍କ ସ୍ତ୍ରୀ ଡାଳିମ୍ବ ଓ ଶାଶୁ ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ। ମାତ୍ର ସେମାନଙ୍କ କୌଣସି ସନ୍ଧାନ ପାଇ ନ ଥିଲେ । ତେବେ ସକାଳେ ଗ୍ରାମର ସୁବାସ ଚନ୍ଦ୍ର ମାଳୀ, ଭୁବନେଶ ହନ୍ତାଲି, ହରିଶ ହନ୍ତାଳଙ୍କ ସହ କେତେ ଜଣ ଗ୍ରାମବାସୀ ଉଭୟ ବାପପୁଅଙ୍କୁ ପିଟି ପିଟି ମାରି ଦେଇ ମୃତଦେହକୁ ଘୋଷାରି ଘୋଷାରି ନେଇ ଗାଡ଼ିଆ ଘାଟ ନିକଟରେ ଫୋପାଡ଼ି ଦେଇଥିବା ଶୁଣିବାକୁ ପାଇଥିଲେ। ଏହା ଶୁଣିବା ପରେ ଡାଳିମ୍ବ ଗୋବିନ୍ଦପାଲି ଫାଣ୍ଡିରେ ଏତଲା ଦେଇଛନ୍ତି। ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ସେ ଏତଲାରେ ଉଲ୍ଲେଖ କରିନାହାନ୍ତି। ଗୋବିନ୍ଦପାଲି ଫାଣ୍ଡି ପୋଲିସ ଘଟଣା ସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେତେ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ସୁବାସ ଓ ଭୁବନେଶ ମାଥିଲି ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

# ୯୭ ଦାଦନ ଶ୍ରମିକ ଉଦ୍ଧାର

ନୂଆପଡା ଅଫିସ/ ଖରିଆରରୋଡ,୨।୧୧



ଖରିଆରରୋଡ ଥାନାରେ ଅଟକ ରହିଥିବା ଶ୍ରମିକମାନେ।

ବହୁ ଦିନର ନିରବତା ପରେ ନୂଆପଡା ପୋଲିସକୁ ଆଉ ଏକ ସଫଳତା ମିଳିଛି। ନୂଆପଡା ଏବଂ ବଲାଙ୍ଗୀର ଜିଲାର ବିଭିନ୍ନ ଅଞ୍ଚଳରୁ ରାଜ୍ୟବାହାରକୁ ଚାଲାଣ ହେଉଥିବାବେଳେ ଖରିଆରରୋଡ ପୋଲିସ ମୋଟ ୯୭ଜଣ ଦାଦନଙ୍କୁ ଉଦ୍ଧାର କରିଛି। ଏଥିରେ ୨୨ ଶିଶୁ, ୨୯ ମହିଳା ଏବଂ ୪୬ଜଣ ପୁରୁଷ ସାମିଲ ରହିଛନ୍ତି। ସବିଶେଷ ବିବରଣୀ ସଂଗ୍ରହ ପରେ ପୋଲିସ ଶ୍ରମିକମାନଙ୍କୁ ନିଜ ଗାଁରେ ନେଇ ଛାଡିଦେଇଛି ।

ବିବରଣୀମତେ ଶନିବାର ପୂର୍ବାହ୍ନ ୯ଟାବେଳେ ନୂଆପଡାରୁ ରାୟପୁର ଅଭିମୁଖେ ଯାଉଥିବା ଟ୍ରେନ ନମ୍ବର ୧୮୪୦୭ରେ ଦାଦନ ଶ୍ରମିକମାନେ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଖରିଆରରୋଡ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳେ ଖରିଆରରୋଡ ରେଳଷ୍ଟେସନକୁ ଯାଇ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ଶ୍ରମିକମାନଙ୍କୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ପପୁ ଖାନ ନାମକ ଜନୈକ ଶ୍ରମିକ ସର୍ଦ୍ଦାର ହାଇଦ୍ରାବାଦର କରୁମ ନଗରକୁ ଚାଲାଣ କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ନୂଆପଡା ଜିଲା କୋମନା, ବୋଡେନ, ବଲାଙ୍ଗୀର ଜିଲା ତୁରେକେଲା, ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର ଶ୍ରମିକ ଥିବା ଜଣାପଡିଛି। ପୋଲିସ ଏକ ମାମଲା (ନଂ.୧୯୦/୧୯)ରୁଜୁ କରି ତଦନ୍ତ ଜାରି ରଖିଛି। ଶ୍ରମିକମାନଙ୍କୁ ପଚାରିବାରେ ଜଣ ପିଛା ୩୦/୩୫ ହଜାର ଟଙ୍କା ଦେଇ ଚାଲାଣ କରାଯାଉଥିଲା। ଅନିଚ୍ଛାସତ୍ତ୍ୱେ ଶ୍ରମିକମାନଙ୍କୁ ରାତି ଅଧିଆ ଉଠାଇ ଆଣି ଗୋରୁଗାଈ ଭଳି ଗାଡିରେ ଭର୍ତ୍ତିକରି ଆଣିଥିବା ଶ୍ରମିକମାନେ

- ଶ୍ରମିକଙ୍କ ମଧ୍ୟରେ ୨୨ଶିଶୁ
- ଦାଦନ ସର୍ଦ୍ଦାର ଚମ୍ପଟ
- ସର୍ଦ୍ଦାରଙ୍କ ନାଲି ଆଖିକୁ ଭୟ

ଅଭିଯୋଗ କରିଛନ୍ତି। ଏଠାରୁ ଶ୍ରମିକମାନେ ଘରକୁ ଗଲାପରେ କ'ଣ କରିବେବୋଲି ପଚାରିବାରେ ଯଥାପୂର୍ବଂ ତଥା ପର ହେବ ବୋଲି କହିଛନ୍ତି। ଘରକୁ ଗଲାପରେ ଶ୍ରମିକ ସର୍ଦ୍ଦାରମାନେ ଦିନ ଦ୍ୱିପ୍ରହରେ ଆସି ଟଙ୍କା ଅସୁଲି କରିବେ । ପିଟାମରା କରି ରାଜ୍ୟବାହାରକୁ ନେଇଯିବା ସାର ହେବ ବୋଲି ଆଖି ଛଳଛଳ ହୋଇ ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଥିବା କହିଛନ୍ତି। ସେମାନଙ୍କୁ ଏଠାରୁ ନେବାପରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ୟାରେଣ୍ଟି କରିବାକୁ ଶ୍ରମିକମାନେ ଗୁହାରୀ କରିଛନ୍ତି। ଅନ୍ୟପକ୍ଷେ ଏହି ଶ୍ରମିକମାନଙ୍କର ବୀମା କିମ୍ବା ପଞ୍ଜିକରଣ ହୋଇଛି କି ବୋଲି ଶ୍ରମବିଭାଗର ଇନ୍ସପେକ୍ଟର ଗୌରାଙ୍ଗ ଚରଣ ସାମନ୍ତରାୟଙ୍କୁ ପଚାରିବାରେ କୌଣସି ଉତ୍ତର ରଖିପାରି ନ ଥିଲେ।

## ହସନ୍‌ପୁର ଆଶ୍ରମ ବିଦ୍ୟାଳୟରେ ତୁମୁଳକାଣ୍ଡ

ବାଲେଶ୍ୱର ଅଫିସ, ୨।୧୧

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଲେଶ୍ୱର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ହସନ୍‌ପୁର ଆଶ୍ରମ ବିଦ୍ୟାଳୟରେ ଠିକ୍ ଭାବେ ପାଠପଢା ଯାଉ ନ ଥିବା ଏବଂ ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ପର୍କକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀମାନେ ଶନିବାର ସକାଳେ ଛାତ୍ରୀନିବାସ ଛାଡି ଫାଟକ ସାମ୍ନାରେ ବସି ରହିଥିଲେ। ଏହି ଘଟଣା ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେଠାରେ ଅଟକ ରଖିଥିଲେ। ଖବରପାଇ ଜିଲା ଜନମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଜନମଙ୍ଗଳ ଅଧିକାରୀ ଅଭିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଧରି ଜିଲା କାର୍ଯ୍ୟାଳୟକୁ ଆଣୁଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ସେମାନଙ୍କୁ ଘେରିଯାଇ ଟଣାଓଟରା କରିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିରେ ଜିଲା ଜନମଙ୍ଗଳ ଅଧିକାରୀ ତୁରନ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ସେହି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗାଡିରେ ବସାଇ ପୂର୍ବାହ୍ନ ୧୦ଟା ବେଳେ ଜିଲା କାର୍ଯ୍ୟାଳୟକୁ ନେଇ ଆସିଥିଲେ। ପରିସ୍ଥିତି ଶାନ୍ତ ପଡିବାରୁ ବିଦ୍ୟାଳୟରେ କିଛି ସମୟ ବିଳମ୍ବରେ ଷାଣ୍ମାସିକ ପରୀକ୍ଷା କରାଯାଇଥିବା ଜଣାପଡିଛି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଟିଙ୍କୁନ୍



ରବି



ସୁଶାନ୍ତ



ପିଲୁ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ଜାଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମାଡରେ ୧୦ ଛାତ୍ରୀଛାତ୍ର ଆହତ

ପାଟଣାଗଡ଼, ୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତମିଆଁ ପଞ୍ଚାୟତ ଅନ୍ତର୍ଗତ ଜାଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମାଡରେ ୧୦କୋମଳମତି ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ପିଠିରେ ମାଡ଼ ଦାଗ ସ୍ପଷ୍ଟ ଦିଶୁଛି। ସେହି ପିଲାଙ୍କ ମଧ୍ୟରୁ ୨ଜଣଙ୍କୁ ଘସିଏନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ଅଭିଭାବକମାନେ କହିଛନ୍ତି । ଏନେଇ ଲରମ୍ଭା ଥାନାରେ ଏକ ମାମଲା (ନଂ.୧୦୭/୧୯)ରୁଜୁ ହୋଇଛି । ଉକ୍ତ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିନୋଦ ବିହାରୀ ନାଏକ କହିଛନ୍ତି। ପିଲାଙ୍କୁ ମାଡ ମାରିଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ଘଟଣାରେ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମେହେରଙ୍କୁ ଜିଲାପାଳ ନିଲମ୍ବିତ କରିଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ସବୁଦିନ ପରି ପିଲାମାନେ ସ୍କୁଲକୁ ଆସିଥିଲେ। ଏହି ସମୟରେ ଶିକ୍ଷୟିତ୍ରୀ ମେହେରଙ୍କୁ ସ୍କୁଲ



ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମାଡରେ ଆଘାତପ୍ରାପ୍ତ ଛାତ୍ରୀଛାତ୍ରମାନେ।

### ଶିକ୍ଷୟିତ୍ରୀ ନିଲମ୍ବିତ, ଥାନାରେ ମାମଲା ରୁଜୁ

ଛାଡିବାକୁ ଆସିଥିଲେ ତାଙ୍କ ସ୍ୱାମୀ ସୌଦାଗର ମେହେର। କିଛି ସମୟ ସ୍କୁଲରେ ରହିବା ପରେ ପିଲାମାନେ ଦୁଷ୍ଟାମି କରୁଥିବା ଦେଖି ସେ କେତେଜଣ ପିଲାଙ୍କୁ ଏକ ବାଉଁଶ ବାଡିରେ ପିଟିଥିଲେ। ଏଥିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପ୍ରିୟଙ୍କା ବଗର୍ତ୍ତୀ, ଅନନ୍ୟା ଗଡତ୍ୟା, ପିଣ୍ଟୁ ବଗର୍ତ୍ତୀ, ଆର୍ଯ୍ୟା ସାହୁ, ପିଙ୍କୁ ବଗର୍ତ୍ତୀ, ପ୍ରିୟା ମହାକୁଡ, ପ୍ରିୟା ବଗର୍ତ୍ତୀ, ଶ୍ରଦ୍ଧାଞ୍ଜଳି ମହାକୁଡ, ନମିତା ସାହୁ ଆଘାତପ୍ରାପ୍ତ ହୋଇଥିଲେ। ଏହି ଘଟଣା ଜଣା ପଡିବା ପରେ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଅଭିଭାବକ ଲରମ୍ଭା ଥାନାକୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ଏ ନେଇ ଶିକ୍ଷୟିତ୍ରୀ ମେହେରଙ୍କୁ ପଚାରିବାରୁ ସ୍କୁଲରେ ଶିକ୍ଷକ ଅଭାବ ଅଛନ୍ତି। ଏଣୁ ମୋ ସ୍ୱାମୀ ନିୟମିତ ମୋ ସହିତ ଆସି ପାଠପଢାରେ ସାହାଯ୍ୟ କରନ୍ତି। ଶନିବାର ସକାଳେ ସ୍କୁଲରେ କେତେଜଣ ଛାତ୍ରୀଛାତ୍ର ଦୁଷ୍ଟାମି କରିବାରୁ ସେ ରାଗରେ ବାଡେଇ ଥିଲେ ବୋଲି ସେ ସ୍ୱୀକାର କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ



# ପର୍ଏଁରୀ ଉତ୍ସବ ପାଇଁ ପ୍ରସ୍ତୁତି

**ସୋନପୁର,୨।୧୧(ନି.ପ୍ର.)**

ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ପର୍ଏଁରୀ ତିହାର-୨୦୨୦ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ବୈଠକରେ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ଲୋକବାଦ୍ୟ ଶିଳ୍ପୀ ବୈଶାଖୁ ହାତୀଙ୍କ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ ଓ ବରିଷ୍ଠ ସଭ୍ୟ ଲକ୍ଷ୍ମୀନାରାୟଣ ମେହେର ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୧, ୨ ଓ ୩ ତାରିଖ ତିନିଦିନ ଧରି ଏହି ଉତ୍ସବ ପାଳନ ହେବ। ସମ୍ପାଦକ ଚୌଧୁରୀ ବିଭାର କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପାନପତ୍ରୀ ନାମରେ ଏକ ସ୍ମରଣିକା ପ୍ରକାଶ କରାଯିବ। ଦର୍ଶକମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉପସଭାପତି ପ୍ରଫୁଲ୍ଲ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହସମ୍ପାଦକ ପୃଥ୍ୱୀରାଜ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ ପାଢୀ, ସୁଶାନ୍ତ ସାହୁ, ସନ୍ତୋଷ ମିଶ୍ର, ସୌମ୍ୟରଞ୍ଜନ ସେଠୀ, ଗୋପାଳ ମେହେର, ଲଳିତ ମେହେର, ଚନ୍ଦ୍ରଶେଖର ସାହୁ, ରାମ ମେହେର, ପଞ୍ଚାନନ ଗରିଆ, ଅମିତ ସାହୁ ଓ ହରିବୋଲ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ସୁବର୍ଣ୍ଣପୁର ଜିଲାରେ ପ୍ରଥମ

# ଉଲୁଣ୍ଡାରେ ଏସ୍‌ଏସ୍‌ଜି ବଜାର ଉଦ୍‌ଘାଟିତ

**ଉଲୁଣ୍ଡା, ୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ବ୍ଲକ ଛକ ନିକଟରେ ଶନିବାର ଜିଲାର ପ୍ରଥମ ସ୍ୱୟଂ ସହାୟିକା ଗୋଷ୍ଠୀ ବଜାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବଜାର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଏସଡବ୍ଲୁଓ ଆଗ୍ନେରିଆ କେରକେଟା, ବିଡିଓ ନୀଳାମ୍ବର ମହାନନ୍ଦ, ଜିଲା ପ୍ରକଳ୍ପ ପରିଚାଳକ ଓଏଲଏମ ଯୁବରାଜ ସାହୁ, ମିଶନ ଶକ୍ତି ଜିଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ୱାଇପି ଓଏଲଏମ ଐଶ୍ୱରୀୟା ବରାଳ, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥଇଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ବଜାର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମହିଳା ଏସ୍‌ଏସ୍‌ଜିଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଦ୍ରବ୍ୟକୁ ବଜାର ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ବଜାର କେନ୍ଦ୍ରକୁ କିପରି ବ୍ୟାପକ କରାଯାଇ ପାରିବ ସେ ଉପରେ ମନ୍ତ୍ରୀ ବେହେରା ଗୁରୁତ୍ୱ ଦେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷିନୀ ଭୋଇ, ପିଙ୍କି ବିଶି, ରଞ୍ଜିତା ଭୋଇ, ରେବତୀ ବିଶ୍ୱାଳ, ଦୁର୍ଯ୍ୟୋଧନ ପର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟିତ ଏହି ବଜାର ପରିଚାଳନା ପାଇଁ ମାଟିଖାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ପରିଚାଳକ ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ବିପିସି ସଞ୍ଜିତ ଷଡଙ୍ଗୀ ଓ ବିଏଲସି ଧିରେନ କୁମାର ମହାକୁର ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ମହିଳା ଏସଏସଜି, ଅଙ୍ଗନୱାଡି କର୍ମୀ, ସିଆରପି, ଏମବିଏକ୍ସ, ବ୍ୟାଙ୍କ ମିତ୍ର ପ୍ରଭୃତି ସଦସ୍ୟା ଯୋଗ ଦେଇଥିଲେ। ଆସନ୍ତା ଦିନରେ ଏସଏସଜି ବଜାର ପାଇଁ ଗୋଟିଏ ବଡ ଷ୍ଟଲ ଯୋଗାଇ ଦେବାକୁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ କରିଥିଲେ।



ଏସ୍‌ଏଚ୍‌ଜି ବଜାର ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।



ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳିତ

**ବିନିକା,୨।୧୧(ଡି.ଏନ୍.ଏ.):** ବିନିକା ବ୍ଲକ୍ ଗୁଲାପଡା କଲ୍ୟାଣ ମଣ୍ଡପଠାରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସୋନପୁର ସୌଜନ୍ୟତାରେ ୬୮ତମ ଗୋସମ୍ବର୍ଦ୍ଧନା ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିନିକା ତହସିଲଦାର ଅଲେଖ ଘୁଟା ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ ଓ ବୀରମହାରାଜପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ ପଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲା ଅତିରିକ୍ତ ପ୍ରାଣୀ ଅଧିକାରୀ ଡ. ସୁନୀଲ କୁମାର ମହାପାତ୍ର ଓ ବିନିକା ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟ କୁମାର ପାତ୍ର। ଶିବିର ସଂଯୋଜନା କରିଥିଲେ ବୀରମହାରାଜପୁର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ପୁରୋହିତ। ପ୍ରାଣୀ ସମ୍ପଦର ଅଭିବୃଦ୍ଧି ନେଇ ଆୟୋଜିତ ଏହି ଶିବିରରେ ଶଙ୍କର ଜାତୀୟ ୩୬ଟି ଗାଇ, ୨୭ଟି ଛଡା ଓ ୨୧ଟି ବାଛୁରୀକୁ ପ୍ରଦର୍ଶିତ କରାଯାଇଥିଲା। ପ୍ରଦର୍ଶନୀ ମେଳାରେ ଚାଷୀ ମାନସ ସେବକ, ମୁନସି ପଧାନ ଏବଂ ଅନ୍ତର୍ଯ୍ୟାମୀ ପଣ୍ଡାଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ପଣ୍ଡା, ଆକାଶ ଭୂୟାଁ ଓ ଯୋଗେଶ ମହାନ୍ତିଙ୍କ ବାଛୁରୀ ପ୍ରଦର୍ଶନୀ ମେଳାରେ ଶ୍ରେଷ୍ଠ ବିବେଚିତ ହୋଇଥିଲା।

**RAMA DEVI WOMEN'S UNIVERSITY, BHUBANESWAR**

**No.4358** **WALK-IN-INTERVIEW** **Dt.02.11.19**

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**

## ଫୁଲଚରାନୀ ଦେବୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲ ଲାଇନ୍ ଅପ ଚୂଡାନ୍ତ

**ଅମରପାଲି, ୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ଫୁଲଚରା ଗ୍ରାମରେ ମା' ଫୁଲଚରାନୀ ଦେବୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବାଣିଜ୍ୟ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ ଓ ଶ୍ୟାମସୁନ୍ଦର ପଣ୍ଡା, ନାରାୟଣ ଲୁହା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଦୁଇ ଦିନ ଧରି ହେବାକୁ ଥିବା ବେଳେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବରଗଡ ଓ ଆଠମଲ୍ଲିକ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିବାରୁ ପେନାଲଟି ସୁଟ ଆଉଟରେ ୫-୪ ଗୋଲରେ ବରଗଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଓ ବରପାଲି ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ୨-୧ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ ପଟକା (ଅନୁଗୋଳ) ଓ ବୁର୍ଲା ମଧ୍ୟରେ ହୋଇଥିଲା। ଏଥିରେ ପଟକା ୨-୧ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଚତୁର୍ଥ ମ୍ୟାଚ ଫୁଲଚରା ଓ ଢ଼େଙ୍କାନାଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ଅମୀମାଂସିତ ରହିଥିଲା। ପେନାଲଟି ସୁଟ୍ ଆଉଟରେ ଢ଼େଙ୍କାନାଳ ୫-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ସଞ୍ଜୀବ ସାହୁ, ପ୍ରଶାନ୍ତ ନାଏକ, ସୁରେନ ବେହେରା ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ।

**OFFICE OF THE SUB- COLLECTOR, NUAPADA**

**PROCLAMATION**

**R.M.C. No. 290/2018** **U/s: 22 of the O.L.R. Act.**

This hereby informed to the general public that Sri. Kawal Singha Gond, S/o- Panchram Gond, Cast- Gond (S.T.) R/o- Sikaripali, Ps. Pithoda, Dist- Mahasamund (C.G.), have applied for prison permission for selling of the following rayati Lands,

Anybody having any objection to such transform of the Lands may five objection on any persons belonging to Schedule tribe community interested to purchased all then a period at 15 days

From the date of publication of this proclamation no objection petition on disinterest to purchase will be entertained after expiry of the stipulated period. **CONTACT NO: 9770841584**

**LAND SCHEDULE**

| Mouza | Khata No. | Plot No. | Area. | Kissam |
|---|---|---|---|---|
| Bhanpur, Ps. Jonk, Thana. No- 38, Tahasil No. 38, Dist- Nuapada (Odisha) | 550/211 | 1210 | 0.420 | Bema |
| | | 1211 | 0.040 | Bema |
| | | 1218 | 1.070 | Bema |
| | | 1538 | 0.220 | Bahal |
| | | 1529 | 1.260 | Aut |
| | | 1540 | 0.550 | Bahal |
| | | 1543 | 0.440 | Aut |
| | | 1544 | 0.870 | Aut |
| | TOTAL- | 8 | 4.870 | |

**By Order of the Sub- Collector**
**Sd/- Kawal Singh Gond**

# ନାଗେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ: ଅଙ୍କରିଆ ଚାମ୍ପିୟନ



ଅତିଥି, ରେଫେରଙ୍କ ସହ ଫାଇନାଲ ଖେଳିଥିବା ଅଙ୍କରିଆ ଓ ମରାଲୋଏ ଦଳର ଖେଳାଳିମାନେ।

**ଉଲୁଣ୍ଡା, ୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନାକଡେଇ ନାଗେଶ୍ୱର ଫୁଟବଲ ଆସୋସିଏଶନ ତରଫରୁ ଶନିବାର ୨୩ତମ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲ ଖେଳରେ ଅଙ୍କରିଆ ଦଳ ମରାଲୋଏକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ମ୍ୟାଚ ଗୁଡିକରେ ଉଲୁଣ୍ଡା ଦଳ ନାକପେଇକୁ ୧-୦, ମରାଲୋଏ ଦଳ ଲସ୍ତଲାକୁ ୨-୦, ଅଙ୍କରିଆ ଦଳ ସୋନପୁରକୁ ୧-୦ ଏବଂ ବିଶିପଡା ଦଳ ଫବସିକୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ ମରାଲୋଏ ଦଳ ଉଲୁଣ୍ଡାକୁ ୧-୦ ଏବଂ ଦ୍ୱିତୀୟ ସେମିଫାଇନାଲରେ ଅଙ୍କରିଆ ଦଳ ବିଶିପଡାକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଆଜିର ଖେଳ ସବୁକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର ପରିଚାଳନା କରିଥିଲେ। ବିକାଶ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ସତ୍ୟନାରାୟଣ ପଧାନଙ୍କ ଅଧ୍ୟକ୍ଷତା ଓ ବିରେନ କୁମାର ହୋତାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥି ଭାବେ ଯୁବ ସାମାଜିକ କର୍ମୀ ଲକ୍ଷ୍ମୀବହ୍ଲବ ପଧାନ, ଉଲୁଣ୍ଡା ବନପାଳ ଦିନେଶ କୁମାର ମାଝୀ, ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ପ୍ରମୁଖ ଯୋଗଦେଇ ବିଜୟୀ ଅଙ୍କରିଆ ଦଳକୁ ଟ୍ରଫି ସହ ୩ ହଜାର ଏବଂ ଉପବିଜେତା ମରାଲୋଏ ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅଙ୍କରିଆ ଦଳର ରଞ୍ଜନ ପଧାନଙ୍କୁ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଏବଂ ମରାଲୋଏର ପଞ୍ଚାନନ ସେଠୀଙ୍କୁ ମ୍ୟାନ ଅଫ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ସମ୍ପାଦକ ଅଶୋକ ତରିଆଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ମୁଦୁଲି, କାଳିଆ କର୍ଣ୍ଣ, ସତ୍ୟାନନ୍ଦ ବାରିକ, ଜୟପ୍ରକାଶ ଗୌନ୍ତିଆ, ନୃପରାଜ ସେଠୀ, ରାଜକୁମାର ସେଠୀ, ମଧୁସୂଦନ ବାଘ, ସୁରେଶ କର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ନର୍ଡା ଗ୍ରାମରେ ଗୋହତ୍ୟା, ତଦନ୍ତ କରୁଛି ପୋଲିସ

**ତରଭା, ୨।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ନର୍ଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଗୋହତ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମ ନିକଟ ନିବୃତି ଯୋର କୂଳରେ ଥିବା ଏକ ହରଡ ବାରିରେ ସେହି ଗ୍ରାମର ଜଣେ ବ୍ୟକ୍ତି ଏକ ବାଛୁରୀକୁ ହତ୍ୟା କରୁଥିବା ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦେଖିବାକୁ ପାଇଥିଲେ। ସେମାନେ ହୋହଲ୍ଲା କରିବାରୁ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ହତ୍ୟା ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଖପାଖ ଅଞ୍ଚଳର ଲୋକ ରୁଣ୍ଡ ହୋଇ ହୋହାଲ୍ଲା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସି ମୃତ ବାଛୁରୀକୁ ଜବତ କରିଥିଲା। ଶନିବାର ସକାଳେ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିଲା। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଦୟାନିଧି ସୁନା ଲିଖିତ ଭାବେ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାରେ ସେ ସେହି ଗ୍ରାମର ଜଣେ ଗୋରୁ ବ୍ୟବସାୟୀ ଏଥିରେ ସଂପୃକ୍ତ ଥିବା ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୫୫/୧୯)ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିବା ଥାନାଧିକାରୀ ଡୋଳାମଣୀ ଭୋଇ ପ୍ରକାଶ କରିଛନ୍ତି।

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା
ଫୋନ୍: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି (KYC) ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ **KYC/PAN/Form60/61** ହୋମ ବ୍ରାଞ୍ଚରେ ତା.୨୦.୧୧.୨୦୧୯ରିଖ ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଚଳ କରାଇ ଦିଆଯିବ।

**ଆଞ୍ଚଳିକ ପ୍ରବନ୍ଧକ**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ **1463** (Exam. Conf.) ତା **01.11.2019** ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

୧. **୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ।**

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ।
(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.
ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ।
'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ। ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬/୧୧/୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ।
(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.
ଯେଉଁ ଅକୃତକାର୍ଯ୍ୟ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ।
Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**
(i) ଆରମ୍ଭ ତାରିଖ — ତା୦୫/୧୧/୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯/୧୧/୨୦୧୯ରିଖ ରାତ୍ର ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦/୧୧/୨୦୧୯ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୦/୧୧/୨୦୧୯ ଠାରୁ ତା୨୫/୧୧/୨୦୧୯ ରାତ୍ର ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬/୧୧/୨୦୧୯ରିଖ ମଧ୍ୟରାତ୍ର

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ।**

ସା/- ସମ୍ପାଦକ

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଟଙ୍କା ପ୍ରଦାନ ଦାବିରେ ଧାରଣା

**ତରଭା, ୨।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ଗତ ଅଗଷ୍ଟ ୧୩ ତାରିଖରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ପ୍ରଭୂତ କ୍ଷତି ହୋଇଥିଲା। ତୁଲୁଣ୍ଡା ଓ ଅର୍ଡା ହରିଜନ ପଡା ଓ କେତେକ ଗ୍ରାମବାସୀଙ୍କ ଘର ଧୋଇ ହୋଇଯାଇଥିଲା। ଅନେକ ବାସହରା ହୋଇଥିଲେ। ବନ୍ୟାର ଦୀର୍ଘ ଅଢେଇ ମାସ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ ଅଦ୍ୟାବଧି ରିଲିଫ ଟଙ୍କା ପ୍ରଦାନ କରାଯାଇନାହିଁ। ରିଲିଫ ପ୍ରଦାନ ଦାବିରେ ଶନିବାର ଭାରତୀୟ ଜନତାପାର୍ଟି ତରଫରୁ ତରଭା ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବଳଦେବ ବେଦବାଗଙ୍କ ନେତୃତ୍ୱରେ ତୁଲୁଣ୍ଡା ଓ ନର୍ଡା ଗ୍ରାମର ଶତାଧିକ ମହିଳା ପୁରୁଷ ଏହି ଧାରଣାରେ ବସିଥିଲେ। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଥିଲେ। ପରେ ସେମାନେ ଜଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ସେମାନେ ତୁଲୁଣ୍ଡା ଓ ନର୍ଡା ଗ୍ରାମର ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ରିଲିଫ ଓ ଘରଭଙ୍ଗା ଟଙ୍କା ପ୍ରଦାନ, ଶହ ଶହ ଏକର ଜମି ବନ୍ୟା ଯୋଗୁଁ ବାଲିଚର ହୋଇଯାଇଥିବାରୁ ତାହାର ତଦନ୍ତ କରାଯାଇ ସହାୟତା ପ୍ରଦାନ ପ୍ରଭୃତି ଦାବି ଉଲ୍ଲେଖ କରାଯାଇଛି। ନିହାତି ଗରିବମାନଙ୍କୁ ଅଣଦେଖା କରାଯାଇ ରିଲିଫ ଟଙ୍କା ଓ ଘରଭଙ୍ଗା ଟଙ୍କା ଦିଆଯାଉନାହିଁ ଏହି ରିଲିଫ ଟଙ୍କା ପ୍ରଦାନ ଓ ଘରଭଙ୍ଗା ଟଙ୍କା ପ୍ରଦାନରେ ବ୍ୟାପକ ରାଜନୀତି ଓ ଦୁର୍ନୀତି ହୋଇଛି। ଏଣୁ ଏ ସମସ୍ତ ବିଷୟର ତଦନ୍ତ କରାଯାଇ ସାତଦିନ ମଧ୍ୟରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଘରଭଙ୍ଗା ଟଙ୍କା, ରିଲିଫ ଟଙ୍କା ଓ ବାଲିଚର ଟଙ୍କା ପ୍ରଦାନ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପାର ପବିତ୍ର ମିଶ୍ର, କଲ୍ୟାଣ ନାଏକ, ପୁରୁଷୋତ୍ତମ ମେହେର, ରାଜକିଶୋର ମେଣ୍ଡଲୀ, ମାନସ ସାହୁ, କେଦାର ଦାସ, ବ୍ୟାସଦେବ ମିଶ୍ର ପ୍ରମୁଖ ଶତାଧିକ ଧାରଣାରେ ସାମିଲ ହୋଇଥିଲେ।



ରିଲିଫ ଟଙ୍କା ପ୍ରଦାନ ଦାବିରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
- ପ୍ରଜାପିତା ବ୍ରହ୍ମାକୁମାରୀ



## ସଂକ୍ଷେପରେ

### ଦୋକାନରୁ ଚୋରି

ଅମ୍ବାଭୋନା, ୨।୧୧ (ଡି.ଏନ.ଏ)
ଅମ୍ବାଭୋନା ଥାନା ପ୍ରକାଶପୁର ମୁଖ୍ୟ ଆର୍‌ଡି ରାସ୍ତା ନିକଟସ୍ଥ ଆଡିତୋଷ ଡିଲାଙ୍କ ପାନ ଓ କିରାନା ଦୋକାନ କାଛ ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚୋରି କରିନେଇଛନ୍ତି । ଏ ନେଇ ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଆଲୋକ ବେହେରା ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଯାଞ୍ଚ କରିଛନ୍ତି ।

### ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା

ପାଇକମାଳ, ୨।୧୧ (ଡି.ଏନ.ଏ)
ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅନୀଲ କାଳିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ତନ୍ମଧ୍ୟରୁ ୧୧୦ ଜଣ ଛାତ୍ର ଓ ୫୬ ଜଣ ଛାତ୍ରୀ ଭାଗ ନେଇଥିଲେ। ଏଥିରେ ୩୮ ପ୍ରକାର ପ୍ରତିଯୋଗିତା କରାଯାଇଥିଲା । ବନମାଳୀ ବାଗ ଓ ସୁଶୀଲ ମହାନନ୍ଦ ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ସଭାରେ ସରପଞ୍ଚ ଧବଳେଶ୍ୱର ସାହୁ, ହାଡୁ ସାହୁ, ରମାଇ ଚରଣ ଦାସ, ମମତା କାଲୋ, ପ୍ରତିମା ଭୋଇ, ଓମ ପ୍ରକାଶ ମେହେର ଅତିଥି ଭାବେ ଯୋଗଦେଇଥିଲେ । ଶ୍ରେଷ୍ଠ ଖେଳାଳି ରୋହନ ଜଗତ, ଅନ୍ୱେଷା ପ୍ରଧାନ, ଲାସିତ ଭୋଇ, ପ୍ରେମାନନ୍ଦ ବରିହା, ଲିପ୍‌ସାରାଣୀ ଭୋଇ, ନିରୋଜ ଜଗତ, ଡିଲେଶ୍ୱର ସାହୁ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ସଭାପତିତ୍ୱ କରିଥିବା ବେଳେ ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବରିହାପାଲି ଚାମ୍ପିୟନ

ଝାରବନ୍ଧ, ୨।୧୧ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଳାସପୁର ଜୟ ଜଗନ୍ନାଥ କ୍ଲବ ତରଫରୁ ଦ୍ୱିଦିବସୀୟ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା, ଛତିଶଗଡରୁ ୫୩ଟି କବାଡି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ବରିହାପାଲି (ଛତିଶଗଡ) ଓ ସରାଇପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିହାପାଲି ଦଳ ଚାମ୍ପିୟନ ହୋଇଥିଲା । ଏହି ଦ୍ୱିଦିବସୀୟ କବାଡି ଟୁର୍ଣ୍ଣାମେଣ୍ଟକୁ ଉମାଶଙ୍କର ସାହୁ, କ୍ଷୀରୋଦ ଚନ୍ଦ୍ର ଭୋଇ, ଦେଓଲାଲ ରାଉତ, ଭୂଷଣ ମାଝୀ, ସୁଶାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ । ହେମସାଗର ରଣା, ଗଣେଷ ନାଗ, ଶଙ୍କର ଲାଲ ନେତାମ, ତୁଳାରାମ ଭୋଇ, ଅକ୍ଷୟ ପ୍ରଧାନ, ଗୁଣନିଧି ଏଣ୍ଡଦା, ଗୌରରଞ୍ଜନ ଭୋଇ ସହଯୋଗ କରିଥିଲେ ।

# ଆରମ୍ଭ ନ ହେଉଣୁ ବିବାଦ

**ବରଗଡ଼ ଧନୁଯାତ୍ରା ମହୋତ୍ସବ**
- କଳାକାର ଚୟନ ପ୍ରସଙ୍ଗରେ ଭିନ୍ନ ମତ
- ସଭାପତି, ସମ୍ପାଦକଙ୍କ କଥାରେ ରହୁନି ତାଳମେଳ
- ବିଗତ ଧନୁଯାତ୍ରା ଖର୍ଚ୍ଚକୁ ନେଇ ବଢ଼ିଲା ସନ୍ଦେହ
- ତଦନ୍ତ ଦାବି କଲା ବରଗଡ଼ ଜିଲା ଓକିଲ ସଂଘ

ବରଗଡ଼ ଅଫିସ୍,୨।୧୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ଶନିବାର କାର୍ଯ୍ୟକାରିଣୀ ପରିଷଦର ପ୍ରଥମ ବୈଠକ ବସିଥିଲା । ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବର ସମିତି ଜ୍ୟୋତିରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ମାତ୍ର ମହୋତ୍ସବ ସମିତିର ଏହି ପ୍ରଥମ ବୈଠକରୁ ବିବାଦ ଥିବା ବାରି ହୋଇ ପଡ଼ିଥିଲା । ଧନୁଯାତ୍ରା ମହୋତ୍ସବରେ ଗୋପପୁର ଯାତ୍ରା ଅନ୍ୟ ଏକ ପ୍ରମୁଖ ଅଙ୍ଗ। ଅଥଚ ବୈଠକରେ ଗୋପପୁର କମିଟିର କାହାକୁ ଡକାଯାଇ ନ ଥିଲା ।

ଗତ ଧନୁଯାତ୍ରା ମହୋତ୍ସବର ଆୟବ୍ୟୟ ବିବରଣୀ ବୈଠକରେ ଉପସ୍ଥାପନ କରାଯାଇଥିଲା । ଗତ ଧନୁଯାତ୍ରାରେ ମୋଟ୍ ୧କୋଟି ୫୭ଲକ୍ଷ ୧୭ହଜାର ୧୪୨ ଟଙ୍କା ଆୟ ହୋଇଥିବାବେଳେ ୧କୋଟି ୧୯ଲକ୍ଷ ୭୬ହଜାର ୪୯୩ ଟଙ୍କା ଖର୍ଚ୍ଚ ହୋଇଥିବା ବିବରଣୀ ଉପସ୍ଥାପିତ ହୋଇଥିଲା। ତେବେ ଏଭଳି ଖର୍ଚ୍ଚ ଅପ୍ରତ୍ୟାଶିତ ଏବଂ ସନ୍ଦେହଜନକ ବୋଲି ବୈଠକରେ ଉପସ୍ଥିତ କିଛି ସଭ୍ୟ ମତ ରଖିଥିଲେ । ଏପରିକି ଜିଲା ଓକିଲ ସଂଘ ସଭାପତି ବେଲାଲସେନ ସରାଫ ଏହାର ତଦନ୍ତ ଦାବି କରିଥିଲେ। ଏହାପରେ ଜିଲାପାଳ ପ୍ରଧାନ ସେ ନେଇ ଏକ କମିଟି ଗଠନ କରି ତାର ତଦନ୍ତ ସହିତ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ଦୀର୍ଘବର୍ଷ ଧରି ଧନୁଯାତ୍ରା ମହୋତ୍ସବ ସମିତିର ବିଭିନ୍ନ ପଦପଦବୀରେ ରହିଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଆମୂଳଚୂଳ ପରିବର୍ତ୍ତନ ପାଇଁ କିଶୋର ଦାଶ, ସଙ୍ଗୀତା ଷଡ଼ଙ୍ଗୀ ମତ ରଖିଥିଲେ । ଆଡ଼ଭୋକେଟ୍ ଲିପସିତ୍ ମିଶ୍ର କଳାକାର ଚୟନ ପ୍ରସଙ୍ଗ ଉଠାଇଥିଲେ । ତେବେ କମିଟିର କର୍ମକର୍ତ୍ତା ପରିବର୍ତ୍ତନ ଉପରେ ଆଗାମୀ ଦିନରେ ବିଚାର କରାଯିବ ବୋଲି ବୈଠକରେ ସୂଚନ ଦିଆଯାଇଥିବାବେଳେ କଳାକାର ଚୟନ ଉପରେ କଳାକାର ଚୟନ କମିଟି ନିଷ୍ପତ୍ତି ନେବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଏବଂ ସମ୍ପାଦକ ତଥା ଆବାହକ ସୁରେଶ୍ୱର ଶତପଥୀ ବୈଠକରେ ସୂଚନା ଦେଇଥିଲେ।

ମାତ୍ର ବୈଠକ ସରିବା ପରେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ସମ୍ମୁଖରେ କଳାକାର ଚୟନ ପ୍ରସଙ୍ଗ ନେଇ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଓ ସମ୍ପାଦକ ଦେଇଥିବା ମନ୍ତବ୍ୟରେ ତାଳମେଳ ନ ରହିବା ଏବେ ବିବାଦୀୟ ହୋଇ ପଡ଼ିଛି । କଳାକାର ଚୟନ କମିଟି ହିଁ କଳାକାର ଚୟନ ଉପରେ ନିଷ୍ପତ୍ତି ନେବ ବୋଲି ବୈଠକରେ ଉଭୟ ସଭାପତି ଓ ସମ୍ପାଦକ ସୂଚନା ଦେଇଥିଲେ । ଏପରିକି ଗଣମାଧ୍ୟମ ସମ୍ମୁଖରେ ସଭାପତି ତଥା ଜିଲାପାଳ ସେହି ମନ୍ତବ୍ୟକୁ ଦୋହରାଇଥିଲେ । ମାତ୍ର ବୈଠକ ସରିବା ପରେ ସମ୍ପାଦକ ଶତପଥୀ ଗଣମାଧ୍ୟମ ସମ୍ମୁଖରେ ନିଜ ସ୍ୱର ବଦଳାଇ ଦେଇଥିଲେ । ସେ କହିଥିଲେ, ଧନୁଯାତ୍ରାର ମୁଖ୍ୟ ଭୂମିକାରେ ଥିବା କଂସ, ମହାମନ୍ତ୍ରୀ, ଅକ୍ରୁର, ଯଶୋଦାଙ୍କ ଭଳି ମୁଖ୍ୟ କଳାକାରଙ୍କ ଚୟନ କରାଯିବ। ତେବେ ଧନୁଯାତ୍ରା ପରମ୍ପରା ଅନୁଯାୟୀ, କଂସ ଚୟନ ପ୍ରତି ତିନିବର୍ଷରେ ହେବା କଥା ବୋଲି ଉଦ୍ଦିଷ୍ଟ ଥିବାବେଳେ ସେହି ଚୟନକୁ ୩ବର୍ଷ ନ ପୂରୁଣୁ କିଭଳି ତାହା କରାଯିବ ବୋଲି ପଚରାଯିବାରୁ ସେହି ପ୍ରଥା ରହିଥିବା ସେ ସ୍ୱୀକାର କରିଥିଲେ। ଯେତେବେଳେ କମିଟି ଚାହିଁବ, ସେଥିରେ ମଧ୍ୟ ପରିବର୍ତ୍ତନ କରାଯାଇ ପାରିବ ବୋଲି ଶତପଥୀ କହିଥିଲେ । କଳାକାର ଚୟନ ପ୍ରସଙ୍ଗରେ ଧନୁଯାତ୍ରା ମହୋତ୍ସବ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ଏଭଳି ଭିନ୍ନମତ ଏଠାରେ ଆଲୋଚନାର ବିଷୟ ହୋଇଛି । କାହା ମନ୍ତବ୍ୟ ଠିକ୍, ତାହା ଆଗାମୀ ଦିନରେ ଜଣାପଡିବ ।

## ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ



ଜିଲାସ୍ତରୀୟ ଯୁବ ରେଡକ୍ରସ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଅତାବିରା, ୨।୧୧ (ଡି.ଏନ.ଏ)

ଅତାବିରା ବ୍ଲକ କାଦୋବାହାଲ ମହାବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ରେଡକ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଫେସର ଡ. ସୁଦର୍ଶନ ପୂଜାରୀ ମୁଖ୍ୟଅତିଥି, ଜିଲା ରେଡକ୍ରସ ସଂଯୋଜକ ପରମାନନ୍ଦ ରଥ, ସମ୍ପାଦକ ରାଜକିଶୋର ପୃଷ୍ଟି, କଲେଜ ରେଡକ୍ରସ ପରାମର୍ଶଦାତା ସୁଶାନ୍ତ ପୂଜାରୀ, ବରଗଡ ଟ୍ରଷ୍ଟ କଲେଜ ଅଧ୍ୟକ୍ଷ ଡ. ସୁନୀଲ କୁମାର ଅଗସ୍ତି, ଅତାବିରା କଲେଜ ଅଧ୍ୟକ୍ଷ ଅଶ୍ୱିନୀ ପୂଜାରୀ, ଡ. କମଳପ୍ରଭା କପାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏଥିରେ ଜିଲାର ବିଭିନ୍ନ କଲେଜର ରେଡକ୍ରସ ପରାମର୍ଶଦାତା, ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏଡି ଅବସରରେ ରକ୍ତ ବର୍ଗ ଚିହ୍ନଟ ଅଭିଯାନ ଆରମ୍ଭ କରାଯାଇଥିଲା । ସନ୍ଧ୍ୟାରେ ତର୍କ, ବକ୍ତୃତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



ଝରାପାଲି ହାଇସ୍କୁଲରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଉଛି ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜହ୍ନାପଙ୍କ, ୨।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଏବିଇଓ ଅଚ୍ୟୁତାନନ୍ଦ ସାହୁଙ୍କୁ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ସନ୍ତୋଷ ଶତପଥି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା ମୁଖ୍ୟଅତିଥି, ପ୍ରାକ୍ତନ ଏବିଇଓ ବିକାଶ କାନୁନଗୋ, ଏବିଇଓ ଅଚ୍ୟୁତାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରେ ଏବିଇଓ ଅଚ୍ୟୁତାନନ୍ଦ ସାହୁ, ଶିକ୍ଷକ ଲକ୍ଷ୍ମଣ ମହାକୁଳ ଓ ଶିକ୍ଷୟିତ୍ରୀ ଶୁଭ୍ରାଙ୍ଗି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସ ଯୋଜନାରେ ଜାଲିଆତି, ବିଡିଓଙ୍କୁ ଅଭିଯୋଗ

ମନମୁଣ୍ଡା, ୨।୧୧ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ଅଭିଯୋଗକାରୀଙ୍କୁ କହିଥିବା ଜଣାପଡିଛି।

ସୂଚନା ଅନୁସାରେ, ଖଟଖଟିଆ ଗ୍ରାମପଞ୍ଚାୟତ ଦମାମୁଣ୍ଡା ଗାଁର ଗେଥଲ ସେଠୀଙ୍କ ପୁଅ ପଞ୍ଚାନନ ସେଠୀଙ୍କ ନାମ ଏସଇସିସି ତାଲିକାରେ ଥିବାବେଳେ ତାଙ୍କ ରେଜିଷ୍ଟ୍ରେସନ ନମ୍ବର ହେଉଛି ଓଆର୩୯୨୯୫୦୭ । ତେଣୁ ଆବାସ ଯୋଜନାର କାର୍ଯ୍ୟାଦେଶ ସକାଶେ ସେ ପଞ୍ଚାୟତକୁ କାଗଜାତ ଦାଖଲ କରିବାକୁ ଯାଇଥିବା ବେଳେ ପିଇଓ ଜୟଦେବ ପ୍ରଧାନ ହୋଇପାରିବ ନାହିଁ କହି ସେସବୁ ଫେରସ୍ତ କରିଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଥିବା ଆବାସ ବାବଦ ମିଥ୍ୟା ବିଲ୍ କରାଯାଇଥିବା ଜାଣିବାକୁ ପାଇଥିଲେ। ଘର ଜଣଙ୍କର ହୋଇଥିବା ବେଳେ ଫଟୋ ଅନ୍ୟ ଜଣଙ୍କର ଦେଖାଇ ବିଲ୍ ଟଙ୍କା ସବୁ ଉଠାଯାଇଥିବା ସେ ଜାଣିବାକୁ ପାଇଥିଲେ । ଏ ନେଇ ସେ ଗତ ଅକ୍ଟୋବର ୧୪ତାରିଖରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଜିଲାପାଳ ଏ ନେଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିବା ବେଳେ ଅଦ୍ୟାବଧି ତାହା କରାଯାଇ ନ ଥିବା ଜାଣିବାକୁ ମିଳିଛି। ସେହିପରି ଖଟଖଟିଆ ଗ୍ରାମରେ ଘର ନ କରି ଅନ୍ୟ ଜଣଙ୍କ ଘର ସାମ୍ନାରେ ଫଟୋ ଉଠାଇ ବିଲ୍ କରାଯାଇଥିବା ଉକ୍ତ ଗ୍ରାମର ଯଦୁମଣି ସାମରଥ ଶନିବାର କଣ୍ଟାମାଳଙ୍କ ବିଡିଓ ନିକଟରେ ଅଭିଯୋଗ କରିଛନ୍ତି । ଏହି ବିଲ୍ ଉଠାଣରେ ପଞ୍ଚାୟତ ଓ ବ୍ଲକର କେତେକ କର୍ମଚାରୀ ସମ୍ପୃକ୍ତ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ତଦନ୍ତ କଲେ ଏହିପରି ଆହୁରି ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ସାମରଥ ପ୍ରକାଶ କରିଛନ୍ତି। ତେବେ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି ବିଡିଓ ଅଭିଯୋଗକାରୀଙ୍କୁ କହିଥିବା ଜଣାପଡିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ଜାଣିବା ପାଇଁ ବିଡିଓଙ୍କୁ ଫୋନ କରାଯାଇଥିଲା ବେଳେ ସେ କଲ୍ ଗ୍ରହଣ କରି ନ ଥିଲେ ।

## ୩୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଭେଡ଼େନ,୨।୧୧(ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଝରାପାଲି ସ୍ଥିତ ବାମଦେବ ପାଢ଼ୀ ହାଇସ୍କୁଲରେ ଶନିବାର ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏହାକୁ ସଂକ୍ରୀଡ଼ା ସରପଞ୍ଚ ସୁଶାନ୍ତ ସାହୁ ଉଦଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ମୋଟ ୩୭ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପ୍ରଧାନ ଶିକ୍ଷକ ଉତ୍ତମରାଜ ପୁରୋହିତଙ୍କ ସଭାପତିତ୍ୱ ତଥା ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନଙ୍କ ପରିଚାଳନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଟୁନା କର୍ଣ୍ଣ ଏବଂ ସଞ୍ଜୀବ ନାଏକ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ଧନପତି ଷାଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁପ୍ରିୟା ସ୍ମାରକୀ ଫୁଟବଲ: ବରପାଲି, ପଦ୍ମପୁର ବିଜୟୀ

ବରଗଡ଼ ଅଫିସ୍,୨।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବରପାଲି ଓ ପଦ୍ମପୁର ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବରପାଲି ଓ ଆଇମାଲ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ବରପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା । ବରପାଲିର କିଶାନ ଥପ୍ପା ଗୋଟିଏ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ସେହିପରି ପଦ୍ମପୁର ଓ ବହଲପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ପଦ୍ମପୁର ଏଥିରେ ୨-୦ ଗୋଲରେ ବିଜୟୀ ହୋଇଥିଲା । ପଦ୍ମପୁରର ପୂର୍ଣ୍ଣଚନ୍ଦ୍ର ସୁରଜାଲ ଓ ଅଜିତ ନେଗୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ। ଅଶ୍ୱିନୀ ମେହେର, ମନୋଜ ଭୂୟାଁ, ନିରଞ୍ଜନ ମହାକୁର, ପଞ୍ଚାନନ ପାତ୍ର, ଗୋପାଳ ନାୟକ, ରଞ୍ଜୁ ଛତ୍ରିଆ, ଶ୍ରୀନିବାସ ରାଓ, ଶୁଭମ ପାତ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

## ମହିଷାସୁର ବଧ ସହ କାଳୀପୂଜା ସମ୍ପନ୍ନ


କଣ୍ଟାମାଳ ବ୍ଲକ କଲରାକୋଠାରେ ମହିଷାସୁର ଦରବାର ଦୃଶ୍ୟ ।

କଣ୍ଟାମାଳ,୨।୧୧(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କଲରାକୋଠାରେ ୟୁଥ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଚାଲିଥିବା ୩୧ତମ କାଳୀପୂଜା ମହୋତ୍ସବ ମହିଷାସୁର ବଧ ସହ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ମୁକ୍ତମଞ୍ଚ ମହିଷାସୁର ଦରବାରରେ ମହିଷାସୁର ରାଜୁତିର ଅନ୍ତିମ ସନ୍ଧ୍ୟାର ନାଟ୍ୟାଭିନୟରେ ରକ୍ତବୀର୍ଯ୍ୟ ଏବଂ ବିଡାଳାକ୍ଷଙ୍କ ନିଧନରେ ଦୁଃଖିତ ଓ କ୍ରୋଧିତ ମହୀଷାସୁର ଶୁମ୍ଭ, ନିଶୁମ୍ଭଙ୍କୁ ପ୍ରେରଣ କରିଛି ଦୁର୍ଗାଙ୍କ ଉଦ୍ଦେଶ୍ୟରେ । ଚଣ୍ଡୀ ଚାମୁଣ୍ଡାଙ୍କ ସହାୟତାରେ ଦେବୀ ଉଭୟଙ୍କୁ ବଧ କରିଛନ୍ତି । ଶେଷରେ ସ୍ୱୟଂ ମହିଷାସୁର ଅବତୀର୍ଣ୍ଣ ହୋଇଛି ଦେବୀ ମହାମାୟାଙ୍କ ସମ୍ମୁଖରେ । ହେଲେ ଦେବୀ ଦଶଭୂଜା ମା' ଦୁର୍ଗା କ୍ରୋଧାନ୍ୱିତ ହୋଇ ନିଧନ କରିଛନ୍ତି ମହୀଷା ଅସୁରଙ୍କୁ। ମହୀଷାସୁରଙ୍କ ନିଧନ ପରେ ଶାନ୍ତି ବିରାଜମାନ କରିଛି ବସୁଧାରେ । ଏହି ଦୃଶ୍ୟାଭିନୟ ଦେଖିବାକୁ କଲରାକୋଠାରେ ପ୍ରବଳ ଦର୍ଶକଙ୍କ ସମାଗମ ହୋଇଥିଲା । ମହିଷାସୁର ଦରବାରରେ ରାଜଅତିଥି ଭାବେ ସୋନପୁର ମ୍ୟୁନିସିପାଲିଟି ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ସମାଜସେବୀ ଦିବ୍ୟଶଙ୍କର ରାଉତ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମହୀଷାସୁର ଦରବାରରେ ଆୟୋଜିତ ସାଂସ୍କୃତିକ ସଭାକୁ ଧରଣୀସେନ ସାହୁ ପରିଚାଳନା କରିଥିଲେ। କମିଟିର ପ୍ରତିଷ୍ଠାତା ସଦସ୍ୟ ଶକ୍ତି ପ୍ରସାଦ ନାଏକ, ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପ୍ରକାଶ ରଣା ଓ ସାଂସ୍କୃତିକ ସଂଯୋଜକ ଧର୍ମେନ୍ଦ୍ର ରଣା ସହଯୋଗ କରିଥିଲେ ।

## ବିକାଶରେ ଫ୍ରେସର୍ସ ଡେ

ବରଗଡ଼ ଅଫିସ୍,୨।୧୧

ବରଗଡ଼ର ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ଯୋଗ ଦେଇଥିବା ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଫ୍ରେଶର୍ସ ଡେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ । ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହିତ ଆଦର୍ଶ ଛାତ୍ର ଜୀବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଉକ୍ତ ଅନୁଷ୍ଠାନର ସଫଳ ଶିକ୍ଷା ପଦ୍ଧତି, ପ୍ଲେସମେଣ୍ଟ, ଉତ୍କୃଷ୍ଟ ପରୀକ୍ଷାଫଳ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବରେ ଗତ ଡିପ୍ଲୋମା ୱିଣ୍ଟର ସେମିଷ୍ଟାର ୨୦୧୮ ଏବଂ ସମର ସେମିଷ୍ଟାର ୨୦୧୯ ପରୀକ୍ଷାରେ ରାଜ୍ୟସ୍ତରରେ ଟପ୍ ର୍ୟାଙ୍କରେ ରହିଥିବା ୨୪ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିକାଶ ପଲିଟେକନିକ୍‌ର ଛାତ୍ର ସମୀର ନାୟକଙ୍କୁ ମିଷ୍ଟର ଫ୍ରେସର, ଛାତ୍ରୀ ମନିଷା ସେନାପତିଙ୍କୁ ମିସ୍ ଫ୍ରେସର, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଛାତ୍ର ଜି. ସାଇଭେଙ୍କଟଙ୍କୁ ମିଷ୍ଟର ଫ୍ରେସର, ଛାତ୍ରୀ ବିନିତା ପଟେଲଙ୍କୁ ମିସ୍ ଫ୍ରେସର ଭାବେ ବିବେଚିତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଇଞ୍ଜିନିୟରିଂ କଲେଜର ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବି-ଟେକ୍ ଏବଂ ଡିପ୍ଲୋମାର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଫ୍ରେସର୍ସ ଡେ ପାଳନ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଅନଶନରୁ ଓହରିଲେ ଚାଷୀ


ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ଚାଷୀଙ୍କ ଅନଶନ ଭଙ୍ଗ କରୁଛନ୍ତି।

ବରଗଡ଼ ଅଫିସ୍,୨।୧୧

ବରଗଡ଼ ଜିଲା ଡଭା ପ୍ୟାକ୍ସରେ ଧାନ କିଣାବିକାଠାରୁ ଆରମ୍ଭ କରି ଋଣ ପ୍ରଦାନ ଆଦି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଅଭିଯୋଗର ତଦନ୍ତ ଏବଂ ନୂତନ ସମ୍ପାଦକ ନିଯୁକ୍ତି ଦାବି ନେଇ ଶୁକ୍ରବାରଠାରୁ ଡଭା ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଆଗରେ ଅନଶନ ଆରମ୍ଭ ହୋଇଥିଲା। ଶନିବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ ପ୍ରମୁଖ ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଡଭା ଆଞ୍ଚଳିକ କୃଷକ ସଙ୍ଗଠନର ଦାବି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ୟାକ୍ସ ସଭାପତିଙ୍କୁ ସେ ନେଇ କୈଫିୟତ ତଲବ କରାଯାଇଛି ଏବଂ ଆସନ୍ତା ୧୩ ତାରିଖ ସୁଦ୍ଧା ସ୍ପଷ୍ଟୀକରଣ ମଗାଯାଇଛି । କୌଣସି ସନ୍ତୋଷଜନକ ସ୍ପଷ୍ଟୀକରଣ ନ ମିଳିଲେ ଆସନ୍ତା ୨୦ତାରିଖରେ ଉକ୍ତ ପ୍ୟାକ୍ସରେ ନୂତନ ସମ୍ପାଦକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉକି, ଆଞ୍ଚଳିକ କୃଷକ ସଙ୍ଗଠନର ସମ୍ପାଦକ ଅଶୋକ କୁମାର ସାହୁ, ଛୋଟଅନକି ସରପଞ୍ଚ ଉର୍ମିଳା କନ୍ଧ, ନାଏବ ସରପଞ୍ଚ ରୂପେଇ କୈବର୍ତ୍ତଙ୍କ ସମେତ ୨୧ଜଣ ଅନଶନରେ ବସିଥିଲେ। ଶନିବାର ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ନିହାର ରଞ୍ଜନ ମହାନନ୍ଦ, ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ



### ବୌଦ୍ଧରେ ଭାଜପାର ଗାନ୍ଧୀ ସଂକଳ୍ପ ଯାତ୍ରା

ବୌଦ୍ଧ,୨।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଭାଜପା ନେତା ମହାମେଘବାହନ ଐର ଖାରବେଳ ସ୍ୱାଇଁ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କର କାର୍ଯ୍ୟକଳାପ ଯୋଗୁ ଭାରତ ସ୍ୱାଧୀନତା ଲାଭ କରିପାରିଥିଲା ବୋଲି କହିଥିଲେ। ଏହି ଅବସରରେ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍କାପଡା, କେଲାକଟା, ମଥୁରା, ଦେବଗଡ, ବାମଣ୍ଡା ଓ ସରସରା ଗ୍ରାମରେ ପଦଯାତ୍ରା କରିବା ସହିତ ପଥପ୍ରାନ୍ତ ସଭା ହୋଇଥିଲା। ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର, ବରିଷ୍ଠ ନେତା ପ୍ରଦୋଷ କୁମାର ମିଶ୍ର, ରାଜ୍ୟ ପ୍ରତିନିଧି ପଦ୍ମ ଚରଣ ଦାଶ ଯୋଗଦେଇ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରସରା ମଣ୍ଡଳ ସଭାପତି ଶମ୍ଭୁପ୍ରସାଦ ପ୍ରଧାନ, ଗ୍ରାମୀଣ ମଣ୍ଡଳ ସଭାପତି ସତ୍ୟାନନ୍ଦ ପାଣ୍ଡେ, ସମ୍ପାଦକ ମନୋରଞ୍ଜନ ମହାପାତ୍ର, ବରିଷ୍ଠ ନେତା ସରୋଜ ପ୍ରଧାନ, ସୁଧିର ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ବୌଦ୍ଧ ସହରର ବୁଢ଼ୁପାଲିଠାରୁ ସହର ପରିକ୍ରମା କରି ବସ୍‌ଷ୍ଟାଣ୍ଡ ଠାରେ ସଭା ଆୟୋଜିତ ହୋଇଥିଲା ।

■ ବୌଦ୍ଧରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

# ଦୁର୍ନୀତିକୁ ରୋକିବ ମୂଲ୍ୟବୋଧଭିତ୍ତିକ ଶିକ୍ଷା

ବୌଦ୍ଧ,୨।୧୧(ସ୍ୱ.ପ୍ର)



ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦୁର୍ନୀତି ହଟାଇବାକୁ ଶପଥପାଠ କରାଯାଉଛି ।

ବୌଦ୍ଧରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ବୌଦ୍ଧ ଟାଉନହଲଠାରେ ଶନିବାର ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଦୁର୍ନୀତି ନିବାରଣ ଡିଭିଜନର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଉପଜିଲପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଉପ ଆରକ୍ଷୀ ଅଧୀକ୍ଷକ ବୌଦ୍ଧ ରବିକାନ୍ତ ସୁନା ଯୋଗ ଦେଇଥିଲେ । ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । ମାନସିକତାରେ ପରିବର୍ତ୍ତନ ନ ଆସିଲେ ସମାଜରୁ ଦୁର୍ନୀତି ଦୂର ହୋଇପାରିବ ନାହିଁ ବୋଲି ଡିଏସପି ସୁନା କହିଥିଲେ ସେହିପରି ସମାଜରୁ ଦୁର୍ନୀତି ଦୂର ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେବାକୁ ଡିଆରଡିଏ ପିଡି ଦାସ ପରାମର୍ଶ ଦେଇଥିଲେ । ପରେ ସମସ୍ତେ ଦୁର୍ନୀତି ହଟାଇବା ପାଇଁ ଶପଥ ପାଠ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶନିବାର ଜିଲା ବିଚାରାଳୟ ପରିସରରେ ପାଳିତ ହୋଇଛି । ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ କୁମାର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ, ଫାମିଲ ଜଜ୍ ଗୌରିମାଳି ମହାରଣା, ଆଇନସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ସବଜଜ୍ ଦୁର୍ବାସା ଦୁର୍ଗା, ରେଜିଷ୍ଟ୍ରାର ପ୍ରତିଶ କୁମାର ରାଉତରାୟ,ଏସଡିଜେଏମ ସୂର୍ଯ୍ୟ ଦାସ, ଜେଏମଏଫସି ଶିବାନୀ ମିଶ୍ର ଓ ସୁନୀତା ବିଶ୍ୱାଳ ଯୋଗ ଦେଇଥିଲେ। ଏହି ସପ୍ତାହ ଅବସରରେ ଆଜିର ସ୍ଲୋଗାନ ସଚ୍ଚୋଟତା ଏକ ଜୀବନ ଶୈଳୀ ଓ ଦୁର୍ନୀତି ହଟାଇବାକୁ ଜିଲା ଦୌରଜଜ୍ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଚାରଳୟର ସମସ୍ତ କର୍ମଚାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ଆଇନଜୀବୀମାନେ ଯୋଗ ଦେଇଥିଲେ। ଶେଷରେ ଦୁର୍ନୀତି ହଟାଇବାକୁ ଶପଥ ପାଠ କରାଯାଇଥିଲା ।

# ଅର୍ଦ୍ଧାହାର, ରୋଗରେ ବିତୁଛି ଜୀବନ

କନ୍ଧମାଳ, ୨।୧୧ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଶ୍ରୀନିବାସପୁର ଗାଁର ନିଆଶ୍ରୀ ମହିଳା ଫୁଲଡୁଲି । ୬୫ ବର୍ଷର ଏହି ମହିଳାଙ୍କ ନିଜର ସମ୍ପର୍କୀୟ କହିଲେ କେହି ନାହାନ୍ତି। ସ୍ୱାମୀ ମରିବାର ୨୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି । ନିଜର ଦେଖାଶୁଣା କରିବାକୁ ସନ୍ତାନ ନାହାନ୍ତି । ମୂଲ ମଜୁରୀ କରି ପେଟ ପୋଷୁଥିଲେ ଫୁଲଡୁଲି । ବର୍ତ୍ତମାନ ସମ୍ବଳ କହିଲେ ଖାଦ୍ୟ ସୁରକ୍ଷା ଯୋଜନାର ୫ କେଜି ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ମାସିକ ୫ ଶହ ଟଙ୍କା। ବର୍ଷେ ହେଲା ସେ ଆଉ କାମ କରିପାରୁନାହାନ୍ତି। ଗୋଡ ହାତ ଅଚଳ। ଭଲ ଭାବେ ଚାଲିପାରୁନାହାନ୍ତି । ବର୍ଷେ ତଳେ ତାଙ୍କ ପେଟ, ଗୋଡହାତ ଫୁଲିବା ଆରମ୍ଭ ହେଲା। ସେ କଷ୍ଟେ ମଷ୍ଟେ କିଛି ପଇସା ସଞ୍ଚୟ କରି ସୋନପୁର ଡାକ୍ତରଖାନାଠୁ ବୁର୍ଲା ବଡ ଡାକ୍ତରଖାନା ଯାଇଥିଲେ । ସେଠାରେ ଡାକ୍ତର କହିଲେ ଅପରେସନ ହେବ। ଢେର ପଇସା ଲାଗିବ। ସେଇଠୁ ସେ ଫେରି ଆସି କର୍ମକୁ ଆଦରି ଗାଁରେ ପଡି ରହିଛନ୍ତି ଫୁଲଡୁଲି । ଭାତ ମୁଠେ ରାନ୍ଧି ପାରୁନାହାନ୍ତି। ଏଭଳି ଅବସ୍ଥାରେ ମରଣ ପାଇଁ ଦିନ ଗଣୁଛନ୍ତି ଏହି ନିଆଶ୍ରୀ ମହିଳା। ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାର ଅର୍ଥ ମଧ୍ୟ ସେ ପାଇ ପାରିନାହାନ୍ତି । ଏ ସମ୍ପର୍କରେ ଫୁଲଡୁଲି କୁହନ୍ତି, କାଣା କରମି, ମୋର କିଏ ଅଛେ ଯେ ମୋତେ ଓଷୋକଷା କରବା । କେଭେ ମରମି ଦିନ ଗନୁଛେ । ମାଗିକରି ଖାଉଛେ, ନାଇଁ ମିଲଲେ ଭୁକେ ଶୁଉଛେଁ। ଏ ସମ୍ପର୍କରେ କୃଷକ ସଙ୍ଗଠକ କେଶବ ମାଝୀ କୁହନ୍ତି, ଦଳିତ ଓ ନିଆଶ୍ରୀ ଲୋକଙ୍କ ପାଇଁ ସରକାରଙ୍କ ଏତେ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଫୁଲଡୁଲିଙ୍କ ପାଖରେ କୌଣସି ସହାୟତା ପହଞ୍ଚି ନ ପାରିବା ଦୁଃଖର ବିଷୟ। ଏ ନେଇ ତଦନ୍ତ କରି ଉପଯୁକ୍ତ ସାହାଯ୍ୟ ଯୋଗାଇ ଦେବା ଦରକାର ବୋଲି ସେ କହିଛନ୍ତି ।



ନିଆଶ୍ରୀ ମହିଳା ଫୁଲଡୁଲି ।

# ଶିକ୍ଷୟିତ୍ରୀଙ୍କ ଭାଇରାଲ ଭିଡିଓ, ଖୋଲିଲେ ଶିକ୍ଷା ବିଭାଗର ଗୁମର କଥା

ବୌଦ୍ଧ,୨।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଶିକ୍ଷା ବିଭାଗର ଗୁମର ଖୋଲିଛନ୍ତି ଖୋଦ୍ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ। ବୌଦ୍ଧ ବ୍ଲକ ଅନ୍ତର୍ଗତ ଗୁଡିଆଳୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ବିଳମ୍ବରେ ବିଦ୍ୟାଳୟକୁ ଆସିବାରୁ ଗ୍ରାମର କିଛି ଅଭିଭାବକ ମୋବାଇଲରେ ତାଙ୍କର ଫଟୋ ଉଠାଇଥିଲେ। ଏହାକୁ ନେଇ ଶିକ୍ଷୟିତ୍ରୀ ଜଣକ ଉତ୍ତେଜିତ ହେବା ସହିତ ସେମାନଙ୍କୁ ଧମକ ଦେବା ଓ ନିଜେ ଶିକ୍ଷା ବିଭାଗରେ ଚାଲିଥିବା ଅନିୟମିତତାର ଗୁମର ଖୋଲିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କ ଭିଡିଓ ଉତ୍ତୋଳନ କରୁଥିବାବେଳେ ବିଦ୍ୟାଳୟର ସଭାପତି ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଥିବା ଓ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା ଚାଲିଥିବାବେଳେ କାହିଁକି ସମସ୍ତେ ଚୁପ୍ ରହିଛନ୍ତି ବୋଲି ଶିକ୍ଷୟିତ୍ରୀ ପଚାରିଥିଲେ। ସେ ଦୂରରୁ ବିଦ୍ୟାଳୟକୁ ଆସୁଥିବାରୁ କୌଣସି ଦିନ ସାମାନ୍ୟ ବିଳମ୍ବ ହୋଇଯାଉଛି। ତେବେ ସେ ପ୍ରତିଦିନ ବିଦ୍ୟାଳୟକୁ ଆସୁଥିବା କହିଥିଲେ। ଆହୁରି ମଧ୍ୟ ସେ ଏହାକୁ ଭୟ କରୁନାହାନ୍ତି। ଯଦି ପାରୁଛ ମୋତେ ବଦଳିକରିଦିଅ ବୋଲିଅଭିଭାବକମାନଙ୍କୁ କହିଥିଲେ। ଅଭିଭାବକଙ୍କ ସମ୍ମୁଖରେ ଶିକ୍ଷୟିତ୍ରୀ ଜଣକ ନିଜ ବିଦ୍ୟାଳୟରେ ଚାଲିଥିବା ଅନିୟମିତତାର ଗୁମର ଖୋଲିଥିବା ବେଳେ ଏହା ଜିଲା ଶିକ୍ଷା ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି। ପରେ ଶିକ୍ଷୟିତ୍ରୀ ଜଣକ ଉତ୍ତେଜିତ ହୋଇ ଏହିପରି କହିଦେଇଥିବା ସଫେଇ ଦେଇଛନ୍ତି । ତେବେ ବିଇଓ ଧ୍ରୁବ ଚରଣ ଘିବେଲା ଘଟଣା ସମ୍ପର୍କରେ ଅବଗତ ଥିବାବେଳେ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି ।

# ଝରାପାଲିରେ ବିଶାଳ ଚାଷୀ ସମାବେଶ

ଭେଡ଼େନ,୨।୧୧(ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଝରାପାଲି ମାର୍କେଟ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ଏହି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀ ମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଛି । ଭେଡ଼େନ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଥିବା ବେଳେ ଏହାର ବିକ୍ରି ତଥା ବଜାର ବ୍ୟବସ୍ଥାକୁ ନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ସରକାରଙ୍କ ଧାନକ୍ରୟ ନୀତିରେ ଥିବା ତ୍ରୁଟିକୁ ବିରୋଧ କରାଯାଇଥିଲା। ଚାଷୀମାନେ ଅମଳ କରିଥିବା ସମସ୍ତ ଧାନକୁ କ୍ରୟ ବ୍ୟବସ୍ଥା କରାଯିବା ପାଇଁ ଦାବି କରାଯିବା ସହ ମାର୍କେଟ ପ୍ରାଙ୍ଗଣରେ ଧାନର ମାନ ନିର୍ଦ୍ଧାରଣ କରାଯିବା, ଯୋଗାଣ ବିଭାଗ ଦ୍ୱାରା ଘୋଷିତ ଟୋକନ ବ୍ୟବସ୍ଥାକୁ ବିରୋଧ, ସମସ୍ତ ଚାଷୀଙ୍କୁ ଗନିବ୍ୟାଗ ଯୋଗାଣ, ସମସ୍ତ ମାର୍କେଟର ଭିତ୍ତିଭୂମି ବିକାଶ, ସମସ୍ତ ଧାନ ବିକ୍ରି ସରିବା ପର୍ଯ୍ୟନ୍ତ ୟାର୍ଡ଼ ଖୋଲା ରଖାଯିବା ଆଦି ଦାବି କରାଯାଇଛି । ଏହା ସହ ଆସନ୍ତା ୬ ତାରିଖରେ ଝରାପାଲିଠାରେ ଏକ ବିରାଟ ଚାଷୀ ସମାବେଶ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଚାଷୀ ନରେନ୍ଦ୍ର ଭୋଇ, ଗଙ୍ଗାଧର ବେହେରା, ନିଶିକାନ୍ତ ପାଢ଼ୀ ପ୍ରମୁଖ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ଘଣ୍ଟାପଡା, ୨।୧୧ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସପ୍ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଶାଖା ପରିଚାଳକ ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ପାଳିତ ହୋଇଛି । ଅଫିସ ଆସିଷ୍ଟାଣ୍ଟ ଦେବାଶିଷ ଭୁଜବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସବ୍ ଷ୍ଟାଫ ଯୁଗେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ । ଡୋଳାବତୀ ଦେହୁରୀ ସହଯୋଗ କରିଥିଲେ ।


## ଭ୍ରମ ସଂଶୋଧନ

ଗତ ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିନ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପୃଷ୍ଠା-୧୩ରେ ସର୍ବସାଧାରଣ ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଜମି ତଫସିଲର ବିବରଣୀ ନିମ୍ନମତେ ସଂଶୋଧନ କରାଗଲା।
ଖତିଆନ ନମ୍ବର – ୩୦୦, ପ୍ଲଟ ନମ୍ବର – ୧୦୪୪

ସ୍ୱା./– ଭୂ-ଅର୍ଜନ ଅଧିକାରୀ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ



## ODISHA TOURISM DEVELOPMENT CORPORATION LTD,

Panthanivas (Old Block), Lewis Road, Bhubaneswar - 14 CAD-531

REQUEST FOR PROPOSAL TO UPGRADE, OPERATE, MANAGE, SHARE AND TRANSFER COFFEE SHOP COUNTER AT SELECT PANTHANIVASES

OTDC intends to lease covered space at Panthanivas Bhubaneswar, Dhauli&Khandagiri for operation of Coffee Shop Counter on upgrade, operate, manage, share and transfer basis. All the propertiesare located strategically and have significant tourist importance.Offers are invited from leading Coffee Shop chain to upgrade, operate, manage, share and transfer Coffee Shop Counter on a 3 years lease.

Bid Documents specifying the terms & conditions, instructions relating to the submission of the bid etc. can be downloaded from www.panthanivas.com from 04.11.2019 onwards.

The last date of submission of proposal is 23.11.2019up to 3.00 P.M. at the following address.

Managing Director
**Odisha Tourism Development Corporation Limited**
Lewis Road, Bhubaneswar751014 : Tel. 674 – 243 1289, Email: otdc@panthanivas.com
37002/11/0014/1920



e-mail: eerwsskld@nic.in
eerwsskld@gmail.com
Phone No: 06670-230784

GOVERNMENT OF ODISHA
OFFICE OF THE EXECUTIVE ENGINEER,
KALAHANDI RWS&S DIVISON, BHAWANIPATNA.

No.O-481 :- INVITATION OF BID THROUGH e - TENDERING

Bid Identification No- 17/EE/RWSS/ 2019-20 /Bpt Dated.01.11.2019

01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. From | To | Date of opening (Technical Bid) |
|---|---|---|---|---|
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 17/EE/RWSS/2019-20 /Bpt Dated- 01.11.2019 | 08.11.2019 | 22.11.2019 | 23.11.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.

Sd./- Executive Engineer,
Kalahandi RWS&S Division, Bhawanipatna
25005/11/0013/1920



## ZILLA SWASTHYA SAMITI, KHORDHA

DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail : nhmkhordha@gmail.com Phone:06755-222993

### CONDEMNATION OF COLD CHAIN EQUIPMENTS C.D.M & P.H.O KHORDHA

Sealed tenders are invited from the eligible registered firms/agencies/individuals to purchase the following condemned materials (Cold Chain items) from C.D.M & P.H.O Khordha.

1- Ice lined refrigerator (Small) 23 no's
2- Cold box (5 Ltrs) 08 no's
3- Deep Freezer (Small) 15 no's
4- Cold box (20 Ltrs) 04 no's
5- Vaccine Carrier 332 no's
6- Voltage Stabilizer 25 no's
7- Ice Pack 700 no's
8- Domestic Refrigerator 01 no

No. E-472

The details term & condition guideline etc. Including tender paper format can be downloaded from the district website-: www.khordha.nic.in The tenders in the prescribed format along with all relevant documents should reach the office of the undersigned by 15.11.2019 till 12 noon through regd. Post/ speed post/ courier only. The envelope should duly super scribed on top of the envelope as" Tender for condemnation of cold chain equipments-Khordha". The tender will open on dtd-15.11.2019 at 3.00 p.m in the presence of bidders or their authorized representative. The undersigned reserves the right to reject any or all the quotations without assigning any reason thereof.

10029/11/0015/1920 Sd/- Chief District Medical & Public Health Officer, Khordha



## OFFICE OF THE MUNICIPAL COUNCIL, KEONJHARGARH

email : keonjharm.hud@rediffmail.com
**Invitation for Bids (IFB) 'e' Procurement Notice**
**Bid Identification No.KGM-07/2019-20**

**Letter No.5687 /KGM** **Date: 02.11.2019**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work - Civil Work
2. No. of Work - 02 Nos.
3. Value of works : Rs.19,89,000/- to 19,89, 000/-
4. Date & Time of availability of Bid document in the portal : From. 04.11.2019 at 11.00 A.M. up to 14.11.2019 at 5.00 P.M.
5. Last date & time of submission of bid in portal - upto 5 P.M. of 14.11.2019.
6. Date of Opening of bid in portal - 16.11.2019 at 4.30 P.M.
7. Name & address of the officer in inviting Bid - EO, Keonjhargarh Municipality.

Further details can be seen from Website : www.tendersorissa.gov.in

Sd./-
Executive Officer
Keonjhargarh Municipality



## OFFICE OF THE COLLECTOR & DISTRICT MAGISTRATE, DHENKANAL

(SOCIAL WELFARE SECTION)
e-mail id : dssodhenkanal@gmail.com
Tel No.- 06762-224481

### TENDER CALL NOTICE

**No.2390** **Date: 02.11.2019**

Sealed tenders are invited from registered travel agencies having valid GST certificate for selection of Travel Agency for 'Providing Hired Vehicle on Call Basis for DSWO Office at District level (Mission Shakti) and ICDS projects at Block Level (Mission Shakti). The details of tender document including General information may be referred from the District website- http://dhenkanal.nic.in from dt.04.11.2019 to dt.22.11.2019. The tender document completed in all respect along with E.M.D & all required documents shall be deposited in the office of DSWO, Dhenkanal on or before dt.22.11.2019 by 5.00 P.M. through Registered Post/ Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Dhenkanal. The tenders will be opened as per the tender schedule on dt.25.11.2019 at 11.00 A.M. in the office chamber of Addl. District Magistrate, Dhenkanal. The authority reserves the right to modify / cancel the tender at any point of time and the same will be published in the Dist. Website http://dhenkanal.nic.in.

Sd./-
District Social Welfare Officer,
Dhenkanal



## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

No.II-43 :-

L.A No.୭୧/୧୮-ଢେଙ୍କାନାଳ-୫୦୧୦/RRCS ତା.୨୮।୦୮।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩(R.F.C.T.L.A.R &R Act-୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧିୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩(R.F.C.T.L.A.R &R Act-୨୦୧୩)ର ୧୧(୧)ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୮୫୭ ତା୧୧।୧୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

**କିମ୍ବା**

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା-ଢେଙ୍କାନାଳ** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ-ଢେଙ୍କାନାଳ**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପାଇକଦହିକୋର | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୯.୫୧୦ | ୭.୯୭୦ | ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ୨.୧୬୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

**ଅଧିସୂଚନାର ବୈଧ ତାରିଖ ୨୭।୧୨।୨୦୧୮** **ରାଜ୍ୟପାଳଙ୍କ ଆଦେଶକ୍ରମେ ଜିଲ୍ଲାପାଳ**

**ମୌଜା-ପାଇକଦହିକୋର** **ଭୂମି ଅନୁସୂଚୀ** **ଥାନା-ଢେଙ୍କାନାଳ ନଂ.୨୩୮**

**ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ରୟତ ଜମିର ଖତିୟାନ ନକଲ।**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାଙ୍କ/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୧୦ | ୪୯୨ | ୦.୨୪୦ | ୦.୧୧୦ | ଆକୁଳ ବେହେରା, ପି-ସନନ୍ଦ ବେହେରା ଓଗେର |
| ୨ | ୨୪ | ୨୨୨/୬୪୯ | ୦.୮୫୦ | ୦.୦୨୦ | ଗନ୍ଧର୍ବ ଭୋଳା, ପି-ଦୋଳଗୋବିନ୍ଦ ଭୋଳା |
| ୩ | ୪୭ | ୫୭୫/୬୫୦ | ୨.୧୨୦ | ୦.୮୨୦ | ଦୁଃଶାସନ ବେହେରା, ପି-କସ୍ତୁରୀ ବେହେରା, ଓଗେର |
| ୪ | ୬୪ | ୬୦୫/୬୪୧ | ୦.୯୫୦ | ୦.୦୩୦ | ନିରଞ୍ଜନ ବେହେରା, ପି-ମଦନ ବେହେରା |
| ୫ | ୬୮ | ୨୨/୬୬୩ | ୧.୨୨୦ | ୦.୫୬୦ | ବଟକୃଷ୍ଣ ମହାନ୍ତି, ପି-ଅର୍ଜୁନ ମହାନ୍ତି, ଓଗେର |
| ୬ | ୧୦୦ | ୪୭୭ | ୦.୧୬୦ | ୦.୦୭୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୯ | ୧.୦୭୦ | ୦.୪୫୦ | |
| | | ୫୫୪ | ୩.୫୬୦ | ୨.୧୬୦ | |
| ୭ | ୧୦୧ | ୪୭୩ | ୧.୩୬୦ | ୦.୨୮୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୫ | ୦.୪୧୦ | ୦.୪୧୦ | |
| | | ୪୯୬ | ୧.୩୬୦ | ୦.୪୨୦ | |
| | | ୫୦୨ | ୦.୩୮୦ | ୦.୧୭୦ | |
| ୮ | ୧୧୯/୧୩ | ୪୭୧ | ୦.୪୯୦ | ୦.୨୧୦ | ଗୁରୁଚରଣ ଗଜିନ୍ଦ୍ରା, ପି-ରାସବିହାରୀ ଗଜିନ୍ଦ୍ରା |
| | | ୪୯୫ | ୦.୪୯୦ | ୦.୨୦୦ | |
| ୯ | ୧୧୯/୧୬ | ୫୯୫/୭୧୮ | ୦.୪୦୦ | ୦.୪୦୦ | ଖୁଲଣା ବେହେରା, ସ୍ୱା-ନିରାକାର ବେହେରା, ଓଗେର |
| ୧୦ | ୧୧୯/୭୫ | ୫୯୫/୭୬୬ | ୦.୨୮୦ | ୦.୦୫୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୧ | ୧୧୯/୧୦୨ | ୫୭୫/୬୮୫ | ୦.୩୦୦ | ୦.୩୦୦ | ନବଯୁଗ ଏଜୁକେସନାଲ ଆଣ୍ଡ ଚାରିଟେବୁଲ, ମାର୍ଫତ-ବସନ୍ତ ମଞ୍ଜରୀ ନାୟକ |
| ୧୨ | ୧୧୯/୧୩୫ | ୫୭୫/୮୦୬ | ୩.୨୫୦ | ୧.୧୦୦ | ବିକଳ ବେହେରା, ପି-ଗୋବିନ୍ଦ ବେହେରା |
| ୧୩ | ୧୧୯/୧୫୧ | ୫୯୫/୮୧୪ | ୦.୧୬୦ | ୦.୧୬୦ | ଭାସ୍କର ବେହେରା, ପି-ରାମ ଚନ୍ଦ୍ର ବେହେରା |
| ୧୪ | ୧୧୯/୧୫୩ | ୫୯୫ | ୦.୦୬୦ | ୦.୦୧୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୫ | ୧୧୯/୨୧୯ | ୫୭୫/୬୭୮ | ୦.୪୦୦ | ୦.୦୪୦ | ବିଦ୍ୱାନ ରେସିଡେନ୍ସିଆଲ କଲେଜ, ଜ୍ଞାନେନ୍ଦ୍ର କୁମାର ସାହୁ ଓଗେର |

**ମୋଟ ଏ.୧୯.୫୧୦ ୭.୯୭୦**

24034/14/0054/1920



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସପ୍ତାହ ପାଳନ

**ବଲାଙ୍ଗୀର ଅଫିସ, ୨।୧୧:** ପୁଇଁତଲା ବ୍ଲକ କୁରୁଲ ସ୍ଥିତ ରାମଜୀ ହାଇସ୍କୁଲ ଠାରେ ଇଣ୍ଡିଆନ ଓଭରସିସ ବ୍ୟାଙ୍କ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ସୁରଜିତ୍ ନାଏକ, ସହକର୍ମଚାରୀ ସୌରଭ ମେହେର, ଶିକ୍ଷକ ଅମରଦୀପ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଦୁର୍ନୀତି ନିବାରଣରେ ଜନସାଧାରଣଙ୍କ ଭୂମିକା ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରିୟଙ୍କା ଦୀପ, ମନୀଷା ନାୟକ ଓ ସଙ୍ଗୀତା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ଦୁର୍ନୀତି ନିବାରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

### ସାମ୍ବାଦିକ ହିଂସା ବିରୋଧୀ ଦିବସ ପାଳିତ

**ବଲାଙ୍ଗୀର ଅଫିସ, ୨।୧୧**

ଜାତିସଂଘ ଅନୁମୋଦନକ୍ରମେ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ସାମ୍ବାଦିକଙ୍କ ଉପରେ ହିଂସା ବିରୋଧୀ ଦିବସକୁ ଶନିବାର ବଲାଙ୍ଗୀର ଜିଲା ସାମ୍ବାଦିକ ଭବନଠାରେ ପାଳନ କରାଯାଇଛି। ପ୍ରତିଷ୍ଠାତା ସଭାପତି ସତ୍ୟନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବଳରାମ ମିଶ୍ର ସାମ୍ବାଦିକ ହିଂସା ବିରୋଧୀ ଦିବସ ପାଳନ ଉଦ୍ଦେଶ୍ୟ ଉପରେ କହିଥିଲେ। ଗଣମାଧମ ପ୍ରତିନିଧିଙ୍କ ପ୍ରତି ହେଉଥିବା ହିଂସାର ନିରାକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିହିତ ପଦକ୍ଷେପ ଗ୍ରହଣ କରିବା ଏବଂ ସେମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ବ୍ୟବସ୍ଥା ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ଏଥିରେ ଗଣମାଧମ ପ୍ରତିନିଧି କୁନା ବାଗ, ବୀରେନ୍ଦ୍ର ଝାଙ୍କର, ଗୋପବନ୍ଧୁ ଶତପଥି, ସତ୍ୟସୁନ୍ଦର ଭଞ୍ଜ, ସୁଧୀର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ରଘୁନନ୍ଦନ ସିଂ ବକ୍ତବ୍ୟ ରଖିଥିଲେ। ନବୀନ ପଶାୟତ, ଶରତ ମହାକୁର ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ଶରତଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ସ୍କୁଲସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

# ‘ସ୍କୁଲସ୍ତରରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରାଯିବ’

**ବଲାଙ୍ଗୀର ଅଫିସ, ୨।୧୧**




ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ବଲାଙ୍ଗୀର ଟାଉନ୍ ହାଇସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ପାଳନ କରାଯାଇଛି । ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ବଲାଙ୍ଗୀର ପୌରାଞ୍ଚଳସ୍ଥିତ ହାଇସ୍କୁଲମାନଙ୍କ ଖେଳପଡିଆର ଭିତ୍ତିଭୂମି କାମ ଆଗେଇ ଚାଲିଛି। କେତେକ ସ୍ଥାନରେ ଏହି କାମ ସରିଛି ଓ ଆଉ କେତେକ ସ୍ଥାନରେ ଖେଳପଡିଆ ପୂର୍ଣ୍ଣାଙ୍ଗ ହେବା ଉପରେ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। ବ୍ଲକସ୍ତରରେ ମଧ ଯୋଜନା ମୁତାବକ ୧୪ଟି ମିନି ଷ୍ଟଡିୟମ ନିର୍ମାଣ ହେବ । ଆଗାମୀ ୪ବର୍ଷ ଭିତରେ ଯେପରି ତୃଣମୁଳ ସ୍ତରରୁ ଖେଳ ଦିଗରେ ପ୍ରତିଭାବାନ ଖେଳାଳିମାନେ ବାହାରି ପାରିବେ। ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରକାର ଭିତ୍ତିଭୂମି, କ୍ରୀଡା ସରଞ୍ଜାମ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ । ଛାତ୍ରୀଛାତ୍ରମାନେ ପାଠପଢା ସହିତ କ୍ରୀଡା ଉପରେ ମଧ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଥିଲେ । ପୃଥ୍ୱୀରାଜ ହାଇସ୍କୁଲରେ ଏକ ଜାତୀୟସ୍ତରର ବ୍ୟାଡମିଣ୍ଟନ୍ ଇଣ୍ଡୋର କୋଟ ଏବଂ ସୁଦୃଶ୍ୟ ଆଉଟଡୋର ଷ୍ଟାଡିୟମ ନିର୍ମାଣ କାମ ଜୋରସୋରରେ ଚାଲିଛି ବୋଲି ସେ କହିଥିଲେ । ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର ଏବଂ ଅବସରପ୍ରାପ୍ତ ଶିକ୍ଷକ ବାମଦେବ ମିଶ୍ର ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଉପରେ ଜିଲା କ୍ରୀଡା ପରିଦର୍ଶକ ଜ୍ୟୋତି ରଞ୍ଜନ ପରିଡା ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ରାଘବ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ କୁମୁଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ କ୍ରୀଡାବିତ୍ ସୁଶ୍ରୀ ଆନନ୍ଦିନୀ ଦର୍ଜିଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ବ୍ଲକସ୍ତରରୁ ମନୋନୀତ ଖେଳାଳୀମାନେ ଯୋଗଦାନ କରିଥିଲେ। ଜିଲାର ୧୪ଟି ବ୍ଲକରୁ ୩୦୬ ଜଣ ପ୍ରତିଯୋଗୀ, ୧୩୯ ଜଣ କ୍ରୀଡା ଶିକ୍ଷକ, ଅଫିସିଏଲ୍ ଏବଂ ମ୍ୟାନେଜର ପ୍ରତିଯୋଗିତା ପରିଚାଳନା କରିଥିଲେ।

## ପଞ୍ଚାୟତ ଉନ୍ନୟନ କାମରେ ଅନିୟମିତତା ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବି କଲେ ବ୍ଲକ ଉପାଧ୍ୟକ୍ଷ

**ସଇଁତଲା, ୨।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ଓ ତାଲବାହାଲ ପଞ୍ଚାୟତରେ ୨୦୧୭-୧୮ ବର୍ଷରେ କେନ୍ଦ୍ରୀୟ ଓ ରାଜ୍ୟ ଅନୁଦାନରେ ହୋଇଥିବା ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି ହୋଇଛି। ଏହିଭଳି ଅଭିଯୋଗ ଆଣିଛନ୍ତି ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ଭୋଇ । ତାଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ଜିଲାପାଳ ଓ ଦୁର୍ନୀତି ନିବାରଣ ବିଭାଗ ପାଖରେ ଫେରାଦ ହୋଇଛନ୍ତି। କରମତଲା ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା ହୋଇଛି। ଆବାସ ଯୋଜନା ଟଙ୍କାରେ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟରେ ବ୍ୟବହୃତ ହେଉଥିବା ଅଭିଯୋଗ କରାଯାଇଛି। ସେହିପରି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ଠିକାଦାର ମାଧ୍ୟମରେ କରାଯାଉଛି। ଏଥିରେ କାମ କରିଥିବା ଶ୍ରମିକଙ୍କୁ ମଜୁରି ମିଳୁନାହିଁ। ଏ ସମ୍ପର୍କରେ ଅଭିଯୋଗ କିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଉପାଧ୍ୟକ୍ଷ ଭୋଇ, ସୁବାଷ ବୁଡେକ, ଗଙ୍ଗାଧର ବାରିକ, ବୈକୁଣ୍ଠ ମାଝୀ, ଅନନ୍ତ କାଲସାଏ, କେଶବ ନାଏକଙ୍କ ସମେତ କେତେକ ସମିତି ସଭ୍ୟାସଭ୍ୟ ଜିଲାପାଳ ଓ ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବରେ ଜଣାଇଛନ୍ତି। ବିଡିଓ ପ୍ରଦୀପ ପଟ୍ଟନାୟକଙ୍କୁ ଭେଟି ସେମାନେ ମଧ ଅନୁରୂପ ଅଭିଯୋଗ କରିଛନ୍ତି।

**RAMA DEVI WOMEN'S UNIVERSITY, BHUBANESWAR**

**No.4358** **WALK-IN-INTERVIEW** **Dt.02.11.19**

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

**ଖପ୍ରାଖୋଲ, ୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମେଡିକାଲ ଅଫିସର ଡା. ବିନୟ କୁମାର ମେହେର, ଫାର୍ମାଶିଷ୍ଟ ଅମିତାଭ ଠାକୁର ୧୩୫ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ୨୧ଜଣ ପୀଡିତ ଥିବା ଜଣାପଡିଥିଲା । ସେମାନଙ୍କୁ ଉଚ୍ଚତର ପରୀକ୍ଷଣ ଓ ଚିକିତ୍ସା ପାଇଁ ପଠାଯିବା ନେଇ ମେଡିକାଲ ଅଫିସର କହିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପାଣି, ଅଧ୍ୟାପକ ବଳଭଦ୍ର ଦାଶ, ମଧୁସ୍ମିତା ସାହୁ, ଗୁଣନିଧି ସାହୁ, ଜନାର୍ଦ୍ଦନ ସୁନା, ବାଳକୃଷ୍ଣ ପୁଂଜି ପ୍ରମୁଖ ସହାୟତା କରିଥିଲେ।



ଡାକ୍ତରମାନେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଟିଟିଲାଗଡ଼, ୨।୧୧ (ଡି.ଏନ.ଏ.):** ନାବାର୍ଡ ବଲାଙ୍ଗୀର ପକ୍ଷରୁ ଚାଣ୍ଡିପଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଡିଡିଏମ ଲକ୍ଷ୍ମଣ ରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେଇଥିଲେ। ଆଶା ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁଷ୍ମନ୍ତ ଭୁଏ ପ୍ରମୁଖ ଦୁର୍ନୀତି ବିରୋଧରେ ମତବ୍ୟକ୍ତ କରିଥିଲେ।

**ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା
ଫୋନ: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି (**KYC**) ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ **KYC/PAN/Form60/61** ହୋମ ବ୍ରାଞ୍ଚରେ ତା.୨୦.୧୧.୨୦୧୯ରିଖ ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଟକ କରାଇ ଦିଆଯିବ।
ଆଞ୍ଚଳିକ ପ୍ରବନ୍ଧକ

**OFFICE OF THE SUB- COLLECTOR, NUAPADA**

**PROCLAMATION**

**R.M.C. No. 290/2018** **U/s: 22 of the O.L.R. Act.**

This hereby informed to the general public that Sri. Kawal Singha Gond, S/o- Panchram Gond, Cast- Gond (S.T.) R/o- Sikaripali, Ps. Pithoda, Dist- Mahasamund (C.G.), have applied for prison permission for selling of the following rayati Lands,

Anybody having any objection to such transform of the Lands may five objection on any persons belonging to Schedule tribe community interested to purchased all then a period at 15 days

From the date of publication of this proclamation no objection petition on disinterest to purchase will be entertained after expiry of the stipulated period. **CONTACT NO: 9770841584**

**LAND SCHEDULE**

| Mouza | Khata No. | Plot No. | Area. | Kissam |
|---|---|---|---|---|
| Bhanpur, Ps. Jonk, Thana. No- 38, Tahasil No. 38, Dist- Nuapada (Odisha) | 550/211 | 1210 | 0.420 | Bema |
| | | 1211 | 0.040 | Bema |
| | | 1218 | 1.070 | Bema |
| | | 1538 | 0.220 | Bahal |
| | | 1529 | 1.260 | Aut |
| | | 1540 | 0.550 | Bahal |
| | | 1543 | 0.440 | Aut |
| | | 1544 | 0.870 | Aut |
| | TOTAL- | 8 | 4.870 | |

**By Order of the Sub- Collector**
**Sd/- Kawal Singh Gond**

# ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ ଛାତ୍ରୀଛାତ୍ର




ଜରାସିଂହା ଯୁକ୍ତଦୁଇ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେଓଗାଁ, ୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ଅଚ୍ୟୁତରାମ ମେହେର ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ପ୍ରଯୁଜ୍ୟ କେତୋଟି ସରଳ ସୂତ୍ର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତାଭାବେ ଅଧାପକ ବସନ୍ତ କୁମାର ମନହୀରା ଓ ଅଧ୍ୟାପକ ଧୋବାଇଚରଣ ପଟେଲ ପ୍ରମୁଖ ଯୋଗଦେଇ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଗୋବିନ୍ଦ ମେହେର, ବସୁଦେବ ମେହେର, ଅଧ୍ୟାପିକା ଶୁଭଶ୍ରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ତଥା କର୍ମଚାରୀ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିଲେ । ଏଥିରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବସୁଦେବ ମେହେର, ବାଳ ଶଙ୍କର ମେହେର ତଥା ଅନ୍ୟାନ୍ୟ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଦୂର୍ବାଦଳ ଘିଭେଲା ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ଏସ୍‌ପିଙ୍କ ଘରେ ଚୋର, କାବୁ କରି ପୋଲିସ ଜିମାଦେଲେ

**ବଲାଙ୍ଗୀର ଅଫିସ, ୨।୧୧**

ବଲାଙ୍ଗୀର ତୁଲସୀନଗର ନିବାସୀ ଅବସରପ୍ରାପ୍ତ ପୋଲିସ ଏସ୍‌ପି ବିବେକ ରଥଙ୍କ ଘର ଭିତରକୁ ଶୁକ୍ରବାର ରାତିରେ ଏକ ଚୋର ପଶିଥିଲା । ଛୁରି ଧରି ଥିବା ଚୋରକୁ ପୂର୍ବତନ ଏସ୍‌ପି ରଥ ଓ ତାଙ୍କ ପୁଅ କାବୁ କରି ପୋଲିସ ଜମି ଦେଇଛନ୍ତି। ଘଟଣା ସମ୍ପର୍କରେ ରଥ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ରଥଙ୍କ ଉପରମହାଲ ଘର କବାଟ୍ ବାହାର ପଟୁ କେହି ବନ୍ଦ କରିଦେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଅନ୍ୟ ଏକ ରାସ୍ତାରେ ଉପର ମହଲାକୁ ଯାଇ ଦେଖିବାବେଳେ ଜଣେ ଯୁବକ ଏକ ଛୁରି ଧରି ସେଠାରେ ଥିବା ଦେଖିବାକୁ ପାଇଥିଲେ । ରଥ ଓ ତାଙ୍କ ପୁଅ ଉକ୍ତ ଯୁବକଙ୍କୁ କାବୁ କରି ପିସିଆର ଭ୍ୟାନ୍‌କୁ ଖବର ଦେଇଥିଲେ। ପିସିଆର ଭ୍ୟାନ୍ ଉକ୍ତ ଯୁବକଙ୍କୁ ଥାନାକୁ ନେଇଥିଲା। ଯୁବକ ଜଣକ ତାଙ୍କ ପରିଚୟ ଦେଇନାହାନ୍ତି। ତିନିଜଣ ଯୁବକ ତାଙ୍କୁ ମଦ ପିଆଇ ରଥଙ୍କ ଘର ଉପରକୁ ପଠାଇଥିବା ଯୁବକ ଜଣକ କହିଥିଲେ। ପୋଲିସ ଉକ୍ତଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ 1463 (Exam. Conf.) ତା 01.11.2019 ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ ।

'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ । ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬।୧୧।୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପତ୍ରମାଧମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ ।

Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**

(i) ଆରମ୍ଭ ତାରିଖ — ତା୦୫।୧୧।୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯।୧୧।୨୦୧୯ରିଖ ରାତ୍ର ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦।୧୧।୨୦୧୯ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୦।୧୧।୨୦୧୯ ଠାରୁ ତା୨୫।୧୧।୨୦୧୯ ରାତ୍ର ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬।୧୧।୨୦୧୯ରିଖ ମଧ୍ୟରାତ୍ର

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।**

ସା/- ସମ୍ପାଦକ

# ଷ୍ଟାଫ୍‌ନର୍ସ ପଦବୀରେ ସ୍ଥାନୀୟ ନିଯୁକ୍ତି ଦାବି

## ସିଡିଏମ୍‌ଓଙ୍କୁ ଭେଟିଲେ କୋସଳ ରାଜ୍ୟ ସମନ୍ୱୟ ସମିତି, କୋସଳ ଯୁବ ସମନ୍ୱୟ ସମିତି ପ୍ରତିନିଧି

**ବଲାଙ୍ଗୀର ଅଫିସ, ୨।୧୧**

ବଲାଙ୍ଗୀର ଜିଲାରେ ଷ୍ଟାଫ୍‌ନର୍ସ ନିଯୁକ୍ତି କ୍ଷେତ୍ରରେ ବାହାର ଜିଲାର ବିଶେଷ କରି ଉପକୂଳ ଓଡିଶାର ପ୍ରାର୍ଥୀମାନଙ୍କ ଅନୁପ୍ରବେଶକୁ ବିରୋଧ କରି ଶନିବାର କୋସଳ ରାଜ୍ୟ ସମନ୍ୱୟ ସମିତି ଓ କୋସଳ ଯୁବ ସମନ୍ୱୟ ସମିତି ତରଫରୁ ସ୍ଥାନୀୟ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କୋସଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ ମିଶ୍ରଙ୍କ ଅନୁମୋଦନକ୍ରମେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ବଲାଙ୍ଗୀର ଜୋନ ଯୁଗ୍ମ ସଂଯୋଜକ ରବିଶଙ୍କର ମିଶ୍ର, ଶ୍ୟାମସୁନ୍ଦର ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସିଡିଏମ୍‌ଓଙ୍କୁ ସାକ୍ଷାତ କରିଥିଲେ। ଷ୍ଟାଫ୍‌ନର୍ସ ନିଯୁକ୍ତି କ୍ଷେତ୍ରରେ ବାହାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଗଲେ ପରିଣତି ଭୟାବହ ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ପରେ ଏହି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ମଧ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିବା ଜଣାଇଛନ୍ତି । ଉଭୟ ଜିଲାପାଳ ଓ ସିଡିଏମ୍‌ଓ ଏହି ଦାବିପତ୍ର ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ କୋସଳ ଯୁବ ସମନ୍ୱୟ ସମିତିର ଡୋଳାମଣି ପ୍ରଧାନ, ବନମାଳୀ ନାଏକ, ଅଚ୍ୟୁତ୍ ସିପୁନ ଖମାରୀ, ଜ୍ୟୋତି ରଞ୍ଜନ ମହାନ୍ତି, ହିଂତାଶୁ ସାହୁ, ଲାଲମନ ବାଗ, ରିଲୁ ରଥ, ବାବୁଲା ବେହେରା, ଯଦୁମଣି ମଲ୍ଲିକ ସାମିଲ ଥିଲେ।



କୋସଳ ରାଜ୍ୟ ସମନ୍ୱୟ ସମିତି ସଦସ୍ୟମାନେ ସିଡିଏମ୍‌ଓଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩ ନଭେମ୍ବର, ୨୦୧୯



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ଜିଲା ଦୌରାଜଜଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନୂଆପଡା ଅଫିସ,୨।୧୧**-ସ୍ଥାନୀୟ ଜିଲା ଓକିଲ ସଂଘ ତରଫରୁ ଜିଲା ଦୌରାଜଜ ଅସୀମ କୁମାର ଦଳବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ମୁରଲୀଧର ପଣ୍ଡା, ଶ୍ୱେତରାମ ଦେୱାଙ୍ଗନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ତରଫରୁ ଜିଲା ଦୌରାଜଜଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ସଂଘର ସମ୍ପାଦକ ଅଶ୍ୱିନୀ କୁମାର ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ ମାଜିଷ୍ଟ୍ରେଟ, ଓକିଲମାନେ ଉପସ୍ଥିତ ଥିଲେ।

### ଗିରିଗୋବର୍ଦ୍ଧନ ପୂଜା ସମ୍ପନ୍ନ

ରିଷିଡା,୨।୧୧(ଡି.ଏନ.ଏ.)- କଳହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅନ୍ତର୍ଗତ ସିକେଲକୁପାଠାରେ ଚାଲିଥିବା ୪୩ତମ ଗିରିଗୋବର୍ଦ୍ଧନ ପୂଜା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଲିଳାମୟ ପଧାନ ଓ ନୀଳିମା ପଧାନ ଦାୟୀତ୍ୱ ତୁଲାଇଥିଲେ। ଆୟୋଜକ କମିଟି ସଭାପତି ରମେଶ ଚନ୍ଦ୍ର ପଧାନ, ଉପସଭାପତି ତ୍ରିନାଥ ସାହୁ, ସମ୍ପାଦକ ଆଲୋକ ହେର୍ଣ୍ଣା, ସହସମ୍ପାଦକ ସାନନ୍ଦ ପଧାନ, କୋଷାଧକ୍ଷ କିସନଲାଲ ପଧାନ ପ୍ରମୁଖ ଦାୟୀତ୍ୱ ନିର୍ବାହ କରିଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ରିଷିଡା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ଗାନ୍ଧୀ ସଂକଳ୍ପ ଯାତ୍ରା

ରିଷିଡା,୨।୧୧(ଡି.ଏନ.ଏ.)- କଳହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗାନ୍ଧୀ ସଂକଳ୍ପ ଯାତ୍ରା ଭାଜପା ପକ୍ଷରୁ ଆରମ୍ଭ ହୋଇଛି। ଏଥିରେପଦ୍ମଲୋଚନ ମିଶ୍ର, ମଣ୍ଡଳ ସଭାପତି ଚିତ୍ରସେନ ସାହୁ, ପୂର୍ବତନ ବ୍ଲକ ସଭାପତି ଭୋଳାନାଥ ସାହୁ, ଦୟାନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ।

### ସାମୂହିକ ସଫେଇ କାର୍ଯ୍ୟକ୍ରମ

ଭବାନୀପାଟଣା,୨।୧୧(ଡି.ଏନ୍.ଏ.)- କଳାହାଣ୍ଡି ଜିଲା ଗଠନ ଦିବସ ଉପଲକ୍ଷେ ଜିଲାପାଳ ଗାଭାଲି ପରାଗ ହର୍ଷଦ ଏବଂ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ସହରରେ ୨୧ଟି ସ୍ଥାନରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ପୌରାପାଳିକା, ବିଜୁ ଯୁବ ବାହିନୀ, ସ୍ୱାଗତ ଆଇଟିସି, କଳାହାଣ୍ଡି ସଚେତନ ନାଗରିକ ମଞ୍ଚ, ସିଆର୍‌ପିଏଫ, ସିନିୟର ସିଟିଜନ ଫୋରମ୍, ଲେଖକ କଳାପରିଷଦ, ମହାବୀର ସିଭିଲ ସୋସାଇଟି, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଭାରତୀ ସାହିତ୍ୟ ସମିତି, ସତ୍ୟସେବା ସମିତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାରୱାଡି ଯୁବା ମଞ୍ଚ, କଳାକାର ସଂଘ, ପ୍ରତିଭା ଗ୍ରୁପ, କଳାହାଣ୍ଡି ଯୁଥ ଅର୍ଗାନାଇଜେସନ, ନେହେରୁ ଯୁବ କେନ୍ଦ୍ର, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ସଫେଇ କାର୍ଯ୍ୟକ୍ରମ କରିଥିଲେ।

# ଦଳିତ ଅଧିକାର ମଞ୍ଚର ନ୍ୟାୟ ପଦଯାତ୍ରା

**ଖଡିଆଳ,୨।୧୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଦଳିତ ଅଧିକାର ମଞ୍ଚ ପକ୍ଷରୁ ନ୍ୟାୟ ପଦଯାତ୍ରା ଶନିବାର ଆରମ୍ଭ ହୋଇଛି। ଦଳିତ ଅଧିକାର ମଞ୍ଚ ସଭାପତି କମଳଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନ୍ୟାୟ ପଦଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରା ଖଡିଆଳ ସହରରୁ ବିଭିନ୍ନ ଗାଁ ବୁଲି ୫ ତାରିଖରେ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ପରେ ମଞ୍ଚ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଜିଲାପାଳଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଏପରି କି ଜିଲାର ବିଭିନ୍ନ ହସ୍ପିଟାଲରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟର ଜମି ଚିହ୍ନଟ କରି ବିଦ୍ୟାଳୟ ଗୃହ ନିର୍ମାଣ କରିବା, ୩୫୩ ନମ୍ବର ଜାତୀୟ ରାଜପଥ




ଖଡ଼ିଆଳ ଦଳିତ ଅଧିକାର ମଞ୍ଚ ପକ୍ଷରୁ ବାହାରିଥିବା ନ୍ୟାୟ ପଦଯାତ୍ରା।

ନିର୍ମାଣ ଶେଷ କରିବା, ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରାଯିବ ବୋଲି ଦଳିତ ଅଧିକାର ମଞ୍ଚର ସଭାପତି କମଳଚରଣ ତାଣ୍ଡି ପ୍ରକାଶ କରିଛନ୍ତି । ନ୍ୟାୟ ପଦଯାତ୍ରାରେ ବେଣୁଧର ଜଗତ, ଲିଙ୍ଗରାଜ ଜାଲ, ପ୍ରେମ ତାଣ୍ଡି, ମାୟାଧର ସୁନାନୀ, କେଚରି ବାଗ, ବଳଭଦ୍ର ସାଗର, ମେଘନାଦ ପାଣ୍ଡେ, ଚୈତନ ମହାନନ୍ଦ, ନକୁଳ ବେହେରା, ଝସକେତନ ବେହେରା, ରାଜେଶ ବେହେରା, ଯଶୋବନ୍ତ ବେହେରା, ଅଲେଖ ଜଗତ, ପିଣ୍ଟୁ ତାଣ୍ଡି, ଅମିତ ତାଣ୍ଡି, ଦେବରାଜ ତାଣ୍ଡି, ଗଣେଶ ବାଗ, ବୁଲୁ ପାଣ୍ଡେ, ପ୍ରେମ ବାଗ, ଛୋଟୁ ବାଗ, ପ୍ରମୋଦ ବାଗ, ହିଦକ୍ଷ ସୁନାନୀ, ଜିତେନ ଜଗତ, ଦୀଲୁ ବାଗ ପ୍ରମୁଖ ସାମିଲ ହୋଇଛନ୍ତି।

### ବେଆଇନ ଭାଙ୍ଗ କାରଖାନା ଠାବ ଘଟଣା

# କାରଖାନା ମାଲିକଙ୍କୁ କୋର୍ଟ ଚାଲାଣ, ଜଣେ ଫେରାର

**ଜୁନାଗଡ,୨।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ନ୍ୟାସୀକୁଣ୍ଡାମାଲ ଗଣପତି ଏଗ୍ରୋ ରାଇସ ମିଲ ପରିସରରେ ଚାଲିଥିବା ଏକ ବେଆଇନ ଭାଙ୍ଗ କାରଖାନାକୁ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭବାନୀପାଟଣାର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଓ ଜୁନାଗଡ଼ ପୋଲିସ ସିଲ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଉପସ୍ଥିତିରେ କାରଖାନା ଭିତରେ ପୋଲିସ ଖାନତଲାସ କରିଥିଲା। ସେତିକିବେଳେ କାରଖାନାରୁ ୩୨ଟି ୫୦ କି.ଗ୍ରା. ଭାଙ୍ଗ ଭର୍ତ୍ତି ବସ୍ତା, ୨ଟି ୧୦ କି.ଗ୍ରା. ଭାଙ୍ଗ ଭର୍ତ୍ତି ବସ୍ତା, ୧୧ ପ୍ୟାକେଟ ୨୦କି.ଗ୍ରା. ପଲିଥିନ, ୧୬ଟି ୫୦ କି.ଗ୍ରା. ଚୂନ ବସ୍ତା, ଭାଙ୍ଗ ପ୍ୟାକିଂ ପାଉଡ଼୍ ୯.୧୩କି.ଗ୍ରା., ୩ଟି ପ୍ୟାକିଂ ମେଶିନ, ୨ଟି ଓଜନ ମେଶିନ, ୨ଟି ହେନା ତେଲ, ୮ଟି ନୀଲଗିରି ତେଲ ଜବତ କରାଯାଇଥିଲା। ପୋଲିସ ବେଆଇନ ଭାବେ ଭାଙ୍ଗ କାରଖାନା ଚଳାଉଥିବା ଅଭିଯୋଗରେ କାରଖାନା ମାଲିକ ଜୁନାଗଡ଼ ସହରର ପ୍ରହଲ୍ଲାଦ ପ୍ରଧାନଙ୍କୁ ଗିରଫ କରି ଶନିବାର ଜୁନାଗଡ଼ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଛି। ସେହିପରି ରାଇସ୍ ମିଲ୍ ମାଲିକ ଦୁର୍ଗାପ୍ରସାଦ ନାଏକ ଫେରାର ଥିବା ଧର୍ମଗଡ଼ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଜୁନାଗଡ଼ ଥାନାରେ ଏକ ମାମଲା(ନଂ.୨୬୭/୧୯) ରୁଜୁ ହୋଇଛି।

**RAMA DEVI WOMEN'S UNIVERSITY, BHUBANESWAR**

**No.4358** **WALK-IN-INTERVIEW** **Dt.02.11.19**

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ଦୁର୍ନୀତି ରୂପୀ ସାମାଜିକ ବ୍ୟାଧିକୁ ଦୂରକରିବା

**ନୂଆପଡା ଅଫିସ,୨।୧୧**

ସ୍ଥାନୀୟ ଦୁର୍ନୀତି ନିବାରଣ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟ ଅତିଥି, ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ସୀତାରାମ




ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପଟେଲ, ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧିକାରୀମାନେ ଦୁର୍ନୀତି ନିବାରଣ ସକାଶେ ସଚେତନତାର ବିଶେଷ ଆବଶ୍ୟକତା ରହିଛି। ଏଥିପାଇଁ ସବୁ ସ୍ତରରେ ସତର୍କତା ଆଣିବା ଜରୁରୀ। ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏଥିରୁ ମୁକ୍ତି ପାଇବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ବିଭୁଦତ୍ତ ମିଶ୍ର ପରିଚାଳନା କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ତରଫରୁ ସମସ୍ତ କର୍ମଚାରୀ ସହଯୋଗୀତା କରିଥିଲେ।

**OFFICE OF THE SUB- COLLECTOR, NUAPADA**

**PROCLAMATION**

**R.M.C. No. 290/2018** **U/s: 22 of the O.L.R. Act.**

This hereby informed to the general public that Sri. Kawal Singha Gond, S/o- Panchram Gond, Cast- Gond (S.T.) R/o- Sikaripali, Ps. Pithoda, Dist- Mahasamund (C.G.), have applied for prison permission for selling of the following rayati Lands,

Anybody having any objection to such transform of the Lands may five objection on any persons belonging to Schedule tribe community interested to purchased all then a period at 15 days

From the date of publication of this proclamation no objection petition on disinterest to purchase will be entertained after expiry of the stipulated period. **CONTACT NO: 9770841584**

**LAND SCHEDULE**

| Mouza | Khata No. | Plot No. | Area. | Kissam |
|---|---|---|---|---|
| Bhanpur, Ps. Jonk, Thana. No-38, Tahasil No. 38, Dist- Nuapada (Odisha) | 550/211 | 1210 | 0.420 | Berna |
| | | 1211 | 0.040 | Berna |
| | | 1218 | 1.070 | Berna |
| | | 1538 | 0.220 | Bahal |
| | | 1529 | 1.260 | Aut |
| | | 1540 | 0.550 | Bahal |
| | | 1543 | 0.440 | Aut |
| | | 1544 | 0.870 | Aut |
| | TOTAL- | 8 | 4.870 | |

**By Order of the Sub- Collector**
**Sd/- Kawal Singh Gond**

### ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ସମାରୋହ

# ଗୋରୁଙ୍କୁ ପୂଜାକଲେ ଅଧିକାରୀ, ଚାଷୀ

**ନୂଆପଡା ଅଫିସ/କୋମନା, ୨।୧୧**

ଏହି ଜିଲା କୋମନା ବ୍ଲକ ସିହିନାମୁଣ୍ଡା ଗାଁରେ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ସମାରୋହ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଏବଂ ଚାଷୀମାନେ ଗୋପୂଜନ କରିଥିବା ଦେଖାଯାଇଥିଲା। ଶନିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ଧଳ ସଭାପତିତ୍ୱ କରିଥିଲେ। ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟ ଅତିଥି, କେବିକେ ଆଡମିନିଷ୍ଟ୍ରେଟର ସୁଦର୍ଶନ ପାଳ ଠାକୁର ବିଶେଷ ଅତିଥି, କୋମନା ବ୍ଲକ ଅତିରିକ୍ତ ବିଡିଓ ଦେବାଶିଷ ସିହ୍ନା, ମାନିଗୁଡା ସରପଞ୍ଚ ରାମ ସିଂ ମାଝି, ସମିତି ସଭ୍ୟା ଦେଓ କୁମାରୀ ମାଝି, ସିଆଲଟି ହାଇସ୍କୁଲ ପ୍ରଧାନଶିକ୍ଷକ ପଞ୍ଚାନନ ମଟାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ଗୋପୂଜନ ହୋଇଥିଲା। ଗୋମାତାଙ୍କ ପୂଜା କରିବା ସହ ଏଥିରୁ ଆମେ କ'ଣ ସବୁ ଉପକାର ପାଇଥାଉ। ଏହା ଆମକୁ କିପରି ଜୀବନ



ଜିଲାପାଳ ଏବଂ କେବିକେ ଆଡମିନିଷ୍ଟ୍ରେଟର ଗୋପୂଜନ କରୁଛନ୍ତି।

ଜୀବିକା ପାଇଁ ସହାୟକ ହୋଇଥାଏ ସେ ଉପରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ନିର୍ବାଚନ ମଣ୍ଡଳୀ ସ୍ତରରେ ସର୍ବୋତ୍କୃଷ୍ଟ ଗାଈ ଏବଂ ବାଛୁରୀ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୋମନା ଭିଏସ ଦୟାସାଗର ଦୁରିଆ ପରିଚାଳନା କରିଥିଲେ। ଡା. ରାଜେନ୍ଦ୍ର ପଣ୍ଡା, ସତ୍ୟ ବାରିକ, ରଞ୍ଜନମୟୀ ଶବର, ଦୀପକ କୁମାର ରଥ, ହେମଲତା ମେହେର, ବିଭୂ ପ୍ରସାଦ ଧଳ, ବିକାଶ ଚନ୍ଦ୍ର ସେଠୀ, ବେଣୁଧର ମହାରଣା, ଅମୀୟ ସା ପ୍ରମୁଖ ସହଯୋଗିତା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଏହା ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବରୁ ସ୍ଥାନୀୟ ଅଞ୍ଚଳର କାଁ ଭାଁ ଚାଷୀ ଏଥିରେ ଆସିଥିବାବେଳେ ଚାଷୀଙ୍କ ଅନୁପାତରେ ଅଧିକାରୀ ସଂଖ୍ୟା ବେଶୀ ଦେଖାଯାଉଥିଲା। ଏଥିରେ ଜିଲାର ଅନ୍ୟ କୌଣସି ବ୍ଲକରୁ ଚାଷୀଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଉପରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
**ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା**
ଫୋନ୍: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି (**KYC**) ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ **KYC/PAN/Form60/61** ହୋମ ବ୍ରାଞ୍ଚରେ **ତା.୨୦.୧୧.୨୦୧୯**ରିଖ ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଟକ କରାଇ ଦିଆଯିବ।

**ଆଞ୍ଚଳିକ ପ୍ରବନ୍ଧକ**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ **1463** (Exam. Conf.) ତା **01.11.2019** ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. **୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।**

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ ।

'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ । ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬/୧୧/୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ ।

Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**

(i) ଆରମ୍ଭ ତାରିଖ — ତା୦୫/୧୧/୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯/୧୧/୨୦୧୯ରିଖ ରାତ୍ରୁ ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦/୧୧/୨୦୧୯ରିଖ ମଧ୍ୟରାତ୍ରୁ
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୦/୧୧/୨୦୧୯ ଠାରୁ ତା୨୫/୧୧/୨୦୧୯ ରାତ୍ରୁ ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬/୧୧/୨୦୧୯ରିଖ ମଧ୍ୟରାତ୍ରୁ

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।**

ସା/- ସମ୍ପାଦକ

### ନୂଆଗୁଡ଼ାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଡ୍ରେନ୍ ନାହିଁ, ରାସ୍ତାରେ ଚାଲୁଛି ମଇଳାପାଣି

**ଜୁନାଗଡ,୨।୧୧ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡ଼ା ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗାଁରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଘରର ମଇଳା ପାଣି ରାସ୍ତାରେ ଚାଲୁଛି। ଫଳରେ କଂକ୍ରିଟ ରାସ୍ତା କାଦୁଅ ହେବା ସହ ସନ୍ତସନ୍ତିଆ ହୋଇରହୁଛି। ସନ୍ତସନ୍ତିଆ କାଦୁଅ ରାସ୍ତାରେ ଗ୍ରାମବାସୀ ଯାତାୟାତ କଲାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ୩ ୱାର୍ଡବିଶିଷ୍ଟ ନୂଆଗୁଡା ଗ୍ରାମର ଜନସଂଖ୍ୟା ପାଖାପାଖି ୧୫ ଶହ। ଗ୍ରାମର ଲଙ୍କେଶ୍ୱରୀ ମନ୍ଦିରଠାରୁ ହରିଜନପଡ଼ା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଏପରି କି ସଚେତନତା ଅଭାବରୁ ରାସ୍ତା କଡରେ ରହୁଥିବା କେତେକ ଲୋକ ନିଜ ଘରେ ବ୍ୟବହୃତ ମଇଳା ପାଣି ରାସ୍ତାରେ ଛାଡି ଦେଇଛନ୍ତି। ଫଳରେ ରାସ୍ତା କାଦୁଅ ହେବା ସହ ସନ୍ତସନ୍ତିଆ ହୋଇ ରହୁଛି। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ମଶା, ମାଛି ବୃଦ୍ଧି ପାଇ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୂର୍ବରୁ ଗ୍ରାମ ରାସ୍ତା ଚଉଡା ରହିଥିଲା। ବର୍ତ୍ତମାନ ଜବରଦଖଲ ଯୋଗୁ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ରାଜସ୍ୱ ବିଭାଗ ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ରାସ୍ତାରେ ମଇଳା ପାଣି ଛାଡୁଥିବା ଲୋକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ଼ ଆଇଆଇସି ପ୍ରଭାତ କୁମାର ସେଠୀଙ୍କୁ ପଚାରିବାରୁ ଯେଉଁମାନେ ରାସ୍ତାରେ ପାଣି ଛାଡୁଛନ୍ତି ଏହାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏନେଇ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



ଡ୍ରେନ ନ ଥିବାରୁ ରାସ୍ତାରେ ମଇଳା ପାଣି ଚାଲୁଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ଟିଟିଲାଗଡ, ୨।୧୧ (ଡି.ଏନ.ଏ.)** ବଲାଙ୍ଗୀର ଜିଲା ଟିଟିଲାଗଡ ଡାକ୍ତରଖାନା ପରିସରରେ କାର୍ଯ୍ୟରତ ଡାକ୍ତର ଡା. ଦିଲୀପ ପଟ୍ଟନାୟକଙ୍କୁ ଗତ ୨୪ତାରିଖରେ ମାଡ ମାରିଥିବା ମୁଖ୍ୟ ଅଭିଯୁକ୍ତ ସୁଧିର ନନ୍ଦ(୩୬)ଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି । ପୂର୍ବରୁ ଏହି ଘଟଣାରେ ବିମଳ ଶର୍ମା ଓ ରାଜୁ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ଘଟଣାରୁ ପ୍ରକାଶ ଯେ, ଗତ ୨୪ ତାରିଖ ରାତିରେ ଟିଟିଲାଗଡ ଡାକ୍ତରଖାନାକୁ ସୁଧିର ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ଆଣିଥିଲେ । ସେହି ସମୟରେ ଡ୍ୟୁଟିରେ ଥିଲେ ଡା. ପଟ୍ଟନାୟକ। ସ୍ତ୍ରୀଙ୍କ ଚିକିତ୍ସାରେ ସାମାନ୍ୟ ବିଳମ୍ବ ହେବା ଯୋଗୁଁ ସୁଧିର ଓ ତାଙ୍କ ଦୁଇ ଜଣ ସହଯୋଗୀ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ। ଅଧିକ ଚିକିତ୍ସା ପାଇଁ ସୁଧିରଙ୍କ ସ୍ତ୍ରୀକୁ ବଲାଙ୍ଗୀର ପଠାଯାଇଥିଲା। ଏଣୁ ତାକୁ ପୋଲିସ ଗିରଫ କରି ନ ଥିଲା। ଏ ସଂକ୍ରାନ୍ତରେ ଥାନାରେ ଦଫା ୩୪୧, ୨୯୪, ୩୨୩, ୩୩୨, ୩୫୩, ୩୦୭, ୫୦୬ ଏବଂ ୩୪ରେ ଏକ ମାମଲା ( ନଂ. ୨୫୭/୧୯) ରୁଜୁ କରିଛି ।

### ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ସିଟିଂ ଫି ମିଳିନି

**ଲୋଇସିଂହା,୨।୧୧(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ବର୍ଷକରୁ ଅଧିକ ସମୟ ହେଲା ସେମାନଙ୍କ ମାସିକ ପ୍ରୋତ୍ସାହାନ ରାଶି ମିଳି ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଅଭିଯୋଗମତେ, ଫେବୃୟାରୀ ୨୦୧୭ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରକାର ନିର୍ବାଚିତ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ସିଟିଂ ଫି ବା ମାସିକ ପ୍ରୋତ୍ସାହନ ରାଶି ୧୮୮୦ ଟଙ୍କା ଦେଇଥାନ୍ତି। ହେଲେ ନିର୍ବାଚନ ପରେ ଅଦ୍ୟାବଧି ସେମାନେ ଥରଟିଏ ମାତ୍ର ସିଟିଂ ଫି ପାଇଛନ୍ତି। ବାଦିବାହାଲ ସମିତି ସଭ୍ୟା ସନ୍ତୋଷିନୀ ଧରୁଆ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**ଟିକ୍ରାପଡା, ୨।୧୧(ଡି.ଏନ.ଏ.)** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ ଝରବାହାଲି ଗ୍ରାମରେ ପଞ୍ଚାୟତ ଯାଦବ ସମାଜ ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଚକ୍ରଧର ବଗର୍ତ୍ତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗଣେଶ ଠାକୁର ପୂଜକ ଓ ସତ୍ୟବାନ ଠାକୁର, ସୁରେଶ ଠାକୁର ଜପକ ରହିଥିଲେ । ସ୍ଥାନୀୟ ସରପଞ୍ଚ ବଜରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ହଳିଆ ଗୀତ, ବାଡି ଖେଳ, ହୁଳହୁଳି, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତ ସଭାପତି ହରିଶ୍ଚନ୍ଦ୍ର ବଗର୍ତ୍ତୀ, ସମ୍ପାଦକ ବଂଶୀଧର ସୁନାନୀ, କୋଷାଧକ୍ଷ କରିରାଜ ବଗର୍ତ୍ତୀ, ଯୁବ ଯାଦବ ସଭାପତି ଯୁବରାଜ ବଗର୍ତ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପଞ୍ଚାୟତ ଯାଦବ ସମାଜ ସଦସ୍ୟ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାମରେ ଲାଗୁନି ରାଜସ୍ୱ ବଙ୍ଗଳା

**ଖପ୍ରାଖୋଲ, ୨।୧୧(ଡି.ଏନ.ଏ.)**

ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଐତିହାସିକ ହରିଶଙ୍କର ମନ୍ଦିର, ଚିରସ୍ରୋତା ଝରଣା, ଡିଅର ପାର୍କ, ଔଷଧିୟ ଗୁଳ୍ମଲତା ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଏହି ସ୍ଥାନର ଆଶାନୁରୂପ ବିକାଶ ହୋଇ ନାହିଁ। ପର୍ଯ୍ୟଟକଙ୍କ ରହିବା ତଥା ପ୍ରମୁଖ ଅତିଥି ପର୍ଯ୍ୟଟକଙ୍କ ପାଇଁ ତିଆରି ହୋଇଥିବା ରାଜସ୍ୱ ବଙ୍ଗଳା ଏବେ ଭୂତକୋଠି ପାଲଟିଛି। ଏଠାରେ ପ୍ରାୟ ୪୦ବର୍ଷ ତଳେ ରାଜସ୍ୱ ବିଭାଗ ତରଫରୁ ନିର୍ମାଣ ହୋଇଥିବା ବଙ୍ଗଳା ପରିତ୍ୟକ୍ତ ହୋଇ ପଡିରହିଛି। ପ୍ରାୟ ୮ ବର୍ଷ ହେଲା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ କରାଯାଉନାହିଁ। ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଖର୍ଚ୍ଚ ହୋଇଥିଲେ ବି ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଦିନ ଥିଲା ହରିଶଙ୍କରର ଅତିଥିମାନଙ୍କୁ ରହିବା ପାଇଁ କେବଳ ଏହି ରାଜସ୍ୱ ବଙ୍ଗଳା ହିଁ ଥିଲା ଏକ ମାତ୍ର ରହଣିସ୍ଥଳୀ । ଏହି ବଙ୍ଗଳାରେ ରାଜସ୍ୱ ବିଭାଗ ତରଫରୁ ଜଣେ କର୍ମଚାରୀ ନିୟୋଜିତ ରହୁଥିଲେ। ଏହି ବଙ୍ଗଳାକୁ ବାହରୁ ଆସୁଥିବା ପର୍ଯ୍ୟଟକମାନେ ତହସିଲ କାର୍ଯ୍ୟାଳୟରେ ଦୈନିକ ଭଡା ପାଇଁ ଟଙ୍କା ପଇଠ କରି ଆସି ରହିବାକୁ ପଡୁଥିଲା। ଏପରିକି ବିଭିନ୍ନ ବିଭାଗର ତାଲିମ କାର୍ଯ୍ୟକ୍ରମମାନେ ମଧ୍ୟ ଏହି ବଙ୍ଗଳାରେ ହେଉଥିଲା । ହେଲେ ୮ ବର୍ଷ ହେଲା ପରିତ୍ୟକ୍ତ ହୋଇ ପଡି ରହଛି। ଅନାବନା ଗଛ ଉଠି ବଙ୍ଗଳା ଚାରିପାଖ ଜଙ୍ଗଲ ପାଲଟିଛି । ଏହି ବଙ୍ଗଳାକୁ ତୁରନ୍ତ ପୁନରୁଦ୍ଧାର ପାଇଁ ହରିଶଙ୍କର ମନ୍ଦିର ସବ୍‌କମିଟି ସଭାପତି ବିପ୍ର ବିଶି, ସମ୍ପାଦକ ଶଶୀ ପୂଝାରୀ, ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ରାଜସ୍ୱ ବଙ୍ଗଳାର ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଅବ୍ୟବହୃତ ହୋଇ ପଡି ରହିଥିବା ହରିଶଙ୍କର ରାଜସ୍ୱ ବଙ୍ଗଳା।

- ନଷ୍ଟ ହେଉଛି ସରକାରୀ ସମ୍ପତ୍ତି
- ପୁନରୁଦ୍ଧାର ଦାବି କଲେ ଅଞ୍ଚଳବାସୀ
- ପୁନରୁଦ୍ଧାର ପ୍ରତିଶ୍ରୁତି ଦେଲେ ତହସିଲଦାର

# ଏଆଇଡିଏସ୍‌ଓ ତରଫରୁ ଉପଖଣ୍ଡସ୍ତରୀୟ ଛାତ୍ର ସମ୍ମିଳନୀ

**ପାଟଣାଗଡ, ୨।୧୧(ଡି.ଏନ.ଏ.)**

ବାଟଣାଗଡ ମାରୱାଡି ଧର୍ମଶାଳାଠାରେ ଶନିବାର ଏଆଇଡିଏସଓ ତରଫରୁ ଉପଖଣ୍ଡସ୍ତରୀୟ ପ୍ରଥମ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ସଂଗଠକ ମଧୁସୁଦନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତାଭାବେ ଏଆଇଡିଏସଓର ସର୍ବଭାରତୀୟ କମିଟି ସାଧାରଣ ସମ୍ପାଦକ କମ୍ରେଡ ଅଶୋକ ମିଶ୍ର ଯୋଗଦେଇ ପ୍ରଥମ ଶ୍ରେଣୀରୁ ପାସ ଫେଲ ବ୍ୟବସ୍ଥାର ପୁନଃ ପ୍ରଚଳନ, ସମସ୍ତ ସ୍କୁଲ ଓ କଲେଜରେ ଶିକ୍ଷକ ଅଧ୍ୟାପକ ନିଯୁକ୍ତି, ସମସ୍ତ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିବା, ଦାଦନ ସମସ୍ୟାର ସମାଧାନ ଆଦି ୧୦ଟି ଦାବି ଉପସ୍ଥାପନ କରିଥିଲେ। ସରକାର ଯେଉଁ ନୂତନ ଜାତୀୟ ଶିକ୍ଷାନୀତି ୨୦୧୯ ଲାଗୁ କରିବାକୁ ଯାଉଛନ୍ତି ତାହା ଶିକ୍ଷାର ମୂଳ ନିର୍ଯ୍ୟାସକୁ ଧ୍ୱଂସ କରିଦେବ। ଶିକ୍ଷକ ଅଧ୍ୟାପକ ନିଯୁକ୍ତି କରି ଭିତ୍ତିଭୂମି ଯୋଗାଇ ଦେଇ ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟବରାଦ ବଢାଇବା ବଦଳରେ ଶିକ୍ଷା ବଜେଟ କାଟ କରି ଜାଣିଶୁଣି ସରକାରୀ ଶିକ୍ଷାକୁ ମାରିଦେବାର ଚକ୍ରାନ୍ତ ଚଳାଯାଇଛି ବୋଲି ସେ କହିଛନ୍ତି। ମାଦକଦ୍ରବ୍ୟ, ଅଶ୍ଳୀଳତା, ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୈତିକତା ଗଢି ତୋଳିବାକୁ ଏହି ଅବସରରେ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁନୀଲ ଭୋଇ, ଉପସଭାପତି କୁଶପୃଷ୍ଟି ବାଗ, ସହ ଶିକ୍ଷକ ଜଗଦୀଶ ଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ପାଟଣାଗଡ ଅଞ୍ଚଳରେ ସଂଗଠନକୁ ନେତୃତ୍ୱ ନେବାପାଇଁ ୨୬ଜଣିଆ କମିଟି ଗଠନ କରାଯାଇଥିଲା। ତାପସ ବେହେରା ସଭାପତି, ଗୌରି ରାଉତ ସମ୍ପାଦକ ଓ ଅହଲ୍ୟା ସାହୁ ଉପସଭାପତିଭାବେ ନିର୍ବାଚିତ ହୋଇଥିଲେ। ଚନ୍ଦ୍ରକାନ୍ତି ସାହୁ, ପ୍ରେମସିଂ ସମର, ଶିବ ସାହୁ, ଆକାଶ ବାଗ, ଚୈତନ୍ୟ ଗଏଁତା, ରାଜୀବ ମହାକୁର, ରାଜେନ୍ଦ୍ର ରଣା, ତ୍ରିଲୋଚନ ସାହୁଙ୍କ ସହ ଶତାଧିକ ଛାତ୍ର ଯୋଗଦାନ କରିଥିଲେ।



ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ମାତାପିତା।

# ବ୍ରିଗେଡ ସ୍କୁଲରେ ମାତୃପିତୃ ସମ୍ମିଳନୀ

**ଟିକ୍ରାପଡା, ୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ମାତୃପିତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ସଭା ସଂଯୋଜନା କରିଥିଲେ। ସୁରେନ୍ଦ୍ର ବଗର୍ତ୍ତି ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଦୀପାଳି. ଭ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ରାଜପଲିଆ ବକ୍ତାଭାବେ ଯୋଗଦେଇ ଶିଶୁ ଗଠନରେ ମାତାପିତାଙ୍କ ଭୂମିକା ସମ୍ବନ୍ଧରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମାତା ପିତା ଶୈକ୍ଷିକ ପ୍ରଗତି ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ। ଦିଲୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁଇ ଗୋଷ୍ଠୀ ମାରପିଟ, ୭ ଅଟକ

**ବଲାଙ୍ଗୀର ଅଫିସ, ୨।୧୧:** ବଲାଙ୍ଗୀର ଶାସ୍ତ୍ରୀନଗରରେ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ପୋଲିସ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଟାଉନ୍ ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି। ମୁନା ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ. ୫୯୪/୧୯) ରୁଜୁ ହୋଇଛି । ଏଥିରେ ପ୍ରମୋଦ୍ ପ୍ରଧାନ, ଜିତୁ ବିଶ୍ୱାଳ, ପ୍ରକାଶ ପ୍ରଧାନ ଓ ରିଙ୍କୁ ପ୍ରଧାନଙ୍କୁ ଅଭିଯୁକ୍ତଭାବେ ଦର୍ଶାଯାଇଛି । ଏମାନେ ମୁନା ପ୍ରଧାନଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରମୋଦ ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ଅନ୍ୟ ଏକ ମାମଲା (ନଂ.୫୯୫/୧୯) ରୁଜୁ କରାଯାଇଛି। ଏଥିରେ ମୂଷା ପ୍ରଧାନ ଓ ତାଙ୍କ ଦୁଇ ଭାଇଙ୍କ ବରୋଧରେ ଅଭିଯୋଗ କରାଯାଇଛି । ପ୍ରମୋଦ୍ ଓ ପୂଜା ପ୍ରଧାନଙ୍କୁ ଅଭିଯୁକ୍ତମାନେ ମାଡ ମାରିଥିବା ଅଭିଯୋଗ କରାଯାଇଛି। ଆହତମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇ ଚେକ୍‌ଅପ୍ କରାଯାଇଛି ।

# ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ

**ଟିଟିଲାଗଡ଼, ୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁମୁଡା ଏବଂ କେନ୍ଦୁମୁଣ୍ଡି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିର୍ମିତ ୧ ଲକ୍ଷ ଲିଟର ବିଶିଷ୍ଟ ଓଭରହେଡ ପାଣିଟାଙ୍କି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ୧.୩୮ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସିହିନି ପଞ୍ଚାୟତର କୁମୁଡା ଏବଂ କେନ୍ଦୁମୁଣ୍ଡି ଗ୍ରାମବାସୀ ବିଶେଷ କରି ଗ୍ରୀଷ୍ମଋତୁରେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରକଳ୍ପ ଲୋକାର୍ପିତ ହେବା ପରେ ସରପଞ୍ଚ ବୀରବର ସାହୁ ଓ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହା ସହ ମନ୍ତ୍ରୀ ସିହିନି ଗାଁ ବସ୍ତିରେ ୧୮ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ରାସ୍ତା କାମର ଶିଳାନ୍ୟାସ କରିଛନ୍ତି। ଉଭୟ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷ ଭୋଦର ମାଝୀ, ବିଡିଓ ମୋତିଲାଲ ସୁଲିଆ, ସହକାରୀ ଯନ୍ତ୍ରୀ ନବିନ ଅଗସ୍ତି, ଯନ୍ତ୍ରୀ ରୋଜାଲିନ ପରିଡା, ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶଧର ଜେନା, କନିଷ୍ଠ ଯନ୍ତ୍ରୀ କ୍ଷିରୋଦ ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ସଭ୍ୟା ବିନତି ବେହେରା, ପୂର୍ବତନ ବ୍ଲକ ଅଧକ୍ଷା ଗୀତା ବିଶି ପ୍ରମୁଖ ବହୁଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବଦଳିଲେ

**ଗୁଡଭେଲା,୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଲଲାଟେନ୍ଦୁ ନାୟକଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ଡା.ସୁମିତ କୁମାର ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି । ଆଠ ଦିନ ହେଲା ତିନି ଜଣ ଡାକ୍ତର ଛୁଟିରେ ଯାଇଥିଲେ । ଏଥିଯୋଗୁ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ପ୍ରତିବାଦରେ ସମିତି ସଭ୍ୟ ଚିତ୍ରସେନ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଉକ୍ତ କେନ୍ଦ୍ରକୁ ଘେରାଉ କରିଥଇଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିକିତ୍ସାଳୟ ପରିସରରେ ଥିବା ଗୃହରେ ରହିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା, ଆବଶ୍ୟକ ଏମବିବିଏସ ଓ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବା ଆଦି ଦାବି ଉପସ୍ଥାପନ କରିଥିଲେ। ଦାବି ଉପରେ ଧ୍ୟାନ ନ ଦିଆଗଲେ ସାତ ଦିନ ମଧ୍ୟରେ ଆନ୍ଦୋଳନ ତୀବ୍ର କରିବା ପାଇଁ ଚେତାବନୀ ଦିଆଯାଇଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୈତାରୀ ସାହୁ କହନ୍ତି ଯେ, ଦୁଇ ଡାକ୍ତର ମଧ୍ୟରେ ବିବାଦ ଥିବାରୁ ଏପରି ସମସ୍ୟା ଦେଖା ଦେଇଥିଲା । ଏଣୁ ଉକ୍ତ ଦୁଇ ଡାକ୍ତର ବଦଳରେ ଆଉ ଜଣେ ନୂତନ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି । ଏବେ ସବୁ ଠିକ ହୋଇଯିବ ବୋଲି ସେ କହିଥିଲେ । ନୂତନ ଭାବେ ଦାୟିତ୍ୱ ପାଇଥିବା ଡା. ମେହେରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଲୋକେ ଯେପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।



ଜିଲା ଦୌରାଜଜ୍ ରେଳଷ୍ଟେଶନ ପରିସରରେ କୋର୍ଟ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ।

# ରେଳ ଷ୍ଟେଶନ ପରିସରରେ କୋର୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଟିଟିଲାଗଡ, ୨।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନ ପରିସରରେ ଏକ କୋର୍ଟ କାର୍ଯ୍ୟାଳୟକୁ ଜିଲା ଦୌରାଜଜ ଶ୍ୟାମସୁନ୍ଦର ଦାଶ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି କୋର୍ଟ ଆରମ୍ଭ ହେବା ଦ୍ୱାରା ଟିଟିଲାଗଡରୁ ରାୟଗଡା, ନୂଆପଡା ଓ ବଲାଙ୍ଗୀର ଆଦି ଅଞ୍ଚଳର ଷ୍ଟେଶନରେ ଘଟୁଥିବା ବିଭିନ୍ନ ମାମଲାଗୁଡିକର ବିଚାର ହୋଇ ପାରିବ। ଉଦ୍‌ଘାଟନୀ ଦିବସରେ ଦୁଇଟି କେସର ବିଚାର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜେଏମଏଫସି ସପନ କୁମାର ବେହେରା ଟିଟିଲାଗଡ ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ମହେଶ ମହାନ୍ତି, ବରିଷ୍ଠ ଓକିଲ ରବିକିରଣ ସ୍ୱାଇଁ, ଅରବିନ୍ଦ ମହତୋଙ୍କ ସମେତ ରେଳବାଇ ପୋଲିସ ଅଧିକାରୀ ଅବନୀ ସାହୁ, ରେଳବାଇ ସୁରକ୍ଷା ବଳ ଅଧିକାରୀ ଏମ.ଏସ. କୋମାବତ, ଏଡିଏମଇ ଏବଂ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

- ଲୋଇସିଂହା, ଆଗଲପୁରରେ କୃଷି ଓ କୃଷକ ସଶକ୍ତୀକରଣ ଅତିରିକ୍ତ ସଚିବ

# ବିହନ, ସାର ବିକ୍ରୟ କେନ୍ଦ୍ର ବୁଲି ଦେଖିଲେ

**ଲୋଇସିଂହା, ୨।୧୧(ଡି.ଏନ.ଏ.)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଚିତ୍ତରଞ୍ଜନ ପାତ୍ର ଓ ମୁଖ୍ୟ ସହଯୋଗୀ ଅଧିକାରୀ ଡ଼. ଆନନ୍ଦ ସାମଲ ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ଗସ୍ତ କରିଥିଲେ । ପ୍ରଥମେ ଆଗଲପୁର ବ୍ଲକ କେଶାଇପାଲି ଗ୍ରାମର ଲେମନ ଗ୍ରାସ କ୍ଷେତ୍ର ପରିଦର୍ଶନ କରିଥିଲେ । ସେଠାରୁ ଡୁଡୁକା ଗ୍ରାମର ରଞ୍ଜନ ପଟେଲଙ୍କ ବିହନ, ସାର ଓ କୀଟନାଶକ ବିକ୍ରୟ କେନ୍ଦ୍ର ଯାଇ ଯାଞ୍ଚ କରିଥିଲେ । ଏହାପରେ ଉପରବାହାଲ ଓ ନଅଗାଁ(କ) ଗସ୍ତ କରି ଚକଡା ଓ ବିଭିନ୍ନ ରୋଗପୋକ ପ୍ରଭାବିତ କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରୁ ଫେରି ଲୋଇସିଂହା ବ୍ଲକର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବ୍ଲକ ବୈଷୟିକ ସଂସ୍ଥା ବୈଠକରେ ଯୋଗଦେଇ ପର୍ଯ୍ୟାଲୋଚନା କରିଥିଲେ। ଏହି ଅବସରରେ କାଳିଆ ଯୋଜନାରେ ଉପକୃତ ହିତାଧିକାରୀମାନେ କିପରି ସେହି ଟଙ୍କାର ଉଚିତ ବ୍ୟବହାର କରିବେ ସେ ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଉପଯୁକ୍ତ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ଚୟନ କରିବାକୁ କହିଥିଲେ । ଏହି ଯୋଜନାରୁ ବଞ୍ଚିତ ଚାଷୀ ଖୁବ୍‌ଶୀଘ୍ର ଟଙ୍କା ପାଇବେ ବୋଲି ଅତିରିକ୍ତ ସଚିବ ପାତ୍ର କହିଥିଲେ । ଗସ୍ତ ଅବସରରେ ବଲାଙ୍ଗୀର ଯୁଗ୍ମମାନ ନୟନ୍ତ୍ରକ ବିଶେଶ୍ୱର ସାହୁ, ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ, କୁଶଙ୍ଗ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ, ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ ।



ଡୁଡକା ବିହନ, ସାର ବିକ୍ରୟ କେନ୍ଦ୍ର ପରିଦର୍ଶନ କରୁଛନ୍ତି ଅତିରିକ୍ତ ସଚିବ ଚିତ୍ତରଞ୍ଜନ ପାତ୍ର ଓ ମୁଖ୍ୟ ସହଯୋଗୀ ଅଧିକାରୀ ଡ଼. ଆନନ୍ଦ ସାମଲ।

**ରୋଗପୋକ ପ୍ରଭାବିତ କ୍ଷେତ ବି କଲେ ପରିଦର୍ଶନ**

# ସରକାରୀ ସୁବିଧାରୁ ବଁଚିତ୍ ପରିବାର

**ଲୋଇସିଂହା, ୨।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି ଗାଁର ବୃନ୍ଦାବନ କର୍ମୀ(୬୧)। ସେ ପକ୍ଷାଘାତ ରୋଗ୍‌ରେ ଖଟେ ପଡ଼ିଛନ୍। ଇଆଡ଼େ ବଡ଼ଖା ପୁଓର ଅକାଲ ମୁର୍ତୁରେ ବହ ଦୀପାଞ୍ଜଳି ବିଧବା ହେଇଯାଇଛନ୍। ପୁଓ ମରବାର ଦୁଇବଛର ବିତିଯାଇଥିଲେ ବି ବହ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ବୃନ୍ଦାବନ ଚିକିଛା ସୁବିଧା ଅଭାବୁ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍।

ସୂଚନା ଅନ୍‌ସାରେ କୁଟେନପାଲି ପଁଚେତ୍ ଅଧୀନ ଦୁମଦୁମି ଗାଁର ବୃନ୍ଦାବନ କର୍ମୀ। ପରିବାର କହେଲେ ମାଏକିନା ବସ୍ମ କର୍ମୀ ଆର ଦୁଇ ପୁଓକେ ନେଇ ସଁସାର। ଦୁଇ ପୁଓ ବିହାତୁରା ହେଇ ନିଜର ନିଜର ବାଟେ ରହୁଛନ୍। ୪ ବଛର ତଲେ ବୃନ୍ଦବନ ପକ୍ଷାଘାତ ରୋଗ୍‌ରେ ପଡ଼ି ଲକ୍ଷାଧିକ୍ ଟଁକା ଖରଚ୍ କରି ସରବ୍‌ସୁଆଁତ୍ ହେଇଯାଇଛନ୍। ହେଲେ ରୋଗ୍ ଟିକେ ବି ଘୁଁଚ୍‌ବାର ନାଁ ନାଇଁ ଧରବାର। ଏହେଦେ ଟଁକା ପଏସା ଅଭାବୁ ସେ ଚିକିଛା କରେଇ ନାଇଁପାରବାର। ଭଗବାନ ଭରସାରେ ଘରେ ପଡ଼ିରହିଛନ୍। ଇଆଡ଼େ ବଏସ୍ ୬୦ ଟପି ଥିଲେ ବି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେ ଭତାର ଲାଗି ପୂରବର ସରପଁଚ୍‌କେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ ବଡ଼ପୁଓ ହେମନ୍ତକଁର ୨ ବଛର ତଲେ ମୁର୍ତୁ ହେଇଯାଇଛେ। ଏନ୍‌ତାଥି ବିଧବା ବହ ଦୀପାଞ୍ଜଳି ଆର ୭ ବଛରର ନାତି ଅମନ ଅସାହା ହେଇଯାଇଛନ୍। ହେଲେ ଦୁଖର କଥା ହେମନ୍ତ ଚାଲିଯିବାର ୨ ବଛର ବିତିଯାଇଥିଲେ ବି ଦୀପାଞ୍ଜଳି ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଭତାର ଲାଗି ସେ ପଁଚେତ୍ ଅର ବ୍ଲକରେ ୪ ଥର ଆବେଦନ କରି ନିରାଶ ହେଇଥିବାର କହିଛନ୍। ସେନ୍‌ତା ପଁଚେତ୍‌ରୁ ମିଳୁଥିବାର ୧୦ କେ.ଜି. ଚାଉଳରେ ମାସେ ଚଲବାରଟା ମା'ପୁଓର ଲାଗି ଭିଡ଼ ହେଇଯାଉଛେ ବଲି ସେ କହିଛନ୍। ଏନ୍‌ତାଥି ଦୀପାଞ୍ଜଳିକୁଁ ବିଧବା ଭତା, ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ସଂଗେ ପକ୍ଷାଘାତ ପୀଡ଼ିତ ବୃନ୍ଦାବନକୁଁ ଭତା ଆର ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବିଡିଓ ରାମଚନ୍ଦ୍ର ଖାଡ଼ିଆକୁଁ ପଚରାଲାରୁ ଏଭେ ୩ ଝନ୍‌କୁ ଭତା ଦେବାର ଅଛେ, ଯଦି ସେ ତାଲିକାରେ ତାକର ନାଁ ଥିବା ଭତା ପାଇଯିବେ। ନାଇଁ ହେଲେ ଯେତେ ଜଲ୍‌ଦି ହେବା ସେମାନକୁ ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ବିଧବା ଦୀପାଞ୍ଜଳି କର୍ମୀ।



ପକ୍ଷାଘାତ ପୀଡ଼ିତ ବୃନ୍ଦାବନ କର୍ମୀ।

- ୪ ବଛର ହେଲା ପକ୍ଷାଘାତରେ ପୀଡ଼ିତ ବୃନ୍ଦାବନ
- ୨ ବଛର ତଲେ ବଡ଼ପୁଓ ଆରପାରକେ ଚାଲିଯାଇଛନ
- ଭତାରୁ ବଁଚିତ୍ ବୃନ୍ଦାବନ ଆର ବହ ଦୀପାଞ୍ଜଳି



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ

### ବିଜେଡି କର୍ମୀଙ୍କ ଜନସଚେତନତା କାର୍ଯ୍ୟକ୍ରମ

**ପଲମ,୨।୧୧(ଡି.ଏନ.ଏ.)**- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ସୁଡିଙ୍ଗ ଗ୍ରାମରେ ବିଜୁ ଜନତାଦଳ କର୍ମୀଙ୍କ ମିଳିତ ଉଦ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜନ ସଚେତନତା ସୃଷ୍ଟି କରିବା ବିଜୁ ଜନତା ଦଳର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ସିଂ, ବ୍ଲକ ସଭାପତି ମନମୋହନ ନାଏକ, ଦୁଲଭ ମାହାର, ପୁରନ୍ଦର ସାହୁ, ମହେନ୍ଦ୍ର ଭୋଇ, କୌତୁକ ଖମାରୀ, ଗେଲ୍ଲା ସାହୁ ପ୍ରମୁଖଙ୍କ ସହ ଅନେକ ବିଜୁ ଜନତା ଦଳ କର୍ମୀମାନେ ଜନସଚେତନ ସୃଷ୍ଟି କରିଥିଲେ ।

### ପୂର୍ବତନ ସୈନିକ ସଂଘ ପକ୍ଷରୁ ସହର ସଫେଇ କାର୍ଯ୍ୟକ୍ରମ

**ଭବାନୀପାଟଣା,୨।୧୧(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଗଠନ ଦିବସ ପାଳନ ଅବସରରେ ପୂର୍ବତନ ସୈନିକ ସଂଘ କଳାହାଣ୍ଡି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଭବାନୀପାଟଣା ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଡାକରାକ୍ରମେ ଜିଲା ସୈନିକ ବୋର୍ଡ ଏହି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ସେବା ବାହିନୀର ପୂର୍ବତନ କର୍ଣ୍ଣେଲ ନିଆଲ, କର୍ଣ୍ଣେଲ ଦାସ ଓ ଅନରାରୀ କ୍ୟାପଟେନ୍ ଜେଜେ କୁମାରଙ୍କ ସହ ପ୍ରାୟ ୪୫ ଜଣରୁ ଉର୍ଦ୍ଧ୍ୱ ପୂର୍ବତନ ସର୍ଭିସମେନ୍ ଏଥିରେ ଭାଗ ନେଇଥିଲେ। ସୈନିକ ସଂଘ ଭବାନୀପାଟଣା ପୌରପାଳିକା କାର୍ଯ୍ୟାଳୟ ଫାଟକ ସମ୍ମୁଖରୁ ବାହାରି ଏସବିଆଇ ବ୍ୟାଙ୍କ ଛକ, ସ୍ଥାନୀୟ ମାଳିପଡା, ବ୍ରଜମୋହନ ହାଇସ୍କୁଲ ରାସ୍ତା ସଫେଇ କରିଥିଲେ।

## ଗୁହାଳ ନିର୍ମାଣ କରିବାର ୪ ମାସ ବିତିଲା

# ହିତାଧିକାରୀଙ୍କୁ ମିଳୁନି ଅର୍ଥ

**କର୍ଲାମୁଣ୍ଡା,୨।୧୧(ଡି.ଏନ୍.ଏ.)**

ସରକାର ଗୋପାଳନ ଜରିଆରେ ଆର୍ଥିକ ଅଭିବୃଦ୍ଧି ନେଇ ଜନସାଧାରଣଙ୍କ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗାଈ ଗୁହାଳ ନିର୍ମାଣ ବ୍ୟବସ୍ଥା କରିଛନ୍ତି। ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ସରକାରଙ୍କ ଆଇନ ଓ ଯୋଜନାଗୁଡିକ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ.ମାଲପଡ଼ା ପଞ୍ଚାୟତରେ ଦେଖିବାକୁ ମିଳିଛି। ବ୍ଲକର ସ.ମାଲପଡ଼ା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୭୦ଜଣ ହିତାଧିକାରୀ କାର୍ଯ୍ୟାଦେଶ ପାଇ ଗାଈ ଗୁହାଳ ନିର୍ମାଣ



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିର୍ମାଣ ହୋଇଥିବା ଗାଈ ଗୁହାଳ।

କରିଛନ୍ତି। ନିର୍ମାଣ କାମ ଦୀର୍ଘ ଦିନ ହେଲା ଶେଷ ହୋଇଥିଲେ ସୁଦ୍ଧା ସହାୟତା ରାଶି ମିଳି ନ ଥିବା ହିତାଧିକାରୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୭-୧୮ ଆର୍ଥିକ ବର୍ଷରେ ୧୬ଜଣ, ୨୦୧୮-୧୯ ଆର୍ଥିକ ବର୍ଷରେ ୫୪ଜଣ ହିତାଧିକାରୀଙ୍କୁ ୧ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳରେ ଗୁହାଳ ନିର୍ମାଣ ପାଇଁ ବ୍ଲକପକ୍ଷରୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟାଦେଶ ପାଇବା ପରେ ହିତାଧିକାରୀମାନେ ଗୁହାଳ ନିର୍ମାଣ କରିଥିଲେ। ବର୍ତ୍ତମାନ ନିର୍ମାଣର ୪ ମାସ ବିତିଯାଇଥିଲେ ହେଁ ହିତାଧିକାରୀମାନେ ଅର୍ଥ ପାଇପାରୁ ନ ଥିବା ବାଗବୁରାଇ ଗ୍ରାମର କହ୍ନର ସାହୁ ଓ ଅନ୍ୟମାନେ ଅକ୍ଟୋବର ୧୦ ତାରିଖରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏନେଇ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ବିଭାଗୀୟ ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

**ଭବାନୀପାଟଣା,୨।୧୧ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମୁସିଗୁଡା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ମନୋରଞ୍ଜନ ବେହେରା ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୦ଟି କନିଷ୍ଠ ବିଭାଗରୁ ଓ ୧୦ଟି ବରିଷ୍ଠ ବିଭାଗରୁ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜୁନାଗଡ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ ସାହୁ, କେସିଙ୍ଗା ଆଦର୍ଶ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଓମ୍ ପ୍ରକାଶ ଦୁର୍ଗା, ରାଜଶ୍ରୀ ନାୟକ ତଥା ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ମୁଖ୍ୟବକ୍ତା ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ବିଭାଗରେ ମୃତ୍ୟୁଞ୍ଜୟ ଦାଶ ପ୍ରଥମ, ସିଦ୍ଧାର୍ଥ ଦାସ ଓ ଧର୍ମେଶ ବାଗ ଦ୍ୱିତୀୟ, ନିକିତା ନୟନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠରେ ସୁଧନ୍ୟା ପତି ଓ ମନ୍ଦାକିନୀ ସାହୁ ପ୍ରଥମ, ନରେଶ ସାହୁ ଓ ଅଞ୍ଜନ ମହାଖୁଡ ଦ୍ୱିତୀୟ, ରୀନା ରଣା ଓ ଶ୍ରେୟାଶ୍ରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରତ୍ନମୟୀ ପୁରୋହିତ, ଅନିତା ସୁନାନୀ, ପ୍ରୀତିରେଖା ବେମାଲ, ମୋନାଲିସା ସୁନା, ଲଳିତ ନାୟକ, ସୁଶାନ୍ତ ସାହୁ, ସନ୍ତୋଷ ସାହୁ, ଶିବପ୍ରସାଦ ମିଶ୍ର, ହେମନ୍ତ ପୁଟା, ନିଶାନ୍ତ କହ୍ନେଇ, ପତିତପାବନ ମହାପାତ୍ର, ଜିତେନ୍ଦ୍ର ସାହୁ, ରବିନ୍ଦ୍ରନାଥ ବେହେରା, ଆଶିଷ ମୁଣ୍ଡ, ଯଶୋବନ୍ତ ମହାନନ୍ଦ, ଦେବାର୍ଚ୍ଚନ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ମିତବ୍ୟୟିତା ଦିବସ ପାଳିତ

**ଭବାନୀପାଟଣା,୧।୧୧(ଡି.ଏନ.ଏ.)**

ଭବାନୀପାଟଣା ସହରରେ ବୁଧବାର ମିତବ୍ୟତିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ଜରୁରୀକାଳିନ ଅଧିକାରୀ ସୁରେନ୍ଦ୍ରନାଥ ତ୍ରିପାଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏଥିରେ ମାଣିକେଶ୍ୱରୀ ହାଇସ୍କୁଲ, ଟାଉନ ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏସସିସି ଛାତ୍ର ଓ ଭବାନୀପାଶଙ୍କର ନିଆଲ, ମହେନ୍ଦ୍ର ପଣ୍ଡା, ଏନସିସି ଛାତ୍ର ଓ ଭବାନୀଶଙ୍କର ନିଆଲ, ମହେନ୍ଦ୍ର ପଣ୍ଡା, ଏନସିସି ଅଫିସର ରବି କାନୁନଗୋ, ରାଜେନ୍ଦ୍ର ସାହୁ, ସୁକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ। ସୁନୀଲ କାନୁନଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ଆର୍‌ଆଇ ସର୍କଲରେ ସାମିଲ ନିଷ୍ପତ୍ତିକୁ ଟେମରା ପଞ୍ଚାୟତବାସୀଙ୍କ ବିରୋଧ

# ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

- ଟେମେରା କୋକସରା ରାଜସ୍ୱ ସର୍କଲରେ ରହିବ: ତହସିଲଦାର

**କୋକସରା,୨।୧୧ (ଡି.ଏନ.ଏ.)**

କୋକସରା ବ୍ଲକ ଟେମରା ପଞ୍ଚାୟତକୁ ନୂତନ ଭାବେ ହେଉଥିବା ଗୋଟୋମୁଣ୍ଡା ଆର୍‌ଆଇ ସର୍କଲରେ ସାମିଲ କରିବା ନିଷ୍ପତ୍ତିକୁ ପଞ୍ଚାୟତବାସୀ ବିରୋଧ କରିଥିଲେ। ଏନେଇ ଗତ ଗୁରୁବାର ଟେମରା ପଞ୍ଚାୟତର ଟେମରା, ସିର୍ଲିଗୁଡା, କର୍ଲାଗୁଡା ଓ ବୋବରିଆ ଆଦି ୪ଟି ରାଜସ୍ୱ ଗ୍ରାମର ଜନସାଧାରଣ ଟେମରାରେ ଏକ ବୈଠକର ଆୟୋଜନ କରିଥିଲେ। ଏଥିରେ ସର୍ବସମ୍ମତି କ୍ରମେ ତହସିଲ କାର୍ଯ୍ୟାଳୟର ନିଷ୍ପତ୍ତିକୁ ବିରୋଧକରି ଆନ୍ଦୋଳନ କରିବାକୁ ଶୁକ୍ରବାର କୋକସରା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରି କି ଆନ୍ଦୋଳନ ୪ ତାରିଖରେ ହେବାନେଇ ଦାବିପତ୍ରରେ ଉଲ୍ଲେଖ ରହିଥିଲା। ଅନ୍ୟପକ୍ଷେ ଟେମରା ପଞ୍ଚାୟତବାସୀଙ୍କ ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ଦେଇଛି। କୋକସରା ତହସିଲଦାର ମୌସୁମୀ ନାୟକ ଟେମରା ପଞ୍ଚାୟତର ପ୍ରତିନିଧି ଦଳଙ୍କୁ ଡାକି ଆଲୋଚନା କରି ଦାବି ମୁତାବକ ପୂର୍ବଭଳି ରାଜସ୍ୱ ସର୍କଲ କୋକସରାରେ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ପଞ୍ଚାୟତବାସୀ ସାମୟିକ ଭାବ ଆନ୍ଦୋଳନ ସ୍ଥଗିତ ରଖିବାକୁ ସ୍ଥିର କରିଥିବା ପ୍ରତିନିଧି ଦଳର ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ସରପଞ୍ଚଙ୍କ ପ୍ରତିନିଧି ଜନ୍ମେଜୟ ଦଳପତି, ଚୌଧୁରୀ ଦୁର୍ଗା, ସୁଧୀର ପାତ୍ର, କ୍ଷିତିରାମ ପାତ୍ର, ବୃନ୍ଦାବନ ସାହୁ, ହେମନ୍ତ ବାଣୁଆ, ଦେବରାଜ ପଟେଲ, କ୍ଷୀରସିନ୍ଧୁ ହଂସ, କେଦାର ଦଳପତି, ଗୋଲାପ ଦଳପତି, ରୋହିତ ମାଝି, ରାଜୀବ ପଟେଲ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**କେସିଙ୍ଗା,୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ସମିତି ସଭ୍ୟା ଅନୁପମା ସୁନାନୀ ଯୋଗଦେଇ ଏହି ପଞ୍ଚାୟତର ୨୮ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ସମସ୍ତ ହିତାଧିକାରୀମାନେ ୩ ରୁ୪ ମାସ ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କରିବା ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟଦେଶ ବଣ୍ଟନରେ ସ୍ଥାନୀୟ ସରପଞ୍ଚ ସୁନାଫୁଲ ଦୀପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉକ୍ତ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ରସିକ ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ ।

## ବିଦ୍ୟାଳୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କଲମପୁର,୨।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟ ପକ୍ଷରୁ କଲମପୁର ମିନି ଷ୍ଟାଡିୟମଠାରେ ୫୧ତମ କଳାହାଣ୍ଡି ଜିଲା ବିଦ୍ୟାଳୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ୧୩ଟି ବ୍ଲକର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ ଥ୍ରୋ, ସଟପୁଟ, ଜାଭେଲିନ ଥ୍ରୋ, ରିଲେରେସ ୪୦୦ ମିଟର, ୧୦୦, ୨୦୦, ୪୦୦, ୬୦୦, ୮୦୦, ୧୫୦୦ ଏବଂ ୩୦୦୦ ମିଟର ଡୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବିଭିନ୍ନ ବିଭାଗରୁ ୫ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇ ଆଗାମୀ ୬ ତାରିଖରେ ୬୫ତମ ରାଜ୍ୟ ବିଦ୍ୟାଳୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଜିଲାପରିଷଦ ସଦସ୍ୟ ବିଜୟଦେବ ସାହୁ, ସୁଶାନ୍ତ ରାଉତ, ବିଇଓ ନବୀନ କୁମାର ଖମାରୀ, ତହସିଲଦାର ସାୟଦ ସବିର ସା, ଏବିଇଓ ଗୌରାଙ୍ଗ ବିଶ୍ୱାସ, ପ୍ରଫୁଲ୍ଲ କୁମାର ବେହେରା, ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା, ଦୁର୍ଗାମାଧବ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ସାଙ୍ଗଠନିକ ସମ୍ପାଦକ ବାଞ୍ଛାନିଧି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଶ୍ୱିନୀ କୁମାର ପ୍ରଧାନ, ରଞ୍ଜନ ପାତ୍ର, ପ୍ରେମସାଗର ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖେଳ ଶିକ୍ଷକଙ୍କ ସହ କଲମପୁର ବ୍ଲକର ସମସ୍ତ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



ବିଦ୍ୟାଳୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ବାଲୁକା ଶିଳ୍ପୀ ଚାଷୀ ପରିବାର ଝଲକ ଦେଖିବାକୁ ମିଳିଛି ।

## ବାଲୁକା କଳାରେ ଚାଷୀ ପରିବାର

**ରିଷିଡା,୨।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବାଲୁକା ଶିଳ୍ପୀ ଚାଷୀ ପରିବାରଙ୍କୁ ନେଇ ଏକ ବାଲୁକା କଳା ପ୍ରଦର୍ଶନ କରିଛନ୍ତି । ଚାଷୀ ଅମଳ କରିଥିବା ଧାନ ଆଣିବା ପରେ ପରିବାରରେ ଖୁସିର ମାହୋଲ ସୃଷ୍ଟି ହୋଇଥାଏ । ଏହାର ଏକ ଝଲକ ଏଠାରେ ଦେଖିବାକୁ ମିଳିଛି। ଚାଷୀର ଖପରଘର, ଧାନପୁଡା, ଧାନବସ୍ତା, ଶଗଡ ଚକ ପ୍ରଭୃତି ଏଠାରେ ସ୍ଥାନିତ ହୋଇଛି । ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ଏହି ବାଲୁକା କଳା ନିର୍ମାଣ କରିଛନ୍ତି ।

## ଅନୁସୂଚିତ ଜନଜାତି ଛାତ୍ରୀନିବାସ ଉଦ୍‌ଘାଟିତ

**ରିଷିଡା,୨।୧୧ (ଡି.ଏନ.ଏ.)**

ପୌରକେଲାଠାରେ ନିର୍ମିତ ଅନୁସୂଚିତ ଜନଜାତିର ଛାତ୍ରୀ ନିବାସକୁ ବିଧାୟକ ଭୁପିନ୍ଦର ସିଂ ଉଦ୍‌ଘାଟିତ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସିଂ, ସମ୍ମାନିତ ଅତିଥି ସମିତି ସଭ୍ୟ ସୀମାଞ୍ଚଳ ଭୋଇ, ସରପଞ୍ଚ କେତକି ରଣା, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର କର ଯୋଗଦେଇଥିଲେ। ମଞ୍ଚ ପରିଚାଳନା ମଧୁସୂଦନ ବାଗ କରିଥିଲେ । ଏହି ହଷ୍ଟେଲରେ ରହିବା ପାଇଁ ବର୍ତ୍ତମାନ ୪୧ଜଣ ଛାତ୍ରୀଙ୍କ ଆଡମିଶନ ହୋଇସାରିଛି ।

## ପିଲାଙ୍କ ବିଜ୍ଞାନ କଂଗ୍ରେସ ପାଇଁ ଜିଲାସ୍ତରୀୟ ଉପସ୍ଥାପନା ପ୍ରତିଯୋଗିତା

**ଭବାନୀପାଟଣା,୨।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଛାତ୍ରୀଛାତ୍ରମାନଙ୍କୁ ନେଇ ୨୭ତମ ପିଲାଙ୍କ ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ପ୍ରକଳ୍ପ ଉପସ୍ଥାପନା ପ୍ରତିଯୋଗିତା ବୁଧବାର ସ୍ଥାନୀୟ ହାଇଟେକ ପବ୍ଲିକ୍ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୪୦ଟି ବିଦ୍ୟାଳୟ ପ୍ରକଳ୍ପ ପ୍ରସ୍ତୁତକାରୀ ଏବଂ ସେମାନଙ୍କ ମାର୍ଗଦର୍ଶନ ଶିକ୍ଷକମାନଙ୍କ ସହ ଯୋଗଦେଇ 'ସାଇନ୍ସ ଇନୋଭେସନ୍ ଏଣ୍ଡ ଟେକ୍‌ନୋଲୋଜି ଫର୍ କ୍ଲିନ୍, ଗ୍ରୀନ୍ ଏଣ୍ଡ ହେଲଦି ନେସନ୍' ଶୀର୍ଷକ ବିଷୟ ବସ୍ତୁ ଉପରେ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। କର୍ମଶାଳାରେ ବିଚାରକ ଭାବେ ସରୋଜ କାନ୍ତ ପଣ୍ଡା, ଡ. ପରମେଶ୍ୱର ମୁଣ୍ଡ ତଥା ଶୁଭେନ୍ଦୁ ଶେଖର ବେହେରା ଯୋଗଦେଇଥିଲେ। ସଭାରେ ସ୍କୁଲ ଅଧ୍ୟକ୍ଷ ଅଲ୍ପନା ପଟ୍ଟନାୟକ ଯୋଗଦେଇଥିବା ବେଳେ ଜିଲା ସଂଯୋଜକ ରବୀନ୍ଦ୍ରନାଥ ପଟ୍ଟନାୟକ ବିଜ୍ଞାନ କଂଗ୍ରେସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ ନିଶଙ୍କ, ଅମରେଶ ନେଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାଳୟ ନିର୍ଦ୍ଦେଶକ ସତ୍ୟଜିତ କର, ବରିଷ୍ଠ ଶିକ୍ଷକ ଭି. ସୁରେନ୍ଦ୍ର ରାଓ ଓ ପ୍ରଶାନ୍ତ ମିଶ୍ର। ଏଥିରେ ଜିଲାସ୍ତରରୁ ୫ଟି ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛନ୍ତି। ସେଗୁଡିକ ହେଉଛି ହାଇଟେକ ପବ୍ଲିକ ସ୍କୁଲ, ପୋଲିସ ହାଇସ୍କୁଲ ଭବାନୀପାଟଣା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚାଞ୍ଚେର କେସିଙ୍ଗା, ଡିଏଭି ବେଦାନ୍ତ ପବ୍ଲିକ୍ ସ୍କୁଲ ଲାଞ୍ଜିଗଡ ଏବଂ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣା।

## ରାଷ୍ଟ୍ରୀୟ ଏକତା ଦିବସ ପାଳନ

**ଭବାନୀପାଟଣା,୨।୧୧ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ମହାବିଦ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍‌ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ପିଏଲ୍ ଭୁଏ ହିନ୍ଦୀ, କ୍ୟାପଟେନ୍ ଜୟଦେବ ସାହୁ ଇଂଲିଶ ଓ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଓଡିଆ ଭାଷାରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଆବର୍ତ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଛାତ୍ରୀଛାତ୍ର ତଥା ଅଧ୍ୟାପକ ଅଧ୍ୟାପିକାମାନେ ରାଷ୍ଟ୍ରୀୟ ଅଖଣ୍ଡତା ଓ ଏକତା ବଜାୟ ରଖିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ମାରାଣ୍ଡିଙ୍କ ସହ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ବିରିମୁହାଣ ବିଦ୍ୟୁତ୍ ପ୍ରକଳ୍ପର ଶୁଭାରମ୍ଭ

**କୋକସରା,୨।୧୧ (ଡି.ଏନ.ଏ.)**

- ଦୀର୍ଘ ଦିନର ଦାବି ପୂରଣ ହେଲା
- ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ବିରିମୁହାଣ ଗ୍ରାମ ବିଦ୍ୟୁତ୍ ପ୍ରକଳ୍ପର ଶନିବାର ଶୁଭାରମ୍ଭ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୌଷଧି ବାଗ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।

ଗ୍ରାମବାସୀ ପାରମ୍ପରିକ ବେଶଭୁଷା ସାଙ୍ଗକୁ ବାଜା ବଜାଇ ବିଧାୟକ ବାଗଙ୍କୁ ପାଛୋଟି ନେଇଥିଲେ। ବିଧାୟକ ସୁଇଚ ଅନ୍ କରି ବିଦ୍ୟୁତ ପ୍ରକଳ୍ପର ଲୋକାର୍ପଣ ପରେ ଗାଁରେ ପ୍ରଥମ କରି ବିଜୁଳି ଆଲୁଅ ଜଳିଥିଲା। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହେବାସହ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ କୋକସରା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ଆଦିବାସୀ ଯୁବ ବିଜେଡି ନେତା ଋତୁରାଜ ମାଝି, ବିରିମୁହାଣ ୱାର୍ଡ ମେମ୍ବର ସୁଧୀର ପୂଝାରୀ, ବିଜୟ ପଣ୍ଡା, ଆଶୁତୋଷ ପୁରୋହିତ, ଶିବରାମ ପାତ୍ର, ବିନୋଦ ସିଂ, ପଞ୍ଚକ ପୋଢ, ମାନସ ରଞ୍ଜନ ବାଗ, ନକୁଲ ନାଏକ, କୁନୁ ବାଗ, ବେଲାଲସିଂ ବେଶ୍ରା, ଭୁବନେ ବେଶ୍ରା, ସୁବିନ୍ଧି ମାଝି, ଉମା ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିରିମୁହାଣ ଗ୍ରାମବାସୀ ଡିବିରି ଆଲୁଅରେ ବହୁ କଷ୍ଟରେ ଦିନ କାଟୁଥିଲେ। ଏନେଇ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦାବିନେଇ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସମେତ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଶନିବାର ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଏନେଇ ଗାରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ବିଧାୟକ ବାଗଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।


ଧର୍ମଗଡ଼ ବିଧାୟକ ମୌଷଧି ବାଗ ଶନିବାର ଆମପାଣି ପଞ୍ଚାୟତ ବିରିମୁହାଣ ଗ୍ରାମ ବିଦ୍ୟୁତ୍ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି।

**ସଂକ୍ଷେପରେ**

## ହେମଲତା ଦାଶଙ୍କ ସ୍ମୃତିସଭା

ରାଉରକେଲା ଅଫିସ, ୨।୧୧: ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସାମାଜିକ କର୍ମୀ ହେମଲତା ଦାଶଙ୍କ ସ୍ମୃତିସଭା ନବକୃଷ୍ଣ ନଗରସ୍ଥିତ କଳିକା ନାଟ୍ୟଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅରୁଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ହେମଲତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ସେ ରାଉରକେଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ଏହାସହ ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟର ସେ ପ୍ରତିଷ୍ଠାତା ସଦସ୍ୟା ଥିଲେ । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଡା. ରାହାସ ବିହାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ନନ୍ଦ, ଗୁରୁ ଶ୍ରୀଧର ସେଠୀ, ସନାତନ ସାହୁ, ପରମାନନ୍ଦ ବେହେରା, ଶଶଧର ସାହୁ, ଧନେଶ୍ୱର ସାହୁ, ସଚଳା ପଣ୍ଡା, କମଳାକାନ୍ତ ପତି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବେଆଇନ ପଥର ଖାଦାନ ଉପରେ କ୍ରାଇମ୍‌ବ୍ରାଞ୍ଚ ଚଢାଉ



ବିଶ୍ରା ଅଞ୍ଚଳରେ ଥିବା ବେଆଇନ୍ ପଥର ଖାଦାନ ଉପରେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନେ ଚଢାଉ କରି ଫେରୁଛନ୍ତି ।

**ରାଉରକେଲା ଅଫିସ,୨।୧୧**

ବିଶ୍ରା ଥାନା ଅନ୍ତର୍ଗତ ମୋଚୁକୁଦା ଗାଁରେ ବେଆଇନ ପଥର ଖାଦାନ ଓ କ୍ରଶର ଉପରେ ଶୁକ୍ରବାର କ୍ରାଇମ୍ ବ୍ରାଞ୍ଚ ଚଢାଉ କରିଥିଲା। ଚାଷ ଜମିକୁ ପଥର ଖାଦାନରେ ଦର୍ଶାଇ ଦୀର୍ଘ ଦିନ ହେବ ସେଠାରେ ବେଆଇନ ପଥର ଉତ୍ତୋଳନ କରାଯାଉ ଥିଲା। ଦୀର୍ଘ ୧୦ ବର୍ଷ ହେବ ଜଣେ ବ୍ୟକ୍ତି ବେଆଇନ ବ୍ଲାଷ୍ଟିଂ କରି ପଥର ଉତ୍ତୋଳନ ସହ ଏଥିରୁ ଗୋଡି ବାହାର କରି ବ୍ୟବସାୟ କରୁଥିଲେ। ଜଙ୍ଗଲ ଜମି ମାଡି ବସି କ୍ରଶର ଚଳାଇବା ତାଙ୍କ ନାଁରେ ଅଭିଯୋଗ ରହିଥିଲା। ଗତ ୧୦ ବର୍ଷ ମଧ୍ୟରେ ସମ୍ପୃକ୍ତ ଠିକାଦାର ୫୦ କୋଟିରୁ ଊର୍ଦ୍ଧ୍ୱ ପରିମାଣର ପଥର ଝାଡଖଣ୍ଡକୁ ଚାଲାଣ କରିଛନ୍ତି ବୋଲି ଆଲୋଚନା ଜୋର ଧରିଛି । ଗତ ମାର୍ଚ୍ଚରେ ଖଣି ଲିଜ୍ ନବୀକରଣ ବେଳେ ଏହି ଅନିୟମିତତା ନଜରକୁ ଆସିଥିଲା। ଏନେଇ ବିଶ୍ରା ତହସିଲଦାର ପ୍ରଶାସନ ତଥା ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ତଥାପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ନେଇ କୌଣସି ବ୍ୟକ୍ତି କ୍ରାଇମବ୍ରାଞ୍ଚର ଦୃଷ୍ଟି ଆକର୍ଷଣ କରିବା ପରେ ପଥର ଖାଦାନ ଉପରେ ବଡ ଧରଣର ଚଢାଉ କରାଯାଇଛି।

# ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ




ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବକୁ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟନ କରୁଛନ୍ତି ।

**ରାଉରକେଲା ଅଫିସ,୨।୧୧**

ଭଞ୍ଜଭବନ ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ଶୁକ୍ରବାର ୨୨ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବକୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଉଦଘାଟନ କରିଛନ୍ତି। ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ମଞ୍ଚାସୀନ ଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆରାଧନା ପରେ ଉତ୍ସବର ଉଦଘାଟନ କରାଯାଇଥିଲା। ଏଥିରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଏହି ଅବସରରେ ଆୟୋଜକ ଗୋଷ୍ଠୀଙ୍କୁ ପ୍ରଶଂସା କରିଥିଲେ ମଞ୍ଚରେ ଉପସ୍ଥିତ ଅତିଥି। ଏଭଳି ଏକ ନିଆରା ପର୍ବ ତଥା ଉତ୍ସବ ଷ୍ଟିଲ ସିଟିରେ ଆୟୋଜନ କରାଯାଇଥିବାରୁ ଅତିଥିମାନେ ସାଧୁବାଦ ଜଣାଇଥିଲେ । ଏଥିରେ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ଉଦଘାଟନୀ ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ବିଦ୍ୟାଳୟ ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି। ପାଖରେ ଆର୍‌ଏସ୍‌ପି ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ରାଉରକେଲା ଅଫିସ, ୨।୧୧**

ଆର୍‌ଏସ୍‌ପି ସତର୍କତା ବିଭାଗ ଦ୍ୱାରା ବିଶ୍ରା ବ୍ଲକ ବିଜାଡିହି ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ସତର୍କତା ବିଭାଗର ମହାପ୍ରବନ୍ଧକ ତଥା ଏସିଭିଓ ଏ.ସି.ରାଠି ଏବଂ ସିଏସ୍‌ଆର୍ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ପବିତ୍ର ମୋହନ ବେହେରା ତଥା ରାଜ୍ୟ ସରକାରଙ୍କ ଅଧିକାରୀମାନେ ଯୋଗଦେଇଥିଲେ। ଉଭୟ ଅତିଥି ସତର୍କତା ସଚେତନତା ସପ୍ତାହ ପାଳନ ବିଷୟରେ ଆଲୋକପାତ କରିଥିଲେ। ଜୀବନରେ ସଚ୍ଚୋଟତା ଆପଣାଇବା ଏବଂ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଅନୁପ୍ରେରିତ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସତର୍କତା ବିଭାଗ ଦ୍ୱାରା ଅନୁଷ୍ଠିତ ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ସମସ୍ତେ ଶପଥ ପାଠ କରିଥିଲେ ।

# ଆଜି ନୂଆଁଖାଇ ଭେଟଘାଟ

**ରାଉରକେଲା ଅଫିସ, ୨।୧୧**

ନୂଆଁଖାଇ ଭେଟଘାଟ ଉତ୍ସବ ଆସନ୍ତା ୩ ତାରିଖ(ରବିବାର) ସେକ୍ଟର-୨ ସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେବ। ସମଲେଶ୍ୱରୀ ଯୁବା ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ଗୀତିକାର ଦୁଷ୍ମନ୍ତ ସୁନା ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ରାଉରକେଲାର ସୁନାମ ଅର୍ଜନ କରିଥିବା ଖେଳାଳି, କୃତୀ ଛାତ୍ରୀଛାତ୍ର ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି।


**RAMA DEVI WOMEN'S UNIVERSITY, BHUBANESWAR**

**No.4358** **WALK-IN-INTERVIEW** **Dt.02.11.19**

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**

**OFFICE OF THE SUB- COLLECTOR, NUAPADA**

**PROCLAMATION**

**R.M.C. No. 290/2018** **U/s: 22 of the O.L.R. Act.**

This hereby informed to the general public that Sri. Kawal Singha Gond, S/o- Panchram Gond, Cast- Gond (S.T.) R/o- Sikaripali, Ps. Pithoda, Dist- Mahasamund (C.G.), have applied for prison permission for selling of the following rayati Lands,

Anybody having any objection to such transform of the Lands may five objection on any persons belonging to Schedule tribe community interested to purchased all then a period at 15 days

From the date of publication of this proclamation no objection petition on disinterest to purchase will be entertained after expiry of the stipulated period. **CONTACT NO: 9770841584**

**LAND SCHEDULE**

| Mouza | Khata No. | Plot No. | Area. | Kissam |
|---|---|---|---|---|
| Bhanpur, Ps. Jonk, Thana. No-38, Tahasil No. 38, Dist- Nuapada (Odisha) | 550/211 | 1210 | 0.420 | Berna |
| | | 1211 | 0.040 | Berna |
| | | 1218 | 1.070 | Berna |
| | | 1538 | 0.220 | Bahal |
| | | 1529 | 1.260 | Aut |
| | | 1540 | 0.550 | Bahal |
| | | 1543 | 0.440 | Aut |
| | | 1544 | 0.870 | Aut |
| | TOTAL- | 8 | 4.870 | |

**By Order of the Sub- Collector**
**Sd/- Kawal Singh Gond**

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା
ଫୋନ୍: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି (**KYC**) ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ **KYC/PAN/Form60/61** ହୋମ ବ୍ରାଞ୍ଚରେ **ତା.୨୦.୧୧.୨୦୧୯ରିଖ** ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଟକ କରାଇ ଦିଆଯିବ।

**ଆଞ୍ଚଳିକ ପ୍ରବନ୍ଧକ**


# ଚିପ୍ ଟାଉନ ମାର୍କେଟ ଗୋଲେଇ ସୌନ୍ଦର୍ଯ୍ୟକରଣ ହେଉ



ଚିପ୍ ଟାଉନ୍ ମାର୍କେଟ ଗୋଲେଇ ଅବହେଳିତ ଭାବେ ପଡିରହିଛି ।

**ରାଉରକେଲା ଅଫିସ,୨।୧୧**

ଫର୍ଟିଲାଇଜର ଟାଉନଶିପ୍ ଚିପ୍ ଟାଇପ ମାର୍କେଟ ଦକ୍ଷିଣ ରାଉରକେଲା ଅଞ୍ଚଳର ଏକ ସର୍ବପୁରାତନ ମାର୍କେଟ। ଏହି ବଜାରର ରାସ୍ତା, ଡ୍ରେନେଜ ଓ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଦୀର୍ଘବର୍ଷ ହେବ ବଜାର ଅନ୍ଧାରରେ ରହିଥିବା ବେଳେ ହାତଗଣତି କେତୋଟି ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଜଳୁଛି। ବାକି ଜବରଦଖଲକାରୀଙ୍କ ଅକ୍ତିଆରରେ ରହିଛି। ଆଉ କେତେକର ମୂଳ ଉପୁଡା ସରିଲାଣି। ମଙ୍ଗଳା ମନ୍ଦିର ତଳକୁ ଥିବା ବଜାର ଗୋଲେଇ ଅବସ୍ଥା ଅତ୍ୟନ୍ତ ଅପରିଷ୍କାର। ଚାରିଆଡେ ସୌନ୍ଦର୍ଯ୍ୟକରଣ କରାଯାଉଥିବା ବେଳେ ସେଠାକାର ଏକମାତ୍ର ଗୋଲେଇ ଛକ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। ଏହାର ଚାରି କାନ୍ଥ ପାଚେରି ଭାଙ୍ଗି ଯାଇଥିବା ବେଳେ କୁଢ କୁଢ ମାଟି ଗଦା ହୋଇରହିଛି। ଏକ ହାଇମାଷ୍ଟ ଲାଇଟ ଲଗାଯିବା ପାଇଁ ଗତ କିଛି ଦିନ ତଳେ ଯୋଜନା କରାଯାଇ ଥିଲା। ଯାହା ଆଜି ପର୍ଯ୍ୟନ୍ତ ଫଳପ୍ରସୂ ହୋଇପାରିନି। ଏହି ଗୋଲେଇ ଛକରେ ଜଣେ ଠେଲା ବ୍ୟବସାୟୀ ସନ୍ଧ୍ୟାରେ ରାସ୍ତାକୁ ମାଡି ବେପାର କରୁଛନ୍ତି। ଏଣୁ ଯୋଜନାବଦ୍ଧ ଭାବେ ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ଛକର ସୋନ୍ଦର୍ଯ୍ୟକରଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ କେତେଜଣ ଆରଏସ୍‌ପି କର୍ମଚାରୀ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସମର୍ଥନ କରି ଏହି ଗୋଲେଇ ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି କରୁଥିବା ନେଇ ଆଲୋଚନା ଶୁଣିବାକୁ ମିଳୁଛି । ଏନେଇ ଅସନ୍ତୋଷ ପ୍ରକାଶ ଲାଗି ରହିଛି। ଆରଏସ୍‌ପି କର୍ତ୍ତୃପକ୍ଷ ଧ୍ୟାନ ଦେବା ସହ ଏହି ଗୋଲେଇ ଛକ ସୋନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଚୋରା ବିଦେଶୀ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୨।୧୧**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ଲୋକନାଥ ମାର୍କେଟ ଅଞ୍ଚଳରେ ଚଢାଉ କରି ଅବକାରୀ କର୍ମଚାରୀମାନେ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ତାଙ୍କ ନାଁ ରବି ମଣ୍ଡଳ(୪୫)। ତାଙ୍କ ଦୋକାନରୁ ୧୦. ୨୬୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିଭଳି ୮. ୪୫୦ ଲିଟର ବିୟର ମଧ୍ୟ ଉଦ୍ଧାର କରାଯାଇଛି। ମଣ୍ଡଳଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ଦୀର୍ଘ ଦିନ ହେବ ସମ୍ପୃକ୍ତ ଅଞ୍ଚଳରେ ଚୋରା ମଦ କାରବାର କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗ ପରେ ଜିଲା ଅବକାରୀ ପୋଲିସ ଚଢାଉ କରି ମଣ୍ଡଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଉଚ୍ଛେଦ ପରେ ପୁଣି ଜବରଦଖଲ ଉଦ୍ୟମ

**ରାଉରକେଲା ଅଫିସ,୨।୧୧**

ଜବରଦଖଲ ଉଚ୍ଛେଦ ପରେ ପୁଣି ସେହି ସ୍ଥାନକୁ ନିଜ ଅକ୍ତିଆରକୁ ନେବାକୁ ଷଡଯନ୍ତ୍ର ଚାଲିଛି। କୋଏଲନଗର ହିଲଟପ୍ ମାର୍କେଟ ଓ ଡି ବ୍ଲକ ମଝି ବାଟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି । ଉଭୟ ବଜାରକୁ ଯାତାୟାତ ନିମନ୍ତେ ରହିଥିବା ଏକ ଗଳି ରାସ୍ତାକୁ କିଛି ମୁଷ୍ଟିମେୟ ଲୋକ ଅବରୋଧ କରି ପାଚେରି ନିର୍ମାଣ କରିଥିଲେ। ଏଭଳି ଖବର ଲ୍ୟାଣ୍ଡ ବିଭାଗ ନିକଟରେ ପହଞ୍ଚିବା ପରେ ଏହାକୁ ଶୁକ୍ରବାର ଭାଙ୍ଗି ଦିଆଯାଇ ଥିଲା।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଅର୍ପଣ କଲେ ବ୍ରତଧାରୀ

**ରାଉରକେଲା ଅଫିସ,୨। ୧୧**

ସୁନ୍ଦରଗଡ ସୀମାନ୍ତକୁ ଲାଗିଛି ବିହାର ଓ ଝାଡ଼ଖଣ୍ଡ । ଏହି ରାଜ୍ୟବାସୀଙ୍କ ବଡ ପର୍ବ ଛଟ୍ ଅବସରରେ ସମଗ୍ର ସୁନ୍ଦରଗଡ଼ ସମେତ ରାଉରକେଲା ଉତ୍ସବମୁଖର ହୋଇ ଉଠିଥିଲା। ଏହି ଅବସରରେ ରେଲନଗରୀ ବଣ୍ଡାମୁଣ୍ଡାରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବ୍ରତଧାରୀଙ୍କ ମଧ୍ୟରେ ବେଶ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା। ବ୍ରତଧାରୀଙ୍କ ପୂଜାପାଠ ସାଙ୍ଗକୁ କିଣାବିକା ନେଇ ସହରରେ ଗହଳଚହଳ ଲାଗି ରହିଥିଲା। ମୁଖ୍ୟତଃ ଦୁଇ ଦିନ ବ୍ରତଧାରୀ ସମସ୍ତ ନୀତି ନିୟମକୁ ପାଳନ କରିଥାନ୍ତି। ଶନିବାର ଅପରାହ୍ନରେ ବଣ୍ଡାମୁଣ୍ଡା ବି ସେକ୍ଟରଠାରେ ରହିଥିବା ପୋଖରୀ କୂଳରେ ବ୍ରତଧାରୀଙ୍କ ଭିଡ ଜମିଥିଲା। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଅର୍ପଣ କରିବାକୁ ସ୍ଥାନୀୟ ମହିଳାମାନେ ଏକତ୍ରିତ ହୋଇଥିଲେ। ଘଟଣାସ୍ଥଳରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ କେବଳ ବିହାରୀ ସଂପ୍ରଦାୟ ନୁହଁନ୍ତି ଅନ୍ୟମାନେ ମଧ୍ୟ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ରବିବାର ଉଦିତ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ପାଇଁ ସଂପ୍ରଦାୟ ପକ୍ଷରୁ ପ୍ରସ୍ତୁତି ସରିଛି।

**ବଣ୍ଡାମୁଣ୍ଡାରେ ଛଟ୍ ପୂଜା**



ଶନିବାର ଅପରାହ୍ନରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଅର୍ପଣ କରିଥିବା ବ୍ରତଧାରୀ ।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ **1463** (Exam. Conf.) ତା **01.11.2019** ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. **୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।**

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ ।

'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ । ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬/୧୧/୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ ।

Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**

(i) ଆରମ୍ଭ ତାରିଖ — ତା୦୫/୧୧/୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯/୧୧/୨୦୧୯ରିଖ ରାତ୍ର ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦/୧୧/୨୦୧୯ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୦/୧୧/୨୦୧୯ ଠାରୁ ତା୨୫/୧୧/୨୦୧୯ ରାତ୍ର ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬/୧୧/୨୦୧୯ରିଖ ମଧ୍ୟରାତ୍ର

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।**

ସା/- ସମ୍ପାଦକ



"ଅନୁ ମଲିକଙ୍କ ଭଳି ଜଣେ ମି#ଠୁ ଅଭିଯୁକ୍ତଙ୍କୁ ଇଣ୍ଡିଆନ୍ ଆଇଡଲରେ ପୁଣି ବିଚାରକ ଭାବେ ନିଆଯିବା ଉଚିତ୍ ନ ଥିଲା।

-ସୋନା ମହାପାତ୍ର, ଗୀତିକାର



## ସଂକ୍ଷେପରେ

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ

ସୁନ୍ଦରଗଡ଼, ୨।୧୧ (ଡି.ଏନ୍.ଏ) ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଜିଲା ଭିଜିଲାନ୍ସ ବିଭାଗ ଆନୁକୂଲ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସୁନ୍ଦରଗଡ ଭିଜିଲାନ୍ସ ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ ଦ୍ୱାରା ରାଷ୍ଟ୍ରର ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରି ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଡ. ଲଳିତରଞ୍ଜନ ସାହୁ ନୈତିକତାର ଆଧାରରେ ନିଜକୁ ପରିଚାଳିତ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ସମାଜସେବୀ ଦିଲ୍ଲୀପ ପଣ୍ଡା ଯୋଗଦେଇ ଦୁର୍ନୀତିମୁକ୍ତ ରାଷ୍ଟ୍ରନିର୍ମାଣ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଛାତ୍ରୀଛାତ୍ର ଅଧ୍ୟାପିକା, ଅଧ୍ୟାପକମାନେ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

# ୧୦ କ୍ଲଷ୍ଟରରୁ ୨୯୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ସବ୍‌ଡେଗା, ୨।୧୧ (ଡି.ଏନ.ଏ)

ସବ୍‌ଡେଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧ୍ୟାହ୍ନ ଭୋଜନ ସଚେତନତା ମେଳା ଯମୁନାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିୟର ବର୍ଷ ଓ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ତର୍କ, ହସ୍ତାକ୍ଷର ଓ ଶ୍ରୁତଲିଖନ, ପ୍ରବନ୍ଧଲିଖନ, ମଧ୍ୟାହ୍ନ ଭୋଜନ, କଳା ଓ ହସ୍ତକର୍ମ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା। ବ୍ଲକରୁ ୧୦ଟି କ୍ଲଷ୍ଟର ମୋଟ ୨୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲମ୍ବୋଦର ଧୁରୁଆ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି ଏବଂ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଅତିଥିମାନେ ବିସ୍ତୃତ ଆଲୋଚନା କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜୁନିୟର ଗ୍ରୁପ କୁଇଜରେ ସୁଚିତା ମାଝି, ଚିତ୍ରାଙ୍କନରେ ଆୟୁଷ ଦେହୁରୀଆ, ସୃଜନଶୀଳ ଲିଖନରେ ଉର୍ମିଳା ନାଏକ, ବକ୍ତୃତାରେ ରଶ୍ମି ନାଏକ, ସଙ୍ଗୀତରେ ଲଳିତା ଡନସନା, ହସ୍ତାକ୍ଷରରେ ସୁଜଳ ପଟେଲ, ସିନିୟର ଗ୍ରୁପ ତର୍କରେ ସିମନ ସାହୁ, ପ୍ରବନ୍ଧ ଲିଖନରେ ସୁଷମା ସରେଙ୍ଗ, କୁଇଜରେ ଭୋଜମତି ବାଘ, ଚିତ୍ରାଙ୍କନରେ ଜୟନ୍ତ ମହାନନ୍ଦ, ସୃଜନଶୀଳ ଲିଖନରେ ଅଞ୍ଜନା ମାଝି, ବକ୍ତୃତାରେ ନାତାସା ବେଗମ, ଗୀତରେ ରାଜଶ୍ରୀ ଟପ୍ପୋ, ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତରେ ଗୌରି ନାଏକ, ଚିତ୍ରାଙ୍କନରେ ଆରତୀ କିଷାନ, ମଧ୍ୟାହ୍ନଭୋଜନ ସଚେତନ ମେଳାର ଚିତ୍ରକଳାରେ ମହିମା ତିର୍କୀ, ହସ୍ତକର୍ମରେ ନେହା ବେହେରା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁବଳୟାର ଗ୍ରୁପ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବା ପାଇଁ ଅଧିକାର ସାବ୍ୟସ୍ତ କରିପାରିଛନ୍ତି । ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା, ଏବିଇଓ ଅକ୍ଷୟ କୁମାର ବେହେରା ଓ ଫକୀର କିସପଟ୍ଟାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଲିଙ୍ଗରାଜ ନାଏକ, ଟଙ୍କଧର ଆପଟ, ଗୋକୁଳ ମହାଲିଙ୍ଗ, ଅଶୋକ ରୋହିଦାସ, ସୁରଦୀପ ଭୋଇ, ମନୋଜ ଭିତ୍ରିଆ, ଡିସେମ୍ବର ନାଏକ, ରୋହିତ କୁମାର ପଟେଲ, ବାସୁଦେବ ବେହେରା, ବେଦାରନାଥ ବେହେରା, ପୂଜା ସାହୁ, ସୁକନ୍ୟା କାଲୋ, ଅରୁଣା ପଟେଲ, ବେଣୁଧର ସାହୁ, ଘନଶ୍ୟାମ ବିଶ୍ୱାଳ, କାମିନୀ ଦାଶ, ସୁମନ ମେହେର, ହେମନ୍ତ ବାରିକ, ଡିଳେଶ୍ୱର ଗରଡିଆ, ପ୍ରଶାନ୍ତ ନାଏକ ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ। ସିଆରସିସି, ମହେନ୍ଦ୍ର ତନ୍ତୀ, ପ୍ରଶାନ୍ତ ନାଏକ, ଅର୍ଜୁନ ରୋହିଦାସଙ୍କ ସମେତ ସମସ୍ତ ସିଆରସିସି ସୁବ୍ରତ କୁମାର ପଟେଲ, ପ୍ରଦୀପ କୁମାର ପଟେଲ, ଷନୁ କେରକେଟା, ରଞ୍ଜୁ ନାଏକ, ପ୍ରଭା ସାହୁ, ବିନତୀ ଯୋଷି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ପ୍ରଧାନଶିକ୍ଷକ ବାସନ୍ତି ଭୋଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବିଦ୍ୟାଳର ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥିବା ବେଳେ ସମସ୍ତେ ପ୍ରଧାନଶିକ୍ଷକଙ୍କୁ ସାଧୁବାଦ ଜଣାଇଥିଲେ । କଲ୍ୟାଣୀ ବରିହା ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ଫକୀର କିସପଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଗ୍ରାମାଞ୍ଚଳ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଦବ୍ୟାସ, ୨।୧୧ (ଡି.ଏନ.ଏ)

ଲାଠିକଟା ବ୍ଲକ ଅନ୍ତର୍ଗତ ବିରକେଲା ପଞ୍ଚାୟତର ରାଣ୍ଟୋ ଗ୍ରାମର ଜୟଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଗ୍ରାମାଞ୍ଚଳ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ଟୁର୍ନାମେଣ୍ଟ ଅବସରରେ ଲାଠିକଟା ବ୍ଲକ ଜିଲାପରିଷଦ (ଖ) ଜୋନର ସଭ୍ୟ ଯୁବନେତା ମନେଶ ନାଗ ଯୋଗଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ପ୍ରାୟ ୧୦ ଗୋଟି ଦଳ ଭାଗ ନେଇଥିଲେ । ସେଥି ମଧ୍ୟରୁ ୧୪୦ ବୁଚାହୁଣ୍ଡା ବ୍ଲକ ୧-୦ ଗୋଲରେ ଯମୁନାନାକି କୁଆଁରମୁଣ୍ଡା ଦଳକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡ ଖେଳରେ ପୁରୁଣାଜଲତା ଦଳ ହାପାହାପା ଜଡାକୁଦରକୁ ପରାସ୍ତ କରିଥିଲା । ସେହିପରି ତୃତୀୟ ରାଉଣ୍ଡ ଖେଳରେ ପାନ୍ନା ବ୍ରଜର ଏନୱାଇସି ଜୁନାବଲଣ୍ଡା ଦଳକୁ ହରାଇଥିଲା । ବିଜୟ ଦଳକୁ ମୁଖ୍ୟଅତିଥି ମନେଶ ନାଗ ଖାସି ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ଅବସରରେ ଜୟଜଗନ୍ନାଥ କ୍ଲବର ସଭାପତି ସୁନୀଲ ମାଝୀ, ସମ୍ପାଦକ ବୀରେନ୍ଦ୍ର ମିଞ୍ଜ, କୋଷାଧ୍ୟକ୍ଷ ସୁରେଶ ବାଡା, ଗଙ୍ଗା ଓରାମ, ରଞ୍ଜିତ ଓରାମ, ଅଜିତ ଓରାମ, କ୍ୟାପଟେନ ମିଞ୍ଜ, ପ୍ରଦୀପ ବାଡା, ମନୋଜ ମିଞ୍ଜ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ।

# ଏନ୍‌ଟିପିସି ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଲେଫ୍ରିପଡା, ୨।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଦର୍ଲିପାଲି ଏନ୍‌ଟିପିସି କମ୍ପାନୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଟାଙ୍ଗରପାଲି ବ୍ଲକର ସରଧାପାଲିଠାରେ ଥିବା ଯଶୋଦା ବିଷ୍ଣୁ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଦର୍ଲିପାଲି ଏନଟିପିସିର ଏଜିଏମ୍ ଭିଜିଲାନ୍ସ ପି.କେ. ଦ୍ୱିବେଦୀ ଏବଂ ଡିଜିଏମ୍ ଭିଜିଲାନ୍ସ ବି.ଏନ.ଆଚାର୍ଯ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିଗଣ ସତର୍କ ସଚେତନତା ସପ୍ତାହ ପାଳନ ଦିଗରେ ଆଲୋକପାତ କରି ସମାଜରୁ ଦୁର୍ନୀତିକୁ ଦୂରକରି ସଚ୍ଚୋଟତା ଆପଣାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନୁପ୍ରେରିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କେଦାରନାଥ ପଟେଲଙ୍କ ତତ୍ତ୍ୱାବଧାନରେ ସଚେତନତା ଦିଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ପରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ସାଧୁତା ଓ ସଚ୍ଚୋଟତାକୁ ଜୀବନରେ ଗ୍ରହଣ କରିବା ପାଇଁ ଶପଥ ନେଇଥିଲେ। ସଚେତନତା ନାଟକରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପରେ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଜଗନ୍ନାଥ ଠାକୁର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ଛାତୀଛାତ୍ର ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଅଧିକାରୀ, ଯଶୋଦା ବିଷ୍ଣୁ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ, ଛାତ୍ରୀଛାତ୍ର।

# ଶୈକ୍ଷିକ ଉନ୍ନୟନ କ୍ଷେତ୍ରରେ ସବ୍‌ଡେଗା ବ୍ଲକକୁ ମିଳିଲା ରାଜ୍ୟସ୍ତରୀୟ ଗାରିମା ପୁରସ୍କାର

ସୁନ୍ଦରଗଡ଼, ୨।୧୧ (ଡି.ଏନ୍.ଏ)

ଶୈକ୍ଷିକ ଉନ୍ନୟନ କ୍ଷେତ୍ରରେ ରାଜ୍ୟସ୍ତରରେ ସୁନ୍ଦରଗଡ ଜିଲାର ସବଡେଗା ବ୍ଲକ ପୁରସ୍କୃତ ହୋଇଛି। ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆରମ୍ଭ କରାଯାଇଥିବା ଶୈକ୍ଷିକ ଉନ୍ନୟନ ଅନ୍ତର୍ଗତ ଉଜ୍ଜଳ ଓ ଉତଥାନ କାର୍ଯ୍ୟକ୍ରମ ଉଜ୍ଜୀବୀତ ରଖିବା ତଥା ଅନ୍ୟମାନଙ୍କୁ ପ୍ରେରଣା ବୃଦ୍ଧି ପାଇଁ ବିଭାଗ ତରଫରୁ ପ୍ରଥମ କରି ବିଦ୍ୟାଳୟ ଓ ବ୍ଲକସ୍ତରରେ ଉତ୍ତମ ପ୍ରଦର୍ଶନ ପାଇଁ ଗାରିମା ନାମକ ଏହି ପୁରସ୍କାର ପ୍ରଚଳନ କରିଛନ୍ତି। ରାଜ୍ୟରେ ୩୧୪ ଟିବ୍ଲକ ମଧ୍ୟରୁ ସୁନ୍ଦରଗଡ ଜିଲାର ସବଡେଗା ବ୍ଲକ ଓ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରରେ ବ୍ରୋଞ୍ଜ ପଦକ ହାସଲ ପାଇଁ ଯୋଗ୍ୟ ବିବେଚିତ ହୋଇଛି । ଆସନ୍ତା ଶିଶୁ ଦିବସରେ ଏହି ପୁରସ୍କାର ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ସରକାରଙ୍କ ପତ୍ରସଂଖ୍ୟା ୮୪୩୨ ତା ୧/୧୧/୨୦୧୯ ଅନୁସାରେ ଘୋଷଣା କରାଯାଇଛି। ରାଜ୍ୟରେ ପୁରସ୍କୃତ ହେବାକୁ ଥିବା ୨ଟି ବ୍ଲକ ମଧ୍ୟରେ ସୁନ୍ଦରଗଡ ଜିଲାର ସବଡେଗା ବ୍ଲକର ନାମ ଥିବାରୁ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆରସିସି,ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦ ଖେଳିଯାଇଛି । ଜିଲା ଶିକ୍ଷାଧିକାରୀ ରଞ୍ଜନକୁମାର ଗିରି, ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ ଏକ୍କାଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଜିଲା ପାଇଁ ଗର୍ବ ବୋଲି ଜଣାଇଛନ୍ତି। ସମାନ ସୁବିଧା ସୁଯୋଗ ଦେଇ ଜଣେ ଶିକ୍ଷା ଅଧିକାରୀ ଉଦ୍ୟମଜାରି ରଖିଲେ ଓ ବ୍ଲକର ଶିକ୍ଷା ସହ ସମ୍ପୃକ୍ତ ସମସ୍ତ କର୍ମଚାରୀ ମିଳିତ ଉଦ୍ୟମ ବଳରେ ଶୈକ୍ଷିକ ଉନ୍ନୟନ ଆଶାନୁରୂପ ହୋଇପାରିଥିବା ହେତୁ ଖୁସୀ ବ୍ୟକ୍ତ କରିଛନ୍ତି। ସବଡେଗା ବ୍ଲକ ଶିକ୍ଷାଧିକାରୀ ଏକ୍କାଙ୍କ ନେତୃତ୍ୱରେ ସିଆରସିସି ଓ ଶିକ୍ଷକ ମାନଙ୍କ ଉଦ୍ୟମ ଯୋଗୁ ଶିକ୍ଷାର ବାତାବରଣ ସବଡେଗାରେ ଦ୍ରୁତ ଉନ୍ନତି ହୋଇଛି ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଛି ।ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଶୀଲ କୁମାର ନାଏକ ଓ ପ୍ରେମା ରଥ ଏନେଇ ବ୍ଲକ ଶିକ୍ଷାଧିକାରୀ ଏକ୍କାଙ୍କ ସମେତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଅଭିନନ୍ଦନ ଜଣାଇବା ସହ ଜିଲାର ଅନ୍ୟ ବ୍ଲକଗୁଡିକ ମଧ୍ୟ ଆଗାମୀ ଦିନରେ ନିଜର ଶ୍ରେଷ୍ଠତା ହାସଲ ପାଇଁ ଉଦ୍ୟମଜାରି ରଖିବେ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ଏହି ଖବର ଜଣାପଡିବା ପରେ ସବଡେଗା ବ୍ଲକର ଶିକ୍ଷାଧିକାରୀଙ୍କୁ ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଉଛନ୍ତି।



ସବଡେଗା ବ୍ଲକର ଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଯାଉଛି।

# ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଲହୁଣୀପଡା, ୨।୧୧ (ଡି.ଏନ.ଏ)

ଲହୁଣୀପଡା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସପି ସୁବାଷ ଚନ୍ଦ୍ର ସ୍ୱାଇଁ ସମ୍ବଲପୁର, ରାଉରକେଲା ଦୁର୍ନୀତି ନିବାରଣ ଡିଏସପି ଦାଶରଥ ସେଠୀ, ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର, ଇନ୍ସପେକ୍ଟର ଗୀତାଞ୍ଜଳି ପ୍ରଧାନ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇଥିବା ବେଳେ ସ୍ଥାନୀୟ ଜନସାଧାରଣ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ବା ଦୁର୍ନୀତି ନିବାରଣ ବିଭାଗକୁ ସାହାର୍ଯ୍ୟ କରିବାର ମୁଖ୍ୟ ଉଦ୍ଦେଶ୍ୟ ଏହି ସଚେତନତା ଗ୍ରାମସଭା ବୋଲି କହିବା ସହିତ କେଉଁ କେଉଁ କ୍ଷେତ୍ରରେ ଆପଣମାନେ ଆମକୁ ସୂଚନା ଦେଇ ପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଯଦି କୌଣସି ସରକାରୀ କର୍ମଚାରୀ କାର୍ଯ୍ୟ ପାଇଁ ବେଆଇନ ଭାବେ ଲାଞ୍ଚ ମାଗି ହଇରାଣ କରୁଛନ୍ତି । ଯଦି କୌଣସି ସରକାରୀ କର୍ମଚାରୀ ଅଳ୍ପଦିନ ମଧ୍ୟରେ ବିପୁଳ ସମ୍ପତ୍ତି ଅର୍ଜନ କରିବା କିମ୍ବା କୌଣସି ସରକାରୀ କର୍ମଚାରୀ ସରକାରଙ୍କର ଜନ କଲ୍ୟାଣ ମୂଳକ କାର୍ଯ୍ୟ ନ କରି ମିଥ୍ୟାବିଲ ପାସ କରି ଅର୍ଥ ତୋଷାରପାତ କରୁଛନ୍ତି ଏବଂ ସରକାରଙ୍କର ପକ୍ଷରୁ କରାଯାଉଥିବା ଜନହିତକର କାର୍ଯ୍ୟ ତଥା ରାସ୍ତା, ଗୃହ, ବୃକ୍ଷରୋପଣ ଉଦ୍ୟାନ ଇତ୍ୟାଦି ମାନଙ୍କରେ ଯଦି ସୂଚନା ଫଳକ ଦିଆଯାଉ ନାହିଁ ଏବଂ ସୂଚନା ଫଳକ ଥାଇ ମଧ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ସନ୍ଦେହ ହେଲେ ଆମକୁ ସୂଚନା ପ୍ରଦାନ କଲେ ଆମେ ଉକ୍ତ ସ୍ଥାନରେ ପହଞ୍ଚିବୁ ତଦାରଖ କରିବା ସହିତ ଆବଶ୍ୟକ ପଡିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବୁ ବୋଲି ପ୍ରକାଶ କରିଥିଲେ । ସୂଚନାଦାତାର ପରିଚୟ ଗୁପ୍ତ ରଖାଯିବ ତେଣୁ ଆପଣମାନେ ଆମକୁ ସାହାର୍ଯ୍ୟ କରନ୍ତୁ ବୋଲି କହିଥିଲେ ।

## ବିଜେଡ଼ି ପକ୍ଷରୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ଉନ୍ନତ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା

ସୁନ୍ଦରଗଡ଼, ୨।୧୧ (ଡି.ଏନ୍.ଏ)

ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ସୁନ୍ଦରଗଡ ବିଜୁ ଜନତା ଦଳ(ବିଜେଡ଼ି)ର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ନୂତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହାସହ ଜିଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ଉନ୍ନତ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା କରିଛନ୍ତି। ସୁନ୍ଦରଗଡ ସହରରେ ଥିବା ପରିଚ୍ଛନ୍ନତା ଓ ଡାକ୍ତରଖାନାରେ ରୋଗୀମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ସହ ଆବଶ୍ୟକୀୟ ଔଷଧ ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ବିଜେଡି ନେତା ମୃତ୍ୟୁଞ୍ଜୟ ମହାପାତ୍ର, ଜୟନାରାୟଣ ତ୍ରିପାଠୀ, ସୁରେନ୍ଦ୍ର ଭିତ୍ରିଆ, ପ୍ରଶାନ୍ତ ପଟେଲ, ଅନୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।



ବିଜେଡ଼ି ପ୍ରତିନିଧିମଣ୍ଡଳୀ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଯଶୋଦାବିଷ୍ଣୁ ଡିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

# ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଦେଶର ଐକ୍ୟ ସ୍ଥାପନ ସମ୍ଭବ





ଯଶୋଦାବିଷ୍ଣୁ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଉପସ୍ଥିତ ଅଧକ୍ଷା, ଅଧାପକ, ଛାତ୍ରୀଛାତ୍ର।

ଲେଫ୍ରିପଡା, ୨।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ସରଧାପାଲି ଯଶୋଦାବିଷ୍ଣୁ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଳୀ ପଟେଲ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମଣ ଦେହୁରୀ ଯୋଗଦାନ କରି ଅଖଣ୍ଡ ଭାରତ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯଶୋଦା ବିଷ୍ଣୁ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ରତ୍ନାକର ବେହେରା ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଦେଶର ଐକ୍ୟ ସ୍ଥାପନ ସମ୍ଭବ ବୋଲି ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ଜଗନ୍ନାଥ ଠାକୁର ଧନ୍ୟବାଦ ପ୍ରଦାନ କରିଥିଲେ। ତୀର୍ଥବାସୀ ପାତ୍ର, ନିର୍ମଳ ବରିହା, ରାଜା ମୁଦୁଲି, କୁବିହାରୀ ସାହୁ, ପ୍ରତିମା ନାୟକ, ପ୍ରତିମା ଚୌଧୁରୀ, ସ୍ନିଗ୍ଧା ରାଣୀ ପଟେଲ, ଯୋଗେଶ୍ୱର ନାଏକ, ଯୋଗେଶ ପାତ୍ର ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।

- ବିନୋବା ଭାବେ

## ସଂକ୍ଷେପରେ

### ୩୦ଫୁଟ୍ ତଳକୁ କ୍ରେନ୍ ଖସି ଅପରେଟର୍ ଗୁରୁତର



ଲଖନପୁର,୨।୧୧(ଡି.ଏନ୍.ଏ.) ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଲଖନପୁର କୋଇଲା କ୍ଷେତ୍ର ଅଧୀନ ବେଲପାହାଡ ଖୋଲାମୁହଁ କୋଇଲାଖଣି (ବିଓସିଏମ୍) ୨-ନଂ କ୍ୱାରୀରେ ଶନିବାର ଅପରାହ୍ନ ସାଢେ ୫ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ କାର୍ଯ୍ୟରତ କ୍ରେନ୍ ଅପରେଟର୍ ରମେଶ ବେହେରା (୪୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ, ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଛି। ଖଣି ଭିତରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବନ୍ଧବାହାଲସ୍ଥିତ କମ୍ପାନୀ ହସ୍‌ପିଟାଲ୍ ଓ ପରେ ବୁର୍ଲା ବଡମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପ୍ରଚାର ହେବା ପରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏନେଇ ବିଓସିଏମ୍ ପ୍ରୋଜେକ୍ଟ ଅଫିସର ଯୁରେନ୍ ପଟ୍ଟନାୟକ କହିଛନ୍ତି ଯେ, ଅସାବାଧାନତା ଯୋଗୁ କ୍ରେନ୍ ତଳକୁ ଖସିପଡିଛି। କ୍ରେନ୍ ଭିତରେ ଥିବା ଅପରେଟର୍ ଗୁରୁତର ଆହତ ହୋଇଛନ୍ତି। ଖଣି ଅଞ୍ଚଳକୁ ଏକ ଟ୍ରକ୍‌ରେ ମେଶିନ୍ ବୋଝେଇ ହୋଇ ଆସିଥିଲା। ଏହି ମେଶିନ୍‌କୁ ଟ୍ରକ୍‌ରୁ ତଳକୁ ଓହ୍ଲାଇବା ପାଇଁ କ୍ରେନ୍ ସେଠାରେ ପହଞ୍ଚିଥିଲା। ମେଶିନ୍ ଓହ୍ଲାଇବା ପାଇଁ ଅପରେଟର୍ ପ୍ରସ୍ତୁତ ହେଉଥିବାବେଳେ ଅସାବଧାନତା ବସତଃ କ୍ରେନ୍ ୩୦ଫୁଟ୍ ଖଣି ତଳକୁ ଖସିପଡିଥିଲା। ଫଳରେ କ୍ରେନ୍ ଭିତରେ ଥିବା ଅପରେଟର୍ ଗୁରୁତର ଆହତ ହୋଇଛନ୍ତି।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଛଟ୍ ବ୍ରତଧାରୀଙ୍କ ପୂଜାର୍ଚ୍ଚନା

**ବେଲପାହାଡ଼,୨।୧୧ (ଡ଼ି.ଏନ୍.ଏ.)**

ଶନିବାର ଛଟ୍ ପର୍ବର ତୃତୀୟ ଦିବସ ତଥା ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବ୍ରତଧାରୀ ବେଲପାହାଡ଼ର ବିଭିନ୍ନ ଜଳାଶୟରେ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟାର୍ପଣ କରିଛନ୍ତି। ରବିବାର ବ୍ରହ୍ମ ମୁହୂର୍ତ୍ତରେ ବ୍ରତଧାରୀ ପୁଣି ଜଳାଶୟକୁ ଆସି ଉଦୀତ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଅର୍ପଣ କରି ବ୍ରତ ସମାପ୍ତ କରିବେ। ଛଟ୍ ପର୍ବର ପ୍ରଥମ ଅର୍ଘ୍ୟାର୍ପଣକୁ ନେଇ ଶନିବାର ମଧ୍ୟାହ୍ନରୁ ଅଞ୍ଚଳର ବିଭିନ୍ନ ଜଳାଶୟରେ ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ଭିଡ଼ ଜମିଥିଲା। ବ୍ରତଧାରୀ ପରିବାର ସଦସ୍ୟଙ୍କ ସହିତ ଗୁମାଡ଼େରା, ସମଡ଼ା, ଜୁନାଡ଼ିହି ଓ ଯୁରାବଗା ଆଦି ବିଭିନ୍ନ ଜଳାଶୟକୁ ଆସିଥିଲେ। ସମସ୍ତେ ବାଉଁଶ ଓ ପିତଳ ପାତ୍ରରେ କ୍ଷୀର, ପିଠା, ଫଳମୂଳ ଓ ଆଖୁ ଆଦି ପୂଜା ସାମଗ୍ରୀ ନେଇ ଆସିଥିଲେ। ଅପରାହ୍ନରେ ବ୍ରତଧାରୀ ମହିଳା ଓ ପୁରୁଷ ଜଳାଶୟକୁ ଓହ୍ଲାଇ ଦୀର୍ଘ ସମୟ ଧରି ପାଣିରେ ଛିଡ଼ା ହୋଇ ସୂର୍ଯ୍ୟ ଦେବତାଙ୍କୁ ସ୍ମରଣ କରିଥିଲେ।



ଗୁମାଡ଼େରା ଜଳାଶୟରେ ଛଟ୍ ବ୍ରତ ରଖିଥିବା ମହିଳା ଓ ପୁରୁଷ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

ପରିବାରର ସଦସ୍ୟ ଜଳାଶୟ ଘାଟରେ ଅପେକ୍ଷା କରିଥିଲେ। ଛୋଟ ଛୋଟ ପିଲା ଫୋଟକା ଫୁଟାଇ ଥିଲେ। ଠିକ ସୂର୍ଯ୍ୟାସ୍ତ ସମୟ ଅବ୍ୟବହିତ ପୂର୍ବରୁ ବ୍ରତଧାରୀ ମହିଳା ଓ ପୁରୁଷ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ପୁଷ୍ପ, ଫଳ, କ୍ଷୀର ଓ ଜଳ ଅର୍ପଣ କରିଥିଲେ। ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ସମାବେଶକୁ ନେଇ ଜଳାଶୟ ଗୁଡ଼ିକ ଲୋକାରଣ୍ୟ ହୋଇଉଠିଥିଲା। ଗୁମାଡ଼େରା ଜଳାଶୟ ନିକଟରେ ଏକ ସୂର୍ଯ୍ୟ ମୂର୍ତ୍ତି ସ୍ଥାପିତ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ ଚାଲିଛି। ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ବିଭନ୍ନ ଜଳାଶୟ ଘାଟକୁ ଯାଇ ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବ୍ରଜରାଜନଗର, (ଡି.ଏନ.ଏ.)**

ବ୍ରଜରାଜନଗରରେ ମଧ୍ୟ ଛଟ ପୂଜା ପାଳନ କରାଯାଇଛି। ସହରରେ ବିଭିନ୍ନ ଜାଗା ମଧ୍ୟରୁ ଇବ୍‌ଗାଟ୍, ବରଘାଟ, ମଣ୍ଡଳିଆ ପୋଖରୀ, ଲମତିବାହାଲ ନାଳ ବୁଢ଼ିଆ କଲୋନୀରେ ଛଟ୍ ପୂଜା ପାଳନ କରାଯାଇଛି। ଇବ୍‌ଘାଟଠାରେ ଅଧିକାଂଶ ବ୍ରତଧାରୀ ପୂଜା କରୁଥିବାରୁ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ମୁତୟନ କରାଯାଇଛି। ସନ୍ଧ୍ୟାରେ ଆୟୋଜକ କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ପୂଜା ଦେଖିବା ପାଇଁ ଲୋକଙ୍କର ଭିଡ ପରିଲକ୍ଷିତ ହୋଇଥିଲା।

# ‘ଗାଡ଼ି ଚାଳନା ବେଳେ ନିୟମ ମାନ’

**ଲଖନପୁର,୨।୧୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ,ବଂ ଓପିଜିସିର ମିଳିତ ଉଦ୍ୟମରେ ଶନିବାର ଇବ୍‌ଥର୍ମାଲ ପ୍ରକଳ୍ପ ମୁଖ୍ୟଫାଟକ ସମ୍ମୁଖରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ଏଏସ୍‌ଆଇ ସନ୍ତୋଷ ବେହେରା, ସୁରେଶ କେର୍କେଟା, ହିରାଧର ବେହେରା, ହାବିଲଦାର ନିତ୍ୟାନନ୍ଦ କାଲୋ ଓ ଗୌତମ ବେହେରା ପ୍ରମୁଖ ପୋଲିସ୍ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଓପିଜିସି ତରଫରୁ ଏନ୍‌ଏନ୍ ଷଡଙ୍ଗୀ, ଗୋକୁଳ ସା, ମୁକେଶ ନାୟକ, ସମ୍ବିତ ନନ୍ଦ ଓ କିଶୋର ପୃଷ୍ଟି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। କାର ଓ ବାଇକ୍‌କୁ ଅଟକାଇ ସିଟ୍‌ବେଲ୍ଟ ବାନ୍ଧିବା, ହେଲ୍‌ମେଟ୍ ପିନ୍ଧିବା, ଟ୍ରାଫିକ୍ ନିୟମ ମାନିବାକୁ ଚାଳକଙ୍କୁ ସଚେତନତା କରାଯାଇଥିଲା। ହେଲମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ପେନ୍ ଉପହାର ଦିଆଯାଇଥିଲା। ଟ୍ରାଫିକ୍ ନିୟମ ସମ୍ପର୍କରେ ଲୋକଙ୍କୁ ପ୍ରଚାରପତ୍ର ଦେଇ ସଚେତନ କରାଯାଇଥିଲା।



ପୋଲିସ୍ ଅଧିକାରୀ, ଓପିଜିସି ଅଧିକାରୀ ଏକ ବାଇକ୍‌କୁ ଅଟକାଇ ଚାଳକଙ୍କୁ ସଚେତନ କରାଉଛନ୍ତି।

### ଅଷ୍ଟମ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜ୍ୟସ୍ତରକୁ ୨୫ ପ୍ରତିଯୋଗୀ ମନୋନୀତ

**କୋଲାବିରା,୨।୧୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲା ଶାରୀରିକ ଶିକ୍ଷା ସଙ୍ଗଠନ ଆନୁକୂଲ୍ୟରେ କୋଲାବିରା ବ୍ଲକ ଅନ୍ତର୍ଗତ ସିଂହିବାହାଲସ୍ଥିତ ଅମ୍ବିକା ଉଚ୍ଚବିଦ୍ୟାଳୟଠାରେ ଅଷ୍ଟମ ଜଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜିଲା ଶାରୀରିକ ଶିକ୍ଷା ସଙ୍ଗଠନର ସମ୍ପାଦକ ଡମ୍ବରୁଧର ପୂଝାରୀ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିବା ବେଳେ ଅମ୍ବିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉଭୟ ୧୪-୧୭ ବର୍ଷରୁ କମ୍ ବାଳକ ବାଳିକା ବିଭାଗରୁ ୨୫ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଚୟନ କରାଯାଇଥିବା ଏହି କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ୬ ତାରିଖରେ ବାଲେଶ୍ୱର ଜିଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୂଡାନ୍ତ କରାଯାଇଛି। ପ୍ରତିଯୋଗିତା ୧୭ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଲଖନପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ଝାରସୁଗୁଡା ବ୍ଲକ ରନର୍ସ ଅପ୍ ହୋଇଛି। ୧୪ବର୍ଷରୁ କମ୍ ବାଳକ ବିଭାଗରେ ମଧ୍ୟ ଲଖନପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ଲଇକେରା ବ୍ଲକ ରନର୍ସ ଅପ୍ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କିର୍ମିରା ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ଲଖନପୁର ବ୍ଲକ ରନର୍ସ ଅପ୍ ଆଖ୍ୟା ପାଇ ପୁରସ୍କୃତଃଠ ହୋଇଛି। ଯୁଗଳ କିଶୋର ପଟେଲ, ପ୍ରଦୀପ୍ତ ବେହେରା, ବଂଶୀଧର ପଶାୟତ, ବିଳାସିନୀ ନାଏକ, ମମତା ପାଣ୍ଡେ, ଅଶୋକ ପାଢ଼ୀ, ଲୋଚନ କଣ୍ଡରା, ଜିତେନ୍ଦ୍ର ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରବିନାରାୟଣ ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ପ୍ରତିଯୋଗୀ।

# ପରୀକ୍ଷାରେ ବାଧା ସୃଷ୍ଟି କରି ସ୍ୱାମୀ, ସ୍ତ୍ରୀ ଗିରଫ

**ଧମା, ୨।୧୧ (ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ବଟେମୁରା ନିକଟସ୍ଥ ବଦୁଆପାଲି ଅନ୍ତର୍ଗତ ଝାଙ୍କରବାହାଲି ସ୍କୁଲରେ ଶନିବାର ପରୀକ୍ଷା ଚାଲିଥିବା ବେଳେ ବାଧା ସୃଷ୍ଟି କରି ସ୍ୱାମୀ, ସ୍ତ୍ରୀ ଗିରଫ ହୋଇଛନ୍ତି। ଏମାନେ ହେଲେ ବଦୁଆପାଲି ଗ୍ରାମର ସୋମେନ୍ଦ୍ର ବହିଦାର ଏବଂ ତାଙ୍କ ସ୍ତ୍ରୀ କୌଶଲ୍ୟା। ସ୍କୁଲଟି ସେମାନଙ୍କ ଜମିରେ ତିଆରି ହୋଇଥିବାରୁ ବାହାରି ଯିବାକୁ ପିଲାଙ୍କୁ କହିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଅର୍ଜୁନ ସିଂଙ୍କ ନିକଟକୁ ଯାଇ ଏ ବାବଦରେ ଅଭିଯୋଗ କରିଥିଲେ। ସିଂ ଏହା ବିରୋଧରେ ଧମା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଛି।

# ସିଙ୍ଗାପୁର ଓପନ୍ ସୁଇମିଂ ମିଟ୍‌ରେ ସମ୍ବଲପୁର ସନ୍ତରଣବିତ୍‌ଙ୍କ କୃତିତ୍ୱ

**ସମ୍ବଲପୁର, ୨।୧୧ (ବ୍ୟୁରୋ)**

ସିଙ୍ଗାପୁର ଓପନ ସୁଇମିଂ ମିଟ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତରୁ ପ୍ରତିନିଧିତ୍ୱ କରି ସମ୍ବଲପୁରର ପ୍ରେମରଞ୍ଜନ ପ୍ରଧାନ (୬୫ ବର୍ଷ) ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି । ସେ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ ଓ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ହରେକୃଷ୍ଣ ପଣ୍ଡା (୬୫ ବର୍ଷ) ମଧ୍ୟ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ, ନାରାୟଣ ପଣ୍ଡା (୭୦ ବର୍ଷ) ୫୦ ମିଟର ଫ୍ରି ଷ୍ଟାଇଲରେ ଓ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ପଦକ ପାଇଛନ୍ତି । ଏହି ୩ଜଣ ସନ୍ତରଣବିତ ଓଡିଶା ମାଷ୍ଟର ସୁଇମର୍ସ କ୍ଲବର ସଦସ୍ୟ । ତେଣୁ ଶନିବାର ଏକ ପ୍ରେସ ବିବୃତିରେ ସୁନ୍ଦରମଣୀ ବାରିକଙ୍କ ସମେତ ସମ୍ପାଦକ ଜୟନ୍ତ ପାଣ୍ଡେ ଓ ସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଭ୍ରମ ସଂଶୋଧନ

ଗତ ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିନ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପୃଷ୍ଠା-୧୩ରେ ସର୍ବସାଧାରଣ ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଜମି ତଫସିଲର ବିବରଣୀ ନିମ୍ନମତେ ସଂଶୋଧନ କରାଗଲା।

ଖତିଆନ ନମ୍ବର - ୩୦୦, ପ୍ଲଟ ନମ୍ବର - ୧୦୪୪

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ

ODISHA TOURISM DEVELOPMENT CORPORATION LTD,
Panthanivas (Old Block), Lewis Road, Bhubaneswar - 14 CAD-531

REQUEST FOR PROPOSAL TO UPGRADE, OPERATE, MANAGE, SHARE AND TRANSFER COFFEE SHOP COUNTER AT SELECT PANTHANIVASES

OTDC intends to lease covered space at Panthanivas Bhubaneswar, Dhauli&Khandagiri for operation of Coffee Shop Counter on upgrade, operate, manage, share and transfer basis. All the propertiesare located strategically and have significant tourist importance.Offers are invited from leading Coffee Shop chain to upgrade, operate, manage, share and transfer Coffee Shop Counter on a 3 years lease.

Bid Documents specifying the terms & conditions, instructions relating to the submission of the bid etc. can be downloaded from www.panthanivas.com from 04.11.2019 onwards.

The last date of submission of proposal is 23.11.2019up to 3.00 P.M. at the following address.

Managing Director
Odisha Tourism Development Corporation Limited
Lewis Road, Bhubaneswar751014 : Tel. 674 – 243 1289, Email: otdc@panthanivas.com
37002/11/0014/1920

OFFICE OF THE MUNICIPAL COUNCIL, KEONJHARGARH

email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-07/2019-20

Letter No.5687 /KGM Date: 02.11.2019

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work - Civil Work
2. No. of Work - 02 Nos.
3. Value of works : Rs.19,89,000/- to 19,89, 000/-
4. Date & Time of availability of Bid document in the portal : From. 04.11.2019 at 11.00 A.M. up to 14.11.2019 at 5.00 P.M.
5. Last date & time of submission of bid in portal - upto 5 P.M. of 14.11.2019.
6. Date of Opening of bid in portal - 16.11.2019 at 4.30 P.M.
7. Name & address of the officer in inviting Bid - EO, Keonjhargarh Municipality.

Further details can be seen from Website : www.tendersorissa.gov.in

Sd./-
Executive Officer
Keonjhargarh Municipality

e-mail: eerwsskld@nic.in
eerwsskld@gmail.com
Phone No: 06670-230784

GOVERNMENT OF ODISHA
OFFICE OF THE EXECUTIVE ENGINEER,
KALAHANDI RWS&S DIVISON, BHAWANIPATNA.
No.O-481 :- INVITATION OF BID THROUGH e - TENDERING
Bid Identification No- 17/EE/RWSS/ 2019-20 /Bpt Dated.01.11.2019
01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. From | To | Date of opening (Technical Bid) |
|---|---|---|---|---|
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 17/EE/RWSS/2019-20 /Bpt Dated- 01.11.2019 | 08.11.2019 | 22.11.2019 | 23.11.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.

Sd./- Executive Engineer,
Kalahandi RWS&S Division, Bhawanipatna
25005/11/0013/1920

ZILLA SWASTHYA SAMITI, KHORDHA
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail : nhmkhordha@gmail.com Phone:06755-222993

CONDEMNATION OF COLD CHAIN EQUIPMENTS C.D.M & P.H.O KHORDHA

Sealed tenders are invited from the eligible registered firms/agencies/individuals to purchase the following condemned materials (Cold Chain items) from C.D.M & P.H.O Khordha.

1- Ice lined refrigerator (Small) 23 no's
2- Cold box (5 Ltrs) 08 no's
3- Deep Freezer (Small) 15 no's
4- Cold box (20 Ltrs) 04 no's
5- Vaccine Carrier 332 no's
6- Voltage Stabilizer 25 no's
7- Ice Pack 700 no's
8- Domestic Refrigerator 01 no

No. E-472

The details term & condition guideline etc. Including tender paper format can be downloaded from the district website-: www.khordha.nic.in The tenders in the prescribed format along with all relevant documents should reach the office of the undersigned by 15.11.2019 till 12 noon through regd. Post/ speed post/ courier only. The envelope should duly super scribed on top of the envelope as" Tender for condemnation of cold chain equipments-Khordha". The tender will open on dtd-15.11.2019 at 3.00 p.m in the presence of bidders or their authorized representative. The undersigned reserves the right to reject any or all the quotations without assigning any reason thereof.

10029/11/0015/1920 Sd/- Chief District Medical & Public Health Officer, Khordha

OFFICE OF THE COLLECTOR & DISTRICT MAGISTRATE, DHENKANAL
(SOCIAL WELFARE SECTION)
e-mail id : dssodhenkanal@gmail.com
Tel No.- 06762-224481

TENDER CALL NOTICE

No.2390 Date: 02.11.2019

Sealed tenders are invited from registered travel agencies having valid GST certificate for selection of Travel Agency for 'Providing Hired Vehicle on Call Basis for DSWO Office at District level (Mission Shakti) and ICDS projects at Block Level (Mission Shakti). The details of tender document including General information may be referred from the District website- http://dhenkanal.nic.in from dt.04.11.2019 to dt.22.11.2019. The tender document completed in all respect along with E.M.D & all required documents shall be deposited in the office of DSWO, Dhenkanal on or before dt.22.11.2019 by 5.00 P.M. through Registered Post/ Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Dhenkanal. The tenders will be opened as per the tender schedule on dt.25.11.2019 at 11.00 A.M. in the office chamber of Addl. District Magistrate, Dhenkanal. The authority reserves the right to modify / cancel the tender at any point of time and the same will be published in the Dist. Website http://dhenkanal.nic.in.

Sd./-
District Social Welfare Officer,
Dhenkanal

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

No.II-43 :-

L.A No.୭୧/୧୮-ଢେଙ୍କାନାଳ-୫୦୧୦/RRCS ତା.୨୮।୦୮।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩(R.F.C.T.L.A.R &R Act-୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧିୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩(R.F.C.T.L.A.R &R Act-୨୦୧୩)ର ୧୧(୧)ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୮୫୭ ତା୧୧।୧୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
ଜିଲ୍ଲା-ଢେଙ୍କାନାଳ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ-ଢେଙ୍କାନାଳ

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପାଇକଦହିକୋର | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୯.୫୧୦ | ୭.୯୭୦ | ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ୨.୧୬୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୧୨।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

ମୌଜା-ପାଇକଦହିକୋର ଭୂମି ଅନୁସୂଚୀ ଥାନା-ଢେଙ୍କାନାଳ ନଂ.୨୩୮
ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ରୟତ ଜମିର ଖତିୟାନ ନକଲ।

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାଙ୍କ/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୧୦ | ୪୯୨ | ୦.୨୪୦ | ୦.୧୧୦ | ଆକୁଳ ବେହେରା, ପି-ସନନ୍ଦ ବେହେରା ଓଗେର |
| ୨ | ୨୪ | ୨୨୨/୬୪୯ | ୦.୮୫୦ | ୦.୦୨୦ | ଗନ୍ଧର୍ବ ଭୋଳା, ପି-ଦୋଳଗୋବିନ୍ଦ ଭୋଳା |
| ୩ | ୪୭ | ୫୭୫/୬୫୦ | ୨.୧୨୦ | ୦.୮୨୦ | ଦୁଃଶାସନ ବେହେରା, ପି-କସ୍ତୁରୀ ବେହେରା, ଓଗେର |
| ୪ | ୬୪ | ୬୦୫/୬୪୧ | ୦.୯୫୦ | ୦.୦୩୦ | ନିରଞ୍ଜନ ବେହେରା, ପି-ମଦନ ବେହେରା |
| ୫ | ୬୮ | ୨୨/୬୬୩ | ୧.୨୨୦ | ୦.୫୬୦ | ବଟକୃଷ୍ଣ ମହାନ୍ତି, ପି-ଅର୍ଜୁନ ମହାନ୍ତି, ଓଗେର |
| ୬ | ୧୦୦ | ୪୭୭ | ୦.୧୬୦ | ୦.୦୭୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୯ | ୧.୦୭୦ | ୦.୪୫୦ | |
| | | ୫୫୪ | ୩.୫୬୦ | ୨.୧୬୦ | |
| ୭ | ୧୦୧ | ୪୭୩ | ୧.୩୬୦ | ୦.୨୮୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୫ | ୦.୪୧୦ | ୦.୪୧୦ | |
| | | ୪୯୬ | ୧.୩୬୦ | ୦.୪୨୦ | |
| | | ୫୦୨ | ୦.୩୮୦ | ୦.୧୭୦ | |
| ୮ | ୧୧୯/୧୩ | ୪୭୧ | ୦.୪୯୦ | ୦.୨୧୦ | ଗୁରୁଚରଣ ଗଜିନ୍ଦ୍ରା, ପି-ରାସବିହାରୀ ଗଜିନ୍ଦ୍ରା |
| | | ୪୯୫ | ୦.୪୯୦ | ୦.୨୦୦ | |
| ୯ | ୧୧୯/୧୬ | ୫୯୫/୭୧୮ | ୦.୪୦୦ | ୦.୪୦୦ | ଖୁଲଣା ବେହେରା, ସ୍ୱା-ନିରାକାର ବେହେରା, ଓଗେର |
| ୧୦ | ୧୧୯/୭୫ | ୫୯୫/୭୬୬ | ୦.୨୮୦ | ୦.୦୫୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୧ | ୧୧୯/୧୦୨ | ୫୭୫/୬୮୫ | ୦.୩୦୦ | ୦.୩୦୦ | ନବଯୁଗ ଏଜୁକେସନାଲ ଆଣ୍ଡ ଚାରିଟେବୁଲ, ମାର୍ଫତ-ବସନ୍ତ ମଞ୍ଜରୀ ନାୟକ |
| ୧୨ | ୧୧୯/୧୩୫ | ୫୭୫/୮୦୬ | ୩.୨୫୦ | ୧.୧୦୦ | ବିକଳ ବେହେରା, ପି-ଗୋବିନ୍ଦ ବେହେରା |
| ୧୩ | ୧୧୯/୧୫୧ | ୫୯୫/୮୧୪ | ୦.୧୬୦ | ୦.୧୬୦ | ଭାସ୍କର ବେହେରା, ପି-ରାମ ଚନ୍ଦ୍ର ବେହେରା |
| ୧୪ | ୧୧୯/୧୫୩ | ୫୯୫ | ୦.୦୬୦ | ୦.୦୧୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୫ | ୧୧୯/୨୧୯ | ୫୭୫/୬୭୮ | ୦.୪୦୦ | ୦.୦୪୦ | ବିଦ୍ୱାନ ରେସିଡେନ୍ସିଆଲ କଲେଜ, ଜ୍ଞାନେନ୍ଦ୍ର କୁମାର ସାହୁ ଓଗେର |
| | | ମୋଟ | ଏ.୧୯.୫୧୦ | ୭.୯୭୦ | |

24034/14/0054/1920



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ଛାତ୍ରୀଙ୍କୁ ଦୁର୍ବ୍ୟବହାର: ବାଇକ ଛାଡ଼ି ଦୁର୍ବୃତ୍ତ ଫେରାର

**ସଇଁତଲା, ୨।୧୧(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ତେନ୍ତୁଲିପାଲି ଗ୍ରାମ ନିକଟରେ ଜନୈକା କଲେଜ ଛାତ୍ରୀଙ୍କୁ ଦୁଇଜଣ ଦୁର୍ବୃତ୍ତ ଦୁର୍ବ୍ୟବହାର ଉଦ୍ୟମ କରିଥିଲେ। ଏହି ସମୟରେ ରାସ୍ତାପାର୍ଶ୍ୱ କ୍ଷେତରେ ଧାନ କାଟୁଥିବା ଚାଷୀମାନେ ଘଟଣାସ୍ଥଳରେ ପହଞ୍ଚି ଯିବାରେ ସେମାନେ ବାଇକ ଛାଡ଼ି ଫେରାର ହୋଇଯାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେନ୍ତୁଲିପାଲି ଗ୍ରାମର ଦୁଇଜଣ ନାବାଳିକା କଲେଜ ଛାତ୍ରୀ କଲେଜ ଛୁଟି ହେବା ପରେ ଶୁକ୍ରବାର ଅପରାହ୍ନରେ ସଇଁତଲାରୁ ନିଜ ଗ୍ରାମ ତେନ୍ତୁଲିପାଲିକୁ ସାଇକେଲରେ ଫେରୁଥିଲେ। ବାଦିପଡ଼ା ଗ୍ରାମରୁ ତେନ୍ତୁଲିପାଲି ଯାଇଥିବା ନିଛାଟିଆ ରାସ୍ତାରେ ପୂର୍ବରୁ ପିଛା କରୁଥିବା ଦୁଇଜଣ ଯୁବକ ଏକ ବାଇକ ନଂ. ଓଆର - ୦୭ଏନ୯୫୨୭ରେ ଆସି ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀଦ୍ୱୟଙ୍କ ପାଟି ଶୁଣି ସେଠାରେ ଚାଷୀମାନେ ପହଞ୍ଚି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ବାଇକ ଛାଡି ଦେଇ ଫେରାର ହୋଇଯାଇଥିଲେ। ସଇଁତଲା ପୋଲିସ ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି।

## ବିଶାଳ ଚାଷୀ ସମାବେଶ

ଭେଡ଼େନ,୨।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ଝରାପାଲି ମାର୍କେଟ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ଏହି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ଆସିଥବା ଚାଷୀ ମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଛି । ଭେଡ଼େନ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଥିବା ବେଳେ ଏହାର ବିକ୍ରି ତଥା ବଜାର ବ୍ୟବସ୍ଥାକୁ ନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ସରକାରଙ୍କ ଧାନକ୍ରୟ ନୀତିରେ ଥିବା ତ୍ରୁଟିକୁ ବିରୋଧ କରାଯାଇଥିଲା। ଚାଷୀମାନେ ଅମଳ କରିଥିବା ସମସ୍ତ ଧାନକୁ କ୍ରୟ ବ୍ୟବସ୍ଥା କରାଯିବା ପାଇଁ ଦାବି କରାଯାଇଥିଲା।

■ ଛଟ୍‌ପୂଜାରେ ମୁଖରିତ ଇବ ନଦୀପଠା

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ

**ସୁନ୍ଦରଗଡ଼, ୨।୧୧ (ଡି.ଏନ୍.ଏ)**

ଉତ୍ତରପ୍ରଦେଶ ଓ ବିହାରର ପ୍ରସିଦ୍ଧ ଗଣପର୍ବ ଛଟ୍ ପୂଜା ସୁନ୍ଦରଗଡଠାରେ ସମାରୋହରେ ଶନିବାର ପାଳିତ ହୋଇଯାଇଛି। ପରିବାରର ସୁଖ, ସମୃଦ୍ଧି, ଯଶ, ଖ୍ୟାତି, ସନ୍ତାନପ୍ରାପ୍ତି ପାଇଁ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାଳିତ ହୁଏ ଛଟପୂଜା। ଏହି ପୂଜାରେ ଆଖୁର ଗଛ, କଦଳୀ ଗଛ, ନାରଙ୍ଗ, ପାଚିଲା କଦଳୀ କାନ୍ଦି, ଆଖୁ, ବାଉଁଶରେ ତିଆରି ନୂଆଁକୁଲା ଆଦି ବ୍ୟବହୃତ ହୋଇଥାଏ। ଏହି ବ୍ରତ ନିଷ୍ଠା ଓ ଶ୍ରଦ୍ଧା ସହକାରେ ବ୍ରତଧାରୀମାନେ ପାଳନ କରନ୍ତି। ନଦୀ ପୋଖରୀ ଆଦି ଜଳାଶୟମାନଙ୍କରେ ମୁଖ୍ୟତଃ ଛଟ ମାତାଙ୍କୁ ଆରାଧନା କରାଯାଏ। ଦୀର୍ଘ ୪ଦିନ ବ୍ୟାପୀ ପାଳିତ ହେଉଥିବା ଏହି ପର୍ବର ପ୍ରଥମ ଦିନକୁ ନାହେ ,ଖାଏ କୁହାଯାଏ । ଦ୍ୱିତୀୟ ଦିନକୁ ଖରାନା କୁହାଯାଏ । ଏହି ଦିନ ଘରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ଗୁଡକ୍ଷୀରି ପିଠା, ଫଳମୂଳ ଖାଇଥାଆନ୍ତି। ତାପରଦିନ ସନ୍ଧ୍ୟାରେ ଏଠାରେ ବସବାସ କରୁଥିବା ବିହାର ଓ ଉତ୍ତରଭାରତର ବ୍ରତଧାରୀ ମହିଳା, ପୁରୁଷ ଇବନଦୀ ଠାରେ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଇବ୍ ନଦୀର ମହାଦେବପଡା, ରାଣୀବଗିଚା, ଦରବାରଘାଟ, ଆରଆରଆଇଟି କଲୋନୀ ଘାଟରେ ବ୍ରତଧାରୀ ମହିଳା ପୁରୁଷ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ବାଜା, ବାଣରେ ମୁଖରିତ ହୋଇଥିଲା ଇବ୍ ନଦୀପଠା । ଆସନ୍ତାକାଲି ପ୍ରଭାତରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବ୍ରତକୁ ସମାପନ କରିବେ ବ୍ରତଧାରୀ। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ଦ୍ୱାରା ସମାଜ ତଥା ବ୍ୟକ୍ତି ଜୀବନରୁ ଅନ୍ଧକାରର ବିନାଶ ହୋଇଥାଏ ବୋଲି କହନ୍ତି ବ୍ରତଧାରୀ। ସେହିପରି ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଦ୍ୱାରା ସୂର୍ଯ୍ୟଙ୍କ ରଶ୍ମି ପରି ଜୀବନ ମଧ୍ୟ ଜ୍ୟୋତିଷ୍ମାନ୍ ହୋଇଥାଏ ବୋଲି ବ୍ରତଧାରୀମାନେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥାଆନ୍ତି।



ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଉଛି।



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମରେ ପୁନଃ କୀର୍ତ୍ତନ ଆରମ୍ଭ ପାଇଁ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ପୁରୀରେ କୀର୍ତ୍ତନ କରିବାକୁ ଯାଉଛନ୍ତି।



ଶିଶୁମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରୁଛନ୍ତି।

# ସ୍ମାର୍ଟ କିଡଜି ସ୍କୁଲରେ ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଡେ

**ସୁନ୍ଦରଗଡ,୨।୧୧ (ଡି.ଏନ୍.ଏ)**

ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ହେଉଥିବା ସ୍ମାର୍ଟ କିଡ୍‌ଜି ନର୍ସରୀ ସ୍କୁଲରେ ଶନିବାର ଗ୍ରାଣ୍ଡପ୍ୟାରେଣ୍ଟସ୍ ଡେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟର ବରିଷ୍ଠ ଟ୍ରଷ୍ଟି ତଥା ଆଡଭୋକେଟ ନିମାଇଁ ଚରଣନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟି ଆଡଭୋକେଟ ପ୍ରସନ୍ନ କୁମାର ବେହେରା ଓ ଟ୍ରଷ୍ଟି ବେଣୁମାଧବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରି-ସ୍କୁଲର କୋମଳମତି ଛାତ୍ରୀଛାତ୍ରଙ୍କର ଗ୍ରାଣ୍ଡ ପ୍ୟାରେଣ୍ଟସ୍ (ଜେଜେମା ଜେଜେବାପା)ମାନେ ବହୁସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାଣ୍ଟ ପ୍ୟାରେଣ୍ଟ ଶରତ ମହାପାତ୍ର, ସର୍ବେଶ୍ୱର ପଣ୍ଡା, ଗାୟତ୍ରୀ ଦ୍ୱିବେଦୀ, ଅଧ୍ୟାପକ ବିଜୟ କୁମାର ମହାପାତ୍ର, ନିତ୍ୟାନନ୍ଦ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ଶିଶୁମାନଙ୍କର ଶିକ୍ଷାଗ୍ରହଣ ସମୟରେ ଗ୍ରାଣ୍ଡପ୍ୟାରେଣ୍ଟସ୍‌ମାନଙ୍କର ଭୂମିକା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ନାଏକ ଗ୍ରାଣ୍ଡପ୍ୟାରେଣ୍ଟସମାନଙ୍କୁ ସକ୍ରିୟ ହୋଇ କୋମଳମତି ନାତି ନାତୁଣୀଙ୍କ ସଙ୍ଗେ ବେଶୀ ସମୟ ଅତିବାହିତ କରି ଶୈଶବରୁ ସେମାନଙ୍କ ଶିକ୍ଷା ଓ ସାମାଜିକ ଚଳଣୀରେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବେଣୁମାଧବ ତ୍ରିପାଠୀ ଶିଶୁମାନଙ୍କ ମୋବାଇଲ ଫୋନ ବ୍ୟବହାରକୁ ନିୟନ୍ତ୍ରିତ କରିବାରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଶିକ୍ଷୟିତ୍ରୀ ସସ୍ମିତା ସାହୁଙ୍କ ନିର୍ଦ୍ଦେଶନାରେ କୁନିକୁନି ଶିଶୁମାନେ ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ଭାରପ୍ରାପ୍ତ ଅଧ୍ୟକ୍ଷା ଗୀତିକା ଦାଶ ଓ ସୁନ୍ଦରଗଡ ପବ୍ଲିକସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ସମସ୍ତ ଗ୍ରାଣ୍ଡପ୍ୟାରେଣ୍ଟସ୍ (ଜେଜେମା, ଜେଜେବାପା ) ଓ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନିକିତା ରାଠୋର ସୁନନ୍ଦା ସାହୁ, ମମତା ଦାଶ, ରେବିକା ବାରା, ମମତା ମହାପାତ୍ର, ଜେରିନା ବେଗମ୍, ପ୍ରଜ୍ଞା ପଟେଲ, ଶୋଭା ଟେଟେ, ରଶ୍ମି ବହିଦାର, ମନୋଜ କେରକେଟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିପ୍ରା ନାଏକ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଘଣ୍ଟାପଡା, ୨।୧୧ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସପ୍ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଶାଖା ପରିଚାଳକ ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ପାଳିତ ହୋଇଛି । ଅଫିସ ଆସିଷ୍ଟାଣ୍ଡ ଦେବାଶିଷ ଭୁଜବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସବ୍ ଷ୍ଟାଫ ଯୁଗେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ । ଡୋଳାବତୀ ଦେହୁରୀ ସହଯୋଗ କରିଥିଲେ ।

**ଭ୍ରମ ସଂଶୋଧନ**

ଗତ ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିନ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପୃଷ୍ଠା-୧୩ରେ ସର୍ବସାଧାରଣ ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଜମି ତଫସିଲର ବିବରଣୀ ନିମ୍ନମତେ ସଂଶୋଧନ କରାଗଲା।
ଖତିଆନ ନମ୍ବର – ୩୦୦, ପ୍ଲଟ ନମ୍ବର – ୧୦୪୪

ସ୍ୱା./– ଭୂ-ଅର୍ଜନ ଅଧିକାରୀ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ

**ODISHA TOURISM DEVELOPMENT CORPORATION LTD,**
Panthanivas (Old Block), Lewis Road, Bhubaneswar - 14 CAD-531

**REQUEST FOR PROPOSAL TO UPGRADE, OPERATE, MANAGE, SHARE AND TRANSFER COFFEE SHOP COUNTER AT SELECT PANTHANIVASES**

OTDC intends to lease covered space at Panthanivas Bhubaneswar, Dhauli&Khandagiri for operation of Coffee Shop Counter on upgrade, operate, manage, share and transfer basis. All the propertiesare located strategically and have significant tourist importance.Offers are invited from leading Coffee Shop chain to upgrade, operate, manage, share and transfer Coffee Shop Counter on a 3 years lease.

Bid Documents specifying the terms & conditions, instructions relating to the submission of the bid etc. can be downloaded from www.panthanivas.com from 04.11.2019 onwards.
The last date of submission of proposal is 23.11.2019up to 3.00 P.M. at the following address.

Managing Director
**Odisha Tourism Development Corporation Limited**
Lewis Road, Bhubaneswar751014 : Tel. 674 – 243 1289, Email: otdc@panthanivas.com
37002/11/0014/1920

**OFFICE OF THE MUNICIPAL COUNCIL, KEONJHARGARH**
email : keonjharm.hud@rediffmail.com
**Invitation for Bids (IFB) 'e' Procurement Notice**
**Bid Identification No.KGM-07/2019-20**

Letter No.5687 /KGM Date: 02.11.2019

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work - Civil Work
2. No. of Work - 02 Nos.
3. Value of works : Rs.19,89,000/- to 19,89, 000/-
4. Date & Time of availability of Bid document in the portal : From. 04.11.2019 at 11.00 A.M. up to 14.11.2019 at 5.00 P.M.
5. Last date & time of submission of bid in portal - upto 5 P.M. of 14.11.2019.
6. Date of Opening of bid in portal - 16.11.2019 at 4.30 P.M.
7. Name & address of the officer in inviting Bid - EO, Keonjhargarh Municipality.

Further details can be seen from Website : www.tendersorissa.gov.in

Sd./-
Executive Officer
Keonjhargarh Municipality

e-mail: eerwsskld@nic.in
eerwsskld@gmail.com
Phone No: 06670-230784

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**KALAHANDI RWS&S DIVISON, BHAWANIPATNA.**
No.O-481 :- **INVITATION OF BID THROUGH e - TENDERING**
*Bid Identification No- 17/EE/RWSS/ 2019-20 /Bpt Dated.01.11.2019*
01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 17/EE/RWSS/2019-20 /Bpt Dated- 01.11.2019 | 08.11.2019 | 22.11.2019 | 23.11.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.

Sd./- Executive Engineer,
Kalahandi RWS&S Division, Bhawanipatna
25005/11/0013/1920

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(SOCIAL WELFARE SECTION)**
**e-mail id : dssodhenkanal@gmail.com**
**Tel No.- 06762-224481**

**TENDER CALL NOTICE**

**No.2390** **Date: 02.11.2019**

Sealed tenders are invited from registered travel agencies having valid GST certificate for selection of Travel Agency for 'Providing Hired Vehicle on Call Basis for DSWO Office at District level (Mission Shakti) and ICDS projects at Block Level (Mission Shakti). The details of tender document including General information may be referred from the District website- http://dhenkanal.nic.in from dt.04.11.2019 to dt.22.11.2019. The tender document completed in all respect along with E.M.D & all required documents shall be deposited in the office of DSWO, Dhenkanal on or before dt.22.11.2019 by 5.00 P.M. through Registered Post/ Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Dhenkanal. The tenders will be opened as per the tender schedule on dt.25.11.2019 at 11.00 A.M. in the office chamber of Addl. District Magistrate, Dhenkanal. The authority reserves the right to modify / cancel the tender at any point of time and the same will be published in the Dist. Website http://dhenkanal.nic.in.

Sd./-
District Social Welfare Officer,
Dhenkanal

**ZILLA SWASTHYA SAMITI, KHORDHA**
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail : nhmkhordha@gmail.com Phone:06755-222993

**CONDEMNATION OF COLD CHAIN EQUIPMENTS C.D.M & P.H.O KHORDHA**

Sealed tenders are invited from the eligible registered firms/agencies/individuals to purchase the following condemned materials (Cold Chain items) from C.D.M & P.H.O Khordha.

1- Ice lined refrigerator (Small) 23 no's
2- Cold box (5 Ltrs) 08 no's
3- Deep Freezer (Small) 15 no's
4- Cold box (20 Ltrs) 04 no's
5- Vaccine Carrier 332 no's
6- Voltage Stabilizer 25 no's
7- Ice Pack 700 no's
8- Domestic Refrigerator 01 no

No. E-472

The details term & condition guideline etc. Including tender paper format can be downloaded from the district website-: www.khordha.nic.in The tenders in the prescribed format along with all relevant documents should reach the office of the undersigned by 15.11.2019 till 12 noon through regd. Post/ speed post/ courier only. The envelope should duly super scribed on top of the envelope as" Tender for condemnation of cold chain equipments-Khordha". The tender will open on dtd-15.11.2019 at 3.00 p.m in the presence of bidders or their authorized representative. The undersigned reserves the right to reject any or all the quotations without assigning any reason thereof.

10029/11/0015/1920 Sd/- Chief District Medical & Public Health Officer, Khordha

**ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

No.II-43 :-
L.A No.୭୧/୧୮-ଢେଙ୍କାନାଳ-୫୦୧୦/RRCS ତା.୨୮।୦୮।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩(R.F.C.T.L.A.R &R Act-୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧିୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩(R.F.C.T.L.A.R &R Act-୨୦୧୩)ର ୧୧(୧)ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୮୫୭ ତା୧୧।୧୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

**କିମ୍ବା**

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ପାଇକଦହିକୋର, ଥାନା-ଢେଙ୍କାନାଳ ନଂ.୨୩୮, ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**ଜିଲ୍ଲା-ଢେଙ୍କାନାଳ** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ-ଢେଙ୍କାନାଳ**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପାଇକଦହିକୋର | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୯.୫୧୦ | ୭.୯୭୦ | ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧରୁ ଏ. ୨.୧୬୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

**ଅଧିସୂଚନାର ବୈଧ ତାରିଖ ୨୭।୧୨।୨୦୧୮** **ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ**

**ମୌଜା-ପାଇକଦହିକୋର** **ଭୂମି ଅନୁସୂଚୀ** **ଥାନା-ଢେଙ୍କାନାଳ ନଂ.୨୩୮**
**ତହସିଲ-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳରେ ରୟତ ଜମିର ଖତିୟାନ ନକଲ।**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାଙ୍କ/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୧୦ | ୪୯୨ | ୦.୨୪୦ | ୦.୧୧୦ | ଆକୁଳ ବେହେରା, ପି-ସନନ୍ଦ ବେହେରା ଓଗେର |
| ୨ | ୨୪ | ୨୨୨/୬୪୯ | ୦.୮୫୦ | ୦.୦୨୦ | ଗନ୍ଧର୍ବ ଭୋଳା, ପି-ଦୋଳଗୋବିନ୍ଦ ଭୋଳା |
| ୩ | ୪୭ | ୫୭୫/୬୫୦ | ୨.୧୨୦ | ୦.୮୨୦ | ଦୁଃଶାସନ ବେହେରା, ପି-କସ୍ତୁରୀ ବେହେରା, ଓଗେର |
| ୪ | ୬୪ | ୬୦୫/୬୪୧ | ୦.୯୫୦ | ୦.୦୩୦ | ନିରଞ୍ଜନ ବେହେରା, ପି-ମଦନ ବେହେରା |
| ୫ | ୬୮ | ୨୨/୬୬୩ | ୧.୨୨୦ | ୦.୫୬୦ | ବଟକୃଷ୍ଣ ମହାନ୍ତି, ପି-ଅର୍ଜୁନ ମହାନ୍ତି, ଓଗେର |
| ୬ | ୧୦୦ | ୪୭୭ | ୦.୧୬୦ | ୦.୦୭୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୯ | ୧.୦୭୦ | ୦.୪୫୦ | |
| | | ୫୫୪ | ୩.୫୬୦ | ୨.୧୬୦ | |
| ୭ | ୧୦୧ | ୪୭୩ | ୧.୩୬୦ | ୦.୨୮୦ | ରାସବିହାରୀ ବେହେରା, ପି-ନାରଣ ଗଜିନ୍ଦ୍ରା |
| | | ୪୭୫ | ୦.୪୧୦ | ୦.୪୧୦ | |
| | | ୪୯୬ | ୧.୩୬୦ | ୦.୪୨୦ | |
| | | ୫୦୨ | ୦.୩୮୦ | ୦.୧୭୦ | |
| ୮ | ୧୧୯/୧୩ | ୪୭୧ | ୦.୪୯୦ | ୦.୨୧୦ | ଗୁରୁଚରଣ ଗଜିନ୍ଦ୍ରା, ପି-ରାସବିହାରୀ ଗଜିନ୍ଦ୍ରା |
| | | ୪୯୫ | ୦.୪୯୦ | ୦.୨୦୦ | |
| ୯ | ୧୧୯/୧୬ | ୫୯୫/୭୧୮ | ୦.୪୦୦ | ୦.୪୦୦ | ଖୁଲଣା ବେହେରା, ସ୍ୱା-ନିରାକାର ବେହେରା, ଓଗେର |
| ୧୦ | ୧୧୯/୭୫ | ୫୯୫/୭୬୬ | ୦.୨୮୦ | ୦.୦୫୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୧ | ୧୧୯/୧୦୨ | ୫୭୫/୬୮୫ | ୦.୩୦୦ | ୦.୩୦୦ | ନବଯୁଗ ଏଜୁକେସନାଲ ଆଣ୍ଡ ଚାରିଟେବୁଲ, ମାର୍ଫତ- ବସନ୍ତ ମଞ୍ଜରୀ ନାୟକ |
| ୧୨ | ୧୧୯/୧୩୫ | ୫୭୫/୮୦୬ | ୩.୨୫୦ | ୧.୧୦୦ | ବିକଳ ବେହେରା, ପି-ଗୋବିନ୍ଦ ବେହେରା |
| ୧୩ | ୧୧୯/୧୫୧ | ୫୯୫/୮୧୪ | ୦.୧୬୦ | ୦.୧୬୦ | ଭାସ୍କର ବେହେରା, ପି-ରାମ ଚନ୍ଦ୍ର ବେହେରା |
| ୧୪ | ୧୧୯/୧୫୩ | ୫୯୫ | ୦.୦୬୦ | ୦.୦୧୦ | ଶକୁନ୍ତଳା ବେହେରା, ସ୍ୱା-ଅଶୋକ କୁ. ବେହେରା |
| ୧୫ | ୧୧୯/୨୧୯ | ୫୭୫/୬୭୮ | ୦.୪୦୦ | ୦.୦୪୦ | ବିଦ୍ୱାନ ରେସିଡେନ୍ସିଆଲ କଲେଜ, ଜ୍ଞାନେନ୍ଦ୍ର କୁମାର ସାହୁ ଓଗେର |

**ମୋଟ ଏ.୧୯.୫୧୦ ୭.୯୭୦**

24034/14/0054/1920